

Karl Marx, Friedrich Engels, Vladimir Lenin, Joseph Stalin, Enver Hoxha

# 5 Classics of Marxism

Comintern (Stalinist-Hoxhaists)
**http://ciml.250x.com**






Georgian Section
**www.joseph-stalin.net**


**SHMG Press** – 2012
Karl Marx Press of the Georgian section of
Comintern (SH) – Stalinist-Hoxhaists Movement of Georgia

ତାତ୍ତ୍ୱିକ ସମାଜବାଦର ସଙ୍କଳନ

# ମାର୍କ୍ସ ଏଙ୍ଗେଲ୍ସ

# କମ୍ୟୁନିଷ୍ଟ ପାର୍ଟିର ଇସ୍ତାହାର

# କମ୍ୟୁନିଷ୍ଟ ପାର୍ଟିର ଇସ୍ତାହାର



Karl Marx



F Engels

ଦୁନିଆର ମଜଦୁର—ଏକ ହୁଅ ।


# କେ. ମାର୍କ୍ସ
# ଏଫ୍. ଏଙ୍ଗେଲସ୍


# କମ୍ୟୁନିଷ୍ଟ ପାର୍ଟିର ଇସ୍ତାହାର


ପ୍ରଗତି ପ୍ରକାଶନୀ ଭବନ

ମସ୍କୋ ।

## ପ୍ରକାଶକଙ୍କ ବକ୍ତବ୍ୟ

କମ୍ୟୁନିଷ୍ଟ ପାର୍ଟିର ଇସ୍ତାହାରର ଏହି ଓଡ଼ିଆ ସଂସ୍କରଣ ହେଉଛି ୧୮୮୮ ମସିହାର ଏଙ୍ଗେଲସ୍ ସଂପାଦିତ ଇଂରାଜୀ ସଂସ୍କରଣର ଅନୁବାଦ । ୧୮୪୮ ମସିହାରେ ଲିଖିତ ମୌଳିକ ଜର୍ମାନ୍ ପୁସ୍ତକରୁ ଏହା ଇଂରାଜୀ ଭାଷାରେ ଅନୂଦିତ ହୋଇଥିଲା ।

ଏହି ପୁସ୍ତକରେ ୧୮୮୮ ମସିହାର ଇଂରାଜୀ ସଂସ୍କରଣ ଏବଂ ୧୮୯୦ ମସିହାର ଜର୍ମାନ୍ ସଂସ୍କରଣ ପାଇଁ ଲିଖିତ ଏଙ୍ଗେଲସ୍ଙ୍କର ଟୀକା ଏବଂ ବିଭିନ୍ନ ସଂସ୍କରଣରେ ଥିବା ଲେଖକମାନଙ୍କର ଭୂମିକା ସନ୍ନିବେଶିତ ହୋଇଛି ।

M. ૩. $\frac{10101 - 763}{014(01) - 77}$ 685 – 76

"ପ୍ରତିଭାମୟ ଦିବ୍ୟ ଦୃଷ୍ଟି ଓ ଅସାଧାରଣ ବିଚକ୍ଷଣତାର ସହିତ ଏହି ରଚନାରେ ରୂପାୟିତ ହୋଇଛି ନୂତନ ବିଶ୍ୱବୀକ୍ଷା, ସୁସଙ୍ଗତ ବସ୍ତୁବାଦ, ଯାହାର ପରିସର ଭିତରେ ବି ରହିଛି ସାମାଜିକ ଜୀବନର ଦର୍ଶନ ଏବଂ ବିକାଶଧାରାର ସର୍ବାପେକ୍ଷା ପୂର୍ଣ୍ଣାଙ୍ଗ ଓ ପ୍ରଗାଢ଼ ତତ୍ତ୍ୱ, ଦ୍ୱନ୍ଦ୍ୱାତ୍ମକ ତତ୍ତ୍ୱ ; ଏହି ରଚନାରେ ବି ରୂପାୟିତ ହୋଇଛି ଶ୍ରେଣୀ ସଂଗ୍ରାମର ନିର୍ଭୁଲ ତତ୍ତ୍ୱ ଏବଂ ଏକ ନୂତନ ସାମ୍ୟବାଦୀ ସମାଜର ସ୍ରଷ୍ଟା ସର୍ବହରା ଶ୍ରେଣୀର ବିଶ୍ୱବ୍ୟାପୀ ଐତିହାସିକ ବିପ୍ଳବୀ ଭୂମିକା ।"

ଲେନିନ୍

# ସୂଚୀପତ୍ର


୧୮୭୨ ଖ୍ରୀଷ୍ଟାବ୍ଦରେ ପ୍ରକାଶିତ ଜର୍ମାନ୍ ସଂସ୍କରଣର ଭୂମିକା ...... ୯

ଦ୍ୱିତୀୟ ରୁଷ ସଂସ୍କରଣର ଭୂମିକା ...... ୧୨

୧୮୮୩ରେ ପ୍ରକାଶିତ ଜର୍ମାନ୍ ସଂସ୍କରଣର ଭୂମିକା ...... ୧୫

୧୮୮୮ରେ ପ୍ରକାଶିତ ଇଂରାଜୀ ସଂସ୍କରଣର ଭୂମିକା ...... ୧୭

୧୮୯୦ରେ ପ୍ରକାଶିତ ଜର୍ମାନ୍ ସଂସ୍କରଣର ଭୂମିକା ...... ୨୫

୧୮୯୨ରେ ପ୍ରକାଶିତ ପୋଲିଶ୍ ସଂସ୍କରଣର ଭୂମିକା ...... ୩୩

୧୮୯୩ରେ ପ୍ରକାଶିତ ଇଟାଲୀୟ ସଂସ୍କରଣର ଭୂମିକା ...... ୩୭


## କମ୍ୟୁନିଷ୍ଟ ପାର୍ଟିର ଇସ୍ତାହାର


ପ୍ରଥମ ପରିଚ୍ଛେଦ : ବୁର୍ଜୁଆ ଶ୍ରେଣୀ ଓ ସର୍ବହରା ଶ୍ରେଣୀ ...... ୪୧

ଦ୍ୱିତୀୟ ପରିଚ୍ଛେଦ : ସର୍ବହରା ଓ କମ୍ୟୁନିଷ୍ଟ ...... ୬୩

ତୃତୀୟ ପରିଚ୍ଛେଦ : ସମାଜବାଦୀ ଓ ସାମ୍ୟବାଦୀ ସାହିତ୍ୟ ...... ୭୭

୧. ପ୍ରତିକ୍ରିୟାଶୀଳ ସମାଜବାଦ ...... ୭୭

କ. ସାମନ୍ତବାଦୀ ସମାଜବାଦ ...... ୭୭

ଖ. ପେଟି-ବୁର୍ଜୁଆ ବା ମଧ୍ୟବିତ୍ତ ସମାଜବାଦ ...... ୮୦

ଗ. ଜର୍ମାନ୍ ବା "ଖାଣ୍ଟି" ସମାଜବାଦ ...... ୮୨

୨ . ରକ୍ଷଣଶୀଳ ବା ବୁର୍ଜୁଆ ସମାଜବାଦ ...... ୮୭

୩ . ସମାଲୋଚନାମୂଳକ-କଳ୍ପନାବିଳାସୀ ସମାଜବାଦ ଏବଂ କମ୍ୟୁନିଜମ ବା ସାମ୍ୟବାଦ ...... ୮୯

ଚତୁର୍ଥ ପରିଚ୍ଛେଦ : ଉପସ୍ଥିତ ଅନ୍ୟାନ୍ୟ ବିରୋଧୀ ଦଳମାନଙ୍କ ସମ୍ପର୍କରେ କମ୍ୟୁନିଷ୍ଟମାନଙ୍କର ନୀତି ...... ୯୪

ଟୀକା ...... ୯୭

# ୧୮୭୨ ଖ୍ରୀଷ୍ଟାବ୍ଦରେ ପ୍ରକାଶିତ ଜର୍ମାନ୍ ସଂସ୍କରଣର ଭୂମିକା

ଶ୍ରମିକମାନଙ୍କର ଆନ୍ତର୍ଜାତିକ ସଂଗଠନ କମ୍ୟୁନିଷ୍ଟ ଲୀଗ୍ ପକ୍ଷରେ ତତ୍କାଳୀନ ପରିସ୍ଥିତିରେ କେବଳ ଗୋଟିଏ ଗୁପ୍ତ ସଂଗଠନ ଭାବେହିଁ କାମ କରିବା ସମ୍ଭବ ଥିଲା । ଏପରି ପରିସ୍ଥିତିରେ ୧୮୪୭ ଖ୍ରୀଷ୍ଟାବ୍ଦ ନଭେମ୍ବର ମାସରେ ଲଣ୍ଡନଠାରେ କମ୍ୟୁନିଷ୍ଟ ଲୀଗ୍‌ର ଯେଉଁ ସମ୍ମିଳନୀ ଅନୁଷ୍ଠିତ ହେଲା ସେହି ସମ୍ମିଳନୀ ପକ୍ଷରୁ ନିମ୍ନ ସ୍ୱାକ୍ଷରକାରୀମାନଙ୍କୁ ପାର୍ଟିର ଏକ ସୁବିସ୍ତୃତ ତାତ୍ତ୍ୱିକ ଓ ବ୍ୟାବହାରିକ କାର୍ଯ୍ୟକ୍ରମ ପ୍ରକାଶନାର୍ଥେ ପ୍ରସ୍ତୁତ କରିବା ପାଇଁ ନିର୍ଦ୍ଦେଶ ଦିଆହେଲା । ଏହିପରି ଭାବେ ନିମ୍ନଲିଖିତ "ଇସ୍ତାହାର"ର ସୃଷ୍ଟି । ଫେବୃଆରୀ ବିପ୍ଳବର [୧] ଅଳ୍ପ କେତେକ ସପ୍ତାହ ପୂର୍ବରୁ ମୁଦ୍ରଣ କରିବା ଲାଗି ଏହି "ଇସ୍ତାହାର"ର ପାଣ୍ଡୁଲିପିକୁ ଲଣ୍ଡନ ପଠାଇବାକୁ ପଡ଼ିଥିଲା । ପ୍ରଥମେ "ଇସ୍ତାହାର"ଟି ଜର୍ମାନ୍ ଭାଷାରେ ମୁଦ୍ରିତ ହେଲା । ତା'ପରେ ଏହି ଭାଷାରେ ଅନ୍ତତଃ ୧୨ଟି ଭିନ୍ନ ଭିନ୍ନ ସଂସ୍କରଣ ଜର୍ମାନୀ, ଇଂଲଣ୍ଡ ଓ ଆମେରିକାରେ ପୁନର୍ମୁଦ୍ରିତ ହୋଇଛି । ୧୮୫୦ ଖ୍ରୀଷ୍ଟାବ୍ଦରେ ଏହା ପ୍ରଥମ ଥର ପାଇଁ ଇଂରାଜୀ ଭାଷାରେ ଲଣ୍ଡନର ***Red Republican*** (ରେଡ୍ ରିପବ୍ଲିକାନ୍) ପତ୍ରିକାରେ ପ୍ରକାଶିତ ହୋଇଥିଲା । କୁମାରୀ ହେଲେନ୍ ମ୍ୟାକ୍‌ଫାର୍ଲେନ ଏହାର ଅନୁବାଦ କରିଥିଲେ । ପରେ ଆମେରିକାରେ ୧୮୭୧ ଖ୍ରୀଷ୍ଟାବ୍ଦରେ ବିଭିନ୍ନ ବ୍ୟକ୍ତିଙ୍କ ଦ୍ୱାରା ଅନୂଦିତ ଏହାର ଅନ୍ୟୂନ ତିନୋଟି ସଂସ୍କରଣ ପ୍ରକାଶିତ ହେଲା । ୧୮୪୮ ଖ୍ରୀଷ୍ଟାବ୍ଦର ଜୁନ୍ ସଶସ୍ତ୍ର [୨] ଅଭ୍ୟୁତ୍ଥାନର ଅବ୍ୟବହିତ ପୂର୍ବରୁ ପ୍ୟାରୀସ୍‌ଠାରୁ ଫରାସୀ ଭାଷାରେ ପ୍ରଥମ ସଂସ୍କରଣ ପ୍ରକାଶ ପାଇଲା । ସଂପ୍ରତି ନ୍ୟୁୟର୍କର ***Socialiste*** (ସୋସାଲିଷ୍ଟ) ପତ୍ରିକାରେ ଏହା ଫରାସୀ

ଭାଷାରେ ପ୍ରକାଶିତ ହୋଇଛି । ଆଉ ଏକ ନୂତନ ଅନୁବାଦ ବର୍ତ୍ତମାନ ପ୍ରସ୍ତୁତ ହେବାକୁ ଯାଉଛି । ଜର୍ମାନ୍ ଭାଷାରେ ପ୍ରକାଶିତ ହେବା ପରେ ପରେ ଲଣ୍ଡନଠାରେ ଏହାର ଏକ ପୋଲିଷ୍ ସଂସ୍କରଣ ମଧ୍ୟ ପ୍ରକାଶିତ ହୋଇଥିଲା । ତା'ପରେ ସପ୍ତମ ଦଶକରେ ଜେନେଭାଠାରେ ରୁଷ୍ ଭାଷାରେ ଏହାର ଏକ ସଂସ୍କରଣ ପ୍ରକାଶ ପାଇଲା । ପ୍ରଥମ ପ୍ରକାଶନ ପରେ ଡେନିଶ୍ ଭାଷାରେ ମଧ୍ୟ ଇସ୍ତାହାରଟି ଅନୂଦିତ ହୋଇଥିଲା ।

ବିଗତ ପଚିଶ ବର୍ଷ ଭିତରେ ବାସ୍ତବ ପରିସ୍ଥିତିରେ ଯାହା କିଛି ପରିବର୍ତ୍ତନ ହୋଇଥାଉ ନା କାହିଁକି ଏହି "ଇସ୍ତାହାର"ରେ ଯେଉଁସବୁ ସାଧାରଣ ମୂଳ ନୀତି ବୟାନ କରାଯାଇଛି, ତାହାର ସତ୍ୟତା ମୋଟାମୋଟି ଭାବେ ଆଜିସୁଦ୍ଧା ପୂର୍ବପରି ଅକ୍ଷୁଣ୍ଣ ରହିଛି । 'ଏଇଠି ସେଇଠି ହୁଏତ ଗୋଟିଏ ଦୁଇଟି କଥାକୁ ଆହୁରି ଭଲକରି ଲେଖା ଯାଇପାରେ । କିନ୍ତୁ ଏହି ମୂଳ ନୀତିର ବ୍ୟାବହାରିକ ପ୍ରୟୋଗ ସର୍ବତ୍ର ଏବଂ ସର୍ବଦା ନିର୍ଭର କରିବ ତତ୍‌କାଳୀନ ଐତିହାସିକ ପରିସ୍ଥିତି ଓ ପରିବେଶ ଉପରେ । ଏ କଥା "ଇସ୍ତାହାର"ରେ ମଧ୍ୟ ଉଲ୍ଲେଖ କରାଯାଇଛି । ତେଣୁ ଦ୍ୱିତୀୟ ପରିଚ୍ଛେଦର ଶେଷରେ ଯେଉଁସବୁ ବିପ୍ଳବୀ କାର୍ଯ୍ୟକ୍ରମର ଅବତାରଣା କରାଯାଇଛି ତା ଉପରେ ଆଉ ବିଶେଷ ଜୋର ଦିଆଯାଇ ନାହିଁ । ସେହି ପରିଚ୍ଛେଦକୁ ଆଜି ଯଦି ଲେଖାଯାଏ ତା ହେଲେ ତାକୁ ବହୁ କ୍ଷେତ୍ରରେ ଭିନ୍ନ ଭାବେ ଲେଖିବାକୁ ପଡ଼ିବ । ଗତ ପଚିଶ ବର୍ଷ ମଧ୍ୟରେ ଆଧୁନିକ ଶିଳ୍ପର ବିରାଟ ଅଗ୍ରଗତି ସାଧିତ ହୋଇଛି ଏବଂ ଶ୍ରମିକ ଶ୍ରେଣୀର ପାର୍ଟି ସଂଗଠନ ଉନ୍ନତ ଓ ବିସ୍ତୃତ ହୋଇଛି । ତା'ଛଡ଼ା ପ୍ରଥମେ ଫେବ୍ରୁଆରୀ ବିପ୍ଳବରେ ଏବଂ ପରେ ପ୍ୟାରୀସ୍ କମ୍ୟୁନ୍‌ରେ [୩] ଯେଉଁଠିକି ସର୍ବହରା ଶ୍ରେଣୀ ପ୍ରଥମ ଥର ପାଇଁ ଦୀର୍ଘ ଦୁଇମାସ-କାଳ ପର୍ଯ୍ୟନ୍ତ ରାଜନୈତିକ କ୍ଷମତାର ଅଧିକାରୀ ହୋଇଥିଲା ସେଥିରୁ ବହୁ ଅଭିଜ୍ଞତା ମଧ୍ୟ ଅର୍ଜନ କରାଯାଇଛି । ଏସବୁ ଦୃଷ୍ଟିରୁ ବିଚାର କଲେ ଆମର ଏହି କାର୍ଯ୍ୟକ୍ରମ କେତେକ ପରିମାଣରେ ପୁରୁଣାକାଳିଆ ହୋଇଯାଇଛି । ଅନ୍ତତଃ ଗୋଟିଏ କଥା ପ୍ୟାରୀସ୍ କମ୍ୟୁନ୍ ଦ୍ୱାରା ଚୂଡ଼ାନ୍ତ ଭାବେ ପ୍ରମାଣିତ ହୋଇଯାଇଛି । ତା' ହେଉଛି—"ଆଗରୁ ପ୍ରତିଷ୍ଠିତ ହୋଇ ରହିଥିବା ରାଷ୍ଟ୍ରଯନ୍ତ୍ରକୁ ଶ୍ରମିକ ଶ୍ରେଣୀ କେବଳ ଦଖଲ କରି ନେଇ ତାକୁ ନିଜ ଉଦ୍ଦେଶ୍ୟ ସାଧନ ଲାଗି ପ୍ରୟୋଗ କରି ପାରିବ ନାହିଁ ।" ["ଫ୍ରାନସ୍‌ରେ ଗୃହଯୁଦ୍ଧ ; ଆନ୍ତର୍ଜାତିକ ଶ୍ରମିକ ସଂଘର ସାଧାରଣ ପରିଷଦର ଆହ୍ୱାନ" ଶୀର୍ଷକ ପୁସ୍ତିକା ଦ୍ରଷ୍ଟବ୍ୟ—ସେଥିରେ

ଏ ବିଷୟ ଭଲଭାବେ ବ୍ୟାଖ୍ୟା କରାଯାଇଛି]। ତା'ଛଡ଼ା ଏ କଥା ଅତି ସ୍ପଷ୍ଟ ଯେ, ସମାଜବାଦୀ ସାହିତ୍ୟର ସମାଲୋଚନା ବର୍ତ୍ତମାନର ସମୟ ତୁଳନାରେ ଯଥେଷ୍ଟ ନୁହେଁ, ଖୁବ୍ କମ୍। କାରଣ ଏହି ସମାଲୋଚନା କେବଳ ୧୮୪୭ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ହୋଇଛି। ଆହୁରି ମଧ୍ୟ ଅନ୍ୟାନ୍ୟ ବିରୋଧୀ ଦଳମାନଙ୍କ ପ୍ରତି କମ୍ୟୁନିଷ୍ଟମାନଙ୍କର ମତିଗତି ସମ୍ପର୍କରେ (୪ର୍ଥ ପରିଚ୍ଛେଦ) ଯାହା ଲେଖାଯାଇଛି ତାହା ନିର୍ଭୁଲ ହେଲେ ମଧ୍ୟ ବାସ୍ତବ କାର୍ଯ୍ୟକାରିତା ଦୃଷ୍ଟିରୁ ପୁରୁଣା ହୋଇଯାଇଛି। କାରଣ ଏଥି ମଧ୍ୟରେ ରାଜନୈତିକ ପରିସ୍ଥିତି ପୁରାପୁରି ବଦଳି ଯାଇଛି ଏବଂ ସେଥିରେ ଯେଉଁସବୁ ରାଜନୈତିକ ଦଳର କଥା ଉଲ୍ଲେଖ କରାଯାଇଛି ସେମାନଙ୍କ ମଧ୍ୟରୁ ଅଧିକାଂଶ ଇତିହାସର ସ୍ରୋତରେ ଧରାପୃଷ୍ଠରୁ ବିଲୀନ ହୋଇ ଯାଇଛନ୍ତି।

ତଥାପି, ଏ ସବୁ ସତ୍ତ୍ୱେ ଏହି "ଇସ୍ତାହାର"ଟି ହେଉଛି ଗୋଟିଏ ଐତିହାସିକ ଦଲୀଲ। ଏହାକୁ ଅଦଳବଦଳ କରିବା ପାଇଁ ଆମର କୌଣସି ଅଧିକାର ନାହିଁ। ହୁଏତ ଏହା ପରେ ଆଉ ଏକ ସଂସ୍କରଣ ପ୍ରକାଶ କରାଯାଇପାରେ ଯେଉଁଥିରେ କି ୧୮୪୭ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ଘଟି ଯାଇଥିବା ଘଟଣାବଳୀକୁ ସମ୍ବଳିତ କରି ଏକ ମୁଖବନ୍ଧ ଦିଆଯାଇ ପାରେ। କିନ୍ତୁ ଉପସ୍ଥିତ ସଂସ୍କରଣଟି ଅତି ଅପ୍ରତ୍ୟାଶିତ ଭାବେ ପ୍ରକାଶିତ ହେବାକୁ ଯାଉଥିବାରୁ ଏପରି ଏକ ମୁଖବନ୍ଧ ଲେଖିବା ପାଇଁ ଆମର ଆଉ ସମୟ ନାହିଁ।

କାର୍ଲ ମାର୍କସ୍
ଫ୍ରେଡେରିକ୍ ଏଙ୍ଗେଲସ୍

ଲଣ୍ଡନ, ଜୁନ୍ ୨୪, ୧୮୭୨

# ଦ୍ୱିତୀୟ ରୁଷ୍ ସଂସ୍କରଣର ଭୂମିକା

"କମ୍ୟୁନିଷ୍ଟ ପାର୍ଟିର ଇସ୍ତାହାର"ର ପ୍ରଥମ ରୁଷ୍ ସଂସ୍କରଣ ଊନବିଂଶ ଶତାବ୍ଦୀର ସପ୍ତମ ଦଶକର ପ୍ରଥମ ଭାଗରେ [୪] "କୋଲକଲ୍" ମୁଦ୍ରଣାଳୟରୁ ପ୍ରକାଶିତ ହୋଇଥିଲା [୫]। ଏହାକୁ ବାକୁନିନ୍ ଭାଷାନ୍ତର କରିଥିଲେ। ସେତେବେଳେ ପାଶ୍ଚାତ୍ୟ ଜଗତର ଦୃଷ୍ଟିରେ ଏହା ("ଇସ୍ତାହାର"ର ରୁଷ୍ ସଂସ୍କରଣ) ଏକ ସାହିତ୍ୟିକ କୌତୂହଳ ହୋଇଥିଲା ମାତ୍ର। ଆଜି କିନ୍ତୁ ଏପରି ଦୃଷ୍ଟିକୋଣ ସମ୍ଭବ ନୁହଁ।

ସେତେବେଳେ, ଅର୍ଥାତ୍ ୧୮୪୭ ଖ୍ରୀଷ୍ଟାବ୍ଦ ଡିସେମ୍ବର ବେଳକୁ ସର୍ବହରା ଆନ୍ଦୋଳନର ପରିସର ଯେ କେତେ ସଙ୍କୁଚିତ ଥିଲା ତାହା ସ୍ପଷ୍ଟ ବୁଝାଯାଏ ଏହି "ଇସ୍ତାହାର"ର ଶେଷ ଅଧ୍ୟାୟରୁ, ଯେଉଁଥିରେ କି ଅନ୍ୟାନ୍ୟ ବିରୋଧୀ ଦଳମାନଙ୍କ ସହିତ କମ୍ୟୁନିଷ୍ଟ ପାର୍ଟିର ସମ୍ପର୍କ କଥା ବର୍ଣ୍ଣିତ ହୋଇଛି। ଏଥିରେ ରୁଷିଆ ଓ ଆମେରିକା ଯୁକ୍ତରାଷ୍ଟ୍ର କଥା ବିଶେଷ କରି ଦେଖିବାକୁ ମିଳେ ନାହିଁ। ସେହି ସମୟରେ ରୁଷିଆ ୟୁରୋପର ପ୍ରତିକ୍ରିୟାଶୀଳ ଶକ୍ତିମାନଙ୍କର ଶେଷ ବୃହତ୍ତମ ଦୁର୍ଗ ହୋଇ ରହିଥିଲା, ଆଉ ୟୁରୋପ ତ୍ୟାଗ କରି ଯେଉଁ ଉଦ୍‌ବୃତ୍ତ ଶ୍ରମିକମାନେ ଅନ୍ୟତ୍ର ଚାଲି ଯାଉଥିଲେ ସମସ୍ତଙ୍କୁ ଆମେରିକା ଯୁକ୍ତରାଷ୍ଟ୍ର ଗ୍ରହଣ କରି ନେଉଥିଲେ। ଏହି ଉଭୟ ଦେଶ ୟୁରୋପ ମହାଦେଶକୁ କଞ୍ଚାମାଲ ଯୋଗାଉଥିଲେ ଏବଂ ୟୁରୋପୀୟ ଶିଳ୍ପଜାତ ଦ୍ରବ୍ୟର ବିକ୍ରୟ ଲାଗି ବଜାର ହୋଇ ରହିଥିଲେ। ସୁତରାଂ, ସେହି ସମୟରେ ଏହି ଦୁଇଟି ଦେଶ କୌଣସି କୌଣସି ରୂପେ ତତ୍‌କାଳୀନ ୟୁରୋପୀୟ ସଂସ୍ଥାର ସ୍ତମ୍ଭ ସ୍ୱରୂପ ରହିଥିଲେ।

କିନ୍ତୁ ଆଜିର ଅବସ୍ଥା କି ଭିନ୍ନ ! ଯେଉଁସବୁ ଲୋକେ ସେତେବେଳେ ୟୁରୋପ ତ୍ୟାଗ କରି ଚାଲିଗଲେ ସେମାନେ ଉତ୍ତର ଆମେରିକାର ପ୍ରକାଣ୍ଡ କୃଷି ଉତ୍ପାଦନ ପାଇଁ ଠିକ୍ ଜୁଟିଗଲେ—ଆମେରିକାର ସେହି କୃଷି ଉତ୍ପାଦନର ପ୍ରତିଯୋଗିତା ଆଜି ୟୁରୋପୀୟ ଛୋଟ ବଡ଼ ଭୂମାଲିକାନାର ଭିତ୍ତିକୁ ଦୋହଲାଇ ଦେଉଛି। ତା'ଛଡ଼ା ଏହି ଉଦ୍‌ବୃତ୍ତ ଶ୍ରମିକମାନଙ୍କ ସାହାଯ୍ୟରେ ଆମେରିକା ଯୁକ୍ତରାଷ୍ଟ୍ର ନିଜର ବିପୁଳ ଶିଳ୍ପ ସମ୍ପଦକୁ ଏପରି ବ୍ୟାପକ ଓ ଶକ୍ତିଶାଳୀ ଭାବେ ବିନିଯୋଗ କରିବା ପାଇଁ ସକ୍ଷମ

ହୋଇଛି ଯେ ପାଶ୍ଚାତ୍ୟ ୟୁରୋପର, ବିଶେଷ କରି ଇଂଲଣ୍ଡର ଶିଳ୍ପଗତ ଏକଚ୍ଛତ୍ରିଆ ଆଧିପତ୍ୟକୁ ସେ ନିକଟ ଭବିଷ୍ୟତରେ ନିଶ୍ଚୟ ଭାଙ୍ଗିଦେବ । ଏହି ଦୁଇଟି ଘଟଣାର ବୈପ୍ଳବିକ ପ୍ରଭାବ ପଡ଼ିଲା ଖୋଦ୍ ଆମେରିକା ଉପରେ । ତେଣୁ ଆଜି ସେଠାରେ କ୍ଷୁଦ୍ର ଓ ମଧ୍ୟମ ଧରଣର ଭୂସ୍ୱତ୍ୱାଧିକାରୀମାନେ, ଯେଉଁମାନେ କି ସମଗ୍ର ରାଜନୈତିକ ସନ୍ନିଧାନର ଭିତ୍ତି, ସେମାନେ ବର୍ତ୍ତମାନ ପ୍ରକାଣ୍ଡକାୟ ଭୂମାଲିକମାନଙ୍କର ପ୍ରତିଦ୍ୱନ୍ଦ୍ୱିତା ଆଗରେ ଧୀରେ ଧୀରେ ଧ୍ୱଂସ ପାଇ ଯାଉଛନ୍ତି । ତା ସଙ୍ଗେ ସଙ୍ଗେ ଆମେରିକା ଯୁକ୍ତରାଷ୍ଟ୍ରର ଶିଳ୍ପାଞ୍ଚଳଗୁଡ଼ିକରେ ପ୍ରଥମ ଥର ପାଇଁ ମୁଣ୍ଡ ଟେକି ଉଠୁଛନ୍ତି ଏକ ପକ୍ଷରେ ଅଗଣିତ ସର୍ବହରା ଶ୍ରମିକ ଶ୍ରେଣୀ ଏବଂ ଅପର ପକ୍ଷରେ ଅଭୂତପୂର୍ବ ଭାବେ ମୁଷ୍ଟିମେୟ ଲୋକଙ୍କ ହାତରେ କେନ୍ଦ୍ରୀଭୂତ ହୋଇ ଉଠୁଛି ଧନ ସମ୍ପଦ ଓ ପୁଞ୍ଜି ।

ଆଉ ରୁଷିଆ ! ୧୮୪୮-୪୯ରେ ଯେଉଁ ବିପ୍ଳବର ବହ୍ନି ଜଳିଉଠିଲା ସେତେବେଳେ କେବଳ ୟୁରୋପୀୟ ରାଜରାଜୁଡ଼ା ଶ୍ରେଣୀ ନୁହଁ, ୟୁରୋପୀୟ ବୁର୍ଜୁଆ ଶ୍ରେଣୀ ମଧ୍ୟ ସଦ୍ୟଜାଗ୍ରତ ସର୍ବହରା ଶ୍ରେଣୀ ହାତରୁ ବର୍ତ୍ତିଗଲା କେବଳ ରୁଷିଆର ହସ୍ତକ୍ଷେପ ଯୋଗୁଁ ! ୟୁରୋପୀୟ ପ୍ରତିକ୍ରିୟାଶୀଳ ଶକ୍ତିମାନଙ୍କର ସର୍ଦ୍ଦାର ବୋଲି ରୁଷିଆର ଜାର୍‌କୁ ଘୋଷଣା କରାଗଲା ! କିନ୍ତୁ ସେହି ଜାର୍ ଆଜି ଗ୍ୟାଟଚିନାଠାରେ ବିପ୍ଳବର ଯୁଦ୍ଧ ବନ୍ଦୀ [୬] ! ଆଉ ରୁଷିଆ ହେଉଛି ୟୁରୋପ ମହାଦେଶର ବିପ୍ଳବୀ ସଂଗ୍ରାମର ଛାମୁବାହିନୀ ।

ଆଧୁନିକ ବୁର୍ଜୁଆ ସମ୍ପତ୍ତିର ଆସନ୍ନ ବିଲୋପ ଯେ ଅନିବାର୍ଯ୍ୟ ସେ କଥା ଘୋଷଣା କରିବା ହେଲା "କମ୍ୟୁନିଷ୍ଟ ଇସ୍ତାହାର"ର ଉଦ୍ଦେଶ୍ୟ । କିନ୍ତୁ ଆଜିର ରୁଷିଆରେ ଆମେ ଦେଖୁଁ ଯେ, ପୁଞ୍ଜିବାଦୀ ଜୁଆଚୋରୀ ଓ ବୁର୍ଜୁଆ ଭୂମାଲିକାନାର ଦ୍ରୁତ ଅଭିବୃଦ୍ଧି ସଙ୍ଗେ ସଙ୍ଗେ ମଧ୍ୟ ଅର୍ଦ୍ଧେକରୁ ଊର୍ଦ୍ଧ୍ୱ ଭୂମି କୃଷକମାନଙ୍କର ସମ୍ମିଳିତ ସ୍ୱତ୍ୱାଧିକାର ଭିତରେ ରହିଛି । ତେଣୁ ବର୍ତ୍ତମାନର ପ୍ରଶ୍ନ ହେଉଛି—ରୁଷିଆର ଏହି ଯୌଥ ଗ୍ରାମ୍ୟ ସମାଜ ଯାହା କି ବର୍ତ୍ତମାନ ମ୍ରିୟମାଣ ହୋଇ ପଡ଼ିଥିଲେ ସୁଦ୍ଧା ଆଦିମ ଯୌଥ ଭୂମାଲିକାନାର ଏକ ରୂପ ଭାବେ ବିଦ୍ୟମାନ ତାହା ସିଧାସଳଖ କମ୍ୟୁନିଷ୍ଟ ଯୌଥ ଭୂମାଲିକାନାର ଉଚ୍ଚତର ପର୍ଯ୍ୟାୟକୁ ଉନ୍ନୀତ ହୋଇଯିବ ? ନା, ଅପର ପକ୍ଷରେ ପାଶ୍ଚାତ୍ୟ ଜଗତରେ ଘଟିଥିବା ଐତିହାସିକ ବିବର୍ତ୍ତନ ଭଳି ଏହି ପ୍ରଥାକୁ ପ୍ରଥମେ ଏକ ବିଲୁପ୍ତିର ପର୍ଯ୍ୟାୟ ଭିତର ଦେଇ ଗତି କରିବାକୁ ପଡ଼ିବ ?

ବର୍ତ୍ତମାନର ପରିବେଶରେ ଏହି ପ୍ରଶ୍ନର ଏକମାତ୍ର ସମ୍ଭାବ୍ୟ ଉତ୍ତର ହେଉଛି—ରୁଷିଆର ବିପ୍ଲବ ଯଦି ସମଗ୍ର ପାଶ୍ଚାତ୍ୟ ଜଗତରେ ସର୍ବହରା ବିପ୍ଲବ ଲାଗି ଏକ ସଂକେତ ହୋଇ ଉଠେ ଯାହାଦ୍ୱାରା କି ଉଭୟେ ଉଭୟଙ୍କର ପରିପୂରକ ହୋଇ ପାରିବେ, ତା ହେଲେ ରୁଷିଆରେ ବର୍ତ୍ତମାନ ଯେଉଁ ଯୌଥ ଭୂମାଲିକାନା ରହିଛି ତାହାକୁ ଭିତ୍ତି କରି ସାମ୍ୟବାଦୀ ବିକାଶଧାରା ଅଗ୍ରସର ହୋଇପାରେ ।

କାର୍ଲ ମାର୍କସ୍
ଫ୍ରେଡେରିକ୍ ଏଙ୍ଗେଲସ୍

ଲଣ୍ଡନ, ଜାନୁଆରୀ ୨୧, ୧୮୮୨

# ୧୮୮୩ ଖ୍ରୀଷ୍ଟାବ୍ଦରେ ପ୍ରକାଶିତ ଜର୍ମାନ୍ ସଂସ୍କରଣର ଭୂମିକା

ଦୁଃଖର ବିଷୟ, ଏହି ସଂସ୍କରଣର ଭୂମିକା ତଳେ ଆଜି ମୋତେ ହିଁ ଏକୁଟିଆ ସ୍ୱାକ୍ଷର କରିବାକୁ ପଡ଼ୁଛି । ମାର୍କ୍‌ସ, ଯାହାଙ୍କ ନିକଟରେ ୟୁରୋପ ଓ ଆମେରିକାର ଶ୍ରମିକ ଶ୍ରେଣୀ ସର୍ବାପେକ୍ଷା ଋଣୀ, ସେ ଆଜି ହାଇଗେଟ କବରଖାନାରେ ଚିର ନିଦ୍ରାରେ ମଗ୍ନ । ସେଇ କବର ଉପରେ ଆଜି ପ୍ରଥମ ଦୁର୍ବାଦଳର ସ୍ପର୍ଶ ଅଙ୍କୁରିତ ହୋଇ ଉଠିଲାଣି । ତେଣୁ ତାଙ୍କର ମୃତ୍ୟୁ ପରେ ଏହି "ଇସ୍ତାହାର"କୁ ଆଉ ସଂଶୋଧିତ କିମ୍ବା ପରିବର୍ତ୍ତିତ କରିବାର ପ୍ରଶ୍ନ ଉଠୁନାହିଁ । କେବଳ ନିମ୍ନଲିଖିତ କେତୋଟି ବିଷୟ ଏଠାରେ ଲିପିବଦ୍ଧ କରି ରଖିବା ଏକାନ୍ତ ପ୍ରୟୋଜନ ବୋଲି ମୁଁ ମନେକରେ ।

ସମଗ୍ର "ଇସ୍ତାହାର"ରେ ଯେଉଁ ମୌଳିକ ଭାବ ନିହିତ ରହିଛି ସେ ସମସ୍ତ ହେଉଛି କେବଳ ମାର୍କ୍‌ସଙ୍କର । ସେହି ମୌଳିକ ଭାବ ହେଉଛି—ପ୍ରତ୍ୟେକ ଐତିହାସିକ ଯୁଗରେ ଯେଉଁ ଆର୍ଥିକ ଉତ୍ପାଦନ ବ୍ୟବସ୍ଥା ଓ ସମାଜ ସଂଗଠନ ଦେଖିବାକୁ ମିଳେ ତାହା ସେହି ଐତିହାସିକ ଯୁଗରୁହିଁ ସମ୍ଭୂତ ଏବଂ ତାହା ହେଉଛି ସେହି ଯୁଗର ରାଜନୈତିକ ଓ ମାନସିକ ଇତିହାସର ଭିତ୍ତି । ତା ଫଳରେ (ଆଦିମ ଯୌଥ ଭୂମାଲିକାନାର ବିଲୋପ ପରଠାରୁ) ସମସ୍ତ ଇତିହାସ ହେଉଛି ଶ୍ରେଣୀ ସଂଗ୍ରାମର ଇତିହାସ, ଅର୍ଥାତ୍ ଶୋଷିତ ଓ ଶୋଷକ ଶ୍ରେଣୀର ସଂଗ୍ରାମ, ସାମାଜିକ ବିକାଶର ବିଭିନ୍ନ ପର୍ଯ୍ୟାୟରେ ଶାସକ ଓ ଶୋଷିତ ଶ୍ରେଣୀର ସଂଗ୍ରାମ । କିନ୍ତୁ ଆଜି ଏହି ସଂଗ୍ରାମ ଏପରି ଏକ ପର୍ଯ୍ୟାୟରେ ଆସି ଉପନୀତ ହୋଇଛି ଯେତେବେଳେ କି ଶୋଷିତ ନିର୍ଯ୍ୟାତିତ ଶ୍ରେଣୀ (ସର୍ବହରା ଶ୍ରେଣୀ) ସମଗ୍ର ସମାଜକୁ ଶୋଷଣ, ନିର୍ଯ୍ୟାତନ ଓ ଶ୍ରେଣୀ ସଂଗ୍ରାମର କବଳରୁ ମୁକ୍ତ କରିବା ବିନା ନିଜକୁ କଦାପି ଶୋଷକ ଓ ଅତ୍ୟାଚାରୀ ଶ୍ରେଣୀ (ବୁର୍ଜୁଆ ଶ୍ରେଣୀ)ର କବଳରୁ ମୁକ୍ତ କରି ପାରିବ ନାହିଁ । ଏହାହିଁ ହେଉଛି "ଇସ୍ତାହାର"ର ମୌଳିକ ଭାବବସ୍ତୁ । ଏହି ମୂଳ ଚିନ୍ତା ଏକ ମାତ୍ର ମାର୍କ୍‌ସହିଁ ଚିନ୍ତା କରିଥିଲେ । *

---

* ଇଂରାଜୀ ଅନୁବାଦର ସଂସ୍କରଣର ଭୂମିକାରେ ମୁଁ ଲେଖିଥିଲି, "ପ୍ରାଣୀ ବିଜ୍ଞାନ କ୍ଷେତ୍ରରେ ଡାରଉଇନ୍‌ଙ୍କ [୭] ତତ୍ତ୍ୱର ଯେଉଁ ଭୂମିକା

ଏ କଥା ମୁଁ ବହୁବାର ଆଗରୁ କହି ଆସିଛି । ତଥାପି ବର୍ତ୍ତମାନ ସେ କଥା ପୁଣି "ଇସ୍ତାହାର"ର ଭୂମିକାରେ ରହିବା ଏକାନ୍ତ ପ୍ରୟୋଜନ ।

ଏଫ୍. ଏଙ୍ଗେଲସ୍

ଲଣ୍ଡନ, ଜୁନ୍ ୨୮, ୧୮୮୩

---

ରହିଛି, ଇତିହାସ କ୍ଷେତ୍ରରେ ଏହି ସିଦ୍ଧାନ୍ତର ମଧ୍ୟ ସେଇ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ ବୋଲି ମୋର ବିଶ୍ୱାସ । ୧୮୪୫ ପୂର୍ବରୁ ଆମେ ଉଭୟେ କ୍ରମେ କ୍ରମେ ଏହି ସିଦ୍ଧାନ୍ତରେ ଉପନୀତ ହେବା ପଥରେ ଅଗ୍ରସର ହେଉଥିଲୁଁ । ସ୍ୱତନ୍ତ୍ର ଭାବେ ମୁଁ ଏହି ସିଦ୍ଧାନ୍ତ ପଥରେ କେତେଦୂର ଅଗ୍ରସର ହୋଇ ପାରିଥିଲି ତାହା ମୋର "ଇଂଲଣ୍ଡରେ ଶ୍ରମିକ ଶ୍ରେଣୀର ଅବସ୍ଥା" ଶୀର୍ଷକ ପୁସ୍ତିକାରୁ ଦେଖିବାକୁ ମିଳିବ । କିନ୍ତୁ ପରେ ୧୮୪୫ର ବସନ୍ତ ଋତୁରେ ବ୍ରୁସେଲ୍ସ୍‌ଠାରେ ମାର୍କ୍ସଙ୍କ ସହିତ ମୋର ପୁଣି ଯେତେବେଳେ ଦେଖାହେଲା ସେତେବେଳେ ସେ ଏହି ସିଦ୍ଧାନ୍ତରେ ନିର୍ଦ୍ଧାରିତ ଭାବେ ଉପନୀତ ହୋଇ ସାରିଥିଲେ ଏବଂ ତାହାକୁ ମୋ ସମ୍ମୁଖରେ ଉପସ୍ଥାପିତ କରିଥିଲେ । ଏଠାରେ ଯେପରି ପ୍ରାଞ୍ଜଳ ଭାବରେ ମୁଁ ତାହାକୁ ଉପସ୍ଥାପିତ କରିଛି ସେ ମଧ୍ୟ ସେହିପରି ସ୍ପଷ୍ଟ ଭାବେ ତାହାକୁ ବ୍ୟାଖ୍ୟା କରିଥିଲେ ।" (୧୮୯୦ ମସିହାର ଜର୍ମାନ୍ ସଂସ୍କରଣରେ ଏଙ୍ଗେଲସ୍‌ଙ୍କର ଟିପ୍ପଣୀ) ।

# ୧୮୮୮ ଖ୍ରୀଷ୍ଟାବ୍ଦରେ ପ୍ରକାଶିତ ଇଂରାଜୀ ସଂସ୍କରଣର ଭୂମିକା

କମ୍ୟୁନିଷ୍ଟ ଲୀଗ୍‌ର ମୁଖପତ୍ର ହିସାବରେ ଏହି "ଇସ୍ତାହାର" ପ୍ରକାଶ କରାଯାଇଥିଲା । ଏହି ଲୀଗ୍ ହେଉଛି ଶ୍ରମଜୀବୀ ଜନସାଧାରଣଙ୍କର ଏକ ସଂଗଠନ । ପ୍ରଥମେ ଏହା କେବଳ ଜର୍ମାନ୍ ଶ୍ରମିକମାନଙ୍କୁ ନେଇ ଗଠିତ ହୋଇଥିଲା ; କିନ୍ତୁ ପରେ ଏହା ଏକ ଆନ୍ତର୍ଜାତିକ ସଂଗଠନରେ ପରିଣତ ହେଲା । ୧୮୪୮ ଖ୍ରୀଷ୍ଟାବ୍ଦରେ ୟୁରୋପ ମହାଦେଶର ପରିସ୍ଥିତି ଯାହା ଥିଲା ସେଥିରେ ଏହାକୁ ଏକ ଗୁପ୍ତ ସଂଗଠନ ଭାବେ ରଖିବା ବ୍ୟତୀତ ଅନ୍ୟ ଉପାୟ ନ ଥିଲା । ୧୮୪୭ ନଭେମ୍ବର ମାସରେ ଲଣ୍ଡନଠାରେ ଲୀଗ୍‌ର ଯେଉଁ ସମ୍ମିଳନୀ ଅନୁଷ୍ଠିତ ହେଲା ସେଥିରେ ମାର୍କ୍‌ସ ଓ ଏଙ୍ଗେଲସ୍‌ଙ୍କୁ ପାର୍ଟିର ଏକ ସଂପୂର୍ଣ୍ଣ ତାତ୍ତ୍ୱିକ ଓ ବ୍ୟାବହାରିକ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବା ପାଇଁ ଦାୟିତ୍ୱ ଦିଆଗଲା । ୧୮୪୮ ଜାନୁୟାରୀ ମାସରେ ଏହା ଜର୍ମାନ୍ ଭାଷାରେ ରଚିତ ହେଲା ଏବଂ ଏହାର ପାଣ୍ଡୁଲିପିକୁ ଫେବୃଆରୀ ୨୪ ତାରିଖରେ ହୋଇଥିବା ଫରାସୀ ବିପ୍ଳବର [୮] ଅଳ୍ପ କେତେକ ସପ୍ତାହ ପୂର୍ବରୁ ମୁଦ୍ରଣ ଉଦ୍ଦେଶ୍ୟରେ ଲଣ୍ଡନ ପଠାଗଲା । ତା' ପରେ ୧୮୪୮ ଜୁନ୍ ମାସରେ ସଶସ୍ତ୍ର ଅଭ୍ୟୁତ୍‌ଥାନର ଅବ୍ୟବହିତ ପୂର୍ବରୁ ପ୍ୟାରୀସ୍‌ଠାରେ ଏହାର ଫରାସୀ ଅନୁବାଦ ପ୍ରକାଶ ପାଇଲା । କୁମାରୀ ହେଲେନ୍ ମ୍ୟାକ୍‌ଫାର୍ଲେନଙ୍କ ଦ୍ୱାରା ଅନୂଦିତ ପ୍ରଥମ ଇଂରାଜୀ ସଂସ୍କରଣ ଜର୍ଜ ଜୁଲିଆନ୍ ହାର୍ଣ୍ଣେଙ୍କ ***Red Republican*** (ରେଡ୍ ରିପବ୍ଲିକାନ୍) ନାମକ ପତ୍ରିକାରେ ଲଣ୍ଡନ-ଠାରେ ୧୮୫୦ରେ ପ୍ରକାଶ ପାଇଲା । ଡେନିଶ୍ ଓ ପୋଲିଷ୍ ସଂସ୍କରଣ ମଧ୍ୟ ଇତିମଧ୍ୟରେ ପ୍ରକାଶିତ ହୋଇ ସାରିଛି ।

୧୮୪୮ ଜୁନ୍ ମାସରେ ପ୍ୟାରୀସ୍‌ଠାରେ ଯେଉଁ ସଶସ୍ତ୍ର ଅଭ୍ୟୁତ୍‌ଥାନ ଘଟିଥିଲା ଯାହା କି ବୁର୍ଜୁଆ ଶ୍ରେଣୀ ସହିତ ସର୍ବହରା ଶ୍ରେଣୀର ପ୍ରଥମ ବିରାଟ ଲଢ଼େଇ, ତାହା ପରାଭୂତ ହୋଇଯିବା ପରେ ୟୁରୋପୀୟ ଶ୍ରମିକ ଶ୍ରେଣୀର ସାମାଜିକ ଓ ରାଜନୈତିକ ଅଭିଳାଷ କିଛି କାଳ ପାଇଁ ପୁଣି ପଛେଇ ଗଲା । ସେହିଦିନଠାରୁ ଆଧିପତ୍ୟର ସଂଗ୍ରାମ ଫେବୃଆରୀ ପୂର୍ବରୁ ଯେପରି ହୋଇଥିଲା ସେହିପରି ପୁଣି ବିତ୍ତବାନ୍ ଶ୍ରେଣୀର ବିଭିନ୍ନ ଅଂଶ ମଧ୍ୟରେ କେବଳ ଚାଲିଲା । ଶ୍ରମିକ ଶ୍ରେଣୀର ସଂଗ୍ରାମ ସାମାନ୍ୟ ରାଜନୈତିକ ଆସ୍ଥାନ ଲାଭର ଉଦ୍ଦେଶ୍ୟ ଭିତରେ କେବଳ ସୀମିତ ହୋଇଗଲା

ଏବଂ ମଧ୍ୟବିତ୍ତ ଉଗ୍ରପନ୍ଥୀମାନଙ୍କର ଏକ ଚରମପନ୍ଥୀ ଶାଖା ହିସାବରେ ଶ୍ରମିକ ଶ୍ରେଣୀ ପଡ଼ିରହିଲା । ଯେଉଁଠିବା ସ୍ୱାଧୀନ ସର୍ବହରା ଆନ୍ଦୋଳନ ଜୀବନ୍ତ ହୋଇ ଉଠିବାର ଲକ୍ଷଣ ଦେଖାଗଲା ସେଠାରେ ସଙ୍ଗେ ସଙ୍ଗେ ତାକୁ ନିର୍ମମ ଭାବେ ଦମନ କରାଗଲା । ଏହିପରି ଭାବେ ପ୍ରୁସିଆନ୍ ପୁଲିସ୍ ବାହିନୀ କଲୋନଠାରେ ଅବସ୍ଥିତ କମ୍ୟୁନିଷ୍ଟ ଲୀଗ୍‌ର କେନ୍ଦ୍ରୀୟ କମିଟି ଉପରେ ଆକ୍ରମଣ ଆରମ୍ଭ କରିଦେଲା । କମିଟିର ସଭ୍ୟମାନଙ୍କୁ ବନ୍ଦୀ କରି ନିଆ ହେଲା ଏବଂ ସେମାନଙ୍କୁ ଦେଢ଼ ବର୍ଷ କାରାରୁଦ୍ଧ କରି ରଖିବା ପରେ ୧୮୫୨ ଅକ୍‌ଟୋବର ମାସରେ ସେମାନଙ୍କର ବିଚାର ଆରମ୍ଭ ହେଲା । ଏହି ବିଖ୍ୟାତ "କଲୋନ କମ୍ୟୁନିଷ୍ଟ ମାମଲା" ଅକ୍‌ଟୋବର ୪ ତାରିଖଠାରୁ ନଭେମ୍ବର ୧୨ ତାରିଖ ପର୍ଯ୍ୟନ୍ତ ଚାଲିଲା । ୭ ଜଣ ବନ୍ଦୀଙ୍କୁ ୩ ବର୍ଷଠାରୁ ୬ ବର୍ଷ ପର୍ଯ୍ୟନ୍ତ ଦୁର୍ଗ ଭିତରେ କାରାରୁଦ୍ଧ ହୋଇ ରହିବାକୁ ଦଣ୍ଡାଦେଶ ଦିଆଗଲା । ଏହି ଦଣ୍ଡାଦେଶ ପରେ ପରେ ଲୀଗ୍‌ର ଅବଶିଷ୍ଟ ସଭ୍ୟମାନେ ଲୀଗ୍‌କୁ ଆନୁଷ୍ଠାନିକ ଭାବେ ଭାଙ୍ଗିଦେଲେ । ମନେ ହେଲା, ଏହି "ଇସ୍ତାହାର"ଟି ଯେମିତି ଚିରଦିନ ପାଇଁ ବିଲୁପ୍ତ ହୋଇଗଲା ।

ତା'ପରେ ୟୁରୋପର ଶ୍ରମିକ ଶ୍ରେଣୀ ଯେତେବେଳେ ଶାସକ ଶ୍ରେଣୀମାନଙ୍କ ଉପରେ ଆଉ ଏକ ଆକ୍ରମଣ ଲାଗି ଶକ୍ତି ସଞ୍ଚୟ କରି ଉଠିଲା ସେତେବେଳେ ଇଣ୍ଟରନାଶନାଲ ଓ୍ୟାର୍କିଂ ମେନ୍‌ସ୍ ଆସୋସିଏସନ ବା ଆନ୍ତର୍ଜାତିକ ଶ୍ରମିକ ସଂଘ ନାମକ ଏକ ସଂଗଠନ ଗଢ଼ାଗଲା । କିନ୍ତୁ ଏହି ଯେଉଁ ସଂଗଠନ ୟୁରୋପ ଓ ଆମେରିକାର ସମଗ୍ର ସଂଗ୍ରାମୀ ଶ୍ରମିକମାନଙ୍କୁ ଗୋଟିଏ ସଂଗଠନ ଭିତରେ ଐକ୍ୟବଦ୍ଧ କରିବାର ଉଦ୍ଦେଶ୍ୟ ନେଇ ଗଢ଼ାଗଲା ତାହା ସଙ୍ଗେ ସଙ୍ଗେ "ଇସ୍ତାହାର"ରେ ଘୋଷିତ ହୋଇଥିବା ନୀତିକୁ ଗ୍ରହଣ କରି ପାରିଲା ନାହିଁ । ତା' ପରିବର୍ତ୍ତେ ଏହି ଆନ୍ତର୍ଜାତିକ ସଂଗଠନ ଏପରି ଏକ ବ୍ୟାପକ କାର୍ଯ୍ୟକ୍ରମ ନେବାକୁ ବାଧ୍ୟ ହେଲା ଯାହା କି ଇଂରେଜୀ ଟ୍ରେଡ୍ ୟୁନିଅନ, ଫ୍ରାନ୍‌ସ, ବେଲ୍‌ଜିଅମ୍, ଇଟାଲୀ ଓ ସ୍ପେନରେ ଥିବା ପ୍ରୋଧାଁ [୯] ପନ୍ଥୀ ଏବଂ ଜର୍ମାନୀର ଲାସେଲ୍‌ପନ୍ଥୀମାନଙ୍କ[୧୦] ଦ୍ୱାରା *

* ଲାସେଲ୍ ବ୍ୟକ୍ତିଗତଭାବେ ମାର୍କ୍‌ସଙ୍କର ଶିଷ୍ୟ ବୋଲି ସ୍ୱୀକାର କରୁଥିଲେ ଏବଂ "କମ୍ୟୁନିଷ୍ଟ ଇସ୍ତାହାର"କୁ ମଧ୍ୟ ସମର୍ଥନ କରୁଥିଲେ । କିନ୍ତୁ ସାଧାରଣ ଆନ୍ଦୋଳନ ସମୟରେ (୧୮୬୨-୬୪) ସେ ରାଷ୍ଟ୍ରୀୟ ଋଣ ସାହାଯ୍ୟରେ ସମବାୟ କାର୍ଯ୍ୟାଳୟ ସ୍ଥାପନ ଲାଗି ଦାବୀ କରିବା ବ୍ୟତୀତ ଆଉ ବେଶୀ କିଛି ଦାବୀ କରୁ ନ ଥିଲେ ।

ସ୍ୱଚ୍ଛନ୍ଦରେ ଗୃହୀତ ହୋଇପାରିବ । ସମସ୍ତଙ୍କର ସନ୍ତୋଷଭାଜନ ହେଲାଭଳି ମାର୍କ୍ସ ଏହି କାର୍ଯ୍ୟକ୍ରମକୁ ପ୍ରସ୍ତୁତ କରିଥିଲେ । କାରଣ ଶ୍ରମିକ ଶ୍ରେଣୀର ମାନସିକ ଓ ବୌଦ୍ଧିକ ବିକାଶ ଉପରେ ତାଙ୍କର ପୂର୍ଣ୍ଣ ବିଶ୍ୱାସ ଥିଲା । ସମ୍ମିଳିତ ସଂଗ୍ରାମ ଓ ପାରସ୍ପରିକ ଆଲୋଚନା ଦ୍ୱାରା ଏହି ବିକାଶ ସୁନିଶ୍ଚିତ ବୋଲି ସେ ଦୃଢ଼ଭାବେ ବିଶ୍ୱାସ କରୁଥିଲେ । ପୁଞ୍ଜି ବିରୁଦ୍ଧରେ ଶ୍ରମିକ ଶ୍ରେଣୀର ସଂଗ୍ରାମର ଘଟଣା ପ୍ରବାହ, ତା'ର ଉତ୍ଥାନ ପତନ ଏବଂ ତା'ର ବିଜୟ ପରାଜୟ, ବିଶେଷତଃ ତା'ର ପରାଜୟ—ଏସବୁ ଫଳରେ ଶ୍ରମିକମାନଙ୍କ ମନରେ ଯେଉଁ ଗତାନୁଗତିକ ସମାଜ ସଂସ୍କାରର ଧାରଣା ରହିଥିଲା ତାହା ଯେ ଆଦୌ ପରିସ୍ଥିତି ତୁଳନାରେ ଯଥେଷ୍ଟ ନୁହେଁ, ସେ କଥା ସେମାନେ କ୍ରମେ କ୍ରମେ ହୃଦୟଙ୍ଗମ କରିବାକୁ ଆରମ୍ଭ କଲେ । ତା'ଛଡ଼ା କେଉଁ ଅବସ୍ଥାରେ ଶ୍ରମିକ ଶ୍ରେଣୀର ମୁକ୍ତି ସମ୍ଭବ ସେ ସମ୍ପର୍କରେ ସଂପୂର୍ଣ୍ଣ ଜ୍ଞାନଲାଭ ଲାଗି ମଧ୍ୟ ପଥ ଉନ୍ମୁକ୍ତ ହୋଇଗଲା । ମାର୍କ୍ସ ଠିକ୍ କଥା ହିଁ କହିଥିଲେ । କାରଣ ଏହି ଆନ୍ତର୍ଜାତିକ ସଂଗଠନ ୧୮୬୪ ଖ୍ରୀଷ୍ଟାବ୍ଦରେ ଆରମ୍ଭ ହେଲାବେଳେ ଶ୍ରମିକ ଶ୍ରେଣୀର ଅବସ୍ଥା ଯାହା ଥିଲା ୧୮୭୪ ଖ୍ରୀଷ୍ଟାବ୍ଦରେ ଆନ୍ତର୍ଜାତିକ ସଂଗଠନ ଭାଙ୍ଗିଗଲା ବେଳକୁ ସେମାନେ ତା'ଠାରୁ ସଂପୂର୍ଣ୍ଣ ସ୍ୱତନ୍ତ୍ର ମଣିଷ ହୋଇ ଯାଇଥିଲେ । ଫ୍ରାନ୍ସରେ ପ୍ରୋଧୁଁ ମତବାଦ, ଜର୍ମାନୀରେ ଲାସେଲ ମତବାଦ ଆସ୍ତେ ଆସ୍ତେ ଲୋପ ପାଇ ଯାଉଥିଲା ଏବଂ ଇଂଲଣ୍ଡର ଜାଠ ଦଳିଆ ଟ୍ରେଡ୍ ୟୁନିଅନଗୁଡ଼ିକ ମଧ୍ୟରୁ ଅଧିକାଂଶ ଟ୍ରେଡ୍ ୟୁନିଅନ ଆନ୍ତର୍ଜାତିକ ସଂଗଠନ ସହିତ ସମ୍ପର୍କ ଛିନ୍ନ କରି ଦେଇଥିଲେ ମଧ୍ୟ ସେଗୁଡ଼ିକ କ୍ରମେ କ୍ରମେ ଏପରି ଏକ ପର୍ଯ୍ୟାୟକୁ ଅଗ୍ରସର ହେଉଥିଲେ ଯେତେବେଳେ ଗତ ବର୍ଷ ସ୍ୱାନ୍ସିଠାରେ ଅନୁଷ୍ଠିତ ହୋଇଥିବା ସମ୍ମିଳନୀରେ ତାଙ୍କର ସଭାପତି ସେମାନଙ୍କ ପକ୍ଷରୁ ଘୋଷଣା କରି କହି ପାରିଲେ—"ୟୁରୋପ ମହାଦେଶର ସମାଜବାଦ ପ୍ରତି ଆମର ଯେଉଁ ଭୟ ଥିଲା ତା ଆଉ ନାହିଁ ।" ବାସ୍ତବିକ "କମ୍ୟୁନିଷ୍ଟ ଇସ୍ତାହାର"ର ନୀତି ସେତେବେଳକୁ ସବୁ ଦେଶର ଶ୍ରମିକମାନଙ୍କ ଭିତରେ ପ୍ରବେଶ କରି ପାରିଥିଲା ।

ଏହିପରିଭାବେ "ଇସ୍ତାହାର"ଟି ପୁଣି ଥରେ ପ୍ରାଧାନ୍ୟ ଲାଭ କଲା । ୧୮୫୦ଠାରୁ ଇତିମଧ୍ୟରେ ଜର୍ମାନ୍ ସଂସ୍କରଣଟି ସୁଇଜରଲାଣ୍ଡ, ଇଂଲଣ୍ଡ ଓ ଆମେରିକାରେ ବହୁବାର ପୁନର୍ମୁଦ୍ରିତ ହୋଇ ସାରିଛି । ୧୮୭୨ରେ ନ୍ୟୁୟର୍କଠାରେ ଏହା ଅନୂଦିତ ହୋଇ ***Woodhull and Claflin's***

***Weekly*** (ଉଡ୍‌ହାଲ ଓ କ୍ଲାଫ୍ଲିନ୍‌ସ ସାପ୍ତାହିକ ପତ୍ରିକାରେ) ପ୍ରକାଶିତ ହେଲା । ଏହି ଇଂରଜୀ ଅନୁବାଦର ଏକ ଫରାସୀ ଅନୁବାଦ ହୋଇ ନ୍ୟୁୟର୍କର ***Le Socialiste*** (ଲେ ସୋସ୍ୟାଲିଷ୍ଟ) ପତ୍ରିକାରେ ପ୍ରକାଶ ପାଇଲା । ତା ପରଠାରୁ ଇତିମଧ୍ୟରେ ଊଣା ଅଧିକେ ଟିକିଏ କାଟଛାଣ୍ଟ ହୋଇ ଆହୁରି ଦୁଇଟି ଇଂରଜୀ ଅନୁବାଦ ଆମେରିକାରେ ପ୍ରକାଶିତ ହୋଇଛି । ସେଥିରୁ ଗୋଟିଏ ଇଂଲଣ୍ଡରେ ପୁନର୍ମୁଦ୍ରିତ ହୋଇଛି । ବାକୁନିନ୍‌ଙ୍କ ଦ୍ୱାରା ଅନୂଦିତ ପ୍ରଥମ ରୁଷ୍ ସଂସ୍କରଣ ଜେନେଭାଠାରେ ଥିବା ହେର୍ଜେନ୍‌ଙ୍କର "କୋଲକଲ୍" ଅଫିସରୁ ୧୮୬୩ରେ ପ୍ରକାଶିତ ହୋଇଛି । ଆଉ ଗୋଟିଏ ସଂସ୍କରଣ ଭେରା ଜାସୁଲିଚ୍‌ଙ୍କ ଦ୍ୱାରା ଅନୂଦିତ ହୋଇ ୧୮୮୨ରେ ଜେନେଭାଠାରେ ପ୍ରକାଶ ପାଇଛି । ଏହାର ନୂତନ ଡେନିଶ୍ ସଂସ୍କରଣ ଦେଖିବାକୁ ମିଳିବ କୋପେନ୍‌ହେଗେନ୍‌ଠାରୁ ୧୮୮୫ରେ ପ୍ରକାଶିତ ***Socialdemokratisk Bibliothek*** (ସୋସାଲଡେମୋକ୍ରାଟିସ୍କ୍ ବିବ୍ଲୋଥେକ୍) ପତ୍ରିକାରେ ଏବଂ ଆଉ ଏକ ନୂତନ ଫରାସୀ ସଂସ୍କରଣ ୧୮୮୬ରେ ପ୍ୟାରୀସ୍‌ଠାରୁ ପ୍ରକାଶିତ ***Le Socialiste*** (ଲେ ସୋସ୍ୟା-ଲିଷ୍ଟରେ) । ଏହାପରେ ଏଥିରୁ ଏକ ସ୍ପେନୀୟ ସଂସ୍କରଣ ୧୮୮୬ରେ ମାଡ୍ରିଡ୍‌ଠାରୁ ପ୍ରକାଶିତ ହେଲା । ଜର୍ମାନ୍ ସଂସ୍କରଣ ମଧ୍ୟ ବହୁତ ପ୍ରକାଶିତ ହୋଇଛି, ଅନ୍ତତଃପକ୍ଷେ ୧୨ଟି । ଆର୍ମେନିୟାନ୍ ଭାଷାରେ "ଇସ୍ତାହାର"ର ଏକ ସଂସ୍କରଣ କନ୍‌ଷ୍ଟାଣ୍ଟିନୋପଲ୍‌ଠାରୁ ପ୍ରକାଶିତ ହେବାର ଥିଲା । କିନ୍ତୁ ଶେଷ ମୁହୂର୍ତ୍ତରେ ପ୍ରକାଶକ ମହାଶୟ ମାର୍କ୍‌ସଙ୍କ ନାମ ଥିବା କୌଣସି ପୁସ୍ତକ ପ୍ରକାଶ କରିବାକୁ ଭୟ କରିବାରୁ ଏବଂ ସ୍ୱୟଂ ଅନୁବାଦକ ନିଜର ନାମ ପ୍ରକାଶ କରିବାକୁ ନାରାଜ ହେବାରୁ ଉକ୍ତ ସଂସ୍କରଣଟି ଆଉ ପ୍ରକାଶିତ ହୋଇ ପାରିଲା ନାହିଁ ବୋଲି ମୁଁ ଶୁଣିବାକୁ ପାଇଲି । ଏହାଛଡ଼ା ଆଉ କେତେକ ଭାଷାରେ ମଧ୍ୟ "ଇସ୍ତାହାର"ଟି ପ୍ରକାଶିତ ହୋଇଥିବାର ମୁଁ ଶୁଣିଛି ; କିନ୍ତୁ ଏପର୍ଯ୍ୟନ୍ତ ଦେଖିନାହିଁ । ଏହିପରି ଭାବେ "ଇସ୍ତାହାର"ର ପ୍ରକାଶନ ଇତିହାସରେ ଆଧୁନିକ ଶ୍ରମିକ ଶ୍ରେଣୀର ଆନ୍ଦୋଳନର ଇତିହାସ ଆମେ ଦେଖିବାକୁ ପାଉଁ । ବର୍ତ୍ତମାନ ପରିସ୍ଥିତିରେ ଆମର ଏହି "ଇସ୍ତାହାର" ଯେ ସମାଜବାଦୀ ସାହିତ୍ୟର ସର୍ବବ୍ୟାପକ ଆନ୍ତର୍ଜାତିକ ପ୍ରକାଶନ ସେ ବିଷୟରେ ସନ୍ଦେହର କୌଣସି ଅବକାଶ ନାହିଁ । ସାଇବେରିଆଠାରୁ କାଲିଫର୍ଣ୍ଣିଆ ପର୍ଯ୍ୟନ୍ତ କୋଟି କୋଟି ଶ୍ରମଜୀବୀ ଜନସାଧାରଣ ଏହାକୁ ନିଜର ମିଳନର ପୀଠ ଓ ନିଜର ସମ୍ମିଳିତ ମତବାଦ ବୋଲି ସ୍ୱୀକାର କରନ୍ତି ।

ତଥାପି ଏହା ଯେତେବେଳେ ଲେଖା ଯାଇଥିଲା ସେତେବେଳେ ତା'ର ନାମ **ସୋସାଲିଷ୍ଟ** ଇସ୍ତାହାର ବୋଲି ଆମେ ରଖିପାରି ନଥାନ୍ତୁ । କାରଣ ସେତେବେଳେ ଲୋକେ ସୋସାଲିଷ୍ଟ ବୋଇଲେ ବିଭିନ୍ନ ପ୍ରକାର କଳ୍ପନାବିଳାସୀ ମତବାଦର ସମର୍ଥକମାନଙ୍କୁ ବୁଝିଥିଲେ, ଯଥା—ଇଂଲଣ୍ଡର ଓଏନ୍ [୧୧] ପନ୍ଥୀ ଓ ଫ୍ରାନ୍ସର ଫୁରିଅର [୧୨] ପନ୍ଥୀ । ଉଭୟେ ସେତେବେଳକୁ ଗୋଟିଏ ଗୋଟିଏ ସଂକୀର୍ଣ୍ଣ ଗୋଷ୍ଠୀରେ ପରିଣତ ହୋଇ ଯାଇଥିଲେ ଏବଂ ଧୀରେ ଧୀରେ ଲୋପ ପାଇ ଯାଇଥିଲେ । ଅନ୍ୟପକ୍ଷରେ ଯେଉଁସବୁ ବହୁରୂପୀ ଶଠ ସମାଜ ସଂସ୍କାରକ ଥିଲେ, ଯେଉଁମାନେ କି ପୁଞ୍ଜିବା ମୁନାଫାରେ କୌଣସି ଆଞ୍ଚ ନଆଣି ସବୁ ପ୍ରକାର ସାମାଜିକ ଆପତ୍ତି ଅଭିଯୋଗକୁ ସହଜରେ ଦୂର କରିଦେବେ ବୋଲି କହି ବୁଲୁଥିଲେ ସେମାନଙ୍କୁ ମଧ୍ୟ ଲୋକେ ସେତେବେଳେ ସୋସାଲିଷ୍ଟ ବୋଲି ବୁଝୁଥିଲେ । କିନ୍ତୁ ଏହି ଉଭୟେ ହେଉଛନ୍ତି ଶ୍ରମିକ ଶ୍ରେଣୀ ବହିର୍ଭୂତ ଲୋକ ଏବଂ ସେମାନେ ସର୍ବଦା ତଥାକଥିତ "ଶିକ୍ଷିତ" ଶ୍ରେଣୀର ସମର୍ଥନକୁ ଅନାଇ ରହିଥାନ୍ତି । କିନ୍ତୁ ଶ୍ରମିକ ଶ୍ରେଣୀର ଯେଉଁ ଅଂଶ ସେତେବେଳେ କେବଳ ରାଜନୈତିକ ବିପ୍ଳବ ଯଥେଷ୍ଟ ହେବନାହିଁ ବୋଲି ହୃଦୟଙ୍ଗମ କରିଥିଲା ଏବଂ ଆମୁଳଚୂଳ ସାମାଜିକ ପରିବର୍ତ୍ତନ ପ୍ରୟୋଜନ ବୋଲି ପ୍ରକାଶ୍ୟରେ ଘୋଷଣା କରୁଥିଲା, ଏହି ଅଂଶ ନିଜକୁ କମ୍ୟୁନିଷ୍ଟ ବୋଲାଉଥିଲା । ଏହା ଏକ ପ୍ରକାର ସ୍ଥୂଳ, ଅପରିପକ୍ୱ ଓ ପୁରାପୁରି ପ୍ରବୃତ୍ତିଗତ କମ୍ୟୁନିଜମ୍ । ତଥାପି ମୂଳ ବିଷୟବସ୍ତୁକୁ ଏହା ସ୍ପର୍ଶ କରି ପାରିଥିଲା ଏବଂ ଫ୍ରାନ୍ସରେ କାବେଟ୍ଙ୍କର ଏବଂ ଜର୍ମାନୀରେ ଭେଟଲିଙ୍ଗର [୧୩] କଳ୍ପନାପ୍ରବଣ କମ୍ୟୁନିଜମ୍କୁ ଜନ୍ମ ଦେବାଲାଗି ଏହାର ଯଥେଷ୍ଟ ଶକ୍ତି ରହିଥିଲା । ସୁତରାଂ, ୧୮୪୭ରେ ସୋସାଲିଜମ୍ ଥିଲା ମଧ୍ୟବିତ୍ତ ଶ୍ରେଣୀର ଆନ୍ଦୋଳନ ଏବଂ କମ୍ୟୁନିଜମ୍ ଥିଲା ଶ୍ରମିକ ଶ୍ରେଣୀର ଆନ୍ଦୋଳନ । ୟୁରୋପ ମହାଦେଶରେ ସୋସାଲିଜମ୍ ଅନ୍ତତଃ ପକ୍ଷେ "ସମ୍ମାନାସ୍ପଦ" ହୋଇ ରହିଥିଲା । କମ୍ୟୁନିଜମ୍ ଥିଲା ତା'ର ବିପରୀତ । ତା' ଛଡ଼ା, "ଶ୍ରମିକ ଶ୍ରେଣୀର ମୁକ୍ତି ଶ୍ରମିକ ଶ୍ରେଣୀକୁ ନିଜେ ହିଁ ହାସଲ କରିବାକୁ ହେବ"—ଏହି ଯେଉଁ ଧାରଣା ଆମର ଆରମ୍ଭରୁ ରହି ଆସିଛି ସେଥିରେ ସୋସାଲିଷ୍ଟ ଓ କମ୍ୟୁନିଷ୍ଟ ଏହି ଦୁଇଟି ନାମରୁ କେଉଁଟିକୁ ଆମେ ବାଛିବୁ ସେ ବିଷୟରେ ସନ୍ଦେହର ଆଉ କୌଣସି ଅବକାଶ ରହି ପାରେନା । କେବଳ ସେତିକି ନୁହଁ, ଆମେ ଯେଉଁ ନାମରେ ଆମର ଇସ୍ତାହାରକୁ ନାମିତ କରିଛୁ ତାକୁ ଅସ୍ୱୀକାର କରିବା କଥା ଆମେ କୌଣସିକାଳେ ଚିନ୍ତା କରିନାହୁଁ ।

ଏହି 'ଇସ୍ତାହାର''ଟି ଆମର ସମ୍ମିଳିତ ଉଦ୍ୟମର ଫଳ ହୋଇଥିବାରୁ ଏଠାରେ ଏତିକି କହି ରଖିବା ମୋର କର୍ତ୍ତବ୍ୟ ବୋଲି ମୁଁ ମନେ କରୁଛି—ଏହାର ଯେଉଁ ମୌଳିକ ନୀତିଗୁଡ଼ିକୁ ସାରମର୍ମ ସ୍ୱରୂପ ପ୍ରକାଶ କରାଯାଇଛି ତାହା ହେଉଛି ମାର୍କ୍‌ସଙ୍କର । ସେହି ମୌଳିକ ନୀତି ହେଉଛି—ପ୍ରତ୍ୟେକ ଐତିହାସିକ ଯୁଗରେ ଯେଉଁ ପ୍ରଚଳିତ ଆର୍ଥିକ ଉତ୍ପାଦନ ଓ ବିନିମୟ ବ୍ୟବସ୍ଥା ଆମେ ଦେଖିବାକୁ ପାଉଁ ଏବଂ ସେଥିରୁ ଯେଉଁ ସାମାଜିକ ସଂଗଠନ ଗଢ଼ି ଉଠିବାକୁ ବାଧ୍ୟ ତାକୁଇ ଭିତ୍ତି କରି ସେହି ଯୁଗର ରାଜନୈତିକ ଓ ମାନସିକ ଇତିହାସକୁ ବ୍ୟାଖ୍ୟା କରି ହେବ । ତା' ଫଳରେ ମାନବଜାତିର ସମଗ୍ର ଇତିହାସ (ଯୌଥ ଭୂମାଲିକାନାବିଶିଷ୍ଟ ଆଦିମ ଉପଜାତି ସମାଜର ବିଲୋପ ପରଠାରୁ) ହେଉଛି ଶ୍ରେଣୀ ସଂଗ୍ରାମର ଇତିହାସ । ଏହି ସଂଗ୍ରାମ ଚାଲି ଆସିଛି ଶୋଷିତ ଶ୍ରେଣୀ ଓ ଶୋଷକ ଶ୍ରେଣୀ ଭିତରେ, ଶାସକ ଶ୍ରେଣୀ ଓ ନିର୍ଯାତିତ ଶ୍ରେଣୀ ଭିତରେ । ଶ୍ରେଣୀ ସଂଗ୍ରାମର ଏହି ଇତିହାସ ବିବର୍ତ୍ତନର ବହୁ ପର୍ଯାୟ ଭିତର ଦେଇ ଅଗ୍ରସର ହୋଇ ଆସିଛି । ବର୍ତ୍ତମାନ ତାହା ଏପରି ଏକ ପର୍ଯାୟରେ ଆସି ଉପନୀତ ହୋଇଛି ଯେତେବେଳେ କି ଶୋଷିତ ଓ ନିର୍ଯାତିତ ଶ୍ରେଣୀ ନିଜକୁ ଶୋଷକ ଓ ଶାସକ ଶ୍ରେଣୀର କବଳରୁ ମୁକ୍ତ କରିବାକୁ ହେଲେ ସମଗ୍ର ସମାଜକୁ ସମସ୍ତ ପ୍ରକାର ଶୋଷଣ, ନିର୍ଯାତନ, ଶ୍ରେଣୀ ବୈଷମ୍ୟ ଓ ଶ୍ରେଣୀ ସଂଗ୍ରାମରୁ ଚିରଦିନ ପାଇଁ ମୁକ୍ତ କରିବାକୁ ହେବ । ଏଇ ଦୁଇ କାମ ଏକା ସାଙ୍ଗରେ ନ ହେଲେ ଶ୍ରମିକ ଶ୍ରେଣୀ ନିଜର ମୁକ୍ତି ହାସଲ କରି ପାରିବ ନାହିଁ ।

ପ୍ରାଣୀବିଜ୍ଞାନ କ୍ଷେତ୍ରରେ ଡାରଉଇନ୍‌ଙ୍କ [୧୪] ତତ୍ତ୍ୱର ଯେଉଁ ଭୂମିକା ରହିଛି ଇତିହାସ କ୍ଷେତ୍ରରେ ଏହି ସିଦ୍ଧାନ୍ତରେ ମଧ୍ୟ ସେହି ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ ବୋଲି ମୋର ବିଶ୍ୱାସ । ୧୮୪୫ ପୂର୍ବରୁ ଆମେ ଉଭୟେ କ୍ରମେ କ୍ରମେ ଏହି ସିଦ୍ଧାନ୍ତରେ ଉପନୀତ ହେବା ପଥରେ ଅଗ୍ରସର ହେଉଥିଲୁଁ । ସ୍ୱତନ୍ତ୍ର ଭାବରେ ମୁଁ ଏହି ସିଦ୍ଧାନ୍ତ ପଥରେ କେତେଦୂର ଅଗ୍ରସର ହୋଇ ପାରିଥିଲି ତାହା ମୋର "ଇଂଲଣ୍ଡରେ ଶ୍ରମିକ ଶ୍ରେଣୀର ଅବସ୍ଥା'' ଶୀର୍ଷକ ପୁସ୍ତିକାରୁ * ଦେଖିବାକୁ ମିଳିବ । କିନ୍ତୁ ପରେ ୧୮୪୫ର ବସନ୍ତ ଋତୁରେ ବ୍ରୁସେଲ୍‌ସ୍‌ଠାରେ ମାର୍କ୍‌ସଙ୍କ ସହିତ ମୋର ପୁଣି

---

* ***'The Condition of the Working Class in England in 1844''*** (୧୮୪୪ରେ ଇଂଲଣ୍ଡରେ ଶ୍ରମିକ ଶ୍ରେଣୀର ଅବସ୍ଥା'')—ଫ୍ରେଡେରିକ୍

ଯେତେବେଳେ ଦେଖାଦେଲା ସେତେବେଳେ ସେ ଏହି ସିଦ୍ଧାନ୍ତରେ ନିର୍ଧାର୍ଯ୍ୟ ଭାବେ ଉପନୀତ ହୋଇ ସାରିଥିଲେ ଏବଂ ତାହାକୁ ମୋ ସମ୍ମୁଖରେ ଉପସ୍ଥାପିତ କରିଥିଲେ । ଏଠାରେ ଯେପରି ପ୍ରାଞ୍ଜଳ ଭାବରେ ମୁଁ ତାହାକୁ ଉପସ୍ଥାପିତ କରିଛି ସେ ମଧ୍ୟ ସେହିପରି ସ୍ପଷ୍ଟ ଭାବେ ତାହାକୁ ବ୍ୟାଖ୍ୟା କରିଥିଲେ ।

୧୮୭୨ ଖ୍ରୀଷ୍ଟାବ୍ଦର ଜର୍ମାନ୍ ସଂସ୍କରଣରେ ଆମେ ଦୁହେଁ ମିଳିତ ଭାବେ ଯେଉଁ ଭୂମିକା ଲେଖିଥିଲୁଁ ସେଥିରୁ ନିମ୍ନଲିଖିତ କେତୋଟି ପଙ୍କ୍ତି ମୁଁ ଉଦ୍ଧାର କରୁଛି :

"ବିଗତ ୨୫ ବର୍ଷ ଭିତରେ ବାସ୍ତବ ପରିସ୍ଥିତିରେ ଯାହା କିଛି ପରିବର୍ତ୍ତନ ହୋଇଥାଉନା କାହିଁକି ଏହି "ଇସ୍ତାହାର"ରେ ଯେଉଁସବୁ ସାଧାରଣ ମୂଳ ନୀତି ବୟାନ କରାଯାଇଛି ତାହାର ସତ୍ୟତା ମୋଟାମୋଟି ଭାବେ ଆଜି ସୁଦ୍ଧା ପୂର୍ବପରି ଅକ୍ଷୁଣ୍ଣ ରହିଛି । ଏଇଠି ସେଇଠି ହୁଏତ ଗୋଟିଏ ଦୁଇଟି କଥାକୁ ଆହୁରି ଭଲକରି ଲେଖା ଯାଇପାରେ । କିନ୍ତୁ, ଏହି ମୂଳ ନୀତିର ବ୍ୟାବହାରିକ ପ୍ରୟୋଗ ସର୍ବତ୍ର ଏବଂ ସର୍ବଦା ନିର୍ଭର କରିବ ତତ୍‌କାଳୀନ ଐତିହାସିକ ପରିସ୍ଥିତି ଓ ପରିବେଶ ଉପରେ । ଏ କଥା "ଇସ୍ତାହାର"ରେ ମଧ୍ୟ ଉଲ୍ଲେଖ କରାଯାଇଛି । ତେଣୁ ଦ୍ୱିତୀୟ ପରିଚ୍ଛେଦର ଶେଷରେ ଯେଉଁସବୁ ବିପ୍ଳବୀ କାର୍ଯ୍ୟକ୍ରମର ଅବତାରଣା କରାଯାଇଛି ତା ଉପରେ ଆଉ ବିଶେଷ ଜୋର ଦିଆଯାଇ ନାହିଁ । ସେହି ପରିଚ୍ଛେଦକୁ ଆଜି ଯଦି ଲେଖାଯାଏ ତା ହେଲେ ତାକୁ ବହୁ କ୍ଷେତ୍ରରେ ଭିନ୍ନ ଭାବେ ଲେଖିବାକୁ ପଡ଼ିବ । ୧୮୪୮ ପରଠାରୁ ଇତିମଧ୍ୟରେ ଆଧୁନିକ ଶିଳ୍ପର ବିରାଟ ଅଗ୍ରଗତି ସାଧିତ ହୋଇଛି ଏବଂ ଶ୍ରମିକ ଶ୍ରେଣୀର ସଂଗଠନ ଉନ୍ନତ ଓ ବିସ୍ତୃତ ହୋଇଛି । ତା'ଛଡ଼ା ପ୍ରଥମେ ଫେବୃଆରୀ ବିପ୍ଳବରେ ଏବଂ ପରେ ପ୍ୟାରିସ୍ କମ୍ମ୍ୟୁନ୍‌ରେ [୧୫] ଯେଉଁଠି କି ସର୍ବହରା ଶ୍ରେଣୀ ପ୍ରଥମ ଥର ପାଇଁ ଦୀର୍ଘ ଦୁଇମାସ କାଳ ପର୍ଯ୍ୟନ୍ତ ରାଜନୈତିକ କ୍ଷମତାର ଅଧିକାରୀ ହୋଇଥିଲା ସେଥିରୁ ବହୁ ଅଭିଜ୍ଞତା ମଧ୍ୟ ଅର୍ଜନ କରାଯାଇଛି । ଏ ସବୁ ଦୃଷ୍ଟିରୁ ବିଚାର କଲେ ଆମର ଏହି କାର୍ଯ୍ୟକ୍ରମ କେତେକ ପରିମାଣରେ ପୁରୁଣାକାଳିଆ ହୋଇଯାଇଛି । ଅନ୍ତତଃ ଗୋଟିଏ କଥା ପ୍ୟାରୀସ୍ କମ୍ମ୍ୟୁନ୍ ଦ୍ୱାରା ଚୂଡ଼ାନ୍ତ ଭାବେ ପ୍ରମାଣିତ

---

ଏଙ୍ଗେଲସ୍‌ଙ୍କ ଦ୍ୱାରା ରଚିତ । ଏଫ୍. କେ. ଉଇଶ୍‌ନ୍ୟୁଏଡ୍‌ସ୍କିଙ୍କ ଦ୍ୱାରା ଅନୂଦିତ, ଲୋଭେଲ-ଲଣ୍ଡନ । ଡବ୍ଲ୍ୟୁ ରିଭ୍ସ୍, ୧୮୮୮ ।

ହୋଇଯାଇଛି । ତା ହେଉଛି—"ଆଗରୁ ପ୍ରତିଷ୍ଠିତ ହୋଇ ରହିଥିବା ରାଷ୍ଟ୍ରଯନ୍ତ୍ରକୁ ଶ୍ରମିକ ଶ୍ରେଣୀ କେବଳ ଦଖଲ କରି ନେଇ ତାକୁ ନିଜ ଉଦ୍ଦେଶ୍ୟ ସାଧନ ଲାଗି ପ୍ରୟୋଗ କରି ପାରିବ ନାହିଁ ।" (ଫ୍ରାନ୍ସରେ ଗୃହଯୁଦ୍ଧ ; ଆନ୍ତର୍ଜାତିକ ଶ୍ରମିକ ସଙ୍ଘର ସାଧାରଣ ପରିଷଦର ଆହ୍ୱାନ" ଶୀର୍ଷକ ପୁସ୍ତିକା ଦ୍ରଷ୍ଟବ୍ୟ—ସେଥିରେ ଏ ବିଷୟ ଭଲ ଭାବେ ବ୍ୟାଖ୍ୟା କରାଯାଇଛି) । ତା' ଛଡ଼ା, ଏକଥା ଅତି ସ୍ପଷ୍ଟ ଯେ, ସମାଜବାଦୀ ସାହିତ୍ୟର ସମାଲୋଚନା ବର୍ତ୍ତମାନର ସମୟ ତୁଳନାରେ ଯଥେଷ୍ଟ ନୁହେଁ, ଖୁବ୍ କମ୍ । କାରଣ ଏହି ସମାଲୋଚନା କେବଳ ୧୮୪୭ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ହୋଇଛି । ଆହୁରି ମଧ୍ୟ, ଅନ୍ୟାନ୍ୟ ବିରୋଧୀ ଦଳମାନଙ୍କ ପ୍ରତି କମ୍ୟୁନିଷ୍ଟମାନଙ୍କର ମତିଗତି ସମ୍ପର୍କରେ (୪ର୍ଥ ପରିଚ୍ଛେଦ) ଯାହା ଲେଖାଯାଇଛି ତାହା ନିର୍ଭୁଲ ହେଲେ ମଧ୍ୟ ବାସ୍ତବ କାର୍ଯ୍ୟକାରିତା ଦୃଷ୍ଟିରୁ ପୁରୁଣା ହୋଇ ଯାଇଛି । କାରଣ ଏଥିମଧ୍ୟରେ ରାଜନୈତିକ ପରିସ୍ଥିତି ପୂରାପୂରି ବଦଳି ଯାଇଛି ଏବଂ ସେଥିରେ ଯେଉଁସବୁ ରାଜନୈତିକ ଦଳର କଥା ଉଲ୍ଲେଖ କରାଯାଇଛି ସେମାନଙ୍କ ମଧ୍ୟରୁ ଅଧିକାଂଶ ଇତିହାସର ସ୍ରୋତରେ ଧରାପୃଷ୍ଠରୁ ବିଲୀନ ହୋଇ ଯାଇଛନ୍ତି ।

ତଥାପି ଏସବୁ ସତ୍ତ୍ୱେ "ଇସ୍ତାହାର"ଟି ହେଉଛି ଗୋଟିଏ ଐତିହାସିକ ଦଲୀଲ । ଏହାକୁ ଅଦଳବଦଳ କରିବା ପାଇଁ ଆମର ଆଉ କୌଣସି ଅଧିକାର ନାହିଁ ।"

ବର୍ତ୍ତମାନର ଏହି ସଂସ୍କରଣଟି ଶ୍ରୀ ସାମୁଏଲ ମୁର୍‌ଙ୍କ ଦ୍ୱାରା ଅନୂଦିତ ହୋଇଛି—ସେ ମଧ୍ୟ ମାର୍କ୍‌ସଙ୍କ ବିଖ୍ୟାତ ଗ୍ରନ୍ଥ "କ୍ୟାପିଟାଲ"ର ଅଧିକାଂଶ ଅନୁବାଦ କରିଛନ୍ତି । ଆମେ ଏହି ସଂସ୍କରଣଟିକୁ ଏକାଠି ହୋଇ ସଂଶୋଧିତ ଓ ପରିମାର୍ଜିତ କରିଛୁ ଏବଂ ମୁଁ କେତେକ ସ୍ଥାନରେ ଐତିହାସିକ ଘଟଣା ସମ୍ପର୍କରେ କେତୋଟି ବ୍ୟାଖ୍ୟାମୂଳକ ଟିପ୍‌ପଣୀ ଯୋଗ କରିଛି ।

**ଫ୍ରେଡେରିକ୍ ଏଙ୍ଗେଲସ୍**

ଲଣ୍ଡନ, ଜାନୁୟାରୀ ୩୦,୧୮୮୮

# ୧୮୯୦ରେ ପ୍ରକାଶିତ ଜର୍ମାନ୍ ସଂସ୍କରଣର ଭୂମିକା

ଉଲ୍ଲିଖିତ ବକ୍ତବ୍ୟ ପରଠାରୁ ଆଉ ଏକ ନୂତନ ଜର୍ମାନ୍ ସଂସ୍କରଣର ପ୍ରକାଶନ ପ୍ରୟୋଜନ ହୋଇପଡ଼ିଛି । ତା' ଛଡ଼ା ଇତିମଧ୍ୟରେ "ଇସ୍ତାହାର" ସମ୍ପର୍କରେ ବହୁତ କିଛି ଘଟିଗଲାଣି ଯାହା କି ଏଠାରେ ଲିପିବଦ୍ଧ କରି ରଖିବା ଏକାନ୍ତ ଆବଶ୍ୟକ ।

ଭେରା ଜାସୁଲିଚ୍‌ଙ୍କ ଦ୍ୱାରା ଅନୂଦିତ ଦ୍ୱିତୀୟ ରୁଷ୍ ସଂସ୍କରଣ ୧୮୮୨ରେ ଜେନେଭାଠାରୁ ପ୍ରକାଶିତ ହୋଇଛି । ତା'ର ଭୂମିକା ମୁଁ ଏବଂ ମାର୍କ୍‌ସ ଆମେ ଦୁହେଁ ମିଶି ଲେଖିଥିଲୁଁ । କିନ୍ତୁ ଦୁଃଖର ବିଷୟ, ତା'ର ମୂଳ ଜର୍ମାନ୍ ପାଣ୍ଡୁଲିପି କୁଆଡ଼େ ହଜିଯାଇଛି । ତେଣୁ ରୁଷ୍ ଭାଷାରୁ ମୁଁ ପୁଣି ତାକୁ ଜର୍ମାନ୍ ଭାଷାରେ ଅନୁବାଦ କରି ପ୍ରକାଶ କରୁଛି । ଏହା ଦ୍ୱାରା ମୂଳ ଲେଖାର କୌଣସି ପରିବର୍ତ୍ତନ ହେବ ନାହିଁ ବୋଲି ମୋର ଆଶା । ନିମ୍ନରେ ତାହା ପ୍ରଦତ୍ତ ହେଲା :

"କମ୍ୟୁନିଷ୍ଟ ପାର୍ଟି ଇସ୍ତାହାର"ର ପ୍ରଥମ ରୁଷ୍ ସଂସ୍କରଣ ଊନବିଂଶ ଶତାବ୍ଦୀର ସପ୍ତମ ଦଶକର ପ୍ରଥମ ଭାଗରେ "କୋଲକଲ୍" ମୁଦ୍ରଣାଳୟରୁ ପ୍ରକାଶିତ ହୋଇଥିଲା । ଏହାକୁ ବାକୁନିନ୍ ଭାଷାନ୍ତର କରିଥିଲେ । ସେତେବେଳେ ପାଶ୍ଚାତ୍ୟ ଜଗତର ଦୃଷ୍ଟିରେ ଏହା ଏକ ସାହିତ୍ୟିକ କୌତୂହଳ ହୋଇଥିଲା ମାତ୍ର । ଆଜି କିନ୍ତୁ ସେପରି ମତ ପୋଷଣ କରିବା ଅସମ୍ଭବ ।

"ସେତେବେଳେ, ଅର୍ଥାତ୍ ୧୮୪୮ ଖ୍ରୀଷ୍ଟାବ୍ଦ ଜାନୁୟାରୀ ବେଳକୁ ସର୍ବହରା ଆନ୍ଦୋଳନର ପରିସର ଯେ କେତେ ସଂକୁଚିତ ଥିଲା ତାହା ସ୍ପଷ୍ଟ ବୁଝାଯାଏ ଏହି "ଇସ୍ତାହାର"ର ଶେଷ ଅଧ୍ୟାୟରୁ, ଯେଉଁଥିରେ କି ଅନ୍ୟାନ୍ୟ ବିରୋଧୀ ଦଳମାନଙ୍କ ସହିତ କମ୍ୟୁନିଷ୍ଟ ପାର୍ଟିର ସମ୍ପର୍କ କଥା ବର୍ଣ୍ଣିତ ହୋଇଛି । ଏଥିରେ ରୁଷିଆ ଓ ଆମେରିକା ଯୁକ୍ତରାଷ୍ଟ୍ର କଥା ବିଶେଷ କରି ଦେଖିବାକୁ ମିଳେ ନାହିଁ । ସେହି ସମୟରେ ରୁଷିଆ ୟୁରୋପର ପ୍ରତିକ୍ରିୟାଶୀଳ ଶକ୍ତିମାନଙ୍କର ଶେଷ ବୃହତ୍ତମ ଦୁର୍ଗ ହୋଇ ରହିଥିଲା ଆଉ ୟୁରୋପ ତ୍ୟାଗ କରି ଯେଉଁ ଉଦ୍‌ବୃତ୍ତ ଶ୍ରମିକମାନେ ଅନ୍ୟତ୍ର ଚାଲି ଯାଇଥିଲେ ସେ ସମସ୍ତଙ୍କୁ ଆମେରିକା ଯୁକ୍ତରାଷ୍ଟ୍ର ଗ୍ରହଣ କରି ନେଉଥିଲା । ଏହି ଉଭୟ ଦେଶ ୟୁରୋପ ମହାଦେଶକୁ କଞ୍ଚାମାଲ ଯୋଗାଉଥିଲା ଏବଂ ୟୁରୋପୀୟ ଶିଳ୍ପଜାତ ଦ୍ରବ୍ୟର ବିକ୍ରୟ ଲାଗି ବଜାର

ହୋଇ ରହିଥିଲେ । ସୁତରାଂ, ସେହି ସମୟରେ ଏହି ଦୁଇଟି ଦେଶ କୌଣସି ନା କୌଣସି ରୂପେ ତତ୍‌କାଳୀନ ୟୁରୋପୀୟ ସଂସ୍ଥାର ସ୍ତମ୍ଭ ସ୍ୱରୂପ ରହିଥିଲେ ।

କିନ୍ତୁ ଆଜିର ଅବସ୍ଥା କି ଭିନ୍ନ ! ଯେଉଁସବୁ ଲୋକେ ସେତେବେଳେ ୟୁରୋପ ତ୍ୟାଗ କରି ଚାଲିଗଲେ ସେମାନେ ଉତ୍ତର ଆମେରିକାର ପ୍ରକାଣ୍ଡ କୃଷି ଉତ୍ପାଦନ ପାଇଁ ଠିକ୍ ଜୁଟିଗଲେ—ଆମେରିକାର ସେହି କୃଷି ଉତ୍ପାଦନର ପ୍ରତିଯୋଗିତା ଆଜି ୟୁରୋପୀୟ ଛୋଟ ବଡ଼ ଭୂମାଲିକାନାର ଭିତ୍ତିକୁ ଦୋହଲାଇ ଦେଉଛି । ତା' ଛଡ଼ା ଏହି ଉଦ୍‌ବୃତ୍ତ ଶ୍ରମିକମାନଙ୍କ ସାହାଯ୍ୟରେ ଆମେରିକା ଯୁକ୍ତରାଷ୍ଟ୍ର ନିଜର ବିପୁଳ ଶିଳ୍ପ ସମ୍ପଦକୁ ଏପରି ବ୍ୟାପକ ଓ ଶକ୍ତିଶାଳୀ ଭାବେ ବିନିଯୋଗ କରିବା ପାଇଁ ସକ୍ଷମ ହୋଇଛି ଯେ ପାଶ୍ଚାତ୍ୟ ୟୁରୋପର, ବିଶେଷ କରି ଇଂଲଣ୍ଡର ଶିଳ୍ପଗତ ଏକଚାଟିଆ ଆଧିପତ୍ୟକୁ ସେ ନିକଟ ଭବିଷ୍ୟତରେ ନିଶ୍ଚୟ ଭାଙ୍ଗି ଦେବ । ଏହି ଦୁଇଟି ଘଟଣାର ବୈପ୍ଳବିକ ପ୍ରଭାବ ପଡ଼ିଲା ଖୋଦ୍ ଆମେରିକା ଉପରେ । ତେଣୁ ଆଜି ସେଠାରେ କ୍ଷୁଦ୍ର ଓ ମଧ୍ୟମ ଧରଣର ଭୂ-ସ୍ୱତ୍ୱାଧିକାରୀମାନେ, ଯେଉଁମାନେ କି ସମଗ୍ର ରାଜନୈତିକ ସଂବିଧାନର ଭିତ୍ତି, ସେମାନେ ବର୍ତ୍ତମାନ ପ୍ରକାଣ୍ଡକାୟ ଭୂମାଲିକମାନଙ୍କର ପ୍ରତିଦ୍ୱନ୍ଦ୍ୱିତା ଆଗରେ ଧୀରେ ଧୀରେ ଧ୍ୱଂସ ପାଇଯାଇଛନ୍ତି । ତା' ସଙ୍ଗେ ସଙ୍ଗେ ଆମେରିକା ଯୁକ୍ତରାଷ୍ଟ୍ରର ଶିଳ୍ପାଞ୍ଚଳଗୁଡ଼ିକରେ ପ୍ରଥମ ଥର ପାଇଁ ମୁଣ୍ଡ ଟେକି ଉଠୁଛନ୍ତି ଏକ ପକ୍ଷରେ ଅଗଣିତ ସର୍ବହରା ଶ୍ରମିକ ଶ୍ରେଣୀ ଏବଂ ଅପର ପକ୍ଷରେ ଅଭୂତପୂର୍ବ ଭାବେ ମୁଷ୍ଟିମେୟ ଲୋକଙ୍କ ହାତରେ କେନ୍ଦ୍ରୀଭୂତ ହୋଇ ଉଠୁଛି ଧନସମ୍ପଦ ଓ ପୁଞ୍ଜି ।

ଆଉ ରୁଷିଆ ! ୧୮୪୮-୪୯ରେ ଯେଉଁ ବିପ୍ଳବର ବହ୍ନି ଜଳି ଉଠିଲା ସେତେବେଳେ କେବଳ ୟୁରୋପୀୟ ରାଜରାଜୁଡ଼ା ଶ୍ରେଣୀ ନୁହେଁ, ୟୁରୋପୀୟ ବୁର୍ଜୁଆ ଶ୍ରେଣୀ ମଧ୍ୟ ସଦ୍ୟ ଜାଗ୍ରତ ସର୍ବହରା ଶ୍ରେଣୀ ହାତରୁ ବର୍ତ୍ତିଗଲା କେବଳ ରୁଷିଆର ହସ୍ତକ୍ଷେପ ଯୋଗୁଁ । ୟୁରୋପୀୟ ପ୍ରତିକ୍ରିୟାଶୀଳ ଶକ୍ତିମାନଙ୍କର ସର୍ଦ୍ଦାର ବୋଲି ରୁଷିଆର ଜାର୍‌ଙ୍କୁ ଘୋଷଣା କରାଗଲା । କିନ୍ତୁ ସେହି ଜାର୍ ଆଜି ଗ୍ୟାଟଚିନାଠାରେ ବିପ୍ଳବର ଯୁଦ୍ଧବନ୍ଦୀ । ଆଉ ରୁଷିଆ ହେଉଛି ୟୁରୋପ ମହାଦେଶର ବିପ୍ଳବୀ ସଂଗ୍ରାମର ଛାମୁବାହିନୀ ।

ଆଧୁନିକ ବୁର୍ଜୁୟା ସମ୍ପତ୍ତିର ଆସନ୍ନ ବିଲୋପ ଯେ ଅନିବାର୍ଯ୍ୟ ସେ କଥା ଘୋଷଣା କରିବା ହେଲା, 'କମ୍ୟୁନିଷ୍ଟ ଇସ୍ତାହାର'ର ଉଦ୍ଦେଶ୍ୟ ।

କିନ୍ତୁ ଆଜିର ରୁଷିଆରେ ଆମେ ଦେଖୁଁ ଯେ, ପୁଞ୍ଜିବାଦୀ ଜୁଆଚ୍ଚୋରୀ ଓ ବୁର୍ଜୁଆ ଭୂମାଲିକାନାର ଦ୍ରୁତ ଅଭିବୃଦ୍ଧି ସଙ୍ଗେ ସଙ୍ଗେ ମଧ୍ୟ ଅର୍ଦ୍ଧେକରୁ ଊର୍ଦ୍ଧ୍ୱ ଭୂମି କୃଷକମାନଙ୍କର ସମ୍ମିଳିତ ସ୍ୱତ୍ତ୍ୱାଧିକାର ଭିତରେ ରହିଛି । ତେଣୁ ବର୍ତ୍ତମାନର ପ୍ରଶ୍ନ ହେଉଛି—ରୁଷିଆର ଏହି ଯୌଥ ଗ୍ରାମ୍ୟ ସମାଜ ଯାହା କି ବର୍ତ୍ତମାନ ମ୍ରିୟମାଣ ହୋଇ ପଡ଼ିଥିଲେ ସୁଦ୍ଧା ଆଦିମ ଯୌଥ ଭୂମାଲିକାନାର ଏକ ରୂପ ଭାବେ ବିଦ୍ୟମାନ ତାହା ସିଧାସଳଖ କମ୍ୟୁନିଷ୍ଟ ଯୌଥ ଭୂମାଲିକାନାର ଉଚ୍ଚତର ପର୍ଯ୍ୟାୟକୁ ଉନ୍ନତ ହୋଇଯିବ ? ନା, ଅପର ପକ୍ଷରେ ପାଶ୍ଚାତ୍ୟ ଜଗତରେ ଘଟିଥିବା ଐତିହାସିକ ବିବର୍ତ୍ତନ ଭଳି ଏହି ପ୍ରଥାକୁ ପ୍ରଥମେ ଏକ ବିଲୁପ୍ତିର ପର୍ଯ୍ୟାୟ ଭିତର ଦେଇ ଗତି କରିବାକୁ ପଡ଼ିବ ?

ବର୍ତ୍ତମାନର ପରିବେଶରେ ଏହି ପ୍ରଶ୍ନର ଏକମାତ୍ର ସମ୍ଭାବ୍ୟ ଉତ୍ତର ହେଉଛି—ରୁଷିଆର ବିପ୍ଳବ ଯଦି ସମଗ୍ର ପାଶ୍ଚାତ୍ୟ ଜଗତରେ ସର୍ବହରା ବିପ୍ଳବ ଲାଗି ଏକ ସଙ୍କେତ ହୋଇଉଠେ ଯାହାଦ୍ୱାରା କି ଉଭୟେ ଉଭୟଙ୍କର ପରିପୂରକ ହୋଇପାରିବେ ତା ହେଲେ ରୁଷିଆରେ ବର୍ତ୍ତମାନ ଯେଉଁ ଯୌଥ ଭୂମାଲିକାନା ରହିଛି ତାହାକୁ ଭିତ୍ତି କରି ସାମ୍ୟବାଦୀ [କମ୍ୟୁନିଷ୍ଟ] ବିକାଶଧାରା ଅଗ୍ରସର ହୋଇପାରେ ।”

**କାର୍ଲ ମାର୍କସ,**  
**ଫ୍ରେଡେରିକ୍ ଏଙ୍ଗେଲସ୍**

ଲଣ୍ଡନ, ଜାନୁୟାରୀ ୨୧, ୧୮୮୨

ଏହି ସମୟରେ ପ୍ରାୟ, ଜେନେଭାଠାରୁ ପୋଲିଷ୍ ଭାଷାରେ ଆଉ ଏକ ନୂତନ ସଂସ୍କରଣ ପ୍ରକାଶ ପାଇଲା ।

ତା’ ପରେ ଇତିମଧ୍ୟରେ ଡେନିଶ୍ ଭାଷାରେ ମଧ୍ୟ ଏକ ସଂସ୍କରଣ ପ୍ରକାଶ ପାଇଛି । କିନ୍ତୁ ଦୁଃଖର ବିଷୟ ଯେ, ତାହା ପୂର୍ଣ୍ଣାଙ୍ଗ ହୋଇ ପାରିନାହିଁ । ହୁଏତ ଅନୁବାଦକ ପକ୍ଷରେ କଠିନ ହେବାରୁ କେତେକ ଗୁରୁତ୍ୱପୂର୍ଣ୍ଣ ବିଷୟ ସେଥିରୁ ବାଦ ଦିଆଯାଇଛି । ତା’ ଛଡ଼ା ଏଇଠି ସେଇଠି ଅନୁବାଦଗତ ତ୍ରୁଟିର ଚିହ୍ନ ମଧ୍ୟ ପରିସ୍ଫୁଟ । ଏହି ତ୍ରୁଟିଗୁଡ଼ିକ ଅତି ବେଶୀ ଆଖିରେ ପଡ଼େ, କାରଣ ସଂପୂର୍ଣ୍ଣ ଅନୁବାଦଟି ପଢ଼ିଲେ ମନେହୁଏ, ଅନୁବାଦକ ଆଉ ଟିକିଏ କଷ୍ଟ ସ୍ୱୀକାର କରିଥିଲେ ଖୁବ୍ ଚମତ୍କାର ସଂସ୍କରଣଟିଏ ପ୍ରକାଶ ହୋଇ ପାରିଥାନ୍ତା ।

୧୮୮୬ରେ ପ୍ୟାରିସ୍‌ରୁ ପ୍ରକାଶିତ ହେଉଥିବା ***Le Socialiste*** (ଲେ ସୋସ୍ୟାଲିଷ୍ଟ) ପତ୍ରିକାରେ ଫରାସୀ ଭାଷାର ଆଉ ଏକ ନୂତନ ଅନୁବାଦ ପ୍ରକାଶିତ ହୋଇଛି । ଏପର୍ଯ୍ୟନ୍ତ ପ୍ରକାଶିତ ସଂସ୍କରଣ ମଧ୍ୟରୁ ଏହା ସର୍ବଶ୍ରେଷ୍ଠ ।

ଏଥିରୁ ଭାଷାନ୍ତରିତ ହୋଇ ପରେ ସେହି ବର୍ଷ ଆଉ ଏକ ସ୍ପେନୀୟ ସଂସ୍କରଣ ମାଦ୍ରିଦ୍‌ଠାରୁ ***El Socialista*** (ଏଲ୍ ସୋସାଲିଷ୍ଟା) ପତ୍ରିକାରେ ପ୍ରକାଶିତ ହେଲା ଏବଂ ତା' ପରେ ତାହା ଏକ ସ୍ୱତନ୍ତ୍ର ପୁସ୍ତିକା ଆକାରରେ ମାଦ୍ରିଦ୍‌ର ***El Socialista*** (ଏଲ୍ ସୋସାଲିଷ୍ଟା) ପତ୍ରିକାର ଅଧ୍ୟକ୍ଷମଣ୍ଡଳିଙ୍କ ଦ୍ୱାରା ପ୍ରକାଶିତ ହେଲା ।

ଏଠାରେ ଗୋଟିଏ ମଜା କଥା ମୁଁ କହି ରଖେ । ୧୮୮୭ ଖ୍ରୀଷ୍ଟାବ୍ଦରେ ଆର୍ମେନିଆନ୍ ଭାଷାରେ ଅନୂଦିତ ଗୋଟିଏ ପାଣ୍ଡୁଲିପି କନ୍‌ଷ୍ଟାଣ୍ଟିନୋପଲ୍‌ର ଜଣେ ପ୍ରକାଶକଙ୍କୁ ଛାପିବାକୁ ଦିଆହେଲା । କିନ୍ତୁ ମାର୍କ୍‌ସଙ୍କ ନାମ ଥିବା କୌଣସି ବହି ଛାପିବାକୁ ଭଦ୍ରଲୋକ ସାହସ କଲେ ନାହିଁ । ସେ କହିଲେ, ଅନୁବାଦକ ଯଦି ନିଜେ ପୁସ୍ତକର ଲେଖକ ବୋଲି ତାଙ୍କର ନାମ ଦେବେ ତା ହେଲେ ସେ ବହି ଛାପିବେ । କିନ୍ତୁ ଅନୁବାଦକ ମଧ୍ୟ ନିଜର ନାମ ପ୍ରକାଶ କରିବା ପାଇଁ ସମ୍ମତ ହେଲେ ନାହିଁ । ଫଳରେ ଉକ୍ତ ଭାଷାରେ "ଇସ୍ତାହାର"ଟି ଆଉ ପ୍ରକାଶ ପାଇ ପାରିଲା ନାହିଁ ।

ଆମେରିକାରେ ଢେର ଅଧିକେ କେତୋଟି ଅଶୁଦ୍ଧ ଅନୁବାଦ ପ୍ରକାଶିତ ହେବା ପରେ ଏବଂ ସେହି ସଂସ୍କରଣଗୁଡ଼ିକ ଏକାଧିକ ବାର ଇଂଲଣ୍ଡରେ ପୁନର୍ମୁଦ୍ରିତ ହେବା ପରେ ୧୮୮୮ରେ ଯାଇ ଗୋଟିଏ ଶୁଦ୍ଧ ସଂସ୍କରଣ ଇଂଲଣ୍ଡରେ ପ୍ରକାଶ ପାଇଲା । ଏହି ସଂସ୍କରଣଟି ମୋର ବନ୍ଧୁ ସାମୁଏଲ ମୁର୍‌ଙ୍କ ଦ୍ୱାରା ଅନୂଦିତ ହୋଇଥିଲା ଏବଂ ପାଣ୍ଡୁଲିପିଟି ପ୍ରେସ୍‌କୁ ଯିବା ପୂର୍ବରୁ ଆମେ ଉଭୟେ ତାକୁ ଭଲଭାବେ ଦେଖିନେଇଥିଲୁ । ଏହି ସଂସ୍କରଣର ନାମ ରଖା ଯାଇଥିଲା—"କମ୍ୟୁନିଷ୍ଟ ପାର୍ଟିର ଇସ୍ତାହାର" ; ଲେଖକ—କାର୍ଲ ମାର୍କ୍‌ସ ଓ ଫ୍ରେଡେରିକ୍ ଏଙ୍ଗେଲସ୍ ; ବିଶୁଦ୍ଧ ଇଂରାଜୀ ଅନୁବାଦ, ଫ୍ରେଡେରିକ୍ ଏଙ୍ଗେଲସ୍‌ଙ୍କ ଦ୍ୱାରା ସମ୍ପାଦିତ ଓ ବ୍ୟାଖ୍ୟାୟିତ, ୧୮୮୮, ଲଣ୍ଡନ, ଉଇଲିୟମ୍ ରିଭସ୍, ୧୮୫ ଫ୍ଲୀଟ୍ ଷ୍ଟ୍ରୀଟ୍, ଇ. ସି. । ଉକ୍ତ ସଂସ୍କରଣରେ ଥିବା କେତୋଟି ଟିପ୍‌ପଣୀ ମୁଁ ଏହି ସଂସ୍କରଣରେ ଯୋଗ କରିଛି ।

ଏହି "ଇସ୍ତାହାର"ର ଏକ ସ୍ୱତନ୍ତ୍ର ଇତିହାସ ରହିଛି । ଏହା ଯେତେବେଳେ ପ୍ରଥମେ ପ୍ରକାଶିତ ହେଲା ସେତେବେଳେ ବୈଜ୍ଞାନିକ ସମାଜବାଦର ଅଗ୍ରଗାମୀ ବାହିନୀର ସଂଖ୍ୟା ଖୁବ୍ କମ୍ ଥିଲେ ମଧ୍ୟ ବେଶ୍ ଉତ୍ସାହର ସହିତ ସେମାନେ ତାକୁ ସ୍ୱାଗତ କରିଥିଲେ । (ପ୍ରଥମ ଭୂମିକାରେ ଉଲ୍ଲେଖ କରାଯାଇଥିବା ବିଭିନ୍ନ ଅନୁବାଦରୁ ତାହାର ପ୍ରମାଣ ମିଳେ) । କିନ୍ତୁ ତା' ପରେ ୧୮୪୮ ଜୁନ୍ ମାସରେ [୧୬] ପ୍ୟାରିସ୍ ନଗରୀର ଶ୍ରମିକମାନଙ୍କର ପରାଜୟ ପରେ ଏହି "ଇସ୍ତାହାର"ଟି ପୁଣି ଲୋକଚକ୍ଷୁର ଅନ୍ତରାଳକୁ ଚାଲି ଯିବା ପାଇଁ ବାଧ୍ୟ ହେଲା । ଅବଶେଷରେ ୧୮୫୨ର ନଭେମ୍ବର ମାସରେ କଲୋନ କମ୍ୟୁନିଷ୍ଟମାନଙ୍କୁ କାରାଦଣ୍ଡ ଆଦେଶ ହେବା ଦ୍ୱାରା [୧୭] ଏହି "ଇସ୍ତାହାର"ଟି "ଆଇନ ଅନୁଯାୟୀ" ବାସନ୍ଦ ହୋଇଗଲା । ଫେବ୍ରୁଆରୀ ବିପ୍ଳବ ସଙ୍ଗେ ସଙ୍ଗେ ଯେଉଁ ଶ୍ରମିକ ଆନ୍ଦୋଳନର ଆବିର୍ଭାବ ଘଟିଥିଲା ତାହା ୧୮୫୨ ପରେ ଲୋକଚକ୍ଷୁରୁ ଅପସାରିତ ହୋଇଯିବା ସଙ୍ଗେ ସଙ୍ଗେ ଇସ୍ତାହାରଟି ମଧ୍ୟ ପୃଷ୍ଠଭୂମିକୁ ଚାଲିଗଲା ।

ତା'ପରେ ୟୁରୋପର ଶ୍ରମିକ ଶ୍ରେଣୀ ଯେତେବେଳେ ଶାସକ ଶ୍ରେଣୀମାନଙ୍କର କ୍ଷମତା ଉପରେ ନୂତନ ଆକ୍ରମଣ ଲାଗି ଯଥେଷ୍ଟ ଶକ୍ତି ସଞ୍ଚୟ କରି ଉଠିଲା ସେତେବେଳେ ଇଣ୍ଟରନ୍ୟାଶନାଲ ଓ୍ୟାର୍କିଂ ମେନ୍‌ସ୍ ଆସୋସିଏସନ ଗଢ଼ାଗଲା । ତା'ର ଉଦ୍ଦେଶ୍ୟ ଥିଲା, ୟୁରୋପ ଆମେରିକାର ସମଗ୍ର ସଂଗ୍ରାମୀ ଶ୍ରମିକ ଶ୍ରେଣୀକୁ ଏକ ବିରାଟ ବାହିନୀରେ ଐକ୍ୟବଦ୍ଧ କରିବା । ସୁତରାଂ "ଇସ୍ତାହାର"ରେ ଯେଉଁ ନୀତି ବୟାନ କରାଯାଇଥିଲା ତାକୁ **ଅନୁସରଣ କରି ଏହି ସଂଗଠନ ପକ୍ଷରୁ କାର୍ଯ୍ୟାରମ୍ଭ କରିବା** ସମ୍ଭବ ନ ଥିଲା । ତେଣୁ ଏହାକୁ ଏପରି ଏକ କାର୍ଯ୍ୟକ୍ରମ ଗ୍ରହଣ କରିବାକୁ ପଡ଼ିଲା ଯାହାଦ୍ୱାରା କି ଇଂଲଣ୍ଡର ଟ୍ରେଡ୍‌ୟୁନିଅନ ସମୂହ, ଫ୍ରାନ୍‌ସ, ବେଲଜିଅମ୍, ଇଟାଲୀ ଓ ସ୍ପେନରେ ଥିବା ପ୍ରୋଧାଁପନ୍ଥୀଗଣ ଏବଂ ଜର୍ମାନୀର ଲାସେଲ୍‌ପନ୍ଥୀମାନେ * ଏହି ସଂଗଠନ ଭିତରେ ରହି

---

* ଆମ ଆଗରେ ଲାସେଲ୍ ବରାବର ମାର୍କ୍‌ସଙ୍କର "ଶିଷ୍ୟ" ବୋଲି ସ୍ୱୀକାର କରୁଥିଲେ ଏବଂ ତଦନୁଯାୟୀ "ଇସ୍ତାହାର"କୁ ସମର୍ଥନ କରୁଥିଲେ । କିନ୍ତୁ ତାଙ୍କର ଅନୁଗାମୀମାନଙ୍କର କଥା ଭିନ୍ନ । ସେମାନେ ରାଷ୍ଟ୍ରୀୟ ଋଣରେ ଉତ୍ପାଦକ ସମବାୟ ସମିତି ଗଢ଼ିବା ଲାଗି ଲାସେଲ୍‌ଙ୍କର ଦାବୀଠାରୁ ଆଉ ଅଧିକ ଅଗ୍ରସର ହେଉ ନ ଥିଲେ । ସେମାନେ ସମଗ୍ର

ପାରିବେ । ଏହି କାର୍ଯ୍ୟକ୍ରମ—ଆନ୍ତର୍ଜାତିକର ନିୟମାବଳୀର ପ୍ରାକ୍‌କଥନ—[୧୮] ଅତି ବିଚକ୍ଷଣ ଭାବେ ମାର୍କ୍‌ସଙ୍କ ଦ୍ୱାରା ରଚିତ ହୋଇଥିଲା । ଏକଥା ବାକୁନିନ୍‌ ଓ ନୈରାଜ୍ୟବାଦୀମାନେ ମଧ୍ୟ ସ୍ୱୀକାର କରିବାକୁ ବାଧ୍ୟ ହୋଇଥିଲେ । ମାର୍କ୍‌ସଙ୍କର ଦୃଢ଼ ବିଶ୍ୱାସ ଥିଲା ଯେ, ଶ୍ରମିକ ଶ୍ରେଣୀର ବୌଦ୍ଧିକ ବିକାଶ ଉପରେହିଁ କେବଳ "ଇସ୍ତାହାର"ରେ ପ୍ରଦତ୍ତ ଭାବଧାରାର ଚରମ ବିଜୟ ନିର୍ଭର କରେ । କାରଣ ସମ୍ମିଳିତ ସଂଗ୍ରାମ ଓ ପାରସ୍ପରିକ ଆଲୋଚନା ମାଧ୍ୟମରେହିଁ ଶ୍ରମିକ ଶ୍ରେଣୀର ବୌଦ୍ଧିକ ବିକାଶ ଘଟେ । ପୁଞ୍ଜି ବିରୁଦ୍ଧରେ ଶ୍ରମିକ ଶ୍ରେଣୀର ସଂଗ୍ରାମ ପଥରେ ଯେଉଁ ପତନ ଓ ଉତ୍‌ଥାନ ଦେଖାଯାଏ, ବିଶେଷ କରି ସାଫଲ୍ୟ ଅପେକ୍ଷା ଯେଉଁ ପରାଜୟ ଦେଖାଯାଏ ସେହି ଅଭିଜ୍ଞତା ଭିତର ଦେଇ ଶ୍ରମିକମାନେ ନିଜର ମୁକ୍ତି ଲାଗି କି ପରିସ୍ଥିତି ସୃଷ୍ଟି ହେବା ପ୍ରୟୋଜନ ତାହା ଅଧିକରୁ ଅଧିକ ହୃଦୟଙ୍ଗମ କରନ୍ତି ଏବଂ ତଥାକଥିତ ସାର୍ବଜନୀନ ସର୍ବରୋଗହାରୀ ପନ୍ଥାର ଅସାରତା ସମ୍ପର୍କରେ ଅବହିତ ହୁଅନ୍ତି । ମାର୍କ୍‌ସଙ୍କର ଏ ଉକ୍ତି ଅତି ଯଥାର୍ଥ । ଏହି ଆନ୍ତର୍ଜାତିକ ସଂଗଠନ ୧୮୬୪ରେ ଗଢ଼ାହେଲାବେଳେ ଶ୍ରମିକ ଶ୍ରେଣୀର ଅବସ୍ଥା ଯାହା ଥିଲା ୧୮୭୪ରେ ଏହି ସଂଗଠନ ଭାଙ୍ଗିଲାବେଳକୁ ସେମାନଙ୍କର ଅବସ୍ଥା ବଦଳି ଯାଇଥିଲା—ସେମାନେ ପୂରାପୂରି ଭିନ୍ନ ମଣିଷ ପାଲଟି ଯାଇଥିଲେ । ଲାଟିନ୍‌ ଦେଶଗୁଡ଼ିକର ପ୍ରୋଧାଁ ମତବାଦ ଏବଂ ଜର୍ମାନୀର ସ୍ୱତନ୍ତ୍ର ଲାସେଲ୍‌ ମତବାଦ ସେତେବେଳକୁ ଲୋପ ପାଇ ଯାଉଥିଲା । ଏପରି କି ଇଂଲଣ୍ଡର ନିଆଁଗିଳା ଜାଠଦଳିଆ ଟ୍ରେଡ୍‌ୟୁନିଅନଗୁଡ଼ିକ ମଧ୍ୟ କ୍ରମେ କ୍ରମେ ଏପରି ଏକ ପର୍ଯ୍ୟାୟକୁ ଅଗ୍ରସର ହେଉଥିଲେ ଯେତେବେଳେ ୧୮୮୭ରେ ସ୍ୱାନ୍‌ସିଠାରେ ଅନୁଷ୍ଠିତ ହୋଇଥିବା ସମ୍ମିଳନୀରେ ତାଙ୍କର ସଭାପତି ସେମାନଙ୍କ ପକ୍ଷରୁ ଘୋଷଣା କରି କହି ପାରିଲେ—"ୟୁରୋପ ମହାଦେଶର ସମାଜବାଦ ପ୍ରତି ଆମର ଯେଉଁ ଭୟ ଥିଲା ତା ଆଉ ନାହିଁ ।" ଅଥଚ ୧୮୮୭ ବେଳକୁ ୟୁରୋପ ମହାଦେଶୀୟ ସମାଜବାଦ ବୋଲି ଯାହାକୁ କୁହାଯାଉଥିଲା ତାହା "ଇସ୍ତାହାର"ରେ ଘୋଷିତ ନୀତି ବ୍ୟତୀତ ଅନ୍ୟ କିଛି ନ ଥିଲା । ସୁତରାଂ କେତେକ ପରିମାଣରେ

---

ଶ୍ରମିକ ଶ୍ରେଣୀକୁ ଦୁଇ ଭାଗରେ ବିଭକ୍ତ କରି ଦେଖିଥିଲେ—ଗୋଟିଏ ହେଉଛି ରାଷ୍ଟ୍ରୀୟ ସାହାଯ୍ୟ ନୀତିର ସମର୍ଥକ ଏବଂ ଅନ୍ୟଟି ହେଉଛି ଆତ୍ମନିର୍ଭରଶୀଳ ନୀତିର ସମର୍ଥକ ।

ଦେଖିବାକୁ ଗଲେ, ଏହି "ଇସ୍ତାହାର"ର ଇତିହାସ ୧୮୪୮ ପରବର୍ତ୍ତୀ ଆଧୁନିକ ଶ୍ରମିକ ଶ୍ରେଣୀର ଆନ୍ଦୋଳନକୁ ପ୍ରତିଫଳିତ କରୁଥିଲା । ବର୍ତ୍ତମାନ ଏହି ଇସ୍ତାହାରଟି ହେଉଛି ସମାଜବାଦୀ ସାହିତ୍ୟ ମଧ୍ୟରେ ନିଃସନ୍ଦେହରେ ସବୁଠାରୁ ଅଧିକ ପ୍ରଚ୍ଚରିତ ଏବଂ ଏହାର ଆନ୍ତର୍ଜାତିକ ତାତ୍ପର୍ଯ୍ୟ ସର୍ବାଧିକ । ସାଇବେରିଆଠାରୁ କାଲିଫର୍ଣ୍ଣିଆ ପର୍ଯ୍ୟନ୍ତ ସବୁ ଦେଶର କୋଟି କୋଟି ଶ୍ରମିକଙ୍କର ସମ୍ମିଳିତ କାର୍ଯ୍ୟକ୍ରମ ହେଉଛି ଆମର ଏହି ଇସ୍ତାହାର ।

ତଥାପି, ଆମର ଏହି "ଇସ୍ତାହାର" ଯେତେବେଳେ ପ୍ରକାଶ କରାଗଲା ସେତେବେଳେ ଆମେ ତାକୁ **ସୋସାଲିଷ୍ଟ** ଇସ୍ତାହାର ବୋଲି ଅଭିହିତ କରିପାରି ନଥାନ୍ତୁ । କାରଣ ୧୮୪୭ରେ ଦୁଇ ପ୍ରକାର ଲୋକଙ୍କୁ ସୋସାଲିଷ୍ଟ ବୋଲି ଗଣ୍ୟ କରାଯାଉଥିଲା—ଏକ ପକ୍ଷରେ ବିଭିନ୍ନ ପ୍ରକାର କଳ୍ପନାବିଳାସୀ ସମାଜବାଦର ସମର୍ଥକ, ବିଶେଷ କରି ଇଂଲଣ୍ଡର ଓଏନ୍‌ପନ୍ଥୀ ଓ ଫ୍ରାନ୍‌ସର ଫୁରିଅର୍‌ପନ୍ଥୀମାନଙ୍କୁ ସମାଜବାଦୀ ବୋଲି କୁହାଯାଉଥିଲା ଯଦିଓ ସେତେବେଳକୁ ସାମାନ୍ୟ ଏକ କ୍ଷୁଦ୍ର ଗୋଷ୍ଠୀରେ ପରିଣତ ହୋଇ ଧୀରେ ଧୀରେ ଲୋପ ପାଇ ଯାଉଥିଲେ । ଅନ୍ୟ ପକ୍ଷରେ ଯେଉଁସବୁ ବହୁରୂପୀ ସମାଜ ସଂସ୍କାରକ ପୁଞ୍ଜି ଓ ମୁନାଫାକୁ ତିଳେମାତ୍ର କ୍ଷୁଣ୍ଣ ନକରି ସମାଜର ଅନ୍ୟାୟ ଅନାଚ୍ଚରକୁ ସେମାନଙ୍କର ସର୍ବରୋଗହାରୀ ଔଷଧ ଦ୍ୱାରା ଓ ତାଳିପକା କାମଦ୍ୱାରା ଭଲ କରିଦେବେ ବୋଲି କହୁଥିଲେ ସେମାନଙ୍କୁ ମଧ୍ୟ ଲୋକେ ସମାଜବାଦୀ ବୋଲି କହୁଥିଲେ । ଏହି ଉଭୟ ଶ୍ରେଣୀର ଲୋକେ ଶ୍ରମିକ ଆନ୍ଦୋଳନର ବାହାରେ ରହିଥିଲେ ଏବଂ ତଥାକଥିତ "ଶିକ୍ଷିତ ଶ୍ରେଣୀର" ସମର୍ଥନକୁ ସର୍ବଦା ଗ୍ଭହିଁ ରହୁଥିଲେ । କିନ୍ତୁ ଶ୍ରମିକ ଶ୍ରେଣୀର ଯେଉଁ ଅଂଶ ସମାଜର ଆମୂଳଚୂଳ ପୁନର୍ଗଠନ ଲାଗି ଦାବୀ କରୁଥିଲା ସେ ବୁଝିଥିଲା ଯେ କେବଳ ରାଜନୈତିକ ବିପ୍ଳବ ଯଥେଷ୍ଟ ନୁହଁ । ସେମାନେ ସେତେବେଳେ ନିଜକୁ **କମ୍ୟୁନିଷ୍ଟ** ବୋଲାଉଥିଲେ । ଏହା ଅବଶ୍ୟ ଏକ ପ୍ରକାର ସ୍ଥୂଳ, ଅପରିପକ୍ୱ ଓ କେବଳ ପ୍ରବୃତ୍ତିଗତ କମ୍ୟୁନିଜମ୍ ଥିଲା ମତ, ତଥାପି ଏହାର ଶକ୍ତି କିଛି କମ୍ ନଥିଲା ; କାରଣ ଏ ପ୍ରକାର ସ୍ଥୂଳ କମ୍ୟୁନିଜମ୍ ଭିତରୁହିଁ ସେତେବେଳେ କଳ୍ପନାପ୍ରବଣ କମ୍ୟୁନିଜମ୍‌ର ଦୁଇଟି ଭାବଧାରା ସଂଭୂତ ହେଲା—ଗୋଟିଏ ହେଉଛି ଫ୍ରାନ୍‌ସରେ କ୍ୟାବେଟ୍‌ଙ୍କର "ଇକେରିଆନ" କମ୍ୟୁନିଜମ୍ ଏବଂ ଅନ୍ୟଟି ଜର୍ମାନୀରେ ଭେଟଲିଙ୍ଗର କମ୍ୟୁନିଜମ୍ [୧୯] । ତେଣୁ ୧୮୪୭ରେ ସୋସାଲିଜମ୍ ବା ସମାଜବାଦ ଏକ ବୁର୍ଜୁଆ ଆନ୍ଦୋଳନ ଥିଲା ଏବଂ

କମ୍ୟୁନିଜମ୍ ବା ସାମ୍ୟବାଦ ଥିଲା ଶ୍ରମିକ ଶ୍ରେଣୀର ଆନ୍ଦୋଳନ । ଏହି ସମାଜବାଦ ୟୁରୋପ ମହାଦେଶରେ ଅନ୍ତତଃପକ୍ଷେ ଭଦ୍ର ବୋଲି ଗଣ୍ୟ ହେଉଥିଲା । କିନ୍ତୁ କମ୍ୟୁନିଜମ୍ ବା ସାମ୍ୟବାଦ ଥିଲା ଠିକ୍ ତା'ର ବିପରୀତ । ସେତେବେଳେ ମଧ୍ୟ ଆମ୍ଭେମାନେ ଦୃଢ଼ ଭାବେ ବିଶ୍ୱାସ କରୁଥିଲୁ ଯେ, "ଶ୍ରମିକ ଶ୍ରେଣୀର ମୁକ୍ତି ଶ୍ରମିକ ଶ୍ରେଣୀକୁହିଁ ନିଜେ ହାସଲ କରିବାକୁ ହେବ ।" ତେଣୁ ଏସବୁ କାରଣ ଯୋଗୁଁ ଇସ୍ତାହାରର ନାମ ସ୍ୱରୂପ ଏହି ଦୁଇଟି ନାମ ଭିତରୁ ଆମେ କେଉଁଟିକି ବାଛିନେବୁ ସେ ସମ୍ପର୍କରେ ଆମର ଦ୍ୱିଧା କରିବାର କିଛି ନଥିଲା । ତା' ଛଡ଼ା ଆମେ ଯେଉଁ ନାମ ବାଛିଛୁ ତାକୁ ପରିବର୍ତ୍ତନ କରିବାର ମଧ୍ୟ କୌଣସି ଆବଶ୍ୟକତା ଆମେ ଅନୁଭବ କରିନାହୁଁ ।

"ଦୁନିଆର ମଜ୍‌ଦୁର—ଏକ ହୁଅ ।" ଆଜିକି ୪୨ ବର୍ଷ ତଳେ ପ୍ୟାରୀସ୍ ବିପ୍ଲବର ଅବ୍ୟବହିତ ପୂର୍ବରୁ ଯେତେବେଳେ କି ଶ୍ରମିକ ଶ୍ରେଣୀ ନିଜର ଦାବୀ ନେଇ ଆଗେଇ ଆସିଥିଲା ସେତେବେଳେ ଆମେ ଏହି ଆହ୍ୱାନ ଦେଲାବେଳେ ଖୁବ୍ କମ୍ କଣ୍ଠରୁ ଏହି ଆବାଜର ପ୍ରତିଧ୍ୱନି ଉଠିଥିଲା । ତଥାପି ୧୮୬୪ ଖ୍ରୀଷ୍ଟାବ୍ଦ ସେପ୍‌ଟେମ୍ବର ୨୮ ତାରିଖରେ ଅଧିକାଂଶ ପାଶ୍ଚାତ୍ୟ ୟୁରୋପୀୟ ଦେଶର ଶ୍ରମିକମାନେ ଗୌରବୋଜ୍ଜ୍ୱଳ ଇଣ୍ଟରନ୍ୟାଶନାଲ ଓ୍ୟାର୍କିଂ ମେନ୍‌ସ୍ ଆସୋସିଏସନ ବା ଆନ୍ତର୍ଜାତିକ ଶ୍ରମିକ ସଂଘରେ ଯୋଗ ଦେଇ ଐକ୍ୟବଦ୍ଧ ହୋଇଥିଲେ । ଅବଶ୍ୟ ଏହି ଆନ୍ତର୍ଜାତିକ ମାତ୍ର ୯ଟି ବର୍ଷ ବଞ୍ଚି ରହିଥିଲା । କିନ୍ତୁ ସବୁ ଦେଶର ସର୍ବହରା ଶ୍ରେଣୀ ମଧ୍ୟରେ ଯେଉଁ ଚିରନ୍ତନ ଏକତା ଏହାଦ୍ୱାରା ସୃଷ୍ଟି ହେଲା ତାହା ଏପର୍ଯ୍ୟନ୍ତ ବି ତିଷ୍ଠି ରହିଛି ଏବଂ ଦିନକୁ ଦିନ ଆହୁରି ସୁଦୃଢ଼ ଓ ଶକ୍ତିଶାଳୀ ହୋଇ ଉଠୁଛି । ବର୍ତ୍ତମାନହିଁ ତାହାର ଶ୍ରେଷ୍ଠ ପ୍ରମାଣ । କାରଣ ଆଜି ମୁଁ ଏହି କେତୋଟି ବାକ୍ୟ ଲେଖିଲାବେଳେ ତେଣେ ୟୁରୋପ ଓ ଆମେରିକାର ସର୍ବହରା ଶ୍ରେଣୀ ତା'ର ସଂଗ୍ରାମୀ ଶକ୍ତିକୁ ପର୍ଯ୍ୟବେକ୍ଷଣ କରୁଛି । ତା'ର ଏହି ସଂଗ୍ରାମୀ ଶକ୍ତି ଆଜି ଇତିହାସରେ ପ୍ରଥମ ଥର ପାଇଁ ସମାବେଶିତ ହୋଇଛି—ସମାବେଶିତ ହୋଇଛି **ଗୋଟିଏ** ସୈନ୍ୟବାହିନୀ ହିସାବରେ, **ଗୋଟିଏ** ପତାକା ତଳେ ଏବଂ **ଗୋଟିଏ** ଆଶୁ ଲକ୍ଷ୍ୟ ନେଇ । ସେ ଲକ୍ଷ୍ୟ ହେଉଛି—୧୮୬୬ରେ ଆନ୍ତର୍ଜାତିକର ଜେନେଭା ସମ୍ମିଳନୀର ଘୋଷଣା ଅନୁଯାୟୀ ଏବଂ ୧୮୮୯ରେ ପ୍ୟାରୀସ୍ ସମ୍ମିଳନୀର ଘୋଷଣା ଅନୁଯାୟୀ ଆଇନ

ଦ୍ୱାରା ଆଠଘଣ୍ଟିଆ ଶ୍ରମ ଦିବସର ବ୍ୟବସ୍ଥା କରିବା । ଆଉ ଆଜିର ପରିସ୍ଥିତି ସବୁ ଦେଶର ପୁଞ୍ଜିପତି ଓ ଜମିଦାରମାନଙ୍କର ଆଖିରେ ଆଙ୍ଗୁଠି ଗେଞ୍ଜି ଦେଖାଇ ଦେଉଛି ଦୁନିଆର ଶ୍ରମିକ ଶ୍ରେଣୀ ଆଜି କିପରି ପ୍ରକୃତରେ ଐକ୍ୟବଦ୍ଧ ହୋଇ ଠିଆ ହୋଇଛି ।

ଆହା, ଏ ଦୃଶ୍ୟ ସ୍ୱଚକ୍ଷୁରେ ଦେଖିବା ଲାଗି ଆଜି ଯଦି ମାର୍କ୍ସ ବଞ୍ଚି ରହିଥାନ୍ତେ ।

ଫ୍ରେଡେରିକ୍ ଏଙ୍ଗେଲସ୍

ଲଣ୍ଡନ, ମଇ ପହିଲା, ୧୮୯୦

# ୧୮୯୨ ଖ୍ରୀଷ୍ଟାବ୍ଦରେ ପ୍ରକାଶିତ ପୋଲଷ୍ ସଂସ୍କରଣର ଭୂମିକା

ପୋଲିଷ୍ ଭାଷାରେ ପ୍ରକାଶିତ "କମ୍ୟୁନିଷ୍ଟ ଇସ୍ତାହାର"ର ଏକ ନୂତନ ସଂସ୍କରଣ ପ୍ରୟୋଜନ ହେଉଥିବା ଦେଖି ମନରେ ନାନା ଚିନ୍ତାର ଉଦୟ ହେଉଛି ।

ପ୍ରଥମ କଥା, ୟୁରୋପ ମହାଦେଶରେ ବୃହତ୍ ଶିଳ୍ପର ଯେଉଁ ବିକାଶ ଘଟିଛି ସଂପ୍ରତି "କମ୍ୟୁନିଷ୍ଟ ଇସ୍ତାହାର" ତା'ର ଏକ ପ୍ରକାର ସୂଚକ ହୋଇଛି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । କୌଣସି ଏକ ଦେଶରେ ଯେଉଁ ପରିମାଣରେ ବୃହତ୍ ଶିଳ୍ପର ବିକାଶ ଘଟେ ସେହି ଦେଶର ଶ୍ରମିକ ଶ୍ରେଣୀ ସେହି ପରିମାଣରେ ସମାଜର ଧନୀକ ଶ୍ରେଣୀ ତୁଳନାରେ ନିଜର ଅବସ୍ଥା କ'ଣ ତାହା ବୁଝିବା ପାଇଁ ଦାବୀ କରେ ଏବଂ ଅନୁରୂପ ଭାବେ ଶ୍ରମିକ ଶ୍ରେଣୀ ମଧ୍ୟରେ ସମାଜବାଦୀ ଆନ୍ଦୋଳନ ପ୍ରସାର ଲାଭ କରେ ଓ ତା ସଙ୍ଗେ ସଙ୍ଗେ ଶ୍ରମିକ ଶ୍ରେଣୀ ମଧ୍ୟରେ ଏହି "ଇସ୍ତାହାର"ର ଚାହିଦା ଅଧିକରୁ ଅଧିକ ବୃଦ୍ଧି ପାଏ । ସୁତରାଂ, କେଉଁ ଦେଶରେ "କମ୍ୟୁନିଷ୍ଟ ଇସ୍ତାହାର" କେତେ ଖଣ୍ଡ ପ୍ରଚାରିତ ହୋଇଛି ସେଥିରୁ ସେହି ଦେଶରେ ଶ୍ରମିକ ଆନ୍ଦୋଳନର ଅବସ୍ଥା କ'ଣ ଓ ବୃହତ୍ ଶିଳ୍ପର ବିକାଶ କେଉଁ ପରିମାଣରେ ଘଟିଛି ତାହା ଜଣା ଅଧିକେ ସଠିକ ଭାବେ କଳନା କରି ହୁଏ ।

ତଦନୁଯାୟୀ ବିଚାର କଲେ ଏହି ପୋଲିଷ୍ ସଂସ୍କରଣରୁ ପୋଲିଷ୍ ଶିଳ୍ପର ନିଶ୍ଚିତ ଅଗ୍ରଗତିର ସୂଚନା ମିଳେ । ପ୍ରଥମ ସଂସ୍କରଣ ପ୍ରକାଶିତ ହେବାର ଏହି ଦଶ ବର୍ଷ ମଧ୍ୟରେ ପୋଲାଣ୍ଡ ଦେଶର ଶିଳ୍ପର ଯେ ଅଗ୍ରଗତି ଘଟିଛି ଏ ବିଷୟରେ ସନ୍ଦେହର କୌଣସି ଅବକାଶ ନାହିଁ । ରୁଷ୍ ଅଧିକୃତ ପୋଲାଣ୍ଡ, କଂଗ୍ରେସ ପୋଲାଣ୍ଡ [୨୦], ବର୍ତ୍ତମାନ ରୁଷିଆର ଅନ୍ୟତମ ସୁବିଶାଳ ଶିଳ୍ପାଞ୍ଚଳ । ଆଜି ରୁଷିଆର ଶିଳ୍ପ ଏଣେ ତେଣେ ବିକ୍ଷିପ୍ତ ହୋଇ ରହିଥିବା ବେଳେ, ଅର୍ଥାତ୍ କେତେକ ଶିଳ୍ପ ଫିନ୍‌ଲାଣ୍ଡ ଉପସାଗରର ଚତୁର୍ଦ୍ଦିଗରେ, ଆଉ କେତେକ କେନ୍ଦ୍ର ଅଞ୍ଚଳରେ (ମସ୍କୋ ଓ ଭ୍ଲାଡିମିର) ଏବଂ ଆଉ ଏକ ଦଫା ଶିଳ୍ପାଞ୍ଚଳ କୃଷ୍ଣସାଗର ଓ ଆଜଭ୍ ସାଗର ଉପକୂଳରେ ଏବଂ ଆହୁରି କେତେକ ଅନ୍ୟତ୍ର ଖେଳାଇ ହୋଇ ରହିଥିଲା ବେଳେ ପୋଲାଣ୍ଡର ଶିଳ୍ପ ଅପେକ୍ଷାକୃତ ଏକ କ୍ଷୁଦ୍ର ଅଞ୍ଚଳରେ ଗୁଞ୍ଜି ହୋଇ ରହିଛି ଏବଂ ତା'ର ସୁବିଧା ଓ ଅସୁବିଧା ତାକୁ ଭୋଗ କରିବାକୁ

ପଡ଼ୁଛି । ପୋଲାଣ୍ଡର ଲୋକଙ୍କୁ ରୁଷୀୟ ଲୋକ କରିଦେବା ପାଇଁ ରୁଷ୍‌ର ପ୍ରତିଦ୍ୱନ୍ଦ୍ୱୀ ବ୍ୟବସାୟୀମାନଙ୍କର ପ୍ରବଳ ଆକାଂକ୍ଷା ରହିଥିଲେ ମଧ୍ୟ ସେମାନେ ପୋଲାଣ୍ଡ ବିରୁଦ୍ଧରେ ଆମଦାନୀ ଶୁଳ୍‌କ ବୃଦ୍ଧି କରିବା ପାଇଁ ଯେଉଁ ଦାବୀ କରୁଛନ୍ତି ତଦ୍ଦ୍ୱାରା ସେମାନେ ଏହି ସୁବିଧା କଥା ସ୍ୱୀକାର କରୁଛନ୍ତି । ଏ କ୍ଷେତ୍ରରେ ପୋଲାଣ୍ଡର ବ୍ୟବସାୟୀ ଓ ରୁଷ୍ ସରକାରଙ୍କ ପକ୍ଷରେ ଯେଉଁ ଅସୁବିଧା ହେଉଛି ତାହାର ସ୍ପଷ୍ଟ ସୂଚନା ଦେଖିବାକୁ ମିଳେ ପୋଲାଣ୍ଡର ଶ୍ରମିକ ଶ୍ରେଣୀ ମଧ୍ୟରେ ସମାଜବାଦୀ ଭାବଧାରର ପ୍ରସାର ଓ "କମ୍ୟୁନିଷ୍ଟ ଇସ୍ତାହାର" ଲାଗି ସେମାନଙ୍କର ବର୍ଦ୍ଧିଷ୍ଣୁ ଚାହିଦା ଭିତରୁ ।

କିନ୍ତୁ ରୁଷିଆକୁ ଅତିକ୍ରମ କରି ପୋଲାଣ୍ଡର ଶିଳ୍ପର ଯେଉଁ ଦ୍ରୁତ ବିକାଶ ଘଟୁଛି ତାହା ପୋଲିଷ୍ ଜନସାଧାରଣଙ୍କର ଅପରିମେୟ ପ୍ରାଣଶକ୍ତିର ପରିଚୟ ଦିଏ । ଏହି ଶିଳ୍ପ ବିକାଶ ହେଉଛି ପୋଲାଣ୍ଡର ଆସନ୍ନ ଜାତୀୟ ପୁନରୁତ୍‌ଥାନର ନିଶ୍ଚିତ ଓ ନୂତନ ଅଙ୍ଗୀକାର । ଆଉ ଏକ ସ୍ୱାଧୀନ ଓ ଶକ୍ତିଶାଳୀ ପୋଲାଣ୍ଡର ପୁନଃପ୍ରତିଷ୍ଠା କେବଳ ପୋଲାଣ୍ଡ ଜନସାଧାରଣଙ୍କର ବ୍ୟାପାର ନୁହେଁ, ଏହା ସହିତ ଆମ୍ଭେମାନେ ମଧ୍ୟ ଘନିଷ୍ଠ ଭାବେ ସଂପୃକ୍ତ । ୟୁରୋପର ସବୁ ଜାତିର ଆନ୍ତରିକ ଆନ୍ତର୍ଜାତିକ ସହଯୋଗିତା କେବଳ ସମ୍ଭବ ହେବ ଯଦି ପ୍ରତ୍ୟେକ ଜାତି ନିଜ ନିଜ ଅଞ୍ଚଳରେ ସ୍ୱାଧୀନ ହୋଇ ରହି ପାରିବେ । ୧୮୪୮ରେ ଯେଉଁ ବିପ୍ଳବ ହେଲା, ଯାହା କି ସର୍ବହରାର ନିଶାଣ ତଳେ ହେଲା, ସେଥିରେ ଅବଶ୍ୟ ସର୍ବହରା ଶ୍ରେଣୀର ଯୋଦ୍ଧାମାନଙ୍କୁ ବୁର୍ଜୁଆ ଶ୍ରେଣୀର କାମ କେବଳ ତୁଲାଇବାକୁ ପଡ଼ିଥିଲା । ତଥାପି ଏହି ବିପ୍ଳବ ଫଳରେ ଇଟାଲୀ, ଜର୍ମାନୀ ଓ ହଙ୍ଗେରୀ ବିପ୍ଳବର ସମ୍ପାଦନକାରୀ ଲୁଇ ବୋନାପାର୍ଟ ଓ ବିସ୍‌ମାର୍କଙ୍କ [୨୧] ଜରିଆରେ ସ୍ୱାଧୀନତା ଲାଭ କରି ପାରିଲା । ଅଥଚ ଯେଉଁ ପୋଲାଣ୍ଡ ୧୭୯୨ଠାରୁ ଏହି ତିନି ଦେଶର ସମ୍ମିଳିତ ଅବଦାନ ଅପେକ୍ଷା ବିପ୍ଳବକୁ ଯଥେଷ୍ଟ ବେଶୀ ଦାନ କରି ଆସିଛି ସେହି ପୋଲାଣ୍ଡ ଯେତେବେଳେ ୧୮୬୩ରେ ସ୍ୱାଧୀନତା ପାଇବା ପାଇଁ ଉଦ୍ୟମ କଲା ସେତେବେଳେ ତାକୁ କେହି ସାହାଯ୍ୟ କଲେ ନାହିଁ । ଫଳରେ ତା'ଠାରୁ ଦଶଗୁଣ ଶକ୍ତିଶାଳୀ ରୁଷିଆର ସାମରିକ ଶକ୍ତି ନିକଟରେ [୨୨] ତାକୁ ପରାଜୟ ସ୍ୱୀକାର କରିବାକୁ ପଡ଼ିଲା । ପୋଲାଣ୍ଡର ସାମନ୍ତ ସଂପ୍ରଦାୟ ନିଜ ଦେଶର ସ୍ୱାଧୀନତାକୁ ବଜାୟ ରଖି ପାରିଲା ନାହିଁ କି ସ୍ୱାଧୀନତାର ପୁନଃପ୍ରତିଷ୍ଠା କରି ପାରିଲା ନାହିଁ । ଆଜି କିନ୍ତୁ ପୋଲାଣ୍ଡର ବୁର୍ଜୁଆ

ଶ୍ରେଣୀ ପକ୍ଷରେ ଏହି ସ୍ୱାଧୀନତା ଏକାନ୍ତ ଅର୍ଥହୀନ ହୋଇ ପଡ଼ିଛି । ତଥାପି, ୟୁରୋପୀୟ ଜାତିସମୂହର ଶାନ୍ତିପୂର୍ଣ୍ଣ ସହଯୋଗିତା ଲାଗି ପୋଲାଣ୍ଡ ସ୍ୱାଧୀନ ହେବା ଏକାନ୍ତ ପ୍ରୟୋଜନ । ପୋଲାଣ୍ଡର ତରୁଣ ସର୍ବହରା ଶ୍ରେଣୀ ଦ୍ୱାରହିଁ ଏହି ସ୍ୱାଧୀନତା ହାସଲ ହୋଇ ପାରିବ ଏବଂ ତା'ରି ହାତରେ ହିଁ ତାହା ସୁଦୃଢ଼ ହୋଇ ରହି ପାରିବ । କାରଣ ପୋଲାଣ୍ଡର ଶ୍ରମିକ ଶ୍ରେଣୀ ପାଇଁ ପୋଲାଣ୍ଡର ସ୍ୱାଧୀନତା ଯେତିକି ପ୍ରୟୋଜନ, ୟୁରୋପର ଶ୍ରମିକମାନଙ୍କ ପାଇଁ ମଧ୍ୟ ତାହା ସେତିକି ପ୍ରୟୋଜନ ।

ଏଫ୍. ଏଙ୍ଗେଲସ୍

ଲଣ୍ଡନ, ଫେବୃଆରୀ ୧୦, ୧୮୯୨

# ୧୮୯୩ ଖ୍ରୀଷ୍ଟାବ୍ଦରେ ପ୍ରକାଶିତ ଇଟାଲୀୟ୍ ସଂସ୍କରଣର ଭୂମିକା

## (ଇଟାଲୀୟ ପାଠକମାନଙ୍କ ଉଦ୍ଦେଶ୍ୟରେ)

"କମ୍ୟୁନିଷ୍ଟ ପାର୍ଟିର ଇସ୍ତାହାର" ଯେଉଁଦିନ ପ୍ରକାଶିତ ହେଲା ଠିକ୍ ସେହିଦିନ, ଅର୍ଥାତ୍ ୧୮୪୮ ଖ୍ରୀଷ୍ଟାବ୍ଦ ମାର୍ଚ୍ଚ ୧୮ ତାରିଖ ଦିନ ମିଲାନ୍ ଓ ବର୍ଲିନ୍ ସହରରେ ବିପ୍ଳବ ଆରମ୍ଭ ହେଲା । ଏହି ବିପ୍ଳବ ହେଉଛି କେନ୍ଦ୍ର ସ୍ଥଳରେ ଅବସ୍ଥିତ ଦୁଇଟି ଜାତିର ସଶସ୍ତ୍ର ଅଭ୍ୟୁତ୍‌ଥାନ— ଗୋଟିଏ ଜାତି ୟୁରୋପ ମହାଦେଶର କେନ୍ଦ୍ରରେ ଏବଂ ଅନ୍ୟଟି ଭୂମଧ୍ୟସାଗର ଅଞ୍ଚଳର କେନ୍ଦ୍ର ସ୍ଥଳରେ ଅବସ୍ଥିତ । ଏ ପର୍ଯ୍ୟନ୍ତ ଏହି ଦୁଇଟି ଜାତି ଆଭ୍ୟନ୍ତରୀଣ କଳହ ଓ ବିଭେଦ ଯୋଗୁଁ ଦୁର୍ବଳ ହୋଇ ବିଦେଶୀ ଆଧିପତ୍ୟର ଶିକାର ହୋଇ ପଡ଼ିଥିଲେ । ଇଟାଲୀ ରହିଥିଲା ଅଷ୍ଟ୍ରିଆ ସମ୍ରାଟର ଅଧିନସ୍ଥ ହୋଇ, ଆଉ ଜର୍ମାନୀ ଥିଲା ରୁଷିଆର ଜାର୍‌ର ପଦାନତ । ଜର୍ମାନୀର ଏହି ପରାଧୀନତା ପ୍ରତ୍ୟକ୍ଷ ନ ହେଲେ ମଧ୍ୟ ତା'ର କଠୋରତା କିଛି କମ୍ ନ ଥିଲା । କିନ୍ତୁ ୧୮୪୮ ଖ୍ରୀଷ୍ଟାବ୍ଦ ମାର୍ଚ୍ଚ ୧୮ ତାରିଖର ବିପ୍ଳବ ଫଳରେ ଇଟାଲୀ ଓ ଜର୍ମାନୀ ଏହି ପରାଧୀନତାର ଗ୍ଳାନିରୁ ମୁକ୍ତି ଲାଭ କଲେ । ତା' ପରେ ୧୮୪୮ ଠାରୁ ୧୮୭୧ ମଧ୍ୟରେ ଏହି ଦୁଇଟି ବିରାଟ ଜାତି ନିଜକୁ ପୁନଃ ସଂଗଠିତ କରି ନିଜ ଗୋଡ଼ରେ ଠିଆ ହେବାକୁ ସକ୍ଷମ ହେଲେ । ଏହା ସମ୍ଭବ ହୋଇ ପାରିଲା, କାରଣ, ମାର୍କ୍‌ସଙ୍କ କହିବା ଅନୁଯାୟୀ, ଯେଉଁମାନେ ୧୮୪୮ର ବିପ୍ଳବକୁ ଦମନ କରିଥିଲେ ସେମାନଙ୍କୁ ହିଁ ନିଜର ଇଚ୍ଛା ଓ ପ୍ରବୃତ୍ତି ବିରୁଦ୍ଧରେ ଏହି ବିପ୍ଳବର ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବାକୁ ପଡ଼ିଲା ।

ସେତେବେଳେ ଏହି ବିପ୍ଳବ ଯେଉଁଠି ଯେଉଁଠି ସଂଘଟିତ ହୋଇଥିଲା ସବୁଠାରେ ଶ୍ରମିକ ଶ୍ରେଣୀ ହିଁ ଥିଲା ବିପ୍ଳବର କର୍ତ୍ତା । ଏହି ଶ୍ରମିକ ଶ୍ରେଣୀହିଁ ରାଜପଥରେ ବ୍ୟାରିକେଡ୍ ଗଢ଼ିଥିଲା, ଜୀବନର ଶେଷ ରକ୍ତବିନ୍ଦୁ ଦେଇ ବିପ୍ଳବ ପାଇଁ ଲଢ଼ିଥିଲା । କିନ୍ତୁ କେବଳ ପ୍ୟାରୀସ୍ ନଗରୀର ଶ୍ରମିକମାନେହିଁ ସରକାରକୁ ଗାଦିଚ୍ୟୁତ କଲାବେଳେ ବୁର୍ଜୁଆ ଶାସନ ବ୍ୟବସ୍ଥାକୁ ସଂପୂର୍ଣ୍ଣରୂପେ ଉଚ୍ଛେଦ କରିବାର ସୁନିର୍ଦ୍ଦିଷ୍ଟ ଲକ୍ଷ୍ୟ ନେଇ ଲଢ଼ିଥିଲେ । ବୁର୍ଜୁଆ ଶ୍ରେଣୀ ଓ ଶ୍ରମିକ ଶ୍ରେଣୀ ମଧ୍ୟରେ ଯେଉଁ ମାରାତ୍ମକ ଦ୍ୱନ୍ଦ୍ୱ ଥିଲା ସେ ସମ୍ପର୍କରେ ଶ୍ରମିକ ଶ୍ରେଣୀ ସେତେବେଳେ

ସଂପୂର୍ଣ୍ଣ ସଚେତନ ହୋଇଥିଲେ ମଧ୍ୟ ଦେଶର ଅର୍ଥନୈତିକ ଅଗ୍ରଗତି କିମ୍ବା ଫରାସୀ ଶ୍ରମିକ ଶ୍ରେଣୀର ମାନସିକ ବିକାଶ ଏପରି ଉନ୍ନତ ସ୍ତରକୁ ଆସି ନଥିଲା ଯେଉଁଥିରେ କି ଦେଶର ସାମାଜିକ ପୁନଃସଂଗଠନ ସମ୍ଭବ ହୋଇପାରିଥାନ୍ତା । ସୁତରାଂ, ଏସବୁ ବିଷୟ ବିଚାର କଲେ ବୁଝାଯିବ ଯେ ବିପ୍ଳବର ସମସ୍ତ ଲାଭ କେବଳ ପୁଞ୍ଜିପତି ଶ୍ରେଣୀର ଭାଗରେ ପଡ଼ିଲା । ଅନ୍ୟାନ୍ୟ ଦେଶରେ ଯଥା : ଇଟାଲୀ, ଜର୍ମାନୀ ଓ ଅଷ୍ଟ୍ରିଆରେ ମୂଳରୁ ବୁର୍ଜୁଆ ଶ୍ରେଣୀକୁ କ୍ଷମତାରେ ଅଧିଷ୍ଠିତ କରାଇ ଦେବା ବ୍ୟତୀତ ଶ୍ରମିକମାନେ ଆଉ କିଛି କରି ପାରି ନ ଥିଲେ । କିନ୍ତୁ ଯେ କୌଣସି ଦେଶରେ ହେଲେ ମଧ୍ୟ ଜାତୀୟ ସ୍ୱାଧୀନତା ବିନା ବୁର୍ଜୁଆ ଶ୍ରେଣୀର ଶାସନ କାଏମ ହେବା ସମ୍ଭବ ନୁହଁ । ଅତଏବ, ୧୮୪୮ର ବିପ୍ଳବ ଫଳରେ ଯେଉଁସବୁ ଦେଶ ସେ ପର୍ଯ୍ୟନ୍ତ ଏକତା ଓ ସ୍ୱାତନ୍ତ୍ର୍ୟ ପାଇ ନ ଥିଲେ ସେମାନେ ତାହା ଲାଭ କଲେ । ଏହି ଦେଶଗୁଡ଼ିକ ହେଉଛି— ଇଟାଲୀ, ଜର୍ମାନୀ ଓ ହଙ୍ଗେରୀ । ପୋଲାଣ୍ଡର ପାଳି ମଧ୍ୟ ପରେ ପଡ଼ିବ ।

ସୁତରାଂ, ୧୮୪୮ର ବିପ୍ଳବ ଯଦିଓ ସମାଜବାଦୀ ବିପ୍ଳବ ନୁହଁ ତଥାପି ତାହା ସମାଜବାଦୀ ବିପ୍ଳବ ଲାଗି ପଥ ଉନ୍ମୁକ୍ତ କରିଦେଲା ଓ କ୍ଷେତ୍ର ପ୍ରସ୍ତୁତ କରିଦେଲା । ସବୁ ଦେଶରେ ବୃହତ୍ ଶିଳ୍ପର ବିକାଶ ଲାଗି ଯେଉଁ ଉଦ୍ୟମ ଆରମ୍ଭ ହେଲା ତା'ରି ଜରିଆରେ ବୁର୍ଜୁଆ ଶାସନ ଅମଳରେ ଗତ ୪୫ ବର୍ଷ ମଧ୍ୟରେ ସବୁଠାରେ ଏକ କେନ୍ଦ୍ରୀଭୂତ, ଶକ୍ତିଶାଳୀ ଓ ସଂଖ୍ୟାବହୁଳ ସର୍ବହରା ଶ୍ରେଣୀ ସୃଷ୍ଟି ହେଲା । ତେଣୁ "ଇସ୍ତାହାର"ର ଭାଷାରେ କହିବାକୁ ଗଲେ ବୁର୍ଜୁଆ ଶ୍ରେଣୀ ନିଜେ ତା'ର କବର ଖନନକାରୀମାନଙ୍କୁ ସୃଷ୍ଟି କଲା । ପ୍ରତ୍ୟେକ ଜାତିର ଏକତା ଓ ସ୍ୱାତନ୍ତ୍ର୍ୟ ପୁନଃପ୍ରତିଷ୍ଠା କରି ନ ପାରିଲେ ସର୍ବହରା ଶ୍ରେଣୀର ଆନ୍ତର୍ଜାତିକ ସଂହତି କିମ୍ବା ସାଧାରଣ ଲକ୍ଷ୍ୟ ସାଧନ ଦିଗରେ ଏ ସବୁ ଜାତିର ବିଜ୍ଞ ଓ ଶାନ୍ତିପୂର୍ଣ୍ଣ ସହଯୋଗ ପ୍ରତିଷ୍ଠା କରିବା ଅସମ୍ଭବ । ୧୮୪୮ ପୂର୍ବରୁ ରାଜନୈତିକ ବ୍ୟବସ୍ଥା ଯାହା ଥିଲା ସେଥିରେ ଇଟାଲୀ, ହଙ୍ଗେରୀ, ଜର୍ମାନୀ, ପୋଲାଣ୍ଡ ଓ ରୁଷିଆର ଶ୍ରମିକମାନଙ୍କ ମଧ୍ୟରେ ସମ୍ମିଳିତ ଆନ୍ତର୍ଜାତିକ କାର୍ଯ୍ୟାନୁଷ୍ଠାନ କରିବା ଯେ କି କଠିନ ବ୍ୟାପାର, ତା ସହଜେ ଅନୁମେୟ ।

ତେଣୁ ୧୮୪୮ରେ ଯେଉଁ ସଂଗ୍ରାମ ହେଲା ତାହା ବ୍ୟର୍ଥ ହୋଇ ଯାଇ ନାହିଁ । କିମ୍ବା ସେହି ବିପ୍ଳବର ଯୁଗଠାରୁ ଇତିମଧ୍ୟରେ ଯେଉଁ ୪୫ଟି ବର୍ଷ ଅତୀତ ହୋଇଯାଇଛି ତାହା ଅର୍ଥହୀନ ହୋଇ ଯାଇନାହିଁ ।

ତା'ର ଫଳ ପରିପକ୍ୱ ହୋଇ ଉଠୁଛି । "କମ୍ୟୁନିଷ୍ଟ ଇସ୍ତାହାର"ର ପ୍ରଥମ ପ୍ରକାଶନ ବିଶ୍ୱବିପ୍ଳବକୁ ଯେପରି ସାହାଯ୍ୟ କରିଥିଲା ସେହିପରି ଇଟାଲୀୟ ଭାଷାରେ ଅନୂଦିତ ଏହି ସଂସ୍କରଣଟି ଇଟାଲୀୟ ସର୍ବହରା ଶ୍ରେଣୀର ବିଜୟ ହାସଲ ଦିଗରେ ସାହାଯ୍ୟ କରିବ ଏହାହିଁ ମୋର ଐକାନ୍ତିକ କାମନା ।

ଅତୀତରେ ପୁଞ୍ଜିବାଦର ଯେଉଁ ବିପ୍ଳବୀ ଭୂମିକା ଥିଲା ତାହା ଏହି "ଇସ୍ତାହାର"ରେ ପୂର୍ଣ୍ଣଭାବେ ସ୍ୱୀକୃତ ହୋଇଛି । ପୃଥିବୀର ପ୍ରଥମ ପୁଞ୍ଜିବାଦୀ ଦେଶ ହେଉଛି ଇଟାଲୀ । ମଧ୍ୟଯୁଗର ଅନ୍ତିମ ପର୍ଯ୍ୟାୟରେ ଏବଂ ଆଧୁନିକ ପୁଞ୍ଜିବାଦୀ ଯୁଗର ପ୍ରାରମ୍ଭରେ ଜଣେ ମହାନ୍ ମନୀଷୀଙ୍କର ଆବିର୍ଭାବ ଘଟିଥିଲା । ଏହି ଯୁଗଜନ୍ମା ହେଉଛନ୍ତି ଜଣେ ଇଟାଲୀୟ— ତାଙ୍କ ନାମ ଦାନ୍ତେ । ସେ ହେଉଛନ୍ତି ମଧ୍ୟଯୁଗର ଶେଷ କବି ଆଉ ଆଧୁନିକ ଯୁଗର ପ୍ରଥମ କବି । ସେହି ୧୩୦୦ ଖ୍ରୀଷ୍ଟାବ୍ଦ ପରି ଆଜି ମଧ୍ୟ ଆଉ ଏକ ନୂତନ ଐତିହାସିକ ଯୁଗ ଆସନ୍ନ । ଆଜି କ'ଣ ଇଟାଲୀ ପୁଣି ଜଣେ ନୂତନ ଦାନ୍ତେଙ୍କୁ ଜନ୍ମ ଦେବ ଯେ କି ଏହି ନୂତନ ସର୍ବହରା ଯୁଗର ଜନ୍ମ ମୁହୂର୍ତ୍ତର ଅଗ୍ରଦୂତ ହେବେ ?

ଫ୍ରେଡେରିକ୍ ଏଙ୍ଗେଲସ୍

ଲଣ୍ଡନ, ଫେବୃଆରୀ ୧, ୧୮୯୩

# କମ୍ୟୁନିଷ୍ଟ ପାର୍ଟିର ଇସ୍ତାହାର

ୟୁରୋପ ମହାଦେଶକୁ ଆଜି ଏକ ଭୂତର ଭୟ ଗ୍ରାସ କରିଛି— କମ୍ୟୁନିଜମ୍ ଭୂତର ଭୟ । ଏହି ଭୂତ ଭୟ ଛଡ଼ାଇବା ଲାଗି ପ୍ରାଚୀନ ୟୁରୋପର ସବୁ ଶକ୍ତି—ପୋପ୍ ଆଉ ଜାର୍, ମେଟରନିକ୍ ଆଉ ଗ୍ୟୁଜୋ [୨୩], ଫରାସୀ ଚରମପନ୍ଥୀ ଆଉ ଜର୍ମାନ୍ ପୁଲିସ୍ ଗୁଇନ୍ଦା, ସମସ୍ତେ ଆଜି ଏକାଠି ହୋଇ ଗୋଟିଏ ପବିତ୍ର ମେଣ୍ଟ ବାନ୍ଧିଛନ୍ତି ।

ଆଜି ଏପରି କୌଣସି ବିରୋଧୀ ଦଳ ଅଛି ଯେ କି କ୍ଷମତାରୂଢ଼ ତା'ର ବିପକ୍ଷ ଦଳମାନଙ୍କ ଦ୍ୱାରା କମ୍ୟୁନିଷ୍ଟ ବୋଲି ନିନ୍ଦିତ ହୋଇନାହିଁ ? ଏପରି କୌଣସି ବିରୋଧୀ ଦଳ ଅଛି ଯେ କି ଅପେକ୍ଷାକୃତ ଅଧିକ ପ୍ରଗତିଶୀଳ ବିରୋଧୀ ଦଳକୁ ଏବଂ ନିଜର ପ୍ରତିକ୍ରିୟାଶୀଳ ଶତ୍ରୁମାନଙ୍କୁ ମଧ୍ୟ ଓଲଟି କମ୍ୟୁନିଷ୍ଟ ଆଖ୍ୟା ଦେଇ ନିନ୍ଦା କରିବାକୁ ଛାଡ଼ିନାହିଁ ?

ଏଥିରୁ ଦୁଇଟି କଥା ପ୍ରତିପନ୍ନ ହୁଏ :

୧. ସମସ୍ତ ୟୁରୋପୀୟ ଶକ୍ତିଙ୍କ ଦ୍ୱାରା ଆଜି କମ୍ୟୁନିଜମ୍ ଗୋଟିଏ ଶକ୍ତି ହିସାବରେ ସ୍ୱୀକୃତ ହୋଇସାରିଛି ।

୨. ବର୍ତ୍ତମାନ କମ୍ୟୁନିଷ୍ଟମାନେ ସାରା ଦୁନିଆ ଆଗରେ ସେମାନଙ୍କର ମତାମତ, ସେମାନଙ୍କର ଲକ୍ଷ୍ୟ, ସେମାନଙ୍କର କାର୍ଯ୍ୟପଦ୍ଧତି ପ୍ରକାଶ୍ୟ ଭାବେ ଘୋଷଣା କରି ନିଜ ପାର୍ଟିର ଏକ ଇସ୍ତାହାର ଦ୍ୱାରା କମ୍ୟୁନିଷ୍ଟ ଭୂତ ଭୟର ଯେଉଁ ପିଲାଖେଳା କାହାଣୀ ପ୍ରଚାର କରାଯାଉଛି ତା'ର ସମୁଚିତ ଜବାବ ଦେବାର ବେଳ ଆସିଯାଇଛି ।

ଏହି ଉଦ୍ଦେଶ୍ୟ ଘେନି ବିଭିନ୍ନ ଜାତିର କମ୍ୟୁନିଷ୍ଟମାନେ ଲଣ୍ଡନଠାରେ ସମବେତ ହୋଇଛନ୍ତି ଏବଂ ନିମ୍ନଲିଖିତ "ଇସ୍ତାହାର"ଟି ଚିଠା କରିଛନ୍ତି । ଏହାକୁ ଇଂରାଜୀ, ଫରାସୀ, ଜର୍ମାନ୍, ଇଟାଲୀୟ, ଫ୍ଲେମିଶ୍ ଓ ଡେନିଶ୍ ଭାଷାରେ ପ୍ରକାଶ କରାଯିବ ।

# Manifest

der

# Kommunistischen Partei.

Veröffentlicht im Februar 1848.

Proletarier aller Länder vereinigt euch.

**London.**

Gedruckt in der Office der „Bildungs-Gesellschaft für Arbeiter"

von J. E. Burghard

46, Liverpool Street, Bishopsgate

ପ୍ରଥମ ପରିଚ୍ଛେଦ

# ବୁର୍ଜୁଆ ଶ୍ରେଣୀ ଓ ସର୍ବହରା ଶ୍ରେଣୀ *

ଏପର୍ଯ୍ୟନ୍ତ ଧରାପୃଷ୍ଠରେ ଯେଉଁସବୁ ମାନବ ସମାଜ * ତିଷ୍ଠି ଆସିଛି ସେ ସବୁ ସମାଜର ଇତିହାସ ହେଉଛି ଶ୍ରେଣୀ ସଂଗ୍ରାମର ଇତିହାସ ।

---

* ବୁର୍ଜୁଆ ଶ୍ରେଣୀ ଅର୍ଥ ଆଧୁନିକ ପୁଞ୍ଜିପତି ଶ୍ରେଣୀ, ଯେ କି ସାମାଜିକ ଉତ୍ପାଦନର ବିଭିନ୍ନ ଉପକରଣର ଅଧିକାରୀ ଏବଂ ମଜୁରିଗ୍ରାହୀ ଶ୍ରମିକମାନଙ୍କର ମାଲିକ । ସର୍ବହରା ଶ୍ରେଣୀ ଅର୍ଥ ଆଧୁନିକ ମଜୁରିଗ୍ରାହୀ ଶ୍ରମିକ ଶ୍ରେଣୀ । ଉତ୍ପାଦନର କୌଣସି ଉପକରଣ ଏମାନଙ୍କ ହାତରେ ନ ଥିବାରୁ ବଞ୍ଚିରହିବା ଲାଗି ଏମାନେ ନିଜର ଶ୍ରମଶକ୍ତିକୁ ବିକ୍ରୟ କରିବା ଲାଗି ବାଧ୍ୟ ହୋଇଥାନ୍ତି । (୧୮୮୮ରେ ପ୍ରକାଶିତ ଇଂରାଜୀ ସଂସ୍କରଣରେ ଏଙ୍ଗେଲସ୍‌ଙ୍କ ଟିପ୍‌ପଣୀ)

* ଏଠାରେ ଇତିହାସ ଅର୍ଥ ସମସ୍ତ **ଲିଖିତ** ଇତିହାସ କେବଳ । ୧୮୪୭ ବେଳକୁ ମଣିଷ ସମାଜର ପ୍ରାଗୈତିହାସିକ କଥା କିମ୍ବା ଲିଖିତ ଇତିହାସ ପୂର୍ବରୁ ସାମାଜିକ ସଂଗଠନର ଅବସ୍ଥା କିପରି ଥିଲା ସେ ସମ୍ପର୍କରେ କୌଣସି ତଥ୍ୟ ଜଣାଯାଇ ନଥିଲା । ରୁଷିଆରେ ସର୍ବସାଧାରଣଙ୍କ ମାଲିକାନାରେ ସମସ୍ତ ଭୂସମ୍ପତ୍ତି ରହିଥିବା କଥା ୧୮୪୭ ପରେ ଯାଇ ହ୍ୟାକ୍‌ସ୍‌ଥାଉସେନ୍ [୨୪] ଆବିଷ୍କାର କଲେ । ତା' ପରେ ମୌରେର୍ [୨୫] ପ୍ରମାଣ କଲେ ଯେ ଏହି ଯୌଥ ଭୂସ୍ୱତ୍ୱାଧିକାର ହେଉଛି ସବୁ ଟ୍ୟୁଟନିକ ଜାତିମାନଙ୍କର ଆଦିମ ସାମାଜିକ ଭିତ୍ତି । ତା' ପରେ କାଳକ୍ରମେ ଜଣାଗଲା ଯେ ଏହି ଧରଣର ଗ୍ରାମ୍ୟଗୋଷ୍ଠୀ ହିଁ ଭାରତଠାରୁ ଆରମ୍ଭ

ସ୍ୱାଧୀନ ନାଗରିକ ଓ କ୍ରୀତଦାସ, ସଂଭ୍ରାନ୍ତ ସଂପ୍ରଦାୟ ଓ ଇତର ସାଧାରଣ, ସାମନ୍ତ ଭୂସ୍ୱାମୀ ଓ ଭୂଦାସ, ବାଣିଜ୍ୟ ସଂଘର କର୍ତ୍ତା * ଓ ଫେରିବାଲା, ଗୋଟାଏ କଥାରେ ଅତ୍ୟାଚାରୀ ଓ ଅତ୍ୟାଚାରିତ ଏ ଦିହେଁ ପରସ୍ପର ବିରୁଦ୍ଧରେ ଠିଆ ହୋଇ ଆସିଛନ୍ତି । ନିରବଚ୍ଛିନ୍ନ ଭାବେ ଚାଲିଆସିଛି ଏମାନଙ୍କର ସଂଗ୍ରାମ, କେତେବେଳେ ପ୍ରଚ୍ଛନ୍ନରେ ତ କେତେବେଳେ ପ୍ରକାଶ୍ୟରେ । ପ୍ରତିଟି ସଂଗ୍ରାମର ପରିସମାପ୍ତି, କିନ୍ତୁ, ଘଟିଛି ହୁଏତ ସମଗ୍ର ସମାଜର ବୈପ୍ଳବିକ ପୁନର୍ଗଠନରେ ନତୁବା ସଂଗ୍ରାମରତ ଶ୍ରେଣୀମାନଙ୍କର ସାମୂହିକ ଧ୍ୱଂସରେ ।

ଇତିହାସର ପହିଲି ପହିଲି ଯୁଗଗୁଡ଼ିକରେ ପ୍ରାୟ ସର୍ବତ୍ର ସମାଜ ଅତି ଜଟିଳ ରୀତିରେ ନାନା ଶ୍ରେଣୀରେ ବିଭକ୍ତ ହୋଇ ରହିଥିବାର, ଅଗଣିତ ସାମାଜିକ ସ୍ତରଭେଦ ଥିବାର ଆମେ ଦେଖିବାକୁ ପାଉଁ । ପ୍ରାଚୀନ ରୋମ୍‌ରେ ଆମେ ଦେଖୁଁ ସଂଭ୍ରାନ୍ତ ସଂପ୍ରଦାୟ, ସାମନ୍ତ ଯୋଦ୍ଧା, ଇତର ଜନସାଧାରଣ ଆଉ କ୍ରୀତଦାସ । ମଧ୍ୟଯୁଗରେ ଦେଖୁ ସାମନ୍ତ ରାଜା, ଅଧୀନସ୍ଥ ପ୍ରଜା, ବାଣିଜ୍ୟ ସଂଘର କର୍ତ୍ତା, ଫେରିବାଲା, ଶିକ୍ଷାନବିସ

---

କରି ଆୟର୍ଲାଣ୍ଡ ପର୍ଯ୍ୟନ୍ତ ସବୁ ଦେଶର ମାନବ ସମାଜର ଆଦିମ ରୂପ ହୋଇ ରହିଥିଲା । ଏହି ଆଦିମ ସାମ୍ୟବାଦୀ ସମାଜର ଆଭ୍ୟନ୍ତରୀଣ ସଂଗଠନ ଓ ତା'ର ସୁନିର୍ଦ୍ଦିଷ୍ଟ ରୂପ କ'ଣ ଥିଲା ତାହା ପରେ ସ୍ପଷ୍ଟଭାବେ ଜଣାଗଲା ଯେତେବେଳେ ମୋର୍ଗାନ୍ [୨୬] ଆବିଷ୍କାର କଲେ **ଗୋଷ୍ଠୀର** ପ୍ରକୃତ ଚରିତ୍ର କ'ଣ ଏବଂ **ଗୋଷ୍ଠୀ** ସହିତ ତା'ର ସମ୍ପର୍କ କ'ଣ । ଏହି ଆଦିମ ଗ୍ରାମ୍ୟଗୋଷ୍ଠୀଗୁଡ଼ିକର ବିଲୋପ ପରେ ସମାଜରେ କ୍ରମେ କ୍ରମେ ଶ୍ରେଣୀପାର୍ଥକ୍ୟ ଦେଖାଗଲା ଏବଂ ଅବଶେଷରେ ସମାଜରେ ପରସ୍ପରବିରୋଧୀ ଶ୍ରେଣୀସବୁ ଦେଖାଗଲା । ମୋର ***Der Ursprung der Familie, des Privateigentums und des Staats*** (ପରିବାର, ବ୍ୟକ୍ତିଗତ ସମ୍ପତ୍ତି ଓ ରାଷ୍ଟ୍ରର ଉତ୍ପତ୍ତି) ଶୀର୍ଷକ ଗ୍ରନ୍ଥରେ ଏହି ଆଦିମ ସମାଜର ବିଲୋପ କଥା ମୁଁ ଉଲ୍ଲେଖ କରିଛି । **(୧୮୮୮ରେ ପ୍ରକାଶିତ ଇଂରାଜୀ ସଂସ୍କରଣରେ ଏଙ୍ଗେଲସ୍‌ଙ୍କ ଟିପ୍ପଣୀ)**

* ବାଣିଜ୍ୟ ସଙ୍ଘର କର୍ତ୍ତା ଅର୍ଥ ଉକ୍ତ ସଙ୍ଘର ପୂର୍ଣ୍ଣାଙ୍ଗ ସଭ୍ୟ ଥିବା ପରିଚାଳନାକାରୀ କର୍ତ୍ତା । ସେ ଉକ୍ତ ସଙ୍ଘର ଆଭ୍ୟନ୍ତରୀଣ ସଂଗଠନର କର୍ତ୍ତା, ତା'ର ମାଲିକ ନୁହଁ । **(ଏଙ୍ଗେଲସ୍‌ଙ୍କ ଟିପ୍ପଣୀ—୧୮୮୮ର ଇଂରାଜୀ ସଂସ୍କରଣରେ ପ୍ରଦତ୍ତ)**

କାରିଗର ଆଉ ଭୂଦାସ । ତା' ଛଡ଼ା ଏ ସବୁ ଶ୍ରେଣୀ ଭିତରେ ପୁଣି ତଳକୁ ତଳ ଆହୁରି ବହୁ ବିଭାଗ ଦେଖାଯାଏ ।

ସାମନ୍ତବାଦୀ ସମାଜର ଧ୍ୱଂସସ୍ତୂପ ଭିତରୁ ମୁଣ୍ଡ ଟେକି ଉଠିଥିବା ଆଜିର ଏହି ଆଧୁନିକ ବୁର୍ଜୁଆ ସମାଜ ମଧ୍ୟ ଶ୍ରେଣୀ ବିରୋଧିତାକୁ ଲୋପ କରି ଦେଇ ପାରିନାହିଁ । ପୁରାତନ ଶ୍ରେଣୀ ପରିବର୍ତ୍ତେ ନୂଆ ନୂଆ ଶ୍ରେଣୀକୁ ଏ ସମାଜ ପ୍ରତିଷ୍ଠା କରିଛି, ନିର୍ଯାତନା ଓ ଅତ୍ୟାଚାରର ନୂଆ ନୂଆ ପ୍ରଣାଳୀ ସୃଷ୍ଟି କରିଛି, ସଂଗ୍ରାମର ନୂଆ ନୂଆ ରୂପ ଆଣି ଦେଇଛି ।

କିନ୍ତୁ, ଆମର ଏହି ଯୁଗ, ଏହି ବୁର୍ଜୁଆ ଯୁଗର ଏକ ବିଶେଷତ୍ୱ ରହିଛି । ଏହି ଯୁଗ ଶ୍ରେଣୀ ବିରୋଧିତାକୁ ସରଳ କରି ଦେଇଛି । ସମଗ୍ର ଭାବେ ଦେଖିବାକୁ ଗଲେ ବର୍ତ୍ତମାନର ଏହି ସମାଜ ଦିନକୁ ଦିନ ଦୁଇଟି ବିରାଟ ଶତ୍ରୁ ଶିବିରରେ ବିଭକ୍ତ ହୋଇଯାଉଛି, ପରସ୍ପରର ସମ୍ମୁଖୀନ ହୋଇ ରହିଥିବା ଦୁଇଟି ବଡ଼ ବଡ଼ ଶ୍ରେଣୀରେ ବିଭକ୍ତ ହୋଇ-ଯାଉଛି—ଗୋଟିଏ ହେଉଛି ବୁର୍ଜୁଆ, ଅନ୍ୟଟି ହେଉଛି ସର୍ବହରା ।

ମଧ୍ୟଯୁଗର ଭୂଦାସ ସଂପ୍ରଦାୟ ଭିତରୁ ଜନ୍ମଲାଭ କରିଛି ନୂଆ କରି ଗଢ଼ି ଉଠୁଥିବା ପ୍ରଥମ ସହରର ସନନ୍ଦପ୍ରାପ୍ତ ବଣିକ ଶ୍ରେଣୀ । ଆଉ ଏହି ବଣିକମାନଙ୍କ ଭିତରୁ ଅଙ୍କୁରିତ ହୋଇ ଉଠିଛି ଆଜିର ଏହି ବୁର୍ଜୁଆ ଶ୍ରେଣୀ ।

ଆମେରିକା ଆବିଷ୍କାର ଆଉ ଉତ୍ତମାଶା ଅନ୍ତରୀପ ଦେଇ ଜଳଯାତ୍ରାର ସୁବିଧା ସୃଷ୍ଟି ସଙ୍ଗେ ସଙ୍ଗେ ଉଠନ୍ତ ବୁର୍ଜୁଆ ଶ୍ରେଣୀ ପାଇଁ ନୂଆ ନୂଆ କ୍ଷେତ୍ର ଉନ୍ମୁକ୍ତ ହୋଇଗଲା । ଭାରତ, ଚୀନ ଓ ପ୍ରାଚ୍ୟାଞ୍ଚଳରେ ବଜାରର ପ୍ରସାର, ଆମେରିକାରେ ଉପନିବେଶ ସ୍ଥାପନ, ଉପନିବେଶଗୁଡ଼ିକ ସହ ବାଣିଜ୍ୟ ବ୍ୟବସାୟ ଚଳାଚଳ ଏବଂ ମୋଟାମୋଟି ଭାବେ ପଣ୍ୟଦ୍ରବ୍ୟ ଓ ବିନିମୟ ମୁଦ୍ରାର ଅଭିବୃଦ୍ଧି ଘଟିବା ଦ୍ୱାରା ବାଣିଜ୍ୟ ବ୍ୟବସାୟ, ନୌ ଚଳାଚଳ ଓ ଶିଳ୍ପ କାରଖାନା ଅଭୂତପୂର୍ବ ଭାବେ ବଢ଼ି ଉଠିଲା । ଏହା ଫଳରେ ଧ୍ୱଂସମୁଖୀ ସାମନ୍ତବାଦୀ ସମାଜ ଭିତରେ କ୍ଷିପ୍ରତର ହୋଇ ଉଠିଲା ବିପ୍ଲବୀ ଶକ୍ତିର ବିକାଶ ।

ସାମନ୍ତବାଦୀ ସମାଜର ଶିଳ୍ପ ବ୍ୟବସ୍ଥା, ଯେଉଁଠି କି ଶିଳ୍ପଉତ୍ପାଦନ କେବଳ ରୁଦ୍ଧ ବାଣିଜ୍ୟ ସଙ୍ଘର ଏକଚ୍ଛଟିଆ ପରିସର ଭିତରେ ଆବଦ୍ଧ ହୋଇ ରହିଥିଲା ତାହା ବର୍ତ୍ତମାନ ନୂଆ ନୂଆ ବଜାରର କ୍ରମବର୍ଦ୍ଧମାନ ଚାହିଦା ପୂରଣ କରିବା ପାଇଁ ଯଥେଷ୍ଟ ହେଲା ନାହିଁ । ତେଣୁ ତା

ସ୍ଥାନରେ ଦେଖାଦେଲା ଛୋଟ ଛୋଟ କାରଖାନାରେ ଜିନିଷପତ୍ର ଉତ୍ପାଦନ କରିବାର ବ୍ୟବସ୍ଥା । ବାଣିଜ୍ୟ ସଂଘର ମାଲିକମାନଙ୍କୁ ପଛକୁ ଠେଲି ଦେଇ କାରଖାନା ଉତ୍ପାଦନକାରୀ ମଧ୍ୟବିତ୍ତ ଶ୍ରେଣୀ ଏଥର ଉପରକୁ ଉଠି ଆସିଲା । ସଂଘବଦ୍ଧ ବାଣିଜ୍ୟ ପ୍ରତିଷ୍ଠାନମାନଙ୍କ ଭିତରେ ଆଗେ ଯେଉଁ ଶ୍ରମବିଭାଗ ଥିଲା ତା କୁଆଡ଼େ ଉଭେଇଗଲା । ତା ସ୍ଥାନରେ ଦେଖାଦେଲା ପ୍ରତ୍ୟେକ କାରଖାନାରେ ଅଲଗା ଅଲଗା ଶ୍ରମବିଭାଗର ବ୍ୟବସ୍ଥା ।

ଏଣେ ଚାହିଦା ବଢ଼ି ଚାଲିବାରୁ ବଜାରର ପରିସର ବି ବଢ଼ି ବଢ଼ି ଚାଲିଲା । କାରଖାନା ଉତ୍ପାଦନ ବ୍ୟବସ୍ଥା ବି ଆଉ ଯଥେଷ୍ଟ ହେଲା ନାହିଁ । ତା' ପରେ ବାଷ୍ପୀୟ ଶକ୍ତି ଓ କଳକବ୍ଜାର ଉଦ୍ଭାବନ ଶିଳ୍ପଉତ୍ପାଦନ ବ୍ୟବସ୍ଥାରେ ଏକ ବିରାଟ ବିପ୍ଳବ ଆଣିଦେଲା । ସେ କାଳର କାରଖାନା ଉତ୍ପାଦନ ବ୍ୟବସ୍ଥା ଆଉ ତିଷ୍ଠି ପାରିଲା ନାହିଁ । ତା ସ୍ଥାନ ଦଖଲ କରି ନେଲା ଆଧୁନିକ ଯନ୍ତ୍ରଚାଳିତ ସୁବୃହତ୍ ଶିଳ୍ପ ସଂସ୍ଥା । ମଧ୍ୟବିତ୍ତ ବ୍ୟବସାୟୀ ଶ୍ରେଣୀ ପରିବର୍ତ୍ତେ ମୁଣ୍ଡ ଟେକି ଉଠିଲା କୋଟିପତି ଶିଳ୍ପପତି ସଂପ୍ରଦାୟ— ସୁସଜ୍ଜିତ ଶିଳ୍ପ ବାହିନୀର ଅଧିନାୟକ ଆଧୁନିକ ବୁର୍ଜୁଆ ଶ୍ରେଣୀ ।

ଏହି ଆଧୁନିକ ଶିଳ୍ପ ବ୍ୟବସ୍ଥା ଆଜି ଏକ ବିଶ୍ୱବ୍ୟାପୀ ବଜାର ପ୍ରତିଷ୍ଠା କରି ବସିଛି । ଆମେରିକା ମହାଦେଶର ଆବିଷ୍କାର ଅବଶ୍ୟ ଏଥିପାଇଁ ପଥ ପରିଷ୍କାର କରି ଦେଇଥିଲା । ଏହି ବିଶ୍ୱବଜାର ପ୍ରତିଷ୍ଠା ହେବା ଫଳରେ ବାଣିଜ୍ୟବ୍ୟବସାୟ କଳନାତୀତ ଭାବେ ପ୍ରସାର ଲାଭକଲା ଏବଂ ସ୍ଥଳ ଓ ଜଳ ପଥରେ ଯୋଗାଯୋଗ ବ୍ୟବସ୍ଥାରେ ମଧ୍ୟ ପ୍ରଭୂତ ଉନ୍ନତି ହେଲା । ଅପର ପକ୍ଷରେ ଏ ସବୁ ଉନ୍ନତିର ପ୍ରଭାବ ଶିଳ୍ପ ପ୍ରସାର ଉପରେ ବିଶେଷ ଭାବେ ଦେଖାଦେଲା । ଶିଳ୍ପ, ବାଣିଜ୍ୟ ଓ ନୌଚଳାଚଳ ଯେଉଁ ଅନୁପାତରେ ବଢ଼ିବାକୁ ଲାଗିଲା ସେହି ଅନୁପାତରେ ବୁର୍ଜୁଆ ଶ୍ରେଣୀର ଅଭିବୃଦ୍ଧି ଘଟିଲା । ସେ ତାହାର ପୁଞ୍ଜିକୁ ଯଥେଷ୍ଟ ପରିମାଣରେ ବଢ଼ାଇ ନେଲା ଏବଂ ମଧ୍ୟଯୁଗର ପ୍ରତୀକ ସ୍ୱରୂପ ତିଷ୍ଠି ରହି ଆସିଥିବା ପ୍ରତ୍ୟେକଟି ଶ୍ରେଣୀକୁ ତଳିତଳାନ୍ତ କରିଦେଲା ।

ସୁତରାଂ, ଏଥିରୁ ସ୍ପଷ୍ଟ ପ୍ରତୀୟମାନ ହୁଏ, ଆଧୁନିକ ବୁର୍ଜୁଆ ଶ୍ରେଣୀ କିପରି ଏକ ଦୀର୍ଘକାଳ ବ୍ୟାପୀ ବିକାଶର ଧାର ଭିତର ଦେଇ, ଉତ୍ପାଦନ ଓ ବିନିମୟ ପ୍ରଥାରେ ଅଗଣିତ ବିପ୍ଳବ ଭିତର ଦେଇ ଆତ୍ମପ୍ରକାଶ କରିଛି ।

ବୁର୍ଜୁଆ ଶ୍ରେଣୀର ବିକାଶର ପ୍ରତିଟି ପଦକ୍ଷେପ ସଙ୍ଗେ ସଙ୍ଗେ

ସେହି ଶ୍ରେଣୀର ଅନୁରୂପ ରାଜନୈତିକ ଅଗ୍ରଗତି ମଧ୍ୟ ହୋଇଛି । ଏହି ବୁର୍ଜୁଆ ଶ୍ରେଣୀ ଦିନେ ସାମନ୍ତବାଦୀ ନୃପତିମାନଙ୍କ ଅଧୀନରେ ଏକ ନିର୍ଯ୍ୟାତିତ ଶ୍ରେଣୀ ହୋଇ ରହିଥିଲା । ମଧ୍ୟଯୁଗୀୟ କମ୍ୟୁନ୍ * ଅମଳରେ ସେ ଠିଆ ହେଲା ଏକ ସଶସ୍ତ୍ର ଓ ସ୍ୱାୟତ୍ତଶାସିତ ସଂପ୍ରଦାୟ ରୂପେ । କେଉଁଠିବା ଏକ ସ୍ୱାଧୀନ ନଗରୀୟ ରିପାବ୍ଲିକ ଭାବେ (ଯେପରି ଇଟାଲୀ ଓ ଜର୍ମାନୀରେ) ଆଉ କେଉଁଠିବା ରାଜତନ୍ତ୍ର ଅଧୀନରେ ଏକ କରଭାରଗ୍ରସ୍ତ "ତୃତୀୟ ଶ୍ରେଣୀ" ରୂପେ (ଯେପରି ଫ୍ରାନ୍ସରେ), ତା' ପରେ ଛୋଟ ଛୋଟ କଳକାରଖାନା ଯୁଗରେ ସାମନ୍ତ ଶ୍ରେଣୀର ବିରୋଧୀ ଶକ୍ତି ହିସାବରେ ଅର୍ଦ୍ଧସାମନ୍ତବାଦୀ ରାଜତନ୍ତ୍ର ବା ସ୍ୱେଚ୍ଛାଚାରୀ ରାଜତନ୍ତ୍ରର ସେବକ ରୂପେ ସେ ଦେଖାଦେଲା । କିନ୍ତୁ ପ୍ରକୃତରେ ଦେଖିବାକୁ ଗଲେ ସେ ବିଭିନ୍ନ ରାଜତନ୍ତ୍ରର ବିଶାଳ ସାମ୍ରାଜ୍ୟର ମୂଳ ଭିତ୍ତି ହୋଇ ରହିଥିଲା । କିନ୍ତୁ ଅବଶେଷରେ ଆଧୁନିକ ଶିଳ୍ପର ପ୍ରତିଷ୍ଠା ଓ ବିଶ୍ୱବ୍ୟାପୀ ବଜାରର ପ୍ରସାର ପରଠାରୁ ଏହି ବୁର୍ଜୁଆ ଶ୍ରେଣୀ ଆଧୁନିକ ପ୍ରତିନିଧିମୂଳକ ରାଷ୍ଟ୍ରରେ ନିଜକୁ ଅଖଣ୍ଡ କ୍ଷମତାର ଅଧିକାରୀ କରି ଠିଆ ହୋଇ ପାରିଛି । ଆଜିର

---

* ଫ୍ରାନ୍ସରେ ସେତେବେଳେ ପ୍ରଥମ କରି ଯେଉଁସବୁ ସହର ମୁଣ୍ଡ ଟେକି ଉଠିଲା ସେଗୁଡ଼ିକୁ "କମ୍ୟୁନ୍" ବୋଲି କୁହାଯାଉଥିଲା । ତତ୍କାଳୀନ ସାମନ୍ତବାଦୀ ଭୂସ୍ୱାମୀ ଓ ପ୍ରଭୁମାନଙ୍କ ନିକଟରୁ ସ୍ୱାୟତ୍ତଶାସନ ଅଧିକାର ଓ "ତୃତୀୟ ସଂପ୍ରଦାୟ" ହିସାବରେ ରାଜନୈତିକ ଅଧିକାର ହାସଲ କରିବା ପୂର୍ବରୁ ମଧ୍ୟ ଏହି ନୂଆ ନୂଆ ସହରଗୁଡ଼ିକୁ "କମ୍ୟୁନ୍" ଆଖ୍ୟା ଦିଆଯାଇଥିଲା । ମୋଟାମୋଟି ଭାବେ ଏଠାରେ ବୁର୍ଜୁଆ ଶ୍ରେଣୀର ଅର୍ଥନୈତିକ ବିକାଶର ଧାରା ଦର୍ଶାଇବା ଲାଗି ଇଂଲଣ୍ଡକୁ ଏକ ଆଦର୍ଶ ଦୃଷ୍ଟାନ୍ତ ସ୍ୱରୂପ ଗ୍ରହଣ କରାଯାଇଛି ଏବଂ ତା'ର ରାଜନୈତିକ ବିକାଶର ଧାରା ଦର୍ଶାଇବା ପାଇଁ ଫ୍ରାନ୍ସକୁ ଏକ ଆଦର୍ଶ ଦୃଷ୍ଟାନ୍ତ ସ୍ୱରୂପ ଗ୍ରହଣ କରାଯାଇଛି । **(୧୮୮୮ର ଇଂରାଜୀ ସଂସ୍କରଣରେ ପ୍ରଦତ୍ତ ଏଙ୍ଗେଲସ୍‌ଙ୍କ ଟିପ୍ପଣୀ)**

ଫ୍ରାନ୍ସ ଓ ଇଟାଲୀର ସହରବାସୀମାନେ ସେମାନଙ୍କର ସାମନ୍ତବାଦୀ ପ୍ରଭୁମାନଙ୍କ ନିକଟରୁ କ୍ରୟ କରି ହେଉ ବା ବଳପୂର୍ବକ ହେଉ ସ୍ୱାୟତ୍ତଶାସନର ପ୍ରାଥମିକ ଅଧିକାର ଦଖଲ କରିବା ପରେ ଏହି ସହରୀୟ ଗୋଷ୍ଠୀଗୁଡ଼ିକୁ **କମ୍ୟୁନ୍** ଆଖ୍ୟା ଦେଇଥିଲେ । **(୧୮୯୦ର ଜର୍ମାନ୍ ସଂସ୍କରଣରେ ଏଙ୍ଗେଲସ୍‌ଙ୍କ ଟିପ୍ପଣୀ)**

ଏହି ଆଧୁନିକ ରାଷ୍ଟ୍ରରେ ଯେଉଁ ଶାସନ ବିଭାଗ ରହିଛି ତାହା ସମଗ୍ର ବୁର୍ଜୁଆ ଶ୍ରେଣୀର ବିଭିନ୍ନ ସାଧାରଣ ବ୍ୟାପାର ପରିଚାଳନା କରିବା ଲାଗି ଏକ କମିଟି ମାତ୍ର ।

ଐତିହାସିକ ଦୃଷ୍ଟିକୋଣରୁ ବିଚାର କଲେ ଏହି ବୁର୍ଜୁଆ ଶ୍ରେଣୀ ଏକ ବିରାଟ ବୈପ୍ଳବିକ ଭୂମିକା ଗ୍ରହଣ କରିଛି ।

ଏହି ବୁର୍ଜୁଆ ଶ୍ରେଣୀ ଯେଉଁଠି ଯେଉଁଠି ନିଜର ଆଧିପତ୍ୟ ବିସ୍ତାର କରିଛି ସେଠାରେ ସେ ସମସ୍ତ ପ୍ରକାର ସାମନ୍ତବାଦୀ, ପିତୃସତ୍ତାଗତ ଓ ସରଳ ଗ୍ରାମ୍ୟ ଜୀବନକୁ ଧ୍ୱଂସ କରିଦେଇଛି । ଅତି ନିର୍ମମ ଭାବେ ସେ ଛିନ୍ନଭିନ୍ନ କରିଦେଇଛି ତତ୍‌କାଳୀନ ବହୁବିଧ ସାମନ୍ତବାଦୀ ସମ୍ପର୍କକୁ ଯେଉଁଥିରେ କି ମଣିଷ ତା'ର "ପ୍ରାକୃତିକ ଗୁରୁଜନମାନଙ୍କ" ପ୍ରତି ଆବଦ୍ଧ ହୋଇ ରହିଥିଲା । ମଣିଷ ମଣିଷ ଭିତରେ ଉଲଗ୍ନ ହୀନ ସ୍ୱାର୍ଥପରତାର ସମ୍ପର୍କ ଓ ହୃଦୟହୀନ "ନଗଦ କାରବାରର" ସମ୍ପର୍କ ବ୍ୟତୀତ ଅନ୍ୟ କୌଣସି ପ୍ରକାର ମାନବିକ ସମ୍ପର୍କକୁ ଏହି ବୁର୍ଜୁଆ ଶ୍ରେଣୀ ରଖି ଦେଇ ନାହିଁ । ସମସ୍ତ ପ୍ରକାର ଆଧ୍ୟାତ୍ମିକ ଉଚ୍ଛ୍ୱାସର ସ୍ୱର୍ଗୀୟ ଉଲ୍ଲାସକୁ ସେ ମଗ୍ନ କରି ଦେଇଛି ସ୍ୱାର୍ଥାନ୍ୱେଷୀ, ଆତ୍ମକେନ୍ଦ୍ରିକ ଆର୍ଥିକ ଗଣନାର ହିମତୁହୀନ ଏକ ଜଡ଼ତା ଭିତରେ । ଔଦାର୍ଯ୍ୟପୂର୍ଣ୍ଣ ବୀରତ୍ୱର ସମସ୍ତ ଆବେଗକୁ ଆଉ ସବୁ ପ୍ରକାର ନିର୍ବୋଧ ଭାବପ୍ରବଣତାକୁ ସେ ବିଲୁପ୍ତ କରି ଦେଇଛି । ବ୍ୟକ୍ତିଗତ ମୂଲ୍ୟବୋଧକୁ ଆର୍ଥିକ ବିନିମୟର ଏକ ବସ୍ତୁରେ ସେ ପରିଣତ କରିଦେଇଛି ଏବଂ ବହୁ ଅଲଙ୍ଘନୀୟ ସ୍ୱାଧୀନତାକୁ ବଳି ଦେଇ ତା ପରିବର୍ତ୍ତେ ଅବାଧ ବାଣିଜ୍ୟର ବିବେକହୀନ ସ୍ୱାଧୀନତାକୁ **ଏକମାତ୍ର** ସ୍ୱାଧୀନତା ଭାବେ ସେ ପ୍ରତିଷ୍ଠା କରିଛି । ଗୋଟିଏ କଥାରେ କହିବାକୁ ଗଲେ, ଧର୍ମଗତ ଆଉ ରାଜନୈତିକ ମାୟାଜାଲର ଆବରଣ ଭିତରେ ଯେଉଁ ଲୁଣ୍ଠନ ଚାଲିଥିଲା ତା ପରିବର୍ତ୍ତେ ଏହି ବୁର୍ଜୁଆ ଶ୍ରେଣୀ ନିଜର ନଗ୍ନ, ନିର୍ଲଜ ଓ ପାଶବିକ ଲୁଣ୍ଠନକୁ ପ୍ରତ୍ୟକ୍ଷ ଭାବେ ଚାଲୁ କରିଦେଇଛି ।

ଏ ଯାବତ୍ ଲୋକେ ଯେଉଁସବୁ ଧନ୍ଦା ଓ କାର୍ଯ୍ୟକୁ ଭକ୍ତି ଓ ସଂଭ୍ରମର ସହିତ ଦେଖୁଥିଲେ ତା'ର ସମସ୍ତ ମହିମାକୁ ଏହି ବୁର୍ଜୁଆ ଶ୍ରେଣୀ ଲୋପ କରି ଦେଇଛି । ଚିକିତ୍ସକ, ଆଇନଜୀବୀ, କବି, ବୈଜ୍ଞାନିକ ଓ ପୁରୋହିତ ଆଦି ସମସ୍ତଙ୍କୁ ସେ ନିଜର ମଜୁରିଭୁକ୍ତ ମଜୁରିଆରେ ପରିଣତ କରି ଦେଇଛି ।

ପାରିବାରିକ ଜୀବନର ସମସ୍ତ ଭାବପ୍ରବଣ ଆବରଣକୁ ଏହି ବୁର୍ଜୁଆ

ଶ୍ରେଣୀ ଛିନ୍ନ କରିଦେଇ ପାରିବାରିକ ସମ୍ପର୍କକୁ କେବଳ ଏକ ଆର୍ଥିକ ସମ୍ପର୍କରେ ପରିଣତ କରି ଦେଇଛି ।

ମଧ୍ୟଯୁଗର ଯେଉଁ ପାଶବିକ ଶକ୍ତିର ପରାକାଷ୍ଠାକୁ ପ୍ରତିକ୍ରିୟାଶୀଳ ଶକ୍ତିମାନେ ଖୁବ୍ ପ୍ରଶଂସା କରନ୍ତି ତାହା କାଳକ୍ରମେ କିପରି ଅତି ଜଘନ୍ୟ ଆଳସ୍ୟପରାୟଣତାରେ ପର୍ଯ୍ୟବସିତ ହୋଇଛି, ତାହା ଏହି ବୁର୍ଜୁଆ ଶ୍ରେଣୀ ସ୍ପଷ୍ଟ ଭାବେ ଦେଖାଇ ଦେଇଛି । ଏହି ବୁର୍ଜୁଆ ଶ୍ରେଣୀହିଁ ଦୁନିଆ ଆଗରେ ସର୍ବପ୍ରଥମେ ପ୍ରମାଣ କରି ଦେଇଛି ଯେ ମାନବିକ ଶକ୍ତିଦ୍ୱାରା ଅସମ୍ଭବକୁ ସମ୍ଭବ କରିହୁଏ । ସେ ଯେଉଁ ଅସାଧ୍ୟ ସାଧନ କରି ପାରିଛି ତାହା ମିଶରର ପୀରାମିଡ୍, ରୋମର ଜଳାଶୟ ଆଉ ଗଥିକ୍ ଗୀର୍ଜାର କୃତିତ୍ୱଠାରୁ ଢେର ବେଶୀ ବିସ୍ମୟକର । ସମଗ୍ର ପୃଥିବୀବ୍ୟାପୀ ତା'ର ଯେଉଁ ଅଭିଯାନ ତା ତୁଳନାରେ ଅତୀତର ସବୁ ଅଭିଯାନ, ସବୁ ଧର୍ମଯୁଦ୍ଧ [୨୭] ଅତି ତୁଚ୍ଛ ଓ ନଗଣ୍ୟ ମନେହୁଏ ।

ନିଜକୁ ବଞ୍ଚାଇ ରଖିବା ଲାଗି ବୁର୍ଜୁଆ ଶ୍ରେଣୀକୁ ବାଧ୍ୟ ହୋଇ ଉତ୍ପାଦନର ଉପକରଣରେ ଅବିରାମ ବୈପ୍ଳବିକ ପରିବର୍ତ୍ତନ ସଂଘଟିତ କରିବାକୁ ପଡ଼େ ଏବଂ ତା ଫଳରେ ଉତ୍ପାଦନ ସଂପର୍କ ଓ ତା ସଙ୍ଗେ ସଙ୍ଗେ ସମଗ୍ର ସାମାଜିକ ସଂପର୍କରେ ମଧ୍ୟ ନିରନ୍ତର ବୈପ୍ଳବିକ ପରିବର୍ତ୍ତନ ଘଟେ । ତା ନକଲେ ବୁର୍ଜୁଆ ଶ୍ରେଣୀ ନିଜେ ତିଷ୍ଠି ପାରିବ ନାହିଁ । ଅପର ପକ୍ଷରେ ବୁର୍ଜୁଆ ଶ୍ରେଣୀର ଆବିର୍ଭାବ ପୂର୍ବରୁ ଯେଉଁସବୁ ଶିଳ୍ପଗତ ଶ୍ରେଣୀ ଥିଲେ ସେମାନଙ୍କୁ ନିଜର ଅସ୍ତିତ୍ୱ ବଜାୟ ରଖିବା ଲାଗି ପୁରାତନ ଉତ୍ପାଦନ ପ୍ରଣାଳୀକୁ ଅକ୍ଷତ ଓ ଅପରିବର୍ତ୍ତନୀୟ ରଖିବାକୁ ପଡ଼ୁଥିଲା । କିନ୍ତୁ ଏହି ସବୁ ପୁରାତନ ଯୁଗଠାରୁ ଆଧୁନିକ ବୁର୍ଜୁଆ ଯୁଗ ସ୍ୱତନ୍ତ୍ର । ଏହି ବୁର୍ଜୁଆ ଯୁଗର ବୈଶିଷ୍ଟ୍ୟ ହେଉଛି—ଏହି ଯୁଗରେ ଉତ୍ପାଦନ ବ୍ୟବସ୍ଥାରେ ଅବିରାମ ବୈପ୍ଳବିକ ପରିବର୍ତ୍ତନ ଘଟେ, ସାମାଜିକ ପରିସ୍ଥିତିରେ ଅବିଚ୍ଛିନ୍ନ ଅସ୍ଥିରତା ଲାଗି ରହିଥାଏ ଏବଂ ସବୁ ବିଷୟରେ ଚିରନ୍ତନ ଅନିଶ୍ଚୟତା ଓ ଉତ୍ତେଜନା ଦେଖାଦେଇଥାଏ । ସବୁ ପ୍ରକାର ଧରାବନ୍ଧା ଓ ସ୍ଥିତିଶୀଳ ସମ୍ପର୍କ ଆଉ ତା ସହିତ ଲାଗି ରହିଥିବା ସବୁରକମର ଆଦିମ ଅଥଚ ଐଶ୍ୱରିକ କୁସଂସ୍କାର ଓ ମତାମତ ନିଶ୍ଚିହ୍ନ ହୋଇଯାଏ । ତା ସ୍ଥାନରେ ଯେଉଁସବୁ ନୂଆ ନୂଆ କଥା ଦେଖାଯାଏ ତା ମଧ୍ୟ ଆପେ ଆପେ ସ୍ଥାଣୁ ହୋଇ ପଡ଼ିବା ପୂର୍ବରୁ ପୁରାତନ ବୋଲି ଗଣ୍ୟ ହୁଏ । ଯାହା କିଛି ଶକ୍ତ, ଯାହା କିଛି ବାସ୍ତବ ବୋଲି ମଣିଷ ଭାବିଥାଏ ତାହା ହଠାତ୍ କୁଆଡ଼େ ହାଓ୍ୱା ହୋଇ ଶୂନ୍ୟରେ ମିଳେଇଯାଏ । ଯାହାକୁ

ପବିତ୍ର ବୋଲି ମଣିଷ ଧରି ବସିଥାଏ ତା ହଠାତ୍ ପାପକଳୁଷିତ ହୋଇପଡ଼େ । ଅବଶେଷରେ ମଣିଷ ବାଧ୍ୟ ହୁଏ ଧୀର ଚିତ୍ତରେ ନିଜର ବାସ୍ତବ ଜୀବନର ସମ୍ମୁଖୀନ ହେବା ପାଇଁ, ମଣିଷ ସହିତ ମଣିଷର ପ୍ରକୃତ ସମ୍ପର୍କ ସହ ପରିଚିତ ହେବାପାଇଁ ।

ନିଜର ଉତ୍ପନ୍ନ ସାମଗ୍ରୀ ଲାଗି କିପରି ଏକ ଚିର ସଂପ୍ରସାରିତ ବଜାର ସବୁବେଳେ ଉନ୍ମୁକ୍ତ ରହିବ ସେହି ତାଗିଦାରେ ବୁର୍ଜୁଆ ଶ୍ରେଣୀ ସାରା ଦୁନିଆ ଧରି ଘୁରିବୁଲେ । ସେ ଖୋଜେ ସବୁଠି କିପରି ଠେଲିପେଲି ପଶିଯିବ, ସବୁଠି କିପରି ନିଜର କାୟା ବିସ୍ତାର କରି ରହିବ, ସବୁଠି କିପରି ନିଜର ସମ୍ପର୍କ ପାତିବସିବ ।

ବିଶ୍ୱବଜାରକୁ ଲୁଣ୍ଠନ କରିବା ଜରିଆରେ ଏହି ବୁର୍ଜୁଆ ଶ୍ରେଣୀ ପ୍ରତ୍ୟେକ ଦେଶର ଉତ୍ପାଦନ ଓ ଭୋଗ୍ୟ ବ୍ୟବସ୍ଥାକୁ ଏକ ସାର୍ବଜନୀନ ବ୍ୟବସ୍ଥାରେ ପରିଣତ କରି ଦେଇଛି । ପ୍ରତିକ୍ରିୟାଶୀଳ ଶକ୍ତିମାନଙ୍କୁ ହତାଶ କରିଦେଇ ଏଇ ବୁର୍ଜୁଆ ଶ୍ରେଣୀ ସବୁ ଶିଳ୍ପ ବ୍ୟବସ୍ଥାର ଜାତୀୟ ଚରିତ୍ରକୁ ନଷ୍ଟ କରି ଦେଇଛି । ଯେଉଁସବୁ ପୁରାତନ ଜାତୀୟ ଶିଳ୍ପ ସୁପ୍ରତିଷ୍ଠିତ ହୋଇ ରହିଥିଲା ସେଗୁଡ଼ିକ ହୁଏତ ସବୁ ଧ୍ୱଂସ ପାଇ ଯାଇଛି, ନତୁବା ଆମରି ଆଖି ଆଗରେ ପ୍ରତିଦିନ ଧ୍ୱଂସ ପାଇଯାଉଛି । ସେଗୁଡ଼ିକର ସ୍ଥାନ ଦଖଲ କରି ବସିଛି ନୂଆ ନୂଆ ଶିଳ୍ପ ଯାହାର ପ୍ରତିଷ୍ଠା ଆଜି ସବୁ ଜାତି ପକ୍ଷରେ ଏକ ଜୀବନ ମରଣର ସମସ୍ୟା ହୋଇ ପଡ଼ିଛି । ଏସବୁ ନୂଆ ଶିଳ୍ପ କେବଳ ସ୍ୱଦେଶପ୍ରସୂତ କଞ୍ଚାମାଲକୁ ଆଶ୍ରୟ କରି ଆଉ ବଢ଼ି ଉଠୁନାହିଁ । ସେଥିଲାଗି ଦୂର ଦୂର ଅଞ୍ଚଳରୁ କଞ୍ଚାମାଲ ବୁହା ହୋଇ ଆସୁଛି । ଏସବୁ ଶିଳ୍ପର ଉତ୍ପନ୍ନ ଦ୍ରବ୍ୟ ଆଉ କେବଳ ନିଜ ଦେଶ ଭିତରେ କାଟତି ହେଉ ନାହିଁ । ପୃଥିବୀର ପ୍ରତ୍ୟେକଟି ଅଞ୍ଚଳର ଲୋକଙ୍କ ପାଖରେ ତାହା ଯାଇ ପହଞ୍ଚିଯାଉଛି । ନିଜ ଦେଶଜାତ ଦ୍ରବ୍ୟରେ ଯେଉଁ ପ୍ରୟୋଜନୀୟତା ଆଗେ ପରିପୂରଣ ହୋଇ ଯାଉଥିଲା, ଯେଉଁ ଅଭାବ ଆଗେ ମେଣ୍ଟିଯାଉଥିଲା, ତା'ଆଜି ଆଉ ସମ୍ଭବ ହେଉନାହିଁ । ତା ପରିବର୍ତ୍ତେ ଦେଖାଦେଇଛି ନୂଆ ନୂଆ ପ୍ରୟୋଜନୀୟତା, ନୂଆ ନୂଆ ଚାହିଦା, ଯାହାର ପରିପୂରଣ ଲାଗି ଦୂର ଦୂରାନ୍ତ ଦେଶରୁ ଭିନ୍ନ ଭିନ୍ନ ଅଞ୍ଚଳରୁ ନୂଆ ନୂଆ ଜିନିସ ଆଣିବାକୁ ପଡ଼ୁଛି । ଆଗେ ଯେପରି ଭିନ୍ନ ଭିନ୍ନ ଅଞ୍ଚଳ ଓ ଭିନ୍ନ ଭିନ୍ନ ଦେଶ ନିଜର ଜାତୀୟ ପରିସର ମଧ୍ୟରେ ସୀମାବଦ୍ଧ ହୋଇ ଅନ୍ୟଠାରୁ ବିଚ୍ଛିନ୍ନ ହୋଇ ରହୁଥିଲେ, ଅନ୍ୟ ଉପରେ ନିର୍ଭର ନ କରି ସ୍ୱାବଲମ୍ବୀ ହୋଇ ଚଳୁଥିଲେ ସେପରି

ଅବସ୍ଥା ଆଉ ନାହିଁ । ଆଜି ପ୍ରତିଟି କ୍ଷେତ୍ରରେ ପାରସ୍ପରିକ ବିନିମୟ ଓ ଯୋଗାଯୋଗର ସମ୍ପର୍କ ସ୍ଥାପିତ ହୋଇ ଯାଇଛି, ପୃଥିବୀର ପ୍ରତ୍ୟେକ ଦେଶକୁ ଆଜି ପରସ୍ପର ଉପରେ ନିର୍ଭରଶୀଳ ହୋଇ ଚଳିବାକୁ ପଡ଼ୁଛି । ବୈଷୟିକ ଉତ୍ପାଦନ କ୍ଷେତ୍ରରେ କେବଳ ନୁହଁ, ମାନସିକ ଉତ୍ପାଦନ ବା ଜ୍ଞାନ କ୍ଷେତ୍ରରେ ମଧ୍ୟ ଆଜି ଠିକ୍ ସେଇ ଅବସ୍ଥା । ବିଭିନ୍ନ ଜାତିର ମାନସିକ ପ୍ରୟାସ ଓ ସୃଷ୍ଟି ଆଜି ସାର୍ବଜନୀନ ସମ୍ପତ୍ତିରେ ପରିଣତ ହେଉଛି ; ଏହା କେବଳ ଗୋଟିଏ ଜାତିର ହୋଇ ଆଉ ରହୁନାହିଁ । ଜାତୀୟ ଏକଦେଶଦର୍ଶିତା ଓ ଜାତୀୟ ସଂକୀର୍ଣ୍ଣତା ଦିନକୁ ଦିନ ଅଧିକରୁ ଅଧିକ ଅସମ୍ଭବ ହୋଇ ପଡ଼ୁଛି ଏବଂ ବହୁବିଧ ଜାତୀୟ ଓ ଆଞ୍ଚଳିକ ସାହିତ୍ୟରୁ ମୁଣ୍ଡ ଟେକି ଉଠୁଛି ଏକ ବିଶ୍ୱସାହିତ୍ୟ ।

ଉତ୍ପାଦନ ଉପକରଣର ଦ୍ରୁତ ଉନ୍ନତି ଏବଂ ବାର୍ତ୍ତା ବିନିମୟ ଓ ଯାତାୟାତ ବ୍ୟବସ୍ଥାର ବ୍ୟାପକ ସୁବିଧା ଦ୍ୱାରା ବୁର୍ଜୁଆ ଶ୍ରେଣୀ ପୃଥିବୀର ସବୁ ଜାତିକୁ ଏପରି କି ଅତି ବନ୍ୟ ଜାତିମାନଙ୍କୁ ମଧ୍ୟ ସଭ୍ୟତାର ପରିସର ଭିତରକୁ ଟାଣି ନେଇ ଆସୁଛି । ନିଜର ପଣ୍ୟଦ୍ରବ୍ୟକୁ ଶସ୍ତାରେ ବିକ୍ରୟ କରି ସେ ତାକୁ ଏକ ଅମୋଘ ଆୟୁଧ ହିସାବରେ ପ୍ରୟୋଗ କରୁଛି ଏବଂ ତା'ରି ଦ୍ୱାରା ସବୁ ପ୍ରକାର ବାଧାବିଘ୍ନ ଓ ଅନ୍ତରାୟକୁ ଭାଙ୍ଗିରୁଜି ଚୁରମାର କରିଦେଉଛି । ଏପରି କି ଅତି ବଣୁଆ ଓ ବର୍ବର ଜାତିମାନେ ମଧ୍ୟ ସେମାନଙ୍କର ମଜ୍ଜାଗତ ଓ ଉତ୍କଟ ବିଦେଶୀ ବିଦ୍ୱେଷକୁ ଭୁଲିଯାଇ ଏହି ବୁର୍ଜୁଆ ଶ୍ରେଣୀର ପଣ୍ୟଦ୍ରବ୍ୟକୁ ଗ୍ରହଣ କରିନେବାକୁ ବାଧ୍ୟ ହେଉଛନ୍ତି । ପୃଥିବୀର ସବୁ ଜାତି ଆଜି ବୁର୍ଜୁଆ ଉତ୍ପାଦନ ପ୍ରଣାଳୀକୁ ଗ୍ରହଣ କରିବା ପାଇଁ ବାଧ୍ୟ ହେଉଛନ୍ତି ; କାରଣ ତା ନ କଲେ ସେମାନଙ୍କ ପକ୍ଷରେ ତିଷ୍ଠି ରହିବା ଅସମ୍ଭବ ହୋଇ ପଡ଼ିବ । ବୁର୍ଜୁଆ ଶ୍ରେଣୀର ସଭ୍ୟତାକୁ ମଧ୍ୟ ସେମାନଙ୍କୁ ଗ୍ରହଣ କରି ନେବାକୁ ପଡ଼ୁଛି, ଅର୍ଥାତ୍ ନିଜକୁ ବୁର୍ଜୁଆ ବନି ଯିବାକୁ ପଡ଼ୁଛି । ସଂକ୍ଷେପରେ କହିବାକୁ ଗଲେ ଏହି ବୁର୍ଜୁଆ ଶ୍ରେଣୀ ଆଜି ନିଜର ପ୍ରତିଛବି ଅନୁରୂପ ଆଉ ଏକ ଜଗତ ସୃଷ୍ଟି କରୁଛି ।

ଏହି ବୁର୍ଜୁଆ ଶ୍ରେଣୀ ଗ୍ରାମାଞ୍ଚଳଗୁଡ଼ିକୁ ନେଇ ଆସିଛି ସହରର ଶାସନ ଭିତରକୁ । ସେ ସୃଷ୍ଟି କରିଛି ପ୍ରକାଣ୍ଡ ପ୍ରକାଣ୍ଡ ସହର । ଗ୍ରାମାଞ୍ଚଳ ତୁଳନାରେ ସହରର ଜନସଂଖ୍ୟା ସେ ବହୁଗୁଣ ବୃଦ୍ଧି କରି ଦେଇଛି ଏବଂ ତଦ୍ଦ୍ୱାରା ବହୁ ଲୋକଙ୍କୁ ଗ୍ରାମ୍ୟ ଜୀବନର ଅଜ୍ଞତା ଓ ନିର୍ବୋଧତା ଭିତରୁ ମୁକ୍ତ କରି ଆଣିଛି । ଗ୍ରାମାଞ୍ଚଳଗୁଡ଼ିକୁ ଯେପରି ସହର ଉପରେ ନିର୍ଭରଶୀଳ

ହୋଇ ରହିବାକୁ ସେ ବାଧ୍ୟ କରିଛି ସେହିପରି ଅସଭ୍ୟ ଓ ଅର୍ଦ୍ଧସଭ୍ୟ ଦେଶମାନଙ୍କୁ ସଭ୍ୟ ଦେଶ ଉପରେ, କୃଷିପ୍ରଧାନ ଦେଶମାନଙ୍କୁ ପୁଞ୍ଜିବାଦୀ ଦେଶ ଉପରେ ଏବଂ ପ୍ରାଚ୍ୟ ଜଗତକୁ ପାଶ୍ଚାତ୍ୟ ଜଗତ ଉପରେ ନିର୍ଭରଶୀଳ ହୋଇ ରହିବାକୁ ମଧ୍ୟ ସେ ବାଧ୍ୟ କରିଛି ।

ପୂର୍ବେ ଜନସାଧାରଣ ଯେପରି ପରସ୍ପରଠାରୁ ବିଚ୍ଛିନ୍ନ ଓ ଚତୁର୍ଦ୍ଦିଗରେ ବିକ୍ଷିପ୍ତ ହୋଇ ରହୁଥିଲେ ଏବଂ ଉତ୍ପାଦନର ଉପକରଣ ଓ ଧନସମ୍ପଦ ଯେପରି ବିକ୍ଷିପ୍ତ ହୋଇ ପଡ଼ିରହିଥିଲା ସେପରି ଅବସ୍ଥା ବର୍ତ୍ତମାନ କ୍ରମଶଃ ଲୋପ ପାଇ ଯାଉଛି । ବୁର୍ଜୁଆ ଶ୍ରେଣୀ ଏହି ଅବସ୍ଥାକୁ କ୍ଷିପ୍ରଗତିରେ ଦୂର କରି ଦେଇ ଯାଉଛି । ବିକ୍ଷିପ୍ତ ଜନସଂଖ୍ୟାକୁ ସେ ଏକତ୍ରିତ କରି ଦେଉଛି । ଉତ୍ପାଦନର ଉପକରଣକୁ କେନ୍ଦ୍ରୀଭୂତ କରି ଦେଉଛି ଏବଂ ସମସ୍ତ ଧନ ସମ୍ପଦକୁ ନେଇ ମୁଷ୍ଟିମେୟ ବ୍ୟକ୍ତିଙ୍କ ହାତରେ ପୁଞ୍ଜିଭୂତ କରୁଛି । ଫଳରେ ରାଜନୈତିକ କ୍ଷମତା ମଧ୍ୟ କେନ୍ଦ୍ରୀଭୂତ ହୋଇ ଉଠୁଛି । ଭିନ୍ନ ଭିନ୍ନ ସ୍ୱାର୍ଥ, ଭିନ୍ନ ଭିନ୍ନ ଆଇନକାନୁନ ଓ ଶାସନ ବ୍ୟବସ୍ଥା ଏବଂ ଭିନ୍ନ ଭିନ୍ନ ଟିକସ ପ୍ରଥା ଥିବା ସ୍ୱାଧୀନ ଅଥବା କ୍ଷୀଣ ସମ୍ପର୍କ ବିଶିଷ୍ଟ ପ୍ରଦେଶ ସମୂହକୁ ନେଇ ସେ **ଗୋଟିଏ** ଜାତି, **ଗୋଟିଏ** ଶାସନ ପଦ୍ଧତି, **ଗୋଟିଏ** ଆଇନକାନୁନ ବ୍ୟବସ୍ଥା, **ଗୋଟିଏ** ଜାତୀୟ ଶ୍ରେଣୀ-ସ୍ୱାର୍ଥ, **ଗୋଟିଏ** ସୀମାନ୍ତ ଏବଂ **ଗୋଟିଏ** ବାଣିଜ୍ୟ ଶୁଳ୍କ ବ୍ୟବସ୍ଥା ଭିତରେ ଏକାଠି ନେଇ ବାନ୍ଧି ଦେଇଛି ।

ଏହି ମାତ୍ର ଶହେଟି ବର୍ଷ ଭିତରେ ବୁର୍ଜୁଆ ଶ୍ରେଣୀ ଯେଉଁ ଅପରିମେୟ ସୁବିପୁଳ ଉତ୍ପାଦିକା ଶକ୍ତି ସୃଷ୍ଟି କରି ପାରିଛି ତାହା ପୂର୍ବତନ ସବୁ ଯୁଗର ସମ୍ମିଳିତ ଉତ୍ପାଦିକା ଶକ୍ତିଠାରୁ ଢେର ବେଶୀ । ପ୍ରାକୃତିକ ଶକ୍ତିକୁ ପରାଭୂତ କରି ତାକୁ ମାନବର ଦାସ କରି ରଖିବା, ଯନ୍ତ୍ରପାତି ଓ କଳକବ୍ଜାର ଉଦ୍ଭାବନ, ଶିଳ୍ପ ଓ କୃଷିକ୍ଷେତ୍ରରେ ରସାୟନିକ ବିଦ୍ୟାର ବ୍ୟାପକ ପ୍ରୟୋଗ, ବାଷ୍ପୀୟ ପୋତ ଓ ରେଳପଥର ନିର୍ମାଣ, ବିଦ୍ୟୁତ୍‌ଶକ୍ତି ଓ ବୈଦ୍ୟୁତିକ ବାର୍ତ୍ତା ବ୍ୟବସ୍ଥାର ଆବିର୍ଭାବ, ଗୋଟାଏ ଗୋଟାଏ ବିରାଟ ମହାଦେଶକୁ ପରିଷ୍କାର ପରିଚ୍ଛନ୍ନ କରି ତା'ର ଗୃହୋପଯୋଗୀକରଣ, ନଦୀରୁ ନାଳ ତାଡ଼ି ଜଳସେଚନର ବ୍ୟାପକ ବ୍ୟବସ୍ଥା—ଏସବୁ ଦେଖିଲେ ମନେହୁଏ ଯେତେ ଯେମିତି କେଉଁ ଏକ ଆଶ୍ଚର୍ଯ୍ୟ କୁହୁକ ବଳରେ ମାଟିର ଗର୍ଭ ବିଦାରି ଗୋଟାଏ ଗୋଟାଏ ଦେଶର କୋଟି କୋଟି ମଣିଷ ହଠାତ୍ ସମ୍ଭୂତ ହୋଇ ଉଠିଛନ୍ତି । ଏ କଥା ସମ୍ଭବ ହେବ ବୋଲି ଆଗରୁ କିଏ କ'ଣ କେବେ କଳ୍ପନା କରି ପାରିଥିଲା ? ଅତୀତର ଶତ

ଶତ ଶତାବ୍ଦୀ ଭିତରେ କେହି କେବେ ସ୍ୱପ୍ନରେ ସୁଦ୍ଧା ଭାବିଥିଲା ଯେ ସାମାଜିକ ଶ୍ରମର ଜଠର ଭିତରେ ଏହି ଅପରିମେୟ, ଏହି ଅଭାବନୀୟ ଉତ୍ପାଦିକା ଶକ୍ତି କେଉଁଠି ସୁପ୍ତ ହୋଇ ପଡ଼ି ରହିଛି ?

ସୁତରାଂ, ଆମ୍ଭେମାନେ ସ୍ପଷ୍ଟ ଦେଖୁଥାଉଁ ଯେ ଯେଉଁ, ଉତ୍ପାଦନର ଓ ବିନିମୟର ଉପକରଣକୁ ଆଶ୍ରୟ କରି ବୁର୍ଜୁଆ ଶ୍ରେଣୀ ନିଜର ଭିତ୍ତି ରଚନା କଲା ସେହି ଉପକରଣଗୁଡ଼ିକ ସାମନ୍ତବାଦୀ ସମାଜ ଭିତରୁହିଁ ବିକାଶ ଲାଭ କରିଥିଲା । କିନ୍ତୁ ଏହି ବିକାଶର ଗତିପଥରେ ଏପରି ଏକ ଅବସ୍ଥା ଆସି ପହଞ୍ଚିଲା ଯେତେବେଳେ କି ସାମନ୍ତବାଦୀ ସମାଜର ଉତ୍ପାଦନ, ଓ ବିନିମୟର ପରିବେଶ, ତା'ର କୃଷି ଓ ଶିଳ୍ପ ବ୍ୟବସାୟ ସଂଗଠନ ମୋଟ ଉପରେ ସମଗ୍ର ସାମନ୍ତବାଦୀ ସମାଜର ଆର୍ଥିକ ସମ୍ପର୍କ ଆଉ ଏହି ସମୃଦ୍ଧ ଓ ବିକଶିତ ଉତ୍ପାଦିକା ଶକ୍ତି ସହିତ ଖାପ୍ ଖାଇଲା ନାହିଁ, ତା ସହିତ ସମତାଳରେ ଆଗେଇ ପାରିଲା ନାହିଁ । ଉତ୍ପାଦିକା ଶକ୍ତିର ବିକାଶରେ ସାହାଯ୍ୟ କରିବା ପରିବର୍ତ୍ତେ ଏହି ସମ୍ପର୍କ ତା'ର ଅଗ୍ରଗତିରେ ଶୃଙ୍ଖଳ ହୋଇ ରହିଲା । ତେଣୁ ଏହି ଶୃଙ୍ଖଳକୁ ଛିନ୍ନ କରିଦେବାର ଆବଶ୍ୟକତା ଦେଖାଦେଲା ଏବଂ ତାକୁ ଛିନ୍ନ କରି ଦିଆଗଲା ।

ତା ସ୍ଥାନ ପୂରଣ କରିନେଲା ଅବାଧ ପ୍ରତିଯୋଗିତା ଏବଂ ଏହି ଅବାଧ ପ୍ରତିଯୋଗିତାକୁ ସୁହାଇଲା ଭଳି ଗଢ଼ିଉଠିଲା ସାମାଜିକ ଓ ରାଜନୈତିକ ଶାସନବିଧାନ ଏବଂ ବୁର୍ଜୁଆ ଶ୍ରେଣୀର ଅର୍ଥନୈତିକ ଓ ରାଜନୈତିକ ଅଖଣ୍ଡ ଆଧିପତ୍ୟ ।

ଆମ ଆଖି ଆଗରେ ମଧ୍ୟ ଆଜି ଅନୁରୂପ ଏକ ଆନ୍ଦୋଳନ ସଂଘଟିତ ହୋଇ ଯାଉଛି । ଏହି ଆଧୁନିକ ବୁର୍ଜୁଆ ସମାଜ, ଯେ କି କେଉଁ ଅଦ୍‌ଭୁତ କୁହୁକ ବଳରେ ଉତ୍ପାଦନ ଓ ବିନିମୟର ଏକ ପ୍ରକାଣ୍ଡ ଆସୁରିକ ଉପାୟ ଉଦ୍ଭାବନ କରିପାରିଛି ସେହି ସମାଜର ଉତ୍ପାଦନ, ବିନିମୟ ଓ ଧନସମ୍ପଦର ବିଭିନ୍ନ ସମ୍ପର୍କକୁ ଦେଖିଲେ ମନେହୁଏ ଏହି ସମାଜ ଯେମିତି ଅତୀତର ସେଇ ଯାଦୁକର ପରି ନିଜ ଭେଳକିବାଜୀ ଦ୍ୱାରା ପାତାଳପୁରରୁ ପ୍ରେତଶକ୍ତିକୁ ଡାକି ଆଣିଲା ସିନା, ତାକୁ ଆଉ ବଶୀଭୂତ କରି ରଖିବାକୁ ସକ୍ଷମ ହେଲା ନାହିଁ । ବିଗତ ବହୁବର୍ଷ ଧରି ଶିଳ୍ପ ଓ ବାଣିଜ୍ୟର ଯେଉଁ ଇତିହାସ ଆମେ ଦେଖିବାକୁ ପାଉଁ ସେ ଇତିହାସ ହେଉଛି ବୁର୍ଜୁଆ ଶ୍ରେଣୀର ଅସ୍ତିତ୍ୱ ଓ ତା'ର ଶାସନର ଅସ୍ତିତ୍ୱକୁ ବଜାୟ ରଖିଥିବା ଉତ୍ପାଦନ ବ୍ୟବସ୍ଥାର ଆଧୁନିକ ପରିବେଶ ବିରୁଦ୍ଧରେ ଏବଂ ସାମ୍ପତ୍ତିକ ସମ୍ପର୍କ ବିରୁଦ୍ଧରେ ଆଧୁନିକ ଉତ୍ପାଦିକା ଶକ୍ତିର ସୁଦୀର୍ଘ ବିଦ୍ରୋହର

ଇତିହାସ । ଏହାର ପ୍ରମାଣ ଦେଖିବାକୁ ମିଳେ ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ଘନ ଘନ ସୃଷ୍ଟି ହେଉଥିବା ସଙ୍କଟ ଭିତରେ । ଏ ସଙ୍କଟ ବେଳୁବେଳ ଉଗ୍ରରୁ ଉଗ୍ରତର ହୋଇ ପ୍ରକଟିତ ହେଉଛି ଏବଂ ପ୍ରତ୍ୟେକ ଥର ସମଗ୍ର ବୁର୍ଜୁଆ ସମାଜର ଅସ୍ତିତ୍ୱକୁ ଅଗ୍ନି ପରୀକ୍ଷା ଭିତରକୁ ଠେଲି ଦେଇ ନିଜେ ଆତ୍ମପ୍ରକାଶ କରୁଛି । ଏହି ସଂକଟ ଭିତରେ ଉପସ୍ଥିତ ଉତ୍ପନ୍ନ ଦ୍ରବ୍ୟର ବହୁଳାଂଶ କେବଳ ନୁହଁ, ଅତୀତରୁ ସୃଷ୍ଟି ହୋଇଥିବା ଉତ୍ପାଦିକା ଶକ୍ତିର ବହୁଳାଂଶ ମଧ୍ୟ ଧ୍ୱଂସ ପାଇଯାଉଛି । ଏହି ସଂକଟ ଯେତେବେଳେ ଆତ୍ମପ୍ରକାଶ କରୁଛି ସେତେବେଳେ ସତେ ଯେମିତି ଏକ ସଂକ୍ରାମକ ବ୍ୟାଧି ପରିବ୍ୟାପ୍ତ ହୋଇ ଯାଉଛି, ଯାହାକି ଅତୀତ ଯୁଗଗୁଡ଼ିକରେ ଅତି ଅସମ୍ଭବ ଘଟଣା ବୋଲି ପରିଗଣିତ ହୋଇଥାନ୍ତା । ଏହି ସଂକ୍ରାମକ ବ୍ୟାଧି ହେଉଛି ଅତି ଉତ୍ପାଦନର ବ୍ୟାଧି । ଏହି ବ୍ୟାଧି ଆରମ୍ଭ ହୋଇଗଲେ ମାନବ ସମାଜ ହଠାତ୍ କିଛିକାଳ ପାଇଁ ଅତୀତର ସେଇ·ବର୍ବର ଯୁଗକୁ ପୁଣି ଫେରିଯାଏ । ମନେହୁଏ ସତେ ଯେମିତି ଏକ ଭୟାବହ ଦୁର୍ଭିକ୍ଷ କିମ୍ବା ଏକ ସର୍ବଗ୍ରାସୀ ବିଶ୍ୱବିନାସୀ ଯୁଦ୍ଧ ଜୀବନଧାରଣର ସମସ୍ତ ଉପକରଣର ପରିବେଷଣକୁ ରୁଦ୍ଧ କରି ଦେଇଛି । ମନେହୁଏ ଶିଳ୍ପ ଓ ବ୍ୟବସାୟ ବାଣିଜ୍ୟ ସବୁ ଯେମିତି କୁଆଡ଼େ ଧ୍ୱଂସ ପାଇଯାଇଛି । ଏହାର କାରଣ କ'ଣ ? ଏହାର କାରଣ ହେଉଛି ସଭ୍ୟତାର ଉତ୍କଟତା, ଜୀବନଧାରଣୋପଯୋଗୀ ସାମଗ୍ରୀର ଅତିରିକ୍ତତା ଆଉ ଶିଳ୍ପ ଓ ବାଣିଜ୍ୟର ବହୁଳତା । ସମାଜର ଆୟତ୍ତରେ ଯେଉଁସବୁ ଉତ୍ପାଦିକା ଶକ୍ତି ଥାଏ ତା ଆଉ ବୁର୍ଜୁଆ ସମ୍ପଦର ପରିବେଶକୁ ସମୃଦ୍ଧ କରିବାରେ ସାହାଯ୍ୟ କରେ ନାହିଁ । ଓଲଟି ଏହି ଉତ୍ପାଦିକା ଶକ୍ତି ସେଇ ଯେଉଁ ପରିବେଶ ଦ୍ୱାରା ଶୃଙ୍ଖଳିତ ହୋଇ ରହିଥାଏ ତା'ଠାରୁ ଢେର ବେଶି ଶକ୍ତିଶାଳୀ ହୋଇଉଠେ । ତା'ପରେ ସେ ଯେତେବେଳେ ପରିବେଶର ବ୍ୟାଘାତକୁ ଅତିକ୍ରମ କରି ଜାଗି ଉଠେ ସେତେବେଳେ ସମଗ୍ର ବୁର୍ଜୁଆ ସମାଜ ଭିତରେ ଦେଖାଦିଏ ବିଶୃଙ୍ଖଳା ଓ ଅରାଜକତା । ଏପରିକି ବୁର୍ଜୁଆ ଶ୍ରେଣୀର ଧନସମ୍ପଦ ମଧ୍ୟ ତଦ୍ଦ୍ୱାରା ବିପନ୍ନ ହୋଇପଡ଼େ ସ୍ୱସୃଷ୍ଟ ସୁବିପୁଳ ଧନ ସମ୍ପଦକୁ ଧରି ରଖିବାପାଇଁ ବୁର୍ଜୁଆ ସମାଜର ଏହି ପରିବେଶ ଯଥେଷ୍ଟ ନୁହେଁ, ତାହା ଅତି ସଂକୀର୍ଣ୍ଣ । ତା ହେଲେ ଏ ସବୁ ସଂକଟରୁ ପରିତ୍ରାଣ ପାଇବା ପାଇଁ ବୁର୍ଜୁଆ ଶ୍ରେଣୀ କ'ଣ କରେ ? ସେ ଏକ ପକ୍ଷରେ ଉତ୍ପାଦିକା ଶକ୍ତିର କେତେକ ଅଂଶକୁ ବଳପୂର୍ବକ ବିନଷ୍ଟ କରିଦିଏ ଏବଂ ଅପର ପକ୍ଷରେ ନୂଆ ନୂଆ ବଜାର ଜୟ କରେ ଏବଂ ପୁରୁଣା ବଜାରଗୁଡ଼ିକୁ ଆହୁରି ଉତ୍କଟଭାବେ ଲୁଣ୍ଠନ

କରେ । କିନ୍ତୁ ତଦ୍ଦ୍ୱାରା ସେ ଅଧିକ ବ୍ୟାପକ ଓ ଅଧିକ ଧ୍ୱଂସକାରୀ ସଂକଟ ସୃଷ୍ଟି ଲାଗି ପଥ ପରିଷ୍କାର କରିଦିଏ ଏବଂ ସଂକଟକୁ ରୋଧ କରିବାର ଉପାୟକୁ ଆହୁରି ସଙ୍କୁଚିତ କରିଦିଏ ।

ଯେଉଁ ଅସ୍ତ୍ର ବଳରେ ବୁର୍ଜୁଆ ଶ୍ରେଣୀ ଦିନେ ସାମନ୍ତବାଦକୁ ଧ୍ୱଂସ କରିଥିଲା ସେହି ଅସ୍ତ୍ର ଆଜି ବୁର୍ଜୁଆ ଶ୍ରେଣୀର ଲଲାଟ ଉପରେ ଉଦ୍ୟତ ହୋଇ ଉଠିଛି ।

ବୁର୍ଜୁଆ ଶ୍ରେଣୀ ଯେ କେବଳ ନିଜର ମୃତ୍ୟୁର ଆୟୁଧକୁ ସୃଷ୍ଟି କରିଛି ତା ନୁହଁ । ଯେଉଁମାନେ ଏହି ଆୟୁଧକୁ ଆୟତ୍ତ କରି ତାକୁ ସଂହାର କରିବେ ସେହି ଆଧୁନିକ ଶ୍ରମିକ ଶ୍ରେଣୀ, ସେଇ **ସର୍ବହରା** ଶ୍ରେଣୀକୁ ମଧ୍ୟ ସେ ନିଜେ ସୃଷ୍ଟି କରିଛି ।

ଯେଉଁ ଅନୁପାତରେ ବୁର୍ଜୁଆ ଶ୍ରେଣୀ ଅର୍ଥାତ୍ ପୁଞ୍ଜି ବୃଦ୍ଧି ପାଇଛି ସେହି ଅନୁପାତରେ ସର୍ବହରା ଶ୍ରେଣୀ ବା ଆଧୁନିକ ଶ୍ରମିକ ଶ୍ରେଣୀ ମଧ୍ୟ ବୃଦ୍ଧି ପାଇଛି । ଏହି ଆଧୁନିକ ଶ୍ରମିକ ଶ୍ରେଣୀ ହେଉଛି ଏକ ପ୍ରକାର ମୂଲିଆ ବା ଶ୍ରମଜୀବୀ ଶ୍ରେଣୀ ଯେ କି କାମ ପାଉଥିବା ପର୍ଯ୍ୟନ୍ତ ବଞ୍ଚିରହେ ଏବଂ ଯେତେ ଦିନ ପର୍ଯ୍ୟନ୍ତ ତା'ର ଶ୍ରମ ପୁଞ୍ଜିକୁ ବୃଦ୍ଧି କରେ ସେତେ ଦିନ ପର୍ଯ୍ୟନ୍ତ କେବଳ ସେ କାମ ପାଏ । ଏହି ଶ୍ରମଜୀବୀ ମଣିଷମାନେ ନିଜକୁ ତିଳ ତିଳ କରି ବିକ୍ରୟ କରିଦେବାକୁ ବାଧ୍ୟ ହୁଅନ୍ତି । ସେମାନେ ବାଣିଜ୍ୟ ବ୍ୟବସାୟର ଅନ୍ୟାନ୍ୟ ଦ୍ରବ୍ୟ ପରି ପଣ୍ୟଦ୍ରବ୍ୟ ଭାବେ ପରିଗଣିତ ହୁଅନ୍ତି । ଫଳରେ ପ୍ରତିଯୋଗିତାର ସବୁପ୍ରକାର ପ୍ରାଦୁର୍ଭାବ ଏବଂ ବଜାର ଦରଦାମର ସବୁ ପ୍ରକାର ଅସ୍ଥିରତା ଓ ଅନିଶ୍ଚୟତାର ପରିଣାମ ମଧ୍ୟ ସେମାନଙ୍କୁ ଭୋଗିବାକୁ ପଡ଼େ ।

କଳକବ୍‌ଜାର ବ୍ୟାପକ ବ୍ୟବହାର ଏବଂ ଶ୍ରମବିଭାଗ ବ୍ୟବସ୍ଥାର ପ୍ରବର୍ତ୍ତନ ଯୋଗୁଁ ଶ୍ରମିକମାନଙ୍କର କାମର ସମସ୍ତ ବ୍ୟକ୍ତିଗତ ବୈଶିଷ୍ଟ୍ୟ ଲୋପ ପାଇଯାଇଛି । ଫଳରେ ଶ୍ରମିକ ନିଜର କାମ ପ୍ରତି ଆଉ ଆକୃଷ୍ଟ ହୋଇ ପାରୁ ନାହିଁ । ସେ ମେସିନ୍‌ର ଏକ ଉପାଙ୍ଗରେ ପରିଣତ ହୋଇ ଯାଉଛି । କେବଳ ଅତି ସହଜସାଧ୍ୟ, ଅତି ସାଧାରଣ ଓ ବୈଚିତ୍ର୍ୟହୀନ ବିରକ୍ତିକର କାର୍ଯ୍ୟହିଁ ତାକୁ କରିବାକୁ ପଡ଼ୁଛି । ଏହା ଫଳରେ ଜଣେ ଶ୍ରମିକକୁ ଗଢ଼ି ତୋଳିବାର ବ୍ୟୟ ହ୍ରାସ ପାଇ ଯାଉଛି ଏବଂ ତା'ର ଜୀବନଧାରଣ ଓ ବଂଶବୃଦ୍ଧି ଲାଗି ଯେଉଁ ବ୍ୟୟ ଅତି କମ୍‌ରେ ପ୍ରୟୋଜନ ତା ଅପେକ୍ଷା ତା'ର ମୂଲ୍ୟ ଆଉ ବେଶୀ ହେଉ ନାହିଁ । କିନ୍ତୁ ଗୋଟିଏ ପଣ୍ୟଦ୍ରବ୍ୟର ଦାମ୍ ତା'ର ଉତ୍ପାଦନ ଖର୍ଚ୍ଚ ସହିତ ସମାନ । ତେଣୁ

ସେଇ ଶ୍ରମର [୨୮] ଦାମ ମଧ୍ୟ ସେଇ ଶ୍ରମର ଉତ୍ପାଦନ ଖର୍ଚ୍ଚ ସହିତ ସମାନ । ଅତଏବ କୌଣସି କାମର ବିରକ୍ତିକରତା ଯେଉଁ ଅନୁପାତରେ ବୃଦ୍ଧିପାଏ ସେଇ କାମ ଲାଗି ଦିଆଯାଉଥିବା ମଜୁରିର ପରିମାଣ ମଧ୍ୟ ସେଇ ଅନୁପାତରେ ହ୍ରାସ ପାଇଯାଏ । କେବଳ ସେତିକି ନୁହଁ, କଳକବ୍‌ଜାର ପ୍ରୟୋଗ ଓ ଶ୍ରମ ବିଭାଗ ଯେଉଁ ପରିମାଣରେ ବୃଦ୍ଧି ପାଉଛି ସେ ଅନୁପାତରେ କାମର ବୋଝ ଓ କଠୋରତା ମଧ୍ୟ ବଢ଼ୁଛି । ହୁଏତ କାମର ସମୟ ବଢ଼ାଇ ଦିଆଯାଉଛି ନତୁବା କମ୍ ସମୟ ଭିତରେ ବେଶୀ କାମ ଆଦାୟ କରାଯାଉଛି କିମ୍ବା କଳକବ୍‌ଜାର ବେଗ ବଢ଼ାଇ ଦିଆଯାଇ କାମର ବୋଝ ବଢ଼ାଇ ଦିଆଯାଉଛି ।

ଆଗେ ପରିବାର ମୁରବୀର ଯେଉଁ କ୍ଷୁଦ୍ର କାରଖାନା ବା କର୍ମଶାଳା ଥିଲା ତାକୁ ଆଜି ଆଧୁନିକ ଶିଳ୍ପ ସଂସ୍ଥା ପୁଞ୍ଜିବାଦୀ ଶିଳ୍ପପତିର ଏକ ବିରାଟ କାରଖାନାରେ ପରିଣତ କରି ଦେଇଛି । ଅଗଣିତ ଶ୍ରମିକ ଗୋଟିଏ ଗୋଟିଏ କାରଖାନାରେ ଆସି ରୁଣ୍ଡ ହେଉଛନ୍ତି । ଏବଂ ସେମାନଙ୍କୁ ସୈନ୍ୟବାହିନୀ ଭଳି ସଂଗଠିତ କରାଯାଉଛି । ଏହି ବିରାଟ ଶିଳ୍ପବାହିନୀର ସାଧାରଣ ସୈନିକମାନଙ୍କୁ ପର୍ଯ୍ୟାୟକ୍ରମେ ରୀତିମତ ଜଣେ ଜଣେ ହାକିମ ସେନାପତିଙ୍କ ଆୟତ୍ତାଧୀନରେ ରଖାଯାଉଛି । ଫଳରେ ସେମାନେ ଯେ କେବଳ ବୁର୍ଜୁଆ ଶ୍ରେଣୀର ଓ ବୁର୍ଜୁଆ ରାଷ୍ଟ୍ରର ଦାସରେ ପରିଣତ ହେଉଛନ୍ତି ତା ନୁହଁ, ସେମାନେ ମଧ୍ୟ ପ୍ରତିଦିନ ଆଉ ପ୍ରତି ମୁହୂର୍ତ୍ତରେ ଯନ୍ତ୍ରର ଦାସ ହୋଇ ପଡ଼ୁଛନ୍ତି, ତତ୍ତ୍ୱାବଧାରକର ବଶ୍ୟତା ସ୍ୱୀକାର କରୁଛନ୍ତି ଏବଂ ସର୍ବୋପରି ବୁର୍ଜୁଆ ବ୍ୟବସାୟୀର ବ୍ୟକ୍ତିଗତ ଦାସ ହେଉଛନ୍ତି । ଆଉ ଏହି ସ୍ୱେଚ୍ଛାଚାର ଯେତିକି ଯେତିକି ମୁନାଫାକୁ ତା'ର ଚରମ ଲକ୍ଷ୍ୟ ଓ ସାଧନା ବୋଲି ପ୍ରକାଶ୍ୟଭାବେ ଘୋଷଣା କରୁଛି ତାହା ସେତିକି ସେତିକି ହୀନ ପ୍ରତିପାଦିତ ହେଉଛି ଏବଂ ସେତିକି ସେତିକି ଘୃଣ୍ୟ ଓ ତିକ୍ତ ହୋଇ ଉଠୁଛି ।

କାୟିକ ଶ୍ରମରେ ବଳ ପ୍ରୟୋଗର ଓ ଶାରୀରିକ ନିପୁଣତାର ପ୍ରୟୋଜନୀୟତା ଯେଉଁ ପରିମାଣରେ କମି କମି ଯାଉଛି, ଅର୍ଥାତ୍ ଆଧୁନିକ ଶିଳ୍ପ ଯେତିକି ସମୃଦ୍ଧ ହୋଇ ଉଠୁଛି ସେହି ପରିମାଣରେ ଶିଳ୍ପ କ୍ଷେତ୍ରରେ ପୁରୁଷ ଶ୍ରମିକର ସ୍ଥାନ ମହିଳା ଶ୍ରମିକ ପୂରଣ କରି ନେଉଛି । ଶ୍ରମିକ ଶ୍ରେଣୀ ପକ୍ଷରେ ବୟସ ଭେଦ ବା ସ୍ତ୍ରୀ ପୁରୁଷ ଭେଦାଭେଦର ଆଉ କୌଣସି ବିଶିଷ୍ଟ ସାମାଜିକ ଯାଥାର୍ଥ୍ୟ ନାହିଁ । ସମସ୍ତେ ହେଉଛନ୍ତି ଶ୍ରମର ଉପକରଣ ମାତ୍ର—ବୟସର ପାର୍ଥକ୍ୟ ଓ ସ୍ତ୍ରୀ ପୁରୁଷ ପାର୍ଥକ୍ୟ ଅନୁଯାୟୀ ସମସ୍ତେ ଊଣା ଅଧିକେ ବ୍ୟୟସାଧ୍ୟ ଯାହା ।

କାରଖାନା ମାଲିକ କର୍ତ୍ତୃକ ଶ୍ରମିକର ଶୋଷଣର ପର୍ବ ଶେଷ ହେବାକ୍ଷଣି ଏବଂ ସେ ତା'ର ନଗଦ ମଜୁରି ପାଇ ସାରିବା କ୍ଷଣି ବୁର୍ଜୁଆ ଶ୍ରେଣୀର ଅନ୍ୟାନ୍ୟ ଅଂଶ ଯଥା—ଘରମାଲିକ, ଦୋକାନଦାର, ମହାଜନ ପ୍ରଭୃତି ଆସି ମଧ୍ୟ ତାକୁ ଘେରି ଯାଇ କବଳିତ କରି ନିଅନ୍ତି ।

ମଧ୍ୟବିତ୍ତ ଶ୍ରେଣୀର ନିମ୍ନ ସ୍ତରରେ ଯେଉଁମାନେ ଏପର୍ଯ୍ୟନ୍ତ ରହିଥିଲେ ଯଥା—ଛୋଟ ଛୋଟ ବ୍ୟବସାୟୀ, ଦୋକାନଦାର ଏବଂ ବ୍ୟବସାୟରୁ ଅବସର ଗ୍ରହଣ କରି ବସିଥିବା ଲୋକେ ଏବଂ ଛୋଟ ଛୋଟ କାରିଗର ଓ କୃଷକ ଏ ସମସ୍ତେ କ୍ରମେ କ୍ରମେ ସର୍ବହରାର ସ୍ତରକୁ ଖସି ଯାଆନ୍ତି । ତା'ର କାରଣ, ଏକ ପକ୍ଷରେ ସେମାନଙ୍କର ସ୍ୱଳ୍ପ ପୁଞ୍ଜି ଆଧୁନିକ ଶିଳ୍ପର ପ୍ରତିଷ୍ଠା ଲାଗି ଆଉ ଯଥେଷ୍ଟ ହୁଏ ନାହିଁ ଓ ସେମାନେ ବଡ଼ ବଡ଼ ପୁଞ୍ଜିପତିମାନଙ୍କ ସହ ପ୍ରତିଯୋଗିତାରେ ପରାସ୍ତ ହୋଇଯାଆନ୍ତି ଏବଂ ଅପର ପକ୍ଷରେ ଉତ୍ପାଦନର ନୂଆ ନୂଆ ପଦ୍ଧତିର ଉଦ୍ଭାବନ ଯୋଗୁଁ ସେମାନଙ୍କର ବ୍ୟକ୍ତିଗତ ବ୍ୟବସାୟ କୌଶଳ ଓ ନିପୁଣତା ଅର୍ଥହୀନ ହୋଇଯାଏ । ଏହିପରିଭାବେ ସବୁ ଶ୍ରେଣୀ ଭିତରୁ ଲୋକେ ଆସି ଶ୍ରମିକ ଶ୍ରେଣୀରେ ଅନ୍ତର୍ଭୁକ୍ତ ହୁଅନ୍ତି ।

ବିକାଶର ବିଭିନ୍ନ ପର୍ଯ୍ୟାୟ ଭିତର ଦେଇ ସର୍ବହରା ଶ୍ରେଣୀକୁ ଗତି କରିବାକୁ ପଡ଼େ । ତା'ର ଜନ୍ମ ମୁହୂର୍ତ୍ତରୁ ବୁର୍ଜୁଆ ଶ୍ରେଣୀ ସହିତ ତା'ର ସଂଗ୍ରାମ ଆରମ୍ଭ ହୋଇ ଯାଇଥାଏ । ପ୍ରଥମେ ପ୍ରଥମେ କେତେକ ବ୍ୟକ୍ତିବିଶେଷ ଶ୍ରମିକ ଏହି ସଂଗ୍ରାମ ଚଳାନ୍ତି । ତା' ପରେ ଗୋଟିଏ କାରଖାନର ସବୁ ଶ୍ରମିକ ଏବଂ ତା' ପରେ ଗୋଟିଏ ଅଞ୍ଚଳରେ ଗୋଟିଏ ଧନ୍ଦାରେ କାମ କରୁଥିବା ସବୁ ଶ୍ରମିକ ଏହି ସଂଗ୍ରାମରେ ଯୋଗ ଦିଅନ୍ତି । ଏହି ପ୍ରାଥମିକ ପର୍ଯ୍ୟାୟରେ ସେମାନଙ୍କର ସଂଗ୍ରାମ ସେମାନଙ୍କୁ ପ୍ରତ୍ୟକ୍ଷ ଭାବେ ଶୋଷଣ କରୁଥିବା ବୁର୍ଜୁଆ ବ୍ୟକ୍ତିବିଶେଷ ବିରୁଦ୍ଧରେ ଚାଲେ । ସେତେବେଳେ କିନ୍ତୁ ଶ୍ରମିକମାନଙ୍କର ଏହି ସଂଗ୍ରାମ ବୁର୍ଜୁଆ ଉତ୍ପାଦନ ବ୍ୟବସ୍ଥାର ପରିବେଶ ବିରୁଦ୍ଧରେ ପରିଚାଳିତ ନ ହୋଇ ଉତ୍ପାଦନର ଉପକରଣ ବିରୁଦ୍ଧରେ ପରିଚାଳିତ ହୋଇଥାଏ । ଅର୍ଥାତ୍ ସେମାନଙ୍କର ଶ୍ରମ ସହିତ ପ୍ରତିଯୋଗିତା କରୁଥିବା ଆମଦାନୀ ଦ୍ରବ୍ୟକୁ ଶ୍ରମିକମାନେ ଧ୍ୱଂସ କରି ଦିଅନ୍ତି, ଯନ୍ତ୍ରପାତି ଓ କଳକବ୍ଜାକୁ ଭାଙ୍ଗି ଚୁରମାର କରି ଦିଅନ୍ତି, କଳକାରଖାନା ଜାଳିପୋଡ଼ି ଦିଅନ୍ତି । ମୋଟ ଉପରେ ମଧ୍ୟଯୁଗୀୟ ଶ୍ରମଜୀବୀର ଯେଉଁ ସମ୍ମାନ ଓ ଆସ୍ଥାନ ଉଭେଇ ଯାଇଛି ତାକୁ ବଳପୂର୍ବକ ଫେରାଇ ଆଣିବା ପାଇଁ ସେମାନେ ଚେଷ୍ଟା କରନ୍ତି ।

ଏହି ପ୍ରାଥମିକ ପର୍ଯ୍ୟାୟରେ ଶ୍ରମିକମାନେ ସଂଘବଦ୍ଧ ନ ହୋଇ ଦେଶର ଚାରିଆଡ଼େ ଅସଂଲଗ୍ନ ଭାବେ ବିକ୍ଷିପ୍ତ ହୋଇ ରହିଥାନ୍ତି ଏବଂ ପାରସ୍ପରିକ ପ୍ରତିଯୋଗିତା ଦ୍ୱାରା ବିଚ୍ଛେଦଗ୍ରସ୍ତ ହୋଇ ପଡ଼ିଥାନ୍ତି । କେଉଁଠି କେଉଁଠି ଯଦିବା ସେମାନଙ୍କୁ ସେତେବେଳେ ଅପେକ୍ଷାକୃତ ସଂଘବଦ୍ଧ ଓ ଐକ୍ୟବଦ୍ଧ ଭାବେ ଦେଖିବାକୁ ମିଳେ ତାହେଲେ ବୁଝିବାକୁ ହେବ ସେଇଟା ସେମାନଙ୍କର ସଚେତନ ଉଦ୍ୟମର ଫଳ ନୁହେଁ । ତାହା ହେଉଛି ବୁର୍ଜୁଆ ଶ୍ରେଣୀର ଏକତାର ଫଳ । କାରଣ ବୁର୍ଜୁଆ ଶ୍ରେଣୀ ନିଜର ରାଜନୈତିକ ଲକ୍ଷ୍ୟ ସାଧନ ଲାଗି ସମଗ୍ର ସର୍ବହରା ଶ୍ରେଣୀକୁ ଚଞ୍ଚଳ ଓ ସକ୍ରିୟ କରିବାକୁ ବାଧ୍ୟ ହୋଇଥାଏ ଏବଂ କିଛି କାଳ ପାଇଁ ଅବଶ୍ୟ ଏହା କରିବା ପାଇଁ ସେ ସକ୍ଷମ ହୋଇଥାଏ । ସୁତରାଂ, ଏହି ପର୍ଯ୍ୟାୟରେ ସର୍ବହରା ଶ୍ରେଣୀ ତା'ର ଶତ୍ରୁ ବିରୁଦ୍ଧରେ ସଂଗ୍ରାମ କରେନାହିଁ । ସେ ସଂଗ୍ରାମ କରେ ତା'ର ଶତ୍ରୁର ଶତ୍ରୁ ବିରୁଦ୍ଧରେ—ଅର୍ଥାତ୍ ସ୍ୱେଚ୍ଛାଚାରୀ ରାଜତନ୍ତ୍ରର ଶେଷାବଶେଷ ବିରୁଦ୍ଧରେ, ଜମିଦାରମାନଙ୍କ ବିରୁଦ୍ଧରେ ଏବଂ ଶିଳ୍ପସଂସ୍ଥା ବାହାରେ ଥିବା ଅନ୍ୟାନ୍ୟ ବୁର୍ଜୁଆ ଓ ପେଟି-ବୁର୍ଜୁଆମାନଙ୍କ ବିରୁଦ୍ଧରେ । ଏହିପରି ଭାବେହିଁ ସବୁ ଐତିହାସିକ ଆନ୍ଦୋଳନର ପ୍ରବାହ ବୁର୍ଜୁଆ ଶ୍ରେଣୀ ହାତରେ ଆସି କେନ୍ଦ୍ରୀଭୂତ ହୋଇଛି । ଏହିପରି ଭାବେ ଯେଉଁ ବିଜୟ ହାସଲ କରାଯାଇଛି ତାହା ବୁର୍ଜୁଆ ଶ୍ରେଣୀର ବିଜୟରେ ପର୍ଯ୍ୟବସିତ ହୋଇଛି ।

କିନ୍ତୁ ଶିଳ୍ପର ବିକାଶ ସଙ୍ଗେ ସଙ୍ଗେ ସର୍ବହରା ଶ୍ରେଣୀର ସଂଖ୍ୟା କେବଳ ବୃଦ୍ଧି ପାଏ ନାହିଁ, ସେ ଆହୁରି ବହୁଳ ସଂଖ୍ୟାରେ ଏକତ୍ର କେନ୍ଦ୍ରୀଭୂତ ହୋଇ ରହେ, ତା'ର ଶକ୍ତି ବୃଦ୍ଧିପାଏ ଏବଂ ସେ ନିଜର ଶକ୍ତି ସମ୍ପର୍କରେ ଅଧିକ ସଚେତନ ହୋଇ ଉଠେ । ତା ସଙ୍ଗେ ସଙ୍ଗେ ଶ୍ରମିକ ଶ୍ରେଣୀ ଭିତରେ ଯେଉଁସବୁ ବିଭିନ୍ନ ସ୍ୱାର୍ଥ ଓ ଜୀବନଧାରଣର ପରିବେଶ ରହିଛି ତାହା ଅଧିକରୁ ଅଧିକ ସମାନ ହୋଇଯାଏ । କାରଣ କଳକବ୍ଜାର ପ୍ରୟୋଗ ଯେତିକି ଯେତିକି ବଢ଼ିଯାଏ, ଶ୍ରମର ବୈଶିଷ୍ଟ୍ୟ ସେତିକି ସେତିକି ଲୋପ ପାଇଯାଏ ଏବଂ ସର୍ବତ୍ର ଶ୍ରମିକମାନଙ୍କର ମଜୁରି ହାର ନିମ୍ନତମ ସ୍ତରକୁ ହ୍ରାସ ପାଇ ସମାନ ହୋଇଯାଏ । ତା' ଛଡ଼ା ବୁର୍ଜୁଆ ଶ୍ରେଣୀ ମଧ୍ୟରେ ପ୍ରତିଯୋଗିତା ବୃଦ୍ଧିପାଇବା ସଙ୍ଗେ ସଙ୍ଗେ ଏବଂ ତା ଫଳରେ ବ୍ୟବସାୟ କ୍ଷେତ୍ରରେ ସଂକଟ ପରେ ସଂକଟ ଦେଖାଦେବା ସଙ୍ଗେ ସଙ୍ଗେ ଶ୍ରମିକମାନଙ୍କର ମଜୁରିହାର ଆହୁରି ଅସ୍ଥିର ହୋଇଉଠେ । କଳକବ୍ଜାର ଅବ୍ୟାହତ ଉନ୍ନତି, ତା'ର ଅବିରାମ କ୍ଷିପ୍ର ବିକାଶ ଶ୍ରମିକ

ଶ୍ରେଣୀର ଜୀବିକାକୁ ଆହୁରି ଅନିଶ୍ଚିତ ଅବସ୍ଥା ଭିତରକୁ ଟାଣିନିଏ । ବୁର୍ଜୁଆ ଓ ଶ୍ରମିକ ମଧ୍ୟରେ ଯେଉଁ ସଂଘାତ ପ୍ରଥମେ ବ୍ୟକ୍ତିଗତ ପର୍ଯ୍ୟାୟରେ ଦେଖାଦିଏ ତାହା କ୍ରମଶଃ ଦୁଇଟି ଶ୍ରେଣୀର ପାରସ୍ପରିକ ସଂଘର୍ଷର ଆକାର ଧାରଣ କରେ । ତା' ପରେ ଶ୍ରମିକମାନେ ବୁର୍ଜୁଆ ଶ୍ରେଣୀ ବିରୁଦ୍ଧରେ ଐକ୍ୟବଦ୍ଧ ହେବାକୁ (ବା ଟ୍ରେଡ୍‌ୟୁନିଅନ ଗଠନ କରିବାକୁ) ଆରମ୍ଭ କରନ୍ତି । ସେମାନେ ସଂଘବଦ୍ଧ ହୁଅନ୍ତି ନିଜର ମଜୁରି ହାରକୁ ଚଢ଼ା ରଖିବା ପାଇଁ ଏବଂ ଏହିସବୁ ସାମୟିକ ବିଦ୍ରୋହର ସମ୍ଭାବନାକୁ ଆଖି ଆଗରେ ରଖି ତାକୁ ପରିଚାଳନା କରିବା ଲାଗି ସେମାନେ ସ୍ଥାୟୀ ସଂଗଠନ ଗଢ଼ନ୍ତି । ଠାଏ ଠାଏ ସେମାନଙ୍କର ଏହି ସଂଘର୍ଷ ଦଙ୍ଗାହାଙ୍ଗାମା ଆକାରରେ ମଧ୍ୟ ଫାଟିପଡ଼େ ।

ବେଳେ ବେଳେ ଶ୍ରମିକମାନେ ସେମାନଙ୍କର ସଂଗ୍ରାମରେ ଜୟୀ ହୁଅନ୍ତି ସତ, କିନ୍ତୁ ସେ ବିଜୟ କ୍ଷଣସ୍ଥାୟୀ ମାତ୍ର । ସେମାନଙ୍କର ଏହି ସଂଗ୍ରାମର ପ୍ରକୃତ ଫଳ ତା'ର ଆଶୁ ପରିଣାମରେ ପ୍ରକଟିତ ହୁଏ ନାହିଁ ; ତା'ର ପ୍ରକୃତ ଫଳ ଦେଖିବାକୁ ମିଳେ ସେମାନଙ୍କର ଚିରସଂପ୍ରସାରିତ ସଂଘ ଭିତରେ । ସେମାନଙ୍କର ଏହି ସଂଘ ଗଠନ କାର୍ଯ୍ୟରେ ଆଧୁନିକ ଶିଳ୍ପ ଦ୍ୱାରା ସୃଷ୍ଟ ଯୋଗାଯୋଗ ବ୍ୟବସ୍ଥା ଖୁବ୍ ସହାୟକ ହୁଏ । କାରଣ ତଦ୍ଦ୍ୱାରା ବିଭିନ୍ନ ଅଞ୍ଚଳରେ ଥିବା ଶ୍ରମିକମାନଙ୍କ ମଧ୍ୟରେ ସଂଯୋଗ ସ୍ଥାପନ କରିବା ଆହୁରି ସୁବିଧାଜନକ ହୁଏ । ବିଭିନ୍ନ ଅଞ୍ଚଳରେ ଯେଉଁ ଅଗଣିତ ସ୍ଥାନୀୟ ସଂଗ୍ରାମ ଦେଖାଦିଏ ତା'ର ଚରିତ୍ର ପ୍ରାୟ ସର୍ବତ୍ର ସମାନ । ତେଣୁ ଏହି ସ୍ଥାନୀୟ ସଂଗ୍ରାମଗୁଡ଼ିକୁ କେନ୍ଦ୍ରୀଭୂତ କରି ତାକୁ ଏକ ଜାତୀୟ ଶ୍ରେଣୀଗତ ସଂଗ୍ରାମରେ ରୂପାୟିତ କରିବା ଲାଗି ଏପରି ସଂଯୋଗ ସ୍ଥାପନ ବ୍ୟବସ୍ଥା ଏକାନ୍ତ ପ୍ରୟୋଜନ । କିନ୍ତୁ ପ୍ରତ୍ୟେକଟି ଶ୍ରେଣୀ ସଂଗ୍ରାମ ହେଉଛି ଗୋଟିଏ ଗୋଟିଏ ରାଜନୈତିକ ସଂଗ୍ରାମ । ଶ୍ରମଜୀବୀ ମଣିଷର ଏହି ପ୍ରକାର ସଙ୍ଘ ଗଠନ କରିବା ଲାଗି ଅତୀତରେ ମଧ୍ୟଯୁଗର ସ୍ୱାଧୀନ ନାଗରିକମାନଙ୍କୁ ତତ୍‌କାଳୀନ ଯାତାୟାତ ପଥଗୁଡ଼ିକର ସ୍ୱଳ୍ପତା ଓ ଶୋଚନୀୟ ଅବସ୍ଥା ଯୋଗୁଁ ଯେଉଁଠି ଶହ ଶହ ବର୍ଷ ଲାଗି ଯାଉଥିଲା ବର୍ତ୍ତମାନ ଆଧୁନିକ ରେଳପଥର ଆନୁକୂଲ୍ୟରୁ ଆଧୁନିକ ସର୍ବହରା ଶ୍ରେଣୀକୁ ସେପରି ସଙ୍ଘ ଗଠନ କରିବା ଲାଗି ମାତ୍ର ଅଳ୍ପ କେତୋଟି ବର୍ଷ ଲାଗୁଛି ।

ଗୋଟିଏ ଶ୍ରେଣୀ ହିସାବରେ ଏବଂ ତା' ପରେ ଗୋଟିଏ ରାଜନୈତିକ ଦଳ ହିସାବରେ ନିଜକୁ ସଂଗଠିତ କରିବା ପାଇଁ ଶ୍ରମିକ ଶ୍ରେଣୀର ଏହି ଯେଉଁ ଉଦ୍ୟମ ତାହା ଶ୍ରମିକମାନଙ୍କ ମଧ୍ୟରେ ପ୍ରତିଯୋଗିତା ଯୋଗୁଁ

ବାରମ୍ବାର ବାଧାପ୍ରାପ୍ତ ହୁଏ । କିନ୍ତୁ ଏହି ପ୍ରତିବନ୍ଧକକୁ ନିରନ୍ତର ଅତିକ୍ରମ କରି ଶ୍ରମିକ ଶ୍ରେଣୀ ପୁଣି ଜାଗି ଉଠେ ଆହୁରି ସଂହତ, ଆହୁରି ସୁଦୃଢ଼ ଓ ଆହୁରି ଶକ୍ତିଶାଳୀ ହୋଇ । ବୁର୍ଜୁଆ ଶ୍ରେଣୀ ମଧ୍ୟରେ ଥିବା ବିଭେଦର ସୁଯୋଗ ନେଇ ଶ୍ରମିକ ଶ୍ରେଣୀ ତାକୁ ବାଧ୍ୟ କରେ ଶ୍ରମିକମାନଙ୍କର କେତେକ ନିର୍ଦ୍ଦିଷ୍ଟ ସ୍ୱାର୍ଥକୁ ଆଇନଗତ ଭାବେ ସ୍ୱୀକାର କରିବା ପାଇଁ । ଏହିପରି ଭାବେହିଁ ଆଜି ଇଂଲଣ୍ଡରେ ଦଶଘଣ୍ଟିଆ ଶ୍ରମ ଦିବସର ଆଇନ ପ୍ରଣୟନ ହୋଇଛି ।

ମୋଟ ଉପରେ, ପ୍ରାଚୀନ ସମାଜର ଅନ୍ତର୍ଗତ ବିଭିନ୍ନ ଶ୍ରେଣୀର ସଂଘାତ ଅନେକ ଉପାୟରେ ସର୍ବହରା ଶ୍ରେଣୀର ବିକାଶର ଧାରାକୁ ଆହୁରି କ୍ଷିପ୍ର କରିଦିଏ । ବୁର୍ଜୁଆ ଶ୍ରେଣୀ ଦେଖେ ଯେ ସେ ଏକ ଅବିଚ୍ଛିନ୍ନ ସଂଘର୍ଷ ଭିତରେ ଜଡ଼ିତ ହୋଇ ପଡ଼ିଛି । ଅଭିଜାତ ଶ୍ରେଣୀ ସହିତ ତା'ର ପ୍ରଥମ ସଂଘର୍ଷ ଘଟେ । ତା' ପରେ ବୁର୍ଜୁଆ ଶ୍ରେଣୀର ଅନ୍ୟ ଯେଉଁ ଅଂଶର ସ୍ୱାର୍ଥ ଶିଳ୍ପ ବିକାଶରେ ବ୍ୟାଘାତ ସୃଷ୍ଟି କରେ ସେହିମାନଙ୍କ ସହିତ ତା'ର ସଂଘର୍ଷ ଘଟେ । ତା' ଛଡ଼ା ପରଦେଶ ବୁର୍ଜୁଆ ଶ୍ରେଣୀ ସହିତ ତ ତା'ର ସଂଘର୍ଷ ବରାବର ଲାଗି ରହିଥାଏ । ଏ ସବୁ ସଂଗ୍ରାମରେ ବୁର୍ଜୁଆ ଶ୍ରେଣୀ ସର୍ବହରା ଶ୍ରେଣୀର ସାହାଯ୍ୟ ଭିକ୍ଷା କରିବା ପାଇଁ ବରାବର ବାଧ୍ୟ ହୋଇଥାଏ । ତା କରିବା ଦ୍ୱାରା ସେ ସର୍ବହରା ଶ୍ରେଣୀକୁ ରାଜନୈତିକ ରଙ୍ଗମଞ୍ଚକୁ ଟାଣିଆଣିବା ପାଇଁ ମଧ୍ୟ ବାଧ୍ୟ ହୁଏ । ସୁତରାଂ, ଏହିପରି ଭାବେ ବୁର୍ଜୁଆ ଶ୍ରେଣୀ ନିଜେ ହିଁ ସର୍ବହରା ଶ୍ରେଣୀକୁ ତା'ର ସାଧାରଣ ଓ ରାଜନୈତିକ ଶିକ୍ଷା ଲାଭର ସୁଯୋଗ ଦିଏ । ଅର୍ଥାତ୍, ଯେଉଁସବୁ ଆୟୁଧ ଦ୍ୱାରା ବୁର୍ଜୁଆ ଶ୍ରେଣୀ ବିରୁଦ୍ଧରେ ସଂଗ୍ରାମ ଚାଲିବ ସେଇ ସବୁ ଆୟୁଧକୁ ସେ ସର୍ବହରା ଶ୍ରେଣୀ ହାତକୁ ଟେକି ଦିଏ ।

ତା' ଛଡ଼ା, ଆମେ ଦେଖିଥାଉଁ ଯେ, ଶିଳ୍ପର ବିକାଶ ସଙ୍ଗେ ସଙ୍ଗେ ଶାସକ ଶ୍ରେଣୀର ଗୋଟାଏ ଗୋଟାଏ ପୂରା ଅଂଶ ସର୍ବହରା ଶ୍ରେଣୀର ସାମିଲ ହୋଇଯାନ୍ତି, ନତୁବା ସେମାନଙ୍କର ଜୀବନଧାରଣର ଅବସ୍ଥା ଅତୀବ ଶୋଚନୀୟ ହୋଇଉଠେ । ତେଣୁ ଏହି ଶ୍ରେଣୀର ଅନେକ ପ୍ରଗତିଶୀଳ ଓ ଜ୍ଞାନୀ ଲୋକେ ସର୍ବହରା ଶ୍ରେଣୀ ଭିତରେ ଯାଇ ଅନ୍ତର୍ଭୁକ୍ତ ହୁଅନ୍ତି ।

ପରିଶେଷରେ, ଶ୍ରେଣୀ ସଂଗ୍ରାମ ଯେତେବେଳେ ତା'ର ଚରମ ମୁହୂର୍ତ୍ତ ଆଡ଼କୁ ଆଗେଇ ଯାଏ ସେତେବେଳେ ଶାସକ ଶ୍ରେଣୀ ଭିତରେ ତଥା ସମଗ୍ର ପ୍ରାଚୀନ ସମାଜ ଭିତରେ କ୍ଷୟ ଓ ବିଲୋପର ଯେଉଁ ପ୍ରକ୍ରିୟା

ଚାଲିଥାଏ ତାହା ଏପରି ନଗ୍ନ ଓ ହିଂସ୍ର ହୋଇଉଠେ ଯେ, ଶାସକ ଶ୍ରେଣୀର ଗୋଟିଏ କ୍ଷୁଦ୍ର ଅଂଶ ତା ଠାରୁ ବିଚ୍ଛିନ୍ନ ହୋଇଯାଏ ଏବଂ ବିପ୍ଳବୀ ଶ୍ରେଣୀ ଯେ କି ଭବିଷ୍ୟତକୁ ନିଜ ହାତ ମୁଠାରେ ଧରି ରଖିଛି ତା ସହିତ ମିଶିଯାଏ । ତେଣୁ, ଅତୀତରେ ଯେପରି ସଂଭ୍ରାନ୍ତ ସଂପ୍ରଦାୟର ଗୋଟିଏ ଅଂଶ ବୁର୍ଜୁଆ ଶ୍ରେଣୀ ନିକଟକୁ ଚାଲି ଆସିଥିଲା ସେହିପରି ବର୍ତ୍ତମାନ ବୁର୍ଜୁଆ ଶ୍ରେଣୀର ଗୋଟାଏ ଅଂଶ ସର୍ବହରା ଶ୍ରେଣୀ ପକ୍ଷକୁ ଚାଲି ଆସୁଛି । ବିଶେଷକରି ବୁର୍ଜୁଆ ଶ୍ରେଣୀର ଯେଉଁ ଭାବୁକମାନେ ଏହି ଐତିହାସିକ ପ୍ରଗତିର ପ୍ରବାହକୁ ସାମଗ୍ରିକ ଭାବେ ଏବଂ ତାତ୍ତ୍ୱିକ ଦୃଷ୍ଟିକୋଣରୁ ଉପଲବ୍ଧି କରିବାକୁ ସକ୍ଷମ ହୁଅନ୍ତି ସେମାନଙ୍କ ମଧ୍ୟରୁ ଗୋଟାଏ ଅଂଶ ସର୍ବହରା ଶ୍ରେଣୀ ପକ୍ଷକୁ ଚାଲି ଆସନ୍ତି ।

ଆଜି ଯେଉଁସବୁ ଶ୍ରେଣୀ ବୁର୍ଜୁଆ ଶ୍ରେଣୀ ବିରୁଦ୍ଧରେ ମୁଖାମୁଖି ହୋଇ ଠିଆ ହୋଇଛନ୍ତି ସେମାନଙ୍କ ମଧ୍ୟରୁ ସର୍ବହରା ଶ୍ରେଣୀହିଁ ଏକମାତ୍ର ପ୍ରକୃତ ବିପ୍ଳବୀ ଶ୍ରେଣୀ । ଅନ୍ୟ ଶ୍ରେଣୀମାନେ ଆଧୁନିକ ଶିଳ୍ପର ଅଗ୍ରଗତି ସମ୍ମୁଖରେ କ୍ଷୟ ହୋଇଯାନ୍ତି ଏବଂ ଅବଶେଷରେ ନିଶ୍ଚିହ୍ନ ହୋଇଯାନ୍ତି । କିନ୍ତୁ ସର୍ବହରା ଶ୍ରେଣୀ ହେଉଛି ଏହି ଆଧୁନିକ ଶିଳ୍ପର ଏକ ସ୍ୱତନ୍ତ୍ର ଅପରିହାର୍ଯ୍ୟ ସୃଷ୍ଟି ।

ନିମ୍ନ ମଧ୍ୟବିତ୍ତ ଶ୍ରେଣୀ: ଛୋଟ ବ୍ୟବସାୟୀ ଓ ଦୋକାନଦାର, କାରିଗର ଓ କୃଷକ, ଏମାନେ ସମସ୍ତେ ବୁର୍ଜୁଆ ଶ୍ରେଣୀ ବିରୁଦ୍ଧରେ ସଂଗ୍ରାମ କରନ୍ତି ମଧ୍ୟବିତ୍ତ ଶ୍ରେଣୀର ଏକ ଭଗ୍ନାଂଶ ହିସାବରେ ନିଜର ଅସ୍ତିତ୍ୱକୁ ଧ୍ୱଂସମୁଖରୁ ରକ୍ଷା କରିବା ପାଇଁ । ତେଣୁ ସେମାନେ ବିପ୍ଳବୀ ନୁହନ୍ତି, ସେମାନେ ରକ୍ଷଣଶୀଳ । କେବଳ ସେତିକି ନୁହଁ, ସେମାନେ ପ୍ରତିକ୍ରିୟାଶୀଳ ମଧ୍ୟ, କାରଣ ସେମାନେ ଇତିହାସର ଅଗ୍ରଗତିର ଚକକୁ ପଛକୁ ଫେରାଇ ଆଣିବାକୁ ଚାହାନ୍ତି । ଯଦି ବା ଅକସ୍ମାତ୍ ସେମାନେ କେବେ ବିପ୍ଳବୀ ହୁଅନ୍ତି ତା ହେଲେ ସର୍ବହରା ଶ୍ରେଣୀ ସହିତ ସାମିଲ ହୋଇଯିବାର ଆସନ୍ନ ଆଶଙ୍କା ଦୃଷ୍ଟିରୁ ସେମାନେ ସେପରି ହୁଅନ୍ତି । ତଦ୍ଦ୍ୱାରା ସେମାନେ ନିଜର ଉପସ୍ଥିତ ସ୍ୱାର୍ଥକୁ ରକ୍ଷା କରନ୍ତି ନାହିଁ, ସେମାନେ ରକ୍ଷା କରନ୍ତି ସେମାନଙ୍କର ଭବିଷ୍ୟତର ସ୍ୱାର୍ଥକୁ । ସେମାନେ ନିଜର ଆସ୍ଥାନ ପରିତ୍ୟାଗ କରି ସର୍ବହରା ଶ୍ରେଣୀର ଆସ୍ଥାନର ଆଶ୍ରୟ ଗ୍ରହଣ କରନ୍ତି ।

ପୁରାତନ ସମାଜର ନିମ୍ନତମ ସ୍ତର ଭିତରୁ ଯେଉଁ ପଚମାନ ଜଡ଼ ଜନଗୋଷ୍ଠୀ ଜାତ, ଯେ କି ସମାଜର କୁତ୍ସିତ ଆବର୍ଜନା ଭିତରେ ପରିପୁଷ୍ଟ, ସେ ଏକ ଅତି "ବିପଜ୍ଜନକ ଶ୍ରେଣୀ" [୨୯] । ବେଳେ ବେଳେ ଏଇଠି

ସେଇଠି ହୁଏତ ସେ ସର୍ବହରା ବିପ୍ଳବୀ ଆନ୍ଦୋଳନ ଭିତରକୁ ଟାଣି ହୋଇ ଆସିଥାଏ । କିନ୍ତୁ ତା'ର ଜୀବନଧାରଣର ଅବସ୍ଥା ଓ ପରିବେଶ ଯାହା ସେଥିରେ ସେ ପ୍ରତିକ୍ରିୟାଶୀଳ ଶକ୍ତିମାନଙ୍କର ଷଡ଼ଯନ୍ତ୍ରର ଭଡ଼ାଟିଆ ହତିଆର ଭାବେ ବ୍ୟବହୃତ ହେବାର ସମ୍ଭାବନା ବେଶୀ ।

ପୁରାତନ ସମାଜର ଯାହା ବା କିଛି ଭିତ୍ତି ରହିଛି ତା'ର ଅବସ୍ଥା ଇତିମଧ୍ୟରେ ସର୍ବହରା ଶ୍ରେଣୀର ଅବସ୍ଥା ଭିତରେ ପ୍ରାୟ ନିମଜ୍ଜିତ ହୋଇ ଗଲାଣି । ସର୍ବହରା ଶ୍ରେଣୀର କୌଣସି ସମ୍ପତ୍ତି ନାହିଁ । ନିଜର ସ୍ତ୍ରୀ ଓ ସନ୍ତାନସନ୍ତତିଙ୍କ ସହିତ ତା'ର ଯେଉଁ ସମ୍ପର୍କ ତାହା ବୁର୍ଜୁଆ ପାରିବାରିକ ସମ୍ପର୍କଠାରୁ ସଂପୂର୍ଣ୍ଣରୂପେ ପୃଥକ୍ । ଏହି ଉଭୟ ମଧ୍ୟରେ ଆଉ କୌଣସି ସାମଞ୍ଜସ୍ୟ ନାହିଁ । ଆଧୁନିକ ଶିଳ୍ପ କାରଖାନାରେ ପରିଶ୍ରମ କରିବା ଓ ଆଧୁନିକ ପୁଞ୍ଜି ନିକଟରେ ଦାସ ହୋଇ ରହିବା ଫଳରେ ତା'ର ଜାତୀୟ ଚରିତ୍ରର ସମସ୍ତ ସତ୍ତା ଲୋପ ପାଇ ଯାଇଛି । ଫ୍ରାନ୍ସରେ ଯାହା ଇଂଲଣ୍ଡରେ ବି ସେୟା, ଜର୍ମାନୀରେ ଯାହା ଆମେରିକାରେ ବି ସେୟା । ସର୍ବହରା ଶ୍ରେଣୀ ପକ୍ଷରେ ଆଇନ, ନୈତିକତା ଓ ଧର୍ମ ହେଉଛି ଗୋଟିଏ ଗୋଟିଏ ବୁର୍ଜୁଆ କୁସଂସ୍କାର ମାତ୍ର, ଯାହା ପଛରେ ବୁର୍ଜୁଆ ଶ୍ରେଣୀର ଗୋଟିଏ ଗୋଟିଏ ସ୍ୱାର୍ଥ ଛପି ଛପି ରହିଛି ସର୍ବହରା ଶ୍ରେଣୀ ଉପରେ ଆକ୍ରମଣ କରିବା ଲାଗି ।

ଇତିପୂର୍ବରୁ ଯେତେ ସବୁ ଶ୍ରେଣୀ କର୍ତ୍ତୃତ୍ୱ ଲାଭ କରି ଆସିଛନ୍ତି ସେମାନେ ସମସ୍ତେ ସମଗ୍ର ସମାଜକୁ ନିଜର ଲୁଣ୍ଠନ ବ୍ୟବସ୍ଥା ଦ୍ୱାରା କବଳିତ କରି ନିଜର ଆସ୍ଥାନକୁ ସୁରକ୍ଷିତ ଓ ସୁଦୃଢ଼ କରିବା ଲାଗି ଚେଷ୍ଟା କରିଛନ୍ତି । କିନ୍ତୁ ସେହି ଉପାୟରେ ସର୍ବହରା ଶ୍ରେଣୀ ସମାଜର ଉତ୍ପାଦିକା ଶକ୍ତି ସମୂହର ମାଲିକ ହୋଇ ପାରିବ ନାହିଁ । ସେଥିପାଇଁ ତାକୁ ଅତୀତର ସବୁ ପ୍ରକାର ଶୋଷଣ ଓ ଲୁଣ୍ଠନ ପ୍ରଣାଳୀକୁ ଲୋପ କରିଦେବାକୁ ପଡ଼ିବ । ସେମାନଙ୍କର ନିଜର ବୋଲି କିଛି ନାହିଁ ଯାହାକୁ କି ସୁରକ୍ଷିତ ଓ ସୁଦୃଢ଼ କରିବା ଦରକାର । ସେମାନଙ୍କ ଅଭିଯାନର ଉଦ୍ଦେଶ୍ୟ ହେଉଛି ବ୍ୟକ୍ତିଗତ ସମ୍ପତ୍ତିକୁ ସୁରକ୍ଷିତ ଓ ସୁଦୃଢ଼ କରିବା ପାଇଁ ଯେଉଁ ସବୁ ବ୍ୟବସ୍ଥା ହୋଇଛି ତାକୁ ସମୂଳେ ଧ୍ୱଂସ କରିବା ।

ଅତୀତରେ ଯେଉଁସବୁ ଐତିହାସିକ ଆନ୍ଦୋଳନ ହୋଇଛି ସେ ସବୁ ହେଉଛି ସଂଖ୍ୟାଲଘୁ ଅଂଶର ଆନ୍ଦୋଳନ କିମ୍ବା ଅଳ୍ପସଂଖ୍ୟକ ଲୋକଙ୍କର ସ୍ୱାର୍ଥରକ୍ଷାର ଆନ୍ଦୋଳନ । କିନ୍ତୁ ସର୍ବହରା ଶ୍ରେଣୀର ଆନ୍ଦୋଳନ ହେଉଛି ସମାଜର ସୁବିପୁଳ ସଂଖ୍ୟାଧିକ ଜନତାର ସ୍ୱାର୍ଥରକ୍ଷା ଲାଗି ବିପୁଳ ସଂଖ୍ୟାଗରିଷ୍ଠ

ଅଂଶର ଆନ୍ଦୋଳନ । ଏହା ଏକ ଆତ୍ମ-ସଚେତନ ଓ ସ୍ୱାଧୀନ ଆନ୍ଦୋଳନ । ସର୍ବହରା ଶ୍ରେଣୀ ଆଧୁନିକ ସମାଜର ସର୍ବନିମ୍ନ ସ୍ତରରେ ରହିଛି । ତେଣୁ ତା ଉପରେ ଲଦି ହୋଇ ରହିଥିବା ସ୍ତରୀଭୂତ ହାକିମୀ ସମାଜକୁ ଛିନ୍ନଭିନ୍ନ କରି ହାଓ୍ୱାରେ ଉଡ଼ାଇ ନ ଦେଲେ ତା ପକ୍ଷରେ ଟିକିଏ ହଲଚଲ ହେବା କିମ୍ବା ଉଠି ଠିଆ ହେବା ଆଦୌ ସମ୍ଭବ ନୁହଁ ।

ବସ୍ତୁତଃ ନ ହେଲେ ମଧ୍ୟ ବାହ୍ୟତଃ ବୁର୍ଜୁଆ ଶ୍ରେଣୀ ସହିତ ସର୍ବହରା ଶ୍ରେଣୀର ସଂଗ୍ରାମ ପ୍ରଥମେ ଏକ ଜାତୀୟ ସଂଗ୍ରାମର ରୂପ ଧାରଣ କରେ । ପ୍ରତ୍ୟେକ ଦେଶର ସର୍ବହରା ଶ୍ରେଣୀକୁ ପ୍ରଥମେ ନିଶ୍ଚୟ ତା ନିଜ ଦେଶର ବୁର୍ଜୁଆ ଶ୍ରେଣୀ ସହିତ ହିସାବ ନିକାଶ କରିବାକୁ ପଡ଼ିବ ।

ସର୍ବହରା ଶ୍ରେଣୀର କ୍ରମବିକାଶର ଇତିହାସ ସାଧାରଣ ଭାବେ ଅନୁଧ୍ୟାନ କଲାବେଳେ ଆମେ ଲକ୍ଷ୍ୟ କରିଥାଉଁ ସମାଜ ଭିତରେ ଅଳ୍ପ ବହୁତ ଏକ ପ୍ରଚ୍ଛନ୍ନ ଅନ୍ତର୍ଯୁଦ୍ଧ କିପରି ବରାବର ଲାଗି ରହିଥାଏ । ତା' ପରେ ଏହି ଅନ୍ତର୍ଯୁଦ୍ଧ କିପରି ପ୍ରକାଶ୍ୟ ବିପ୍ଳବରେ ପରିଣତ ହୁଏ ଏବଂ ତା' ପରେ ବୁର୍ଜୁଆ ଶ୍ରେଣୀକୁ ବଳପୂର୍ବକ କ୍ଷମତାଚ୍ୟୁତ କରିଦେବା ଫଳରେ ସର୍ବହରା ଶ୍ରେଣୀର ପ୍ରଭୁତ୍ୱ ପ୍ରତିଷ୍ଠା ଲାଗି ଭିତ୍ତି ସ୍ଥାପିତ ହୁଏ । ଏହା ଆମେ ବର୍ଣ୍ଣନା କରି ସାରିଛୁ ।

ଏପର୍ଯ୍ୟନ୍ତ ଯେଉଁସବୁ ମଣିଷ ସମାଜ ତିଷ୍ଠି ଆସିଛି ତାହା କିପରି ଅତ୍ୟାଚାରୀ ଓ ଅତ୍ୟାଚାରିତ ଶ୍ରେଣୀମାନଙ୍କର ପାରସ୍ପରିକ ଶତ୍ରୁତା ଉପରେ ପ୍ରତିଷ୍ଠିତ ହୋଇ ଆସିଛି ତାହା ଆମେ ଦେଖି ସାରିଛୁ । କିନ୍ତୁ ଗୋଟାଏ ଶ୍ରେଣୀକୁ ନିର୍ଯ୍ୟାତିତ କରି ରଖିବାକୁ ହେଲେ ସେହି ଶ୍ରେଣୀ ଯେପରି ଦାସଭାବେ ତିଷ୍ଠି ରହିପାରିବ ଅନ୍ତତଃ ତା'ର କେତେକ ଆବଶ୍ୟକୀୟ ବ୍ୟବସ୍ଥା ରହିବା ଦରକାର । ସାମନ୍ତବାଦୀ ସ୍ୱୈରତନ୍ତ୍ରର ଅଧୀନରେ ପେଟି-ବୁର୍ଜୁଆ ଶ୍ରେଣୀ ଯେପରି କ୍ରମେ କ୍ରମେ ବୁର୍ଜୁଆ ଶ୍ରେଣୀରେ ଆସି ପରିଣତ ହେଲା ସେହିପରି ଭୂଦାସ ପ୍ରଥା ଯୁଗରେ ମଧ୍ୟ ଭୂଦାସମାନେ କ୍ରମଶଃ କମ୍ୟୁନ୍‌ର ସଭ୍ୟ ପଦକୁ ଉନ୍ନୀତ ହୋଇ ଉଠିଥିଲେ । କିନ୍ତୁ ଆଧୁନିକ ଶ୍ରମିକ ଶ୍ରେଣୀ ଶିଳ୍ପର ଅଗ୍ରଗତି ସଙ୍ଗେ ସଙ୍ଗେ ଉନ୍ନତି ଲାଭ କରିବା ପରିବର୍ତ୍ତେ ଦିନକୁ ଦିନ ତଳକୁ ତଳକୁ ଖସିଯାଏ, ନିଜ ଶ୍ରେଣୀର ଜୀବନଧାରଣର ଅବସ୍ଥାଠାରୁ ଆହୁରି ତଳକୁ ମଧ୍ୟ । ସେ ନିଃସ୍ୱ ହୋଇଯାଏ ଏବଂ ଏହି ନିଃସ୍ୱତା ଧନସମ୍ପଦ ବା ଜନସଂଖ୍ୟାଠାରୁ ଆହୁରି କ୍ଷିପ୍ର ଗତିରେ ବୃଦ୍ଧିପାଏ । ଏଇଠି ଏପରି ଅବସ୍ଥାରେ ଏ କଥା ଅତି ସ୍ପଷ୍ଟ ହୋଇଉଠେ ଯେ, ବୁର୍ଜୁଆ ଶ୍ରେଣୀ ସମାଜରେ ଶାସକ ହୋଇ ରହିବା ପାଇଁ ଆଉ

ଉପଯୁକ୍ତ ନୁହଁ କି ନିଜର ଅସ୍ତିତ୍ୱର ପରିବେଶକୁ ସମାଜ ଉପରେ ଏକ ଅଲଙ୍ଘନୀୟ ଆଇନ ହିସାବରେ ଲଦି ଦେବା ପାଇଁ ସକ୍ଷମ ନୁହଁ । ସେ ଶାସନ କରିବା ପାଇଁ ଅନୁପଯୁକ୍ତ, କାରଣ ସେ ତା'ର ଦାସମାନଙ୍କୁ ଦାସତ୍ୱର ପରିସର ଭିତରେ ବଞ୍ଚେଇ ରଖିବା ପାଇଁ ମଧ୍ୟ ଅସମର୍ଥ ; କାରଣ ତା ଅଧୀନରେ ଏହି ଦାସମାନଙ୍କର ଅବସ୍ଥା ଏପରି ଶୋଚନୀୟ ହୋଇପଡ଼େ ଯେ ତା'ଠାରୁ ନିଜର ଖୋରାକ ପାଇବା ପରିବର୍ତ୍ତେ ସେମାନଙ୍କୁ ଓଲଟି ତାକୁ ଖୋରାକ ଯୋଗାଇବାକୁ ପଡ଼େ । ଏପରି ପରିସ୍ଥିତିରେ ମଣିଷ ସମାଜ ଆଉ ବୁର୍ଜୁଆ ଶ୍ରେଣୀର ଅଧୀନସ୍ଥ ହୋଇ ରହି ପାରେନା ; ଅର୍ଥାତ୍ ବୁର୍ଜୁଆ ଶ୍ରେଣୀର ଅସ୍ତିତ୍ୱ ଆଉ ସମାଜ ସହିତ ଖାପ ଖାଏନାହିଁ ।

ବୁର୍ଜୁଆ ଶ୍ରେଣୀର ଅସ୍ତିତ୍ୱକୁ ଓ ତା'ର ପ୍ରତିଷ୍ଠିତ ଆଧିପତ୍ୟକୁ ବଜାୟ ରଖିବା ଲାଗି ପୁଞ୍ଜିର ଉତ୍ପାଦନ ଓ ପୁଞ୍ଜିର ଅଭିବୃଦ୍ଧି ଏକାନ୍ତ ଅପରିହାର୍ଯ୍ୟ ; ଆଉ ପୁଞ୍ଜି ଉତ୍ପାଦନ ଲାଗି ମଜୁରି ଶ୍ରମ ଏକାନ୍ତ ପ୍ରୟୋଜନ । ଶ୍ରମ ମଜୁରି ସଂପୂର୍ଣ୍ଣଭାବେ ଶ୍ରମିକମାନଙ୍କର ପାରସ୍ପରିକ ପ୍ରତିଯୋଗିତା ଉପରେ ନିର୍ଭର କରେ । ଶିଳ୍ପର ଅଗ୍ରଗତି—ଯାହାକୁ କି ବୁର୍ଜୁଆ ଶ୍ରେଣୀ ନିଜର ଅନିଚ୍ଛାସତ୍ତ୍ୱେ ମଧ୍ୟ ପରିପୁଷ୍ଟ କରିବାକୁ ବାଧ୍ୟ ହୋଇଥାଏ— ସେହି ଅଗ୍ରଗତି ଫଳରେ ପ୍ରତିଯୋଗିତାଜନିତ ଶ୍ରମିକମାନଙ୍କ ମଧ୍ୟରେ ସୃଷ୍ଟ ହୋଇଥିବା ବିଚ୍ଛେଦ ଦୂର ହୋଇଯାଏ ଏବଂ ତା ପରିବର୍ତ୍ତେ ପାରସ୍ପରିକ ସଂସର୍ଗ ଜନିତ ବିପ୍ଳବୀ ଏକତା ସେମାନଙ୍କ ମଧ୍ୟରେ ଦେଖାଯାଏ । ତେଣୁ ଯେଉଁ ଭିତ୍ତି ଉପରେ ଠିଆହୋଇ ବୁର୍ଜୁଆ ଶ୍ରେଣୀ ତା'ର ଉତ୍ପାଦନ କାର୍ଯ୍ୟ ଚଳାଏ ଓ ଉତ୍ପନ୍ନ ଧନକୁ ଆତ୍ମସାତ୍ କରେ ସେହି ଭିତ୍ତି ଆଧୁନିକ ଶିଳ୍ପର ଅଗ୍ରଗତି ସଙ୍ଗେ ସଙ୍ଗେ ବୁର୍ଜୁଆ ଶ୍ରେଣୀର ପାଦତଳୁ ଖସି ଖସି ଯାଏ । ଫଳରେ ବୁର୍ଜୁଆ ଶ୍ରେଣୀ ଯାହାକୁ ସୃଷ୍ଟି କରେ, ସର୍ବୋପରି ସେ ହୁଏ ତା'ର କବରଦାତା । ବୁର୍ଜୁଆ ଶ୍ରେଣୀର ପତନ ଯେପରି ଅନିବାର୍ଯ୍ୟ ସର୍ବହରା ଶ୍ରେଣୀର ବିଜୟ ମଧ୍ୟ ସେହିପରି ଅବଶ୍ୟମ୍ଭାବୀ ।

द्वितीय परिच्छेद

# ସର୍ବହରା ଓ କମ୍ୟୁନିଷ୍ଟ

ସମଗ୍ରଭାବେ ବିଚାର କଲେ ସର୍ବହରା ଶ୍ରେଣୀ ସହିତ କମ୍ୟୁନିଷ୍ଟମାନଙ୍କର ସମ୍ପର୍କ କ'ଣ ?

ଅନ୍ୟାନ୍ୟ ଶ୍ରମିକ ଶ୍ରେଣୀ ଦଳଗୁଡ଼ିକର ବିରୋଧୀ ଶକ୍ତି ହିସାବରେ କମ୍ୟୁନିଷ୍ଟମାନେ ଏକ ସ୍ୱତନ୍ତ୍ର ଦଳ ଗଠନ କରନ୍ତି ନାହିଁ ।

ସର୍ବହରା ଶ୍ରେଣୀର ସାମଗ୍ରିକ ସ୍ୱାର୍ଥଠାରୁ ସେମାନଙ୍କର ସ୍ୱାର୍ଥ ସ୍ୱତନ୍ତ୍ର ଓ ଭିନ୍ନ ନୁହଁ ।

ସର୍ବହରା ଶ୍ରେଣୀର ଆନ୍ଦୋଳନକୁ ସଂଗଠିତ ଓ ରୂପାୟିତ କରିବା ଲାଗି ସେମାନେ ନିଜର ଅନ୍ୟ କୌଣସି ଗୋଷ୍ଠୀଗତ ନୀତି ଅବଲମ୍ବନ କରନ୍ତି ନାହିଁ ।

ଅନ୍ୟାନ୍ୟ ଶ୍ରମିକ ଶ୍ରେଣୀ ଦଳଗୁଡ଼ିକ ସହିତ କମ୍ୟୁନିଷ୍ଟମାନଙ୍କର ଏତିକି ପାର୍ଥକ୍ୟ :—୧. ସେମାନେ ବିଭିନ୍ନ ଦେଶର ସର୍ବହରା ଶ୍ରେଣୀର ଜାତୀୟ ସଂଗ୍ରାମରେ ସବୁ ପ୍ରକାର ଜାତିନିର୍ବିଶେଷରେ ସମଗ୍ର ସର୍ବହରା ଶ୍ରେଣୀର ସାମୂହିକ ସ୍ୱାର୍ଥକୁହିଁ ସର୍ବତୋଭାବେ ସମ୍ମୁଖରେ ଉପସ୍ଥାପିତ କରନ୍ତି । ୨. ବୁର୍ଜୁଆ ଶ୍ରେଣୀ ବିରୁଦ୍ଧରେ ସର୍ବହରା ଶ୍ରେଣୀର ସଂଗ୍ରାମ ଯେଉଁସବୁ ପର୍ଯ୍ୟାୟ ଭିତର ଦେଇ ଅଗ୍ରଗତି କରେ ସେ ସବୁ ପର୍ଯ୍ୟାୟରେ କମ୍ୟୁନିଷ୍ଟମାନେ ସର୍ବଦା ଏବଂ ସର୍ବତ୍ର ସମଗ୍ର ଆନ୍ଦୋଳନର ସ୍ୱାର୍ଥକୁ ରକ୍ଷା କରନ୍ତି ।

ସୁତରାଂ, କମ୍ୟୁନିଷ୍ଟମାନେ ହେଉଛନ୍ତି ଏକ ପକ୍ଷରେ କାର୍ଯ୍ୟତଃ, ପ୍ରତ୍ୟେକ ଦେଶର ଶ୍ରମିକ ଶ୍ରେଣୀ ଦଳଗୁଡ଼ିକର ସର୍ବାପେକ୍ଷା ଅଗ୍ରଗାମୀ

ଏବଂ ଦୃଢ଼ପ୍ରତିଜ୍ଞ ଅଂଶ ଯେ କି ଅନ୍ୟ ସମସ୍ତଙ୍କୁ ମଧ୍ୟ ଆଗକୁ ଟାଣିନିଏ । ଅପର ପକ୍ଷରେ ତାତ୍ତ୍ୱିକ ଦୃଷ୍ଟିରୁ ଦେଖିଲେ ସର୍ବହରା ଜନତା ଅପେକ୍ଷା ସେମାନେ ଅପେକ୍ଷାକୃତ ଅଧିକ ସ୍ପଷ୍ଟଭାବେ ହୃଦୟଙ୍ଗମ କରିପାରନ୍ତି— ସର୍ବହରା ଆନ୍ଦୋଳନର ଅଭିଯାନର ଧାରା, ତା'ର ପରିବେଶ ଓ ତା'ର ଚରମ ପରିଣତି ।

କମ୍ଯୁନିଷ୍ଟମାନଙ୍କର ଆଶୁ ଲକ୍ଷ୍ୟ ଅନ୍ୟାନ୍ୟ ସର୍ବହରା ଦଳମାନଙ୍କର ଆଶୁ ଲକ୍ଷ୍ୟ ସହିତ ସମାନ । ସେ ଲକ୍ଷ୍ୟ ହେଉଛି, ସର୍ବହରାମାନଙ୍କୁ ଏକ ଶ୍ରେଣୀ ହିସାବରେ ଗଠନ କରିବା, ବୁର୍ଜୁଆ ଶ୍ରେଣୀର ଆଧିପତ୍ୟକୁ ଉଚ୍ଛେଦ କରିବା ଏବଂ ସର୍ବହରା ଶ୍ରେଣୀ ଦ୍ୱାରା ରାଜନୈତିକ କ୍ଷମତା ଜୟ କରିବା ।

କୌଣସି ଭାବୀ ସାର୍ବଜନୀନ ସମାଜ ସଂସ୍କାରକର କପୋଳକଳ୍ପିତ ଓ ଉଦ୍‌ଭାବିତ ଭାବଧାରା ବା ନୀତି ଉପରେ କମ୍ଯୁନିଷ୍ଟମାନଙ୍କର ତାତ୍ତ୍ୱିକ ସିଦ୍ଧାନ୍ତ ପ୍ରତିଷ୍ଠିତ ନୁହେଁ ।

ଆମ ଆଖି ଆଗରେ ଆଜି ଯେଉଁ ଶ୍ରେଣୀ ସଂଗ୍ରାମ ଓ ଯେଉଁ ଐତିହାସିକ ଆନ୍ଦୋଳନ ଚାଲିଛି ତା'ରି ଭିତରୁ ଜନ୍ମଲାଭ କରିଥିବା ବାସ୍ତବ ସମ୍ପର୍କକୁହିଁ କମ୍ଯୁନିଷ୍ଟମାନଙ୍କର ତାତ୍ତ୍ୱିକ ସିଦ୍ଧାନ୍ତ ଅଭିବ୍ୟକ୍ତ କରେ । ପ୍ରଚଳିତ ଆର୍ଥିକ ସମ୍ପର୍କର ବିଲୋପ ସାଧନ କମ୍ଯୁନିଷ୍ଟ ମତବାଦର ଏକ ବିଶିଷ୍ଟ ଲକ୍ଷଣ ନୁହେଁ ।

ଅତୀତରେ ସମସ୍ତ ପ୍ରକାର ଆର୍ଥିକ ସମ୍ପର୍କ ଐତିହାସିକ ପରିବେଶର ପରିବର୍ତ୍ତନ ସଙ୍ଗେ ସଙ୍ଗେ ଇତିହାସର ଗତିପଥରେ ନିରବଚ୍ଛିନ୍ନ ଭାବେ ପରିବର୍ତ୍ତିତ ହୋଇ ଆସିଛି । ଏହାର ସ୍ପଷ୍ଟ ଦୃଷ୍ଟାନ୍ତ ଫରାସୀ ବିପ୍ଳବରେ ଦେଖିବାକୁ ମିଳେ । ଫରାସୀ ବିପ୍ଳବ ବୁର୍ଜୁଆ ଶ୍ରେଣୀର ଆର୍ଥିକ ସଂସ୍ଥାର ସପକ୍ଷରେ ଯାଇ ସାମନ୍ତବାଦୀ ଆର୍ଥିକ ସଂସ୍ଥାର ବିଲୋପ ସାଧନ କରିଥିଲା ।

ତେଣୁ ଆର୍ଥିକ ସଂସ୍ଥା ବା ସମ୍ପଦର ସାଧାରଣ ବିଲୋପ ସାଧନ କମ୍ଯୁନିଷ୍ଟ ମତବାଦର ବୈଶିଷ୍ଟ୍ୟ ନୁହଁ । କମ୍ଯୁନିଷ୍ଟ ମତବାଦର ବୈଶିଷ୍ଟ୍ୟ ହେଉଛି ବୁର୍ଜୁଆ ଆର୍ଥିକ ସଂସ୍ଥାର ବିଲୋପ ସାଧନ । କିନ୍ତୁ ଆଧୁନିକ ବୁର୍ଜୁଆ ବ୍ୟକ୍ତିଗତ ସମ୍ପତ୍ତି ହେଉଛି—ମୁଷ୍ଟିମେୟ ଲୋକଙ୍କ ଦ୍ୱାରା ବହୁ ଲୋକଙ୍କର ଲୁଣ୍ଠନ ଉପରେ ପ୍ରତିଷ୍ଠିତ ଏବଂ ଶ୍ରେଣୀ ଶତ୍ରୁତା ଉପରେ ପ୍ରତିଷ୍ଠିତ ଉତ୍ପାଦନ ଓ ଆତ୍ମସାତ୍ କରିବାର ଯେଉଁ ପଦ୍ଧତି ପ୍ରଚଳିତ ରହିଛି ତା'ର ଚରମ ଓ ପୂର୍ଣ୍ଣାଙ୍ଗ ଅଭିବ୍ୟକ୍ତି ମାତ୍ର ।

ଏହି ଦୃଷ୍ଟିରୁ ବିଚାର କଲେ କମ୍ୟୁନିଷ୍ଟ ମତବାଦର ନୀତି ତତ୍ତ୍ୱକୁ ଗୋଟିଏ ସଂକ୍ଷିପ୍ତ ବାକ୍ୟରେ ବ୍ୟକ୍ତ କରାଯାଇ ପାରେ :—ବ୍ୟକ୍ତିଗତ ସମ୍ପତ୍ତିର ବିଲୋପ ।

ଆମ କମ୍ୟୁନିଷ୍ଟମାନଙ୍କ ବିରୁଦ୍ଧରେ ଦୋଷାରୋପ କରାଯାଉଛି ଯେ, ନିଜ ଶ୍ରମର ଫଳସ୍ୱରୂପ କୌଣସି ସମ୍ପତ୍ତିକୁ ଦଖଲ କରିବାର ଅଧିକାରକୁ ଆମେ ଲୋପ କରି ଦେବାକୁ ଚାହୁଁ, ଯେଉଁ ଅଧିକାର କି କୁଆଡ଼େ ସବୁ ପ୍ରକାର ବ୍ୟକ୍ତିଗତ ସ୍ୱାଧୀନତା, ବ୍ୟକ୍ତିଗତ କର୍ମପ୍ରବଣତା ଓ ବ୍ୟକ୍ତିଗତ ସ୍ୱାତନ୍ତ୍ର୍ୟର ମୂଳ ଭିତ୍ତି ।

ଆହା, କଷ୍ଟଲବ୍ଧ, ସ୍ୱାଧୀକୃତ, ସ୍ୱୋପାର୍ଜିତ ସମ୍ପତ୍ତି ! ସତେ ? ତୁମେ କ'ଣ କହିବାକୁ ଚାହୁଁଛ ଛୋଟ କାରିଗର ଆଉ ଛୋଟ ଚାଷୀର ସମ୍ପତ୍ତିର କଥା, ଯାହା କି ବୁର୍ଜୁଆ ସମ୍ପତ୍ତି ପୂର୍ବରୁ ମଧ୍ୟ ତିଷ୍ଠି ରହିଥିଲା ? ସେ ସମ୍ପତ୍ତିକୁ ତ ଲୋପ କରିବାର କୌଣସି ଆବଶ୍ୟକତା ନାହିଁ । କାରଣ ସେ ସମ୍ପତ୍ତିକୁ ଆଜି ଶିଳ୍ପର ଅଗ୍ରଗତି ବହୁ ପରିମାଣରେ ଧ୍ୱଂସ କରି ଦେଇସାରିଛି । ଆଉ ଯାହା ବା କିଛି ଅଛି ତାକୁ ଆଧୁନିକ ଶିଳ୍ପ ଆଜି ଆମ ଆଖି ଆଗରେ ପ୍ରତିଦିନ ଧ୍ୱଂସ କରି ଦେଇ ଯାଉଛି ।

ଆଉ ତା ହେଲେ ତୁମେ କ'ଣ ଆଧୁନିକ ବୁର୍ଜୁଆ ବ୍ୟକ୍ତିଗତ ସମ୍ପତ୍ତି କଥା କହୁଛ ?

କିନ୍ତୁ ଶ୍ରମିକକୁ ଯେଉଁ ଶ୍ରମ-ମଜୁରି ଦିଆଯାଏ ତା କ'ଣ ଶ୍ରମିକ ପାଇଁ କୌଣସି ପ୍ରକାର ସମ୍ପତ୍ତି ସୃଷ୍ଟି କରେ ? ମୋଟେ ନୁହଁ ! ତାହା ପୁଞ୍ଜି ବା ମୂଳଧନ ସୃଷ୍ଟି କରେ, ଅର୍ଥାତ୍ ତାହା ଏକ ପ୍ରକାର ସମ୍ପତ୍ତି ସୃଷ୍ଟି କରେ ଯାହା କି ମଜୁରିପ୍ରାପ୍ତ ଶ୍ରମିକକୁ ଶୋଷଣ କରେ ଏବଂ ଯାହା କି ନୂତନ ନୂତନ ଶୋଷଣର ଉପାଦାନ ସ୍ୱରୂପ ଅଧିକ ସଂଖ୍ୟକ ଶ୍ରମିକ ସୃଷ୍ଟି ନକଲେ ନିଜେ ବୃଦ୍ଧି ପାଇ ପାରିବ ନାହିଁ । ଏହି ସମ୍ପତ୍ତି ବର୍ତ୍ତମାନ ଯେଉଁ ରୂପରେ ରହିଛି ତାହା ପୁଞ୍ଜି ଓ ମଜୁରି ଶ୍ରମର ପାରସ୍ପରିକ ବିରୋଧିତା ଉପରେ ପ୍ରତିଷ୍ଠିତ । ଏହି ବିରୋଧିତାର ଉଭୟ ଦିଗକୁ ଏଥର ବିଚାର କରାଯାଉ ।

ପୁଞ୍ଜିପତି ହେବା ଅର୍ଥ ଉତ୍ପାଦନ କ୍ଷେତ୍ରରେ କେବଳ ପୂରାପୂରି ଏକ ବ୍ୟକ୍ତିଗତ ଆସ୍ଥାନ ଲାଭ କରିବା ନୁହଁ, ଏକ ସାମାଜିକ ଆସ୍ଥାନ ମଧ୍ୟ ଲାଭ କରିବା । ପୁଞ୍ଜି ହେଉଛି ସାମୂହିକ ଉଦ୍ୟମର ଫଳ । ସମାଜର ବହୁ ବ୍ୟକ୍ତିଙ୍କର ସମ୍ମିଳିତ କର୍ମପ୍ରଚେଷ୍ଟା ଦ୍ୱାରାହିଁ, ଏପରି କି

ସମଗ୍ର ସମାଜର ସମସ୍ତ ବ୍ୟକ୍ତିଙ୍କର ସମବେତ କାର୍ଯ୍ୟ ଦ୍ୱାରହିଁ ପୁଞ୍ଜିକୁ ସୃଷ୍ଟି କରଯାଇ ପାରିବ ।

ଅତଏବ, ପୁଞ୍ଜି ଏକ ବ୍ୟକ୍ତିଗତ ଶକ୍ତି ନୁହଁ, ଏହା ଏକ ସାମାଜିକ ଶକ୍ତି ।

ତେଣୁ ପୁଞ୍ଜି ଯେତେବେଳେ ସର୍ବସାଧାରଣ ସମ୍ପତ୍ତିରେ ଅର୍ଥାତ୍ ସମାଜର ସବୁ ବ୍ୟକ୍ତିଙ୍କର ସାଧାରଣ ସମ୍ପତ୍ତିରେ ପରିଣତ ହୁଏ ସେତେବେଳେ ତାହା ଦ୍ୱାର ବ୍ୟକ୍ତିଗତ ସମ୍ପତ୍ତି ସାମାଜିକ ସମ୍ପତ୍ତିରେ ରୂପାନ୍ତରିତ ହୋଇ ଯାଏ ନାହିଁ । ତଦ୍ଦ୍ୱାର ସମ୍ପତ୍ତିର ସାମାଜିକ ଚରିତ୍ର କେବଳ ବଦଳିଯାଏ । ତା'ର ଶ୍ରେଣୀଗତ ଚରିତ୍ର ଲୋପ ପାଇଯାଏ ।

ବର୍ତ୍ତମାନ ମଜୁରି ଶ୍ରମ କଥା ବିଚାର କରଯାଉ ।

ମଜୁରି ଶ୍ରମର ହାରହାରି ଦାମ୍ ହେଉଛି ସର୍ବନିମ୍ନ ମଜୁରି । ତା' ଅର୍ଥ ଶ୍ରମିକ ଭାବେ ଶ୍ରମିକର ଅସ୍ତିତ୍ୱକୁ କେବଳ ରକ୍ଷା କରିବା ପାଇଁ ଜୀବନ ଧାରଣର ଯେଉଁ ସାମାନ୍ୟତମ ସମ୍ବଳ ଏକାନ୍ତ ପ୍ରୟୋଜନ ସେହି ପରିମାଣର ଦ୍ରବ୍ୟହିଁ ତା'ର ସର୍ବନିମ୍ନ ମଜୁରି ବା ମଜୁରି ଶ୍ରମର ଦାମ୍ । ତେଣୁ ଶିଳ୍ପ ଶ୍ରମିକ ତା'ର ପରିଶ୍ରମଦ୍ୱାର ଯାହା ଉପାର୍ଜନ କରେ ତାହା କେବଳ ତା'ର ନାମମାତ୍ର ଜୀବନଧାରଣ ଲାଗି କୁଳାଏ । ତା'ର ଏହି ଉପାର୍ଜନ ନିଜର ଅସ୍ତିତ୍ୱକୁ ବଜାୟ ରଖିବା ପାଇଁ ଏବଂ ନିଜର ବଂଶରକ୍ଷ ପାଇଁ କେବଳ ଉଦ୍ଦିଷ୍ଟ । ଏଥିରୁ ଆଉ କିଛି ତା'ର ବଳକା ହୁଏନାହିଁ ଯାହାଦ୍ୱାର କି ସେ ଅନ୍ୟର ଶ୍ରମକୁ ଅକ୍ତିଆର କରିପାରିବ । ତେଣୁ ଶ୍ରମିକର ନିଜସ୍ୱ ଶ୍ରମଜାତ ଏହି ବ୍ୟକ୍ତିଗତ ଉପାର୍ଜନକୁ ଆମେ କୌଣସି ମତେ ଲୋପ କରିଦେବାକୁ ଚାହୁଁନା । ଆମେ ଯାହା ଲୋପ କରିଦେବାକୁ ଚାହୁଁ ତା ହେଉଛି ଏହି ହୀନ ଉପାର୍ଜନ ପ୍ରଣାଳୀ । କାରଣ ଏହି ପ୍ରଣାଳୀ ଅନୁଯାୟୀ ଶ୍ରମିକ ବଞ୍ଚିରହେ କେବଳ ପୁଞ୍ଜିର ପରିମାଣ ବୃଦ୍ଧି କରିବା ପାଇଁ । ଆଉ ତା ପୁଣି ଯେତେଦିନ ପର୍ଯ୍ୟନ୍ତ ତାହାଦ୍ୱାର ଶାସକ ଶ୍ରେଣୀର ସ୍ୱାର୍ଥ ସାଧିତ ହେଉଥିବ ସେତେଦିନ ପର୍ଯ୍ୟନ୍ତ ସେ କେବଳ ବଞ୍ଚିରହିବାର ସୁଯୋଗ ପାଇବ ।

ବୁର୍ଜୁଆ ସମାଜରେ ଜୀବନ୍ତ ଶ୍ରମ ହେଉଛି ପୁଞ୍ଜିଭୂତ ଶ୍ରମର କଳେବର ବୃଦ୍ଧି କରିବାର ଏକ ଉପାୟ ମାତ୍ର । କିନ୍ତୁ କମ୍ୟୁନିଷ୍ଟ ସମାଜରେ ପୁଞ୍ଜିଭୂତ ଶ୍ରମ ହେଉଛି ଶ୍ରମିକର ଜୀବନକୁ ଉନ୍ନତ, ସମୃଦ୍ଧ ଓ ସୁପ୍ରଶସ୍ତ କରିବାର ଏକ ଉପାୟ ।

ଅତଏବ, ବୁର୍ଜୁଆ ସମାଜରେ ବର୍ତ୍ତମାନ ହେଉଛି ଅତୀତର ଆୟତ୍ତାଧୀନ । କିନ୍ତୁ କମ୍ୟୁନିଷ୍ଟ ସମାଜରେ ଅତୀତ ଅପେକ୍ଷା ବର୍ତ୍ତମାନର ପ୍ରାଧାନ୍ୟ ଅଧିକ । ବୁର୍ଜୁଆ ସମାଜରେ ପୁଞ୍ଜି ହେଉଛି ସ୍ୱାଧୀନତା ଓ ବ୍ୟକ୍ତିସତ୍ତାର ଅଧିକାରୀ, ଅଥଚ ଜୀବନ୍ତ ମଣିଷ ହେଉଛି ପରାଧୀନ ଓ ବ୍ୟକ୍ତିତ୍ୱବିହୀନ ।

ଆଉ ଆମେ ଯେତେବେଳେ ଏହି ବ୍ୟବସ୍ଥାକୁ ଲୋପ କରିଦେବାକୁ ଚାହୁଁଛୁ ସେତେବେଳେ ବ୍ୟକ୍ତିତ୍ୱ ଓ ସ୍ୱାଧୀନତାକୁ ଲୋପ କରି ଦିଆଗଲା ବୋଲି ବୁର୍ଜୁଆ ଶ୍ରେଣୀ ଚିତ୍କାର କରି ଉଠୁଛି ! ଠିକ୍ କଥା ! ଆମେ ଏହି ବୁର୍ଜୁଆ ବ୍ୟକ୍ତିବାଦିତ୍ୱ, ଏହି ବୁର୍ଜୁଆ ସ୍ୱାତନ୍ତ୍ର୍ୟ ଓ ଏହି ବୁର୍ଜୁଆ ସ୍ୱାଧୀନତାକୁ ଲୋପ କରି ଦେବାକୁ ଚାହୁଁ, ନିଶ୍ଚୟ ଚାହୁଁ ।

ବର୍ତ୍ତମାନର ବୁର୍ଜୁଆ ଉତ୍ପାଦନ ବ୍ୟବସ୍ଥାରେ ସ୍ୱାଧୀନତାର ଅର୍ଥ ହେଉଛି ଅବାଧ ବାଣିଜ୍ୟ ଓ ଅବାଧ ବିକାକିଣାର ଅଧିକାର ।

କିନ୍ତୁ ଏହି ବିକାକିଣା ଯଦି ଲୋପ ପାଇଯିବ ତା ହେଲେ ଏହି ଅବାଧ ବିକାକିଣା ମଧ୍ୟ ନିଶ୍ଚୟ ଲୋପ ପାଇଯିବ । ଏହି ଅବାଧ ବିକାକିଣାର ଅଧିକାର ସମ୍ବନ୍ଧରେ ଏତେ ବଡ଼ ବଡ଼ କଥା ଏବଂ ସାଧାରଣଭାବେ ସ୍ୱାଧୀନତା ସମ୍ପର୍କରେ ବୁର୍ଜୁଆ ଶ୍ରେଣୀର ଏତେ ଆସ୍ଫାଳନ —ଏସବୁ କଥାର ଯଦି ବା କିଛି ଅର୍ଥ ଥାଏ ତା ହେଲେ ମଧ୍ୟଯୁଗର ସଂକୁଚିତ ବିକାକିଣା ଓ ମଧ୍ୟଯୁଗର ଶୃଙ୍ଖଳିତ ବ୍ୟବସାୟୀଙ୍କ ତୁଳନାରେ ତାହାର ଯତ୍‌ସାମାନ୍ୟ ଅର୍ଥ ରହିଛି । କିନ୍ତୁ କମ୍ୟୁନିଷ୍ଟ ନୀତି ଅନୁଯାୟୀ ବିକାକିଣାର ବିଲୋପ, ବୁର୍ଜୁଆ ଉତ୍ପାଦନ ବ୍ୟବସ୍ଥାର ଓ ସ୍ୱୟଂ ବୁର୍ଜୁଆ ଶ୍ରେଣୀର ବିଲୋପ—ଏହା ତୁଳନାରେ ବୁର୍ଜୁଆ ଶ୍ରେଣୀର ଏତାଦୃଶ ଆସ୍ଫାଳନ ଏକାନ୍ତ ଅର୍ଥହୀନ ।

ଆମେ ବ୍ୟକ୍ତିଗତ ସମ୍ପତ୍ତିର ଅବସାନ ଚାହୁଁ ବୋଲି କହିଲେ ତୁମେ ଆତଙ୍କିତ ହୋଇ ଉଠୁଛ ; ନୁହେଁ ? କିନ୍ତୁ ତୁମର ଏହି ଯେଉଁ ସମାଜ ରହିଛି ସେଥିରେ ଶତକଡ଼ା ନବେ ଜଣ ଲୋକଙ୍କର ବ୍ୟକ୍ତିଗତ ସମ୍ପତ୍ତି ବୋଲି କିଛି ନାହିଁ । ତା କେଉଁକାଳୁ ଲୋପ ପାଇଯାଇଛି । ଆଉ ଅବଶିଷ୍ଟ ମୁଷ୍ଟିମେୟ ଲୋକଙ୍କ ହାତରେ ଯାହା ବା ରହିଛି ତା କେବଳ ଶତକଡ଼ା ନବେ ଲୋକଙ୍କ ପାଖରେ କିଛି ନଥିବା ଯୋଗୁଁ ସମ୍ଭବ ହୋଇଛି । ସୁତରାଂ ତୁମେ କ'ଣ କହିବାକୁ ଚାହଁ ଯେ ଏହି ଯେଉଁ ସମ୍ପତ୍ତି, ଯାହାକୁ ରଖିବା ଲାଗି ସମାଜର ବିପୁଳ ସଂଖ୍ୟାଗରିଷ୍ଠ ଅଂଶକୁ ନିଃସ୍ୱ ହୋଇ

ରହିବାକୁ ପଡ଼େ ସେଇ ସମ୍ପତ୍ତିର ଅବସାନ କାମନା କରିବା ଆମ ପକ୍ଷରେ ଏକ ଅପରାଧ ?

ଅସଲ କଥା ହେଉଛି, ତୁମର ସମ୍ପତ୍ତିକୁ ଆମେ ଲୋପ କରିଦେବାକୁ ଚାହୁଁ ବୋଲି ତୁମେ ଆମ ଉପରେ ଦୋଷାରୋପ କରୁଛ । ବେଶ୍, ଆମେ ତାହାହିଁ ଚାହୁଁ ।

ତୁମର ଯୁକ୍ତି ହେଉଛି—ଯେଉଁ ମୁହୂର୍ତ୍ତରୁ ମାନବିକ ଶ୍ରମକୁ ଆଉ ପୁଞ୍ଜି, ଟଙ୍କା କିମ୍ବା ଖଜଣାରେ ପରିଣତ କରାଯାଇ ପାରିବ ନାହିଁ, କିମ୍ବା ଏକଚାଟିଆ ଅଧିକାରରେ ରଖିଲାଭଳି ଏକ ସାମାଜିକ କ୍ଷମତାରେ ପରିଣତ କରାଯାଇ ପାରିବ ନାହିଁ, ସେଇ ମୁହୂର୍ତ୍ତରୁ ବ୍ୟକ୍ତିସତ୍ତା ଉଭେଇଯିବ । ଅର୍ଥାତ୍ ତୁମେ କହିବାକୁ ଚାହଁ ଯେ, ଯେଉଁ ମୁହୂର୍ତ୍ତରୁ ବ୍ୟକ୍ତିଗତ ସମ୍ପତ୍ତିକୁ ଆଉ ବୁର୍ଜୁଆ ସମ୍ପତ୍ତିରେ ବା ପୁଞ୍ଜିରେ ପରିଣତ କରାଯାଇ ପାରିବ ନାହିଁ ସେଇ ମୁହୂର୍ତ୍ତରେ ବ୍ୟକ୍ତିସତ୍ତା ଲୋପ ପାଇଯିବ ।

ତେଣୁ ତୁମକୁ ନିଶ୍ଚୟ ସ୍ୱୀକାର କରିବାକୁ ପଡ଼ିବ, "ବ୍ୟକ୍ତି" ଅର୍ଥ ବୁର୍ଜୁଆ ବ୍ୟତୀତ ଅନ୍ୟ କାହାକୁ ତୁମେ ବୁଝନାହିଁ । ସମ୍ପତ୍ତିର ସେଇ ବୁର୍ଜୁଆ ବା ମଧ୍ୟବିତ୍ତ ଶ୍ରେଣୀର ମାଲିକ କେବଳ ତୁମ ଆଖିରେ "ବ୍ୟକ୍ତି" । ଠିକ୍ କଥା, ଏହି ବ୍ୟକ୍ତିକୁ ଗତିପଥରୁ ନିଶ୍ଚିହ୍ନ କରିଦେବାକୁ ହେବ, ତା'ର ଅସ୍ତିତ୍ୱକୁ ଅସମ୍ଭବ କରି ଦେବାକୁ ପଡ଼ିବ ।

ସମାଜର ଉତ୍ପନ୍ନ ଦ୍ରବ୍ୟର ଅଂଶ ପାଇବାର ଅଧିକାରରୁ କୌଣସି ବ୍ୟକ୍ତିକୁ ବଞ୍ଚିତ କରିବାକୁ କମ୍ୟୁନିଜମ୍ ଚାହେଁ ନାହିଁ । କେବଳ ଯେଉଁମାନେ ଏହି ଅଂଶ ସାହାଯ୍ୟରେ ଅନ୍ୟର ଶ୍ରମକୁ କବ୍ଜାୟତ୍ତ କରନ୍ତି ସେମାନଙ୍କୁ ସେହି କ୍ଷମତାରୁ ବଞ୍ଚିତ କରିବା କମ୍ୟୁନିଜମ୍‌ର ଉଦ୍ଦେଶ୍ୟ ।

କେତେକ ଆପତ୍ତି କରନ୍ତି ଯେ, ବ୍ୟକ୍ତିଗତ ସମ୍ପତ୍ତିକୁ ଲୋପ କରିଦେଲେ କାମଦାମ ସବୁ ବନ୍ଦ ହୋଇଯିବ ଏବଂ ସମସ୍ତେ ଅଳସୁଆ ହୋଇଯିବେ । ଏହି ଯୁକ୍ତି ଯଦି ସତ୍ୟ ହୋଇଥାନ୍ତା ତା ହେଲେ ନିପଟ ଅଳସୁଆମୀ ଯୋଗୁ ବୁର୍ଜୁଆ ସମାଜ କେଉଁକାଳୁ ରସାତଳକୁ ଯାଇ ସାରନ୍ତାଣି । କାରଣ ବୁର୍ଜୁଆ ସମାଜରେ ଯେଉଁମାନେ ପ୍ରକୃତରେ କାମ କରନ୍ତି ସେମାନେ କିଛି ପାଆନ୍ତି ନାହିଁ ଏବଂ ଯେଉଁମାନେ କିଛି ପାଆନ୍ତି ସେମାନେ କୌଣସି କାମ କରନ୍ତି ନାହିଁ । ତେଣୁ ଏହି ଯେଉଁ ଆପତ୍ତି ଉଠୁଛି ତାହା ହେଉଛି ନିମ୍ନଲିଖିତ ସହଜ ସତ୍ୟର ଅପର ଦିଗ ମାତ୍ର—ଯେତେବେଳେ ପୁଞ୍ଜି ବୋଲି ଆଉ କିଛି ରହିବ ନାହିଁ ସେତେବେଳେ ମଜୁରି ଶ୍ରମ ମଧ୍ୟ ରହି ପାରିବ ନାହିଁ ।

କମ୍ୟୁନିଷ୍ଟମାନଙ୍କର ଜାଗତିକ ଉତ୍ପନ୍ନ ଦ୍ରବ୍ୟର ଉତ୍ପାଦନ ଓ ବଣ୍ଟନ ପଦ୍ଧତି ବିରୁଦ୍ଧରେ ଯେଉଁ ପ୍ରକାର ଅଭିଯୋଗ ହୁଏ ସେହିପରି ମାନସିକ ସୃଷ୍ଟିର ଉତ୍ପାଦନ ଓ ଭୋଗ ସଂପର୍କରେ କମ୍ୟୁନିଷ୍ଟମାନେ ଯେଉଁ ପଦ୍ଧତି ଅନୁସରଣ କରନ୍ତି ତା ବିରୁଦ୍ଧରେ ମଧ୍ୟ ଅନୁରୂପ ଅଭିଯୋଗ ହୁଏ । ବୁର୍ଜୁଆ ଶ୍ରେଣୀ ପକ୍ଷରେ ଶ୍ରେଣୀଗତ ସମ୍ପତ୍ତିର ବିଲୋପ ଅର୍ଥ ଯେମିତି ଖୋଦ୍ ଉତ୍ପାଦନ ପ୍ରଥାର ବିଲୋପ ସେହିପରି ଶ୍ରେଣୀଗତ ସଂସ୍କୃତିର ବିଲୋପ ଅର୍ଥ ତା ପକ୍ଷରେ ସବୁ ପ୍ରକାର ସଂସ୍କୃତିର ଅବସାନ ।

ଏହି ଯେଉଁ ସଂସ୍କୃତି, ଯାହାର ବିଲୋପରେ ବୁର୍ଜୁଆ ଶ୍ରେଣୀ ବିଳାପ କରିଉଠେ ସେହି ସଂସ୍କୃତି ହେଉଛି ବିପୁଳ ସଂଖ୍ୟାଧିକ ଜନସାଧାରଣଙ୍କ ପକ୍ଷରେ ଗୋଟିଏ ଯନ୍ତ୍ରଭଳି କାମ କରିବାର ଟ୍ରେନିଂ ମାତ୍ର ।

ସ୍ୱାଧୀନତା, ସଂସ୍କୃତି, ଆଇନ ଇତ୍ୟାଦି ସମ୍ପର୍କରେ ତୁମର ଯେଉଁସବୁ ବୁର୍ଜୁଆ ଧାରଣା ରହିଛି ତାକୁହିଁ ମାପକାଠି କରି ତୁମେ ଯଦି ଆମର ବ୍ୟକ୍ତିଗତ ସମ୍ପତ୍ତିର ବିଲୋପ ସାଧନର ଅଭିଳାଷକୁ ବିଚାର କରିବାକୁ ଚାହୁଁ ଥାଅ ତା ହେଲେ ଏ ସମ୍ପର୍କରେ ତୁମେ ଆମ ସହିତ କୌଣସି ଯୁକ୍ତି ନ କରିବାହିଁ ଭଲ । କାରଣ ତୁମର ଏହିସବୁ ଧାରଣା ତୁମର ବୁର୍ଜୁଆ ଉତ୍ପାଦନ ଓ ବୁର୍ଜୁଆ ସମ୍ପତ୍ତିରୁହିଁ ସମ୍ଭୂତ ହୋଇଛି । ତୁମର ଏହି ଆଇନ ବିଦ୍ୟା ମଧ୍ୟ ସେହିପରି ତୁମର ଶ୍ରେଣୀର ଇଷ୍ଟ ଯାହାକୁ କି ଆଇନ ହିସାବରେ ସମସ୍ତଙ୍କ ଉପରେ ଲଦି ଦିଆ ହୋଇଛି, ଆଉ ତୁମର ଏହି ଇଷ୍ଟର ଅସଲ ସ୍ୱରୂପ ଓ ଲକ୍ଷ୍ୟ ନିର୍ଦ୍ଧାରିତ ହୁଏ ତୁମ ଶ୍ରେଣୀର ଅସ୍ତିତ୍ୱ ଲାଗି ଯେଉଁ ଆର୍ଥିକ ପରିସ୍ଥିତି ଅନୁକୂଳ ତା'ରି ଦ୍ୱାରା ।

ଭ୍ରାନ୍ତ ଓ ସ୍ୱାର୍ଥାନ୍ଧ ହୋଇ ତୁମେ ଭାବ ଯେ, ତୁମର ଉପସ୍ଥିତ ଉତ୍ପାଦନ ପ୍ରଥା ଓ ସମ୍ପତ୍ତି ବ୍ୟବସ୍ଥା ଭିତରୁ ଯେଉଁ ସାମାଜିକ ସଂସ୍ଥା ସମ୍ଭୂତ ତାହାହିଁ ପ୍ରକୃତି ଓ ପ୍ରଜ୍ଞାର ଚିରନ୍ତନ ନିୟମ । କିନ୍ତୁ ଏସବୁ ଐତିହାସିକ ସମ୍ପର୍କ ଯେ ଅତି ଭଙ୍ଗୁର, ଏହାର ଅଭ୍ୟୁଦୟ ଓ ଅବସାନ ଯେ ଉତ୍ପାଦନର ଅଗ୍ରଗତି ସହିତ ଜଡ଼ିତ ତା ତୁମେ ବିଶ୍ୱାସ କରିବାକୁ ଚାହୁଁ ନାହିଁ । ତୁମେ କେବଳ ନୁହଁ, ତୁମ ପୂର୍ବରୁ ଯେତେସବୁ ଶାସକ ଶ୍ରେଣୀ ଆସି ଯାଇଛନ୍ତି ସେମାନେ ମଧ୍ୟ ଏହି ଭ୍ରାନ୍ତ ଧାରଣାର ବଶବର୍ତ୍ତୀ । ପ୍ରାଚୀନ ସଂପତ୍ତି ବ୍ୟବସ୍ଥା ସଂପର୍କରେ ତୁମେ ଯାହା ସ୍ପଷ୍ଟଭାବେ ଦେଖି ପାରିଛ, ସାମନ୍ତବାଦୀ ସଂପତ୍ତି ସଂପର୍କରେ ତୁମେ ଯାହା ସ୍ୱୀକାର କରିଛ ଠିକ୍ ସେହି କଥା ତୁମରି ନିଜର ବୁର୍ଜୁଆ ସଂପତ୍ତି ବ୍ୟବସ୍ଥା ବେଳକୁ ତୁମେ ସ୍ୱୀକାର କରିବାକୁ ନାରାଜ ।

ପରିବାରର ବିଲୋପ ! ହୁଁଃ ! ଉଗ୍ର ଚରମପନ୍ଥୀମାନେ ମଧ୍ୟ କମ୍ୟୁନିଷ୍ଟମାନଙ୍କର ଏହି କୁଖ୍ୟାତ ପ୍ରସ୍ତାବରେ ଉତ୍କ୍ଷିପ୍ତ ହୋଇ ଉଠନ୍ତି ।

କିନ୍ତୁ କେଉଁ ଭିତ୍ତି ଉପରେ ଏହି ଆଧୁନିକ ପରିବାର, ଏହି ବୁର୍ଜୁଆ ପରିବାର ପ୍ରତିଷ୍ଠିତ ? ପୁଞ୍ଜି ଉପରେ ଆଉ ବ୍ୟକ୍ତିଗତ ଲାଭ ଉପରେ ଏହା ପ୍ରତିଷ୍ଠିତ । ଏହି ପରିବାର ପ୍ରଥାର ପୂର୍ଣ୍ଣାଙ୍ଗ ଓ ଚରମ ରୂପ କେବଳ ବୁର୍ଜୁଆ ଶ୍ରେଣୀ ଭିତରେହିଁ ଦେଖିବାକୁ ମିଳେ । କିନ୍ତୁ ଏହି ବ୍ୟବସ୍ଥାର ପରିପୂରକଭାବେ ଦେଖାଯାଏ ଯେ, ସର୍ବହରା ଶ୍ରେଣୀ ଭିତରେ ବସ୍ତୁତଃ ପରିବାରର କୌଣସି ଅସ୍ତିତ୍ୱ ନାହିଁ, ଆଉ ସମାଜରେ ସର୍ବସ୍ୱୀକୃତ ବେଶ୍ୟାବୃତ୍ତି ପ୍ରଚଳିତ ରହିଛି ।

ତେଣୁ ଏହି ଦୁଇଟି ପରିପୂରକକୁ ଉଠାଇଦେବା ସଙ୍ଗେ ସଙ୍ଗେ ବୁର୍ଜୁଆ ପରିବାର ମଧ୍ୟ ଆପେ ଆପେ ଉଠିଯିବ ଏବଂ ପୁଞ୍ଜି ଉଠିଗଲେ ଏସବୁ ମଧ୍ୟ ଏକାବେଳକେ ଉଠିଯିବ ।

ସନ୍ତାନସନ୍ତତିଙ୍କ ଉପରେ ପିତାମାତାଙ୍କର ଶୋଷଣକୁ ଆମେ ବନ୍ଦ କରିଦେବାକୁ ଚାହୁଁ ବୋଲି ତୁମେ ଆମକୁ ଦୋଷ ଦେଇଥାଅ, ନୁହଁ ? ସେ ଦୋଷଟା ଆମେ ସ୍ୱୀକାର କରି ନେଉଛୁ ।

କିନ୍ତୁ ଆମେ ଯେତେବେଳେ ଘରୋଇ ଶିକ୍ଷା ପରିବର୍ତ୍ତେ ସାମାଜିକ ଶିକ୍ଷା ପ୍ରବର୍ତ୍ତନ କରିବାକୁ ଚାହୁଁ, ତୁମେ ସେତେବେଳେ ମଣିଷର ପବିତ୍ରତମ ସଂପର୍କ ଧ୍ୱଂସ ହୋଇଗଲା ବୋଲି ଚିତ୍କାର କରିଉଠ ।

ଆଉ ତୁମର ଶିକ୍ଷା ବ୍ୟବସ୍ଥାଟା ବା କ'ଣ ? ତା ମଧ୍ୟ କ'ଣ ସାମାଜିକ ଶିକ୍ଷା ନୁହଁ ? ଯେଉଁ ସାମାଜିକ ପରିବେଶ ଭିତରେ ତୁମେ ଶିକ୍ଷା ଦିଅ ସେହି ଶିକ୍ଷା ବ୍ୟବସ୍ଥା କ'ଣ ସେହି ପରିବେଶ ଦ୍ୱାରା ନିର୍ଦ୍ଧାରିତ ହୁଏ ନାହିଁ ? ବିଦ୍ୟାଳୟ ଓ ବିଭିନ୍ନ ଶିକ୍ଷାୟତନ ଇତ୍ୟାଦି ଜରିଆରେ ପ୍ରତ୍ୟକ୍ଷ ବା ପରୋକ୍ଷ ହସ୍ତକ୍ଷେପ ଦ୍ୱାରା ତୁମର ଏହି ଶିକ୍ଷା ବ୍ୟବସ୍ଥା କ'ଣ ନିୟନ୍ତ୍ରିତ ହୁଏ ନାହିଁ ? ଶିକ୍ଷା କ୍ଷେତ୍ରରେ ସମାଜର ହସ୍ତକ୍ଷେପ—ଏକଥା କମ୍ୟୁନିଷ୍ଟମାନେ ଉଦ୍ଭାବନ କରି ନାହାନ୍ତି । ତା ଆଗରୁ ରହି ଆସିଛି । ସେମାନେ କେବଳ ଏହି ହସ୍ତକ୍ଷେପର ଚରିତ୍ରକୁ ପରିବର୍ତ୍ତନ କରିଦେବାକୁ ଚାହାନ୍ତି । ଆଉ ଶିକ୍ଷା ବ୍ୟବସ୍ଥାକୁ ଶାସକ ଶ୍ରେଣୀର ପ୍ରଭାବ କବଳରୁ ଉଦ୍ଧାର କରି ଆଣିବାକୁ ଚାହାନ୍ତି ।

ବର୍ତ୍ତମାନ ସର୍ବହରା ଶ୍ରେଣୀର ପାରିବାରିକ ସଂପର୍କକୁ ଆଧୁନିକ ଶିଳ୍ପ ଯେତିକି ଯେତିକି ଛିନ୍ନଭିନ୍ନ କରି ଦେଉଛି, ଶ୍ରମିକର ସନ୍ତାନମାନଙ୍କୁ କିଣାବିକାର ସାମଗ୍ରୀ ଓ ପରିଶ୍ରମର ଯନ୍ତ୍ରରେ ରୂପାନ୍ତରିତ କରି ଦେଉଛି,

ସେତିକି ସେତିକି ଘୃଣ୍ୟ ଓ ବିରକ୍ତିକର ହୋଇ ଉଠୁଛି ଶିକ୍ଷା ବିଷୟରେ ଏବଂ ପିତାମାତା ଓ ସନ୍ତାନସନ୍ତତିଙ୍କର ପାରସ୍ପରିକ ପବିତ୍ର ସଂପର୍କ ବିଷୟରେ ବୁର୍ଜୁଆ ଶ୍ରେଣୀର ଏହି ବାଗାଡ଼ମ୍ବର ।

କିନ୍ତୁ ତୁମେ କମ୍ୟୁନିଷ୍ଟମାନେ ନାରୀଜାତିକୁ ସାଧାରଣ ସଂପତ୍ତିରେ ପରିଣତ କରିଦେବାକୁ ଚାହଁ ଯେ, ସମସ୍ୱରରେ ଚିତ୍କାର କରିଉଠେ ସମସ୍ତ ବୁର୍ଜୁଆ ଶ୍ରେଣୀ ।

କିନ୍ତୁ ଏହି ବୁର୍ଜୁଆ ବ୍ୟକ୍ତି ନିଜର ସ୍ତ୍ରୀକୁ ଉତ୍ପାଦନର କେବଳ ଏକ ଉପକରଣ ବୋଲି ମନେକରେ । ତେଣୁ ଯେତେବେଳେ ସେ ଶୁଣେ ଯେ, ଉତ୍ପାଦନର ଉପକରଣଗୁଡ଼ିକ ସର୍ବସାଧାରଣ ସାମଗ୍ରୀଭାବେ ବ୍ୟବହୃତ ହେବ ସେତେବେଳେ ସେ ସ୍ୱଭାବତଃ ଧରିନିଏ ଯେ, ଏହି ସର୍ବସାଧାରଣ ସଂପତ୍ତିରେ ପରିଣତ ହେବାର ଦଶା ନାରୀମାନଙ୍କ ଭାଗ୍ୟରେ ମଧ୍ୟ ପଡ଼ିବ । ତା ବ୍ୟତୀତ ଅନ୍ୟ କୌଣସି ସିଦ୍ଧାନ୍ତରେ ସେ ଉପନୀତ ହୋଇପାରେ ନାହିଁ ।

ମୁହୂର୍ତ୍ତକ ପାଇଁ ସୁଦ୍ଧା ସେ ଭାବିପାରେ ନାହିଁ ଯେ, ଉତ୍ପାଦନ ଯନ୍ତ୍ର ହିସାବରେ ତିଷ୍ଠି ରହିବାର ଦଶାରୁ କେବଳ ନାରୀଜାତିକୁ ମୁକ୍ତି ଦେବା ଆମର ପ୍ରକୃତ ଲକ୍ଷ୍ୟ ।

ଆଉ କମ୍ୟୁନିଷ୍ଟମାନେ ନାରୀଜାତିକୁ ପ୍ରକାଶ୍ୟ ଓ ଆନୁଷ୍ଠାନିକ ଭାବେ ସର୍ବସାଧାରଣ ସଂପତ୍ତିରେ ପରିଣତ କରିଦେବେ ବୋଲି ମିଥ୍ୟା ଛଳନା କରି ବୁର୍ଜୁଆମାନେ ଯେତେବେଳେ ନିଷ୍ପାପ କ୍ରୋଧରେ ପ୍ରଜ୍ୱଳିତ ହୋଇ ଉଠନ୍ତି ସେତେବେଳେ ତା ଠାରୁ ଅଧିକ ହାସ୍ୟାସ୍ପଦ ଆଉ କିଛି ଅଛି ବୋଲି ମନେ ହୁଏନା । ନାରୀଜାତିକୁ ସର୍ବସାଧାରଣ ସଂପତ୍ତିର ଅନ୍ତର୍ଗତ କରିବା କମ୍ୟୁନିଷ୍ଟମାନଙ୍କ ପକ୍ଷରେ ଅନାବଶ୍ୟକ । କାରଣ ଏହି ପ୍ରଥା ସ୍ମରଣାତୀତ କାଳରୁ ପ୍ରଚଳିତ ରହି ଆସିଛି ।

ଆମର ଏହି ବୁର୍ଜୁଆମାନେ, ସାଧାରଣ ପତିତାମାନଙ୍କ କଥା ତ ଛାଡ଼, ଏପରିକି ସର୍ବହରା ଶ୍ରେଣୀର ସ୍ତ୍ରୀ କନ୍ୟାଙ୍କୁ ନିଜ ଆୟତ୍ତରେ ରଖି ମଧ୍ୟ ସନ୍ତୁଷ୍ଟ ନ ହୋଇ ପରସ୍ପରର ସ୍ତ୍ରୀକୁ ଉପଭୋଗ କରିବା ପରମ ବିଳାସ ବୋଲି ମନେ କରନ୍ତି ।

ପ୍ରକୃତରେ ଦେଖିବାକୁ ଗଲେ ବୁର୍ଜୁଆ ଶ୍ରେଣୀର ବିବାହ ପ୍ରଥା ହେଉଛି ନିଜନିଜ ସ୍ତ୍ରୀମାନଙ୍କୁ ସମବେତ ଭାବେ ଭୋଗ କରିବାର ଏକ ପ୍ରଥା । ତେଣୁ ଏ କ୍ଷେତ୍ରରେ କମ୍ୟୁନିଷ୍ଟମାନଙ୍କ ଉପରେ ଯଦିବା ନିହାତ୍ ଦୋଷାରୋପ କରାଯାଏ ତା ହେଲେ କପଟତାର ଅନ୍ତରାଳରେ ନାରୀଜାତି

ଉପରେ ଯେଉଁ ସର୍ବସାଧାରଣ ଅଧିକାର ପ୍ରଚଳିତ ରହିଛି ତା ପରିବର୍ତ୍ତେ ପ୍ରକାଶ୍ୟ ଓ ଆଇନସମ୍ମତ ଭାବେ ସମବେତ ନାରୀଗୋଷ୍ଠୀ ରହିବାକୁ କମ୍ୟୁନିଷ୍ଟମାନେ ଚାହାନ୍ତି ବୋଲି ହୁଏତ ଅଭିଯୋଗ କରଯାଇ ପାରେ । କିନ୍ତୁ ଏକଥା ଅତି ସ୍ପଷ୍ଟ ଯେ, ବର୍ତ୍ତମାନର ଉତ୍ପାଦନ ପ୍ରଥାକୁ ଲୋପ କରିଦେଲେ ତା'ରି ଭିତରୁ ଜନ୍ମଲାଭ କରିଥିବା ଏହି ସର୍ବଭୋଗ୍ୟା ନାରୀଗୋଷ୍ଠୀ ଅର୍ଥାତ୍ ଏହି ପ୍ରକାଶ୍ୟ ଓ ଗୋପନ ବାରଙ୍ଗନା ବୃତ୍ତି ମଧ୍ୟ ସମାଜରୁ ଲୋପ ପାଇଯିବ ।

କମ୍ୟୁନିଷ୍ଟମାନେ ସ୍ୱଦେଶ ଓ ସ୍ୱଜାତିବୋଧକୁ ଲୋପ କରିଦେବାକୁ ଚାହାନ୍ତି ବୋଲି ସେମାନଙ୍କ ବିରୁଦ୍ଧରେ ଦୋଷାରୋପ କରଯାଏ ।

କିନ୍ତୁ ଶ୍ରମଜୀବୀ ମଣିଷର ନିଜର ଦେଶ ବୋଲି କିଛି ନାହିଁ । ତେଣୁ ତା'ର ଯାହା ନାହିଁ ତା' ତା ଠାରୁ ଆମେ ଛଡ଼ାଇ ନେବୁ କେମିତି ? ଯେହେତୁ ସର୍ବହରା ଶ୍ରେଣୀକୁ ସର୍ବପ୍ରଥମ ରାଜନୈତିକ କ୍ଷମତା ହାସଲ କରିବାକୁ ପଡ଼ିବ, ଯେହେତୁ ତାକୁ ସମଗ୍ର ଜାତିରେ ରୂପାନ୍ତରିତ ହେବାକୁ ପଡ଼ିବ, ସେହି ଦୃଷ୍ଟିରୁ ତା'ର ଜାତୀୟତାବୋଧ ପ୍ରତିଷ୍ଠିତ ହୋଇରହିବ । କିନ୍ତୁ ଏହା ବୁର୍ଜୁଆ ଶ୍ରେଣୀର ଜାତୀୟତା ବୋଧ ନୁହେଁ, ଏହା ସ୍ୱତନ୍ତ୍ର ।

ବୁର୍ଜୁଆ ଶ୍ରେଣୀର ବିକାଶ ଯୋଗୁଁ, ବାଣିଜ୍ୟ ବ୍ୟବସାୟର ଅବାଧ ଅଧିକାର ଯୋଗୁଁ, ବିଶ୍ୱ ବଜାରର ପ୍ରତିଷ୍ଠା ଯୋଗୁଁ ଏବଂ ଉତ୍ପାଦନ ପ୍ରଣାଳୀରେ ଓ ତଦନୁରୂପ ଜୀବନଧାରଣର ପ୍ରଣାଳୀରେ ସମାନ ଧରଣ ବ୍ୟବହାର ପ୍ରଚଳନ ଯୋଗୁଁ ଜାତି ଜାତି ମଧ୍ୟରେ କ୍ରମଶଃ ଜାତୀୟ ପାର୍ଥକ୍ୟ ଓ ଜାତୀୟ ବିରୋଧିତା ଦୂରୀଭୂତ ହୋଇଯାଉଛି ।

ସର୍ବହରା ଶ୍ରେଣୀର ଆଧିପତ୍ୟ ପ୍ରତିଷ୍ଠିତ ହେଲେ ଏହି ପାର୍ଥକ୍ୟ ଆହୁରି ଦୂରୀଭୂତ ହୋଇଯିବ । ସର୍ବହରା ଶ୍ରେଣୀକୁ ମୁକ୍ତ କରିବାକୁ ହେଲେ ଅନ୍ତତଃ ପକ୍ଷେ ଅଗ୍ରଗାମୀ ସଭ୍ୟ ଦେଶମାନଙ୍କର ସମ୍ମିଳିତ କର୍ମପ୍ରଚେଷ୍ଟା ଏକାନ୍ତ ପ୍ରୟୋଜନ ।

ବ୍ୟକ୍ତି ଉପରୁ ବ୍ୟକ୍ତିର ଶୋଷଣ ଯେଉଁ ଅନୁପାତରେ ଲୋପ ପାଇ ପାଇଯିବ ସେହି ଅନୁପାତରେ ଗୋଟିଏ ଜାତି ଉପରେ ଅନ୍ୟ ଜାତିର ଶୋଷଣ ମଧ୍ୟ ଲୋପ ହୋଇଯିବ । ଗୋଟିଏ ଜାତି ଅନ୍ତର୍ଗତ ବିଭିନ୍ନ ଶ୍ରେଣୀର ପାରସ୍ପରିକ ଶତ୍ରୁତା ଯେଉଁ ପରିମାଣରେ ଲୋପ ପାଇବ ସେହି ଅନୁପାତରେ ଜାତି ଜାତି ମଧ୍ୟରେ ରହିଥିବା ଶତ୍ରୁତା ମଧ୍ୟ ଦୂର ହୋଇଯିବ ।

ଆଜ ଧର୍ମ, ଦର୍ଶନ ଓ ମତବାଦ ନେଇ କମ୍ୟୁନିଷ୍ଟମାନଙ୍କ ବିରୁଦ୍ଧରେ ଯେଉଁସବୁ ଅଭିଯୋଗ କରାଯାଉଛି ସେଗୁଡ଼ିକ ଆଦୌ ବିଚାରଯୋଗ୍ୟ ନୁହେଁ ।

ମଣିଷର ଭାବଧାରା, ତା'ର ଧ୍ୟାନ ଧାରଣା, ତା'ର ସିଦ୍ଧାନ୍ତ, ଗୋଟାଏ କଥାରେ କହିବାକୁ ଗଲେ ମଣିଷର ଚେତନା ଯେ ତା'ର ଜାଗତିକ ଜୀବନର ପରିବେଶ ଓ ତା'ର ସାମାଜିକ ସମ୍ପର୍କ ଓ ସାମାଜିକ ଜୀବନର ପ୍ରତିଟି ପରିବର୍ତ୍ତନ ସଙ୍ଗେ ସଙ୍ଗେ ପରିବର୍ତ୍ତିତ ହୁଏ, ଏକଥା ହୃଦୟଙ୍ଗମ କରିବା ପାଇଁ କ'ଣ କେଉଁ ଗଭୀର ଆତ୍ମଜ୍ଞାନର ପ୍ରୟୋଜନ ?

ବାସ୍ତବ ଉତ୍ପାଦନର ପରିବର୍ତ୍ତନ ଅନୁଯାୟୀ ତଦନୁପାତରେ ମାନସିକ ସୃଷ୍ଟିର ପ୍ରକୃତି ଯେ ପରିବର୍ତ୍ତିତ ହୁଏ ଏକଥା ବ୍ୟତୀତ ମାନବିକ ଭାବଧାରାର ଇତିହାସ ଆଉ ବା କ'ଣ ପ୍ରମାଣ କରିଛି ? ପ୍ରତ୍ୟେକ ଯୁଗରେ ଶାସକ ଶ୍ରେଣୀର ଚିନ୍ତାଧାରାହିଁ ସମାଜର ସର୍ବପ୍ରଧାନ ଚିନ୍ତାଧାରା ରୂପେ ପ୍ରତିଷ୍ଠିତ ହୋଇ ଆସିଛି । ଏହାର ବ୍ୟତିକ୍ରମ କେବେ ଘଟିନାହିଁ ।

ଲୋକେ ବେଳେ ବେଳେ ଯୁଗାନ୍ତକାରୀ ଚିନ୍ତାଧାରା କଥା କହନ୍ତି । ତା ଅର୍ଥ ସେମାନେ କହିବାକୁ ଚାହାନ୍ତି ଯେ, ପୁରାତନ ସମାଜ ଭିତରେ ଏକ ନୂତନ ସମାଜର ଉପାଦାନ ସୃଷ୍ଟି ହୋଇଛି ଏବଂ ଜୀବନଧାରଣର ପୁରାତନ ପରିବେଶର ଅବସାନ ସଙ୍ଗେ ସଙ୍ଗେ ସମତାଳରେ ପୁରାତନ ଭାବଧାରାର ଅବସାନ ମଧ୍ୟ ଘଟୁଛି ।

ପ୍ରାଚୀନ ଦୁନିଆ ଯେତେବେଳେ ତା'ର ଅନ୍ତିମ ଦଶାରେ ଆସି ଉପନୀତ ହେଲା ସେତେବେଳେ ପ୍ରାଚୀନ ଧର୍ମସମୂହ ଖ୍ରୀଷ୍ଟଧର୍ମ ଭିତରେ ଲୀନ ହୋଇଗଲା । ତା' ପରେ ଅଷ୍ଟାଦଶ ଶତାବ୍ଦୀରେ ଖ୍ରୀଷ୍ଟିଆନ୍ ଭାବଧାରା ଯେତେବେଳେ ପ୍ରଜ୍ଞାବାଦୀ ଭାବଧାରା ନିକଟରେ ପରାଜିତ ହେବାର ଦେଖାଗଲା ସେତେବେଳେ ତତ୍‌କାଳୀନ ବିପ୍ଳବୀ ବୁର୍ଜୁଆ ଶ୍ରେଣୀ ସହିତ ସାମନ୍ତବାଦୀ ସମାଜ ମରଣାନ୍ତକ ସଂଗ୍ରାମରେ ବ୍ୟାପୃତ । ଆଉ ତା' ପରେ ଧର୍ମଗତ ସ୍ୱାଧୀନତା, ବିବେକର ସ୍ୱାଧୀନତା ଇତ୍ୟାଦି ଯେଉଁସବୁ ଧାରଣା ଦେଖାଦେଲା ତାହା ଜ୍ଞାନରାଜ୍ୟରେ ଅବାଧ ପ୍ରତିଯୋଗିତା ପ୍ରତିଷ୍ଠାର ଅଭିବ୍ୟକ୍ତି ବ୍ୟତୀତ ଅନ୍ୟ କିଛି ନୁହଁ ।

କେତେକ କହନ୍ତି—"ଧର୍ମଗତ, ନୈତିକ, ଦାର୍ଶନିକ ଓ ଆଇନଗତ ଭାବଧାରା ଐତିହାସିକ ବିକାଶର ଗତିପଥରେ ପରିବର୍ତ୍ତିତ ହୋଇଆସିଛି । କିନ୍ତୁ ଧର୍ମ, ନୈତିକତା, ଦର୍ଶନ, ରାଜନୈତିକ ବିଜ୍ଞାନ ଓ ଆଇନ ବିଦ୍ୟା ଏସବୁ ପରିବର୍ତ୍ତନର ସ୍ରୋତକୁ ଅତିକ୍ରମ କରି ତିଷ୍ଠି ରହିପାରିଛି । ଏ ବିଷୟରେ ସନ୍ଦେହର କୌଣସି ଅବକାଶ ନାହିଁ ।"

" ତା'ଛଡ଼ା, ନ୍ୟାୟ, ମୁକ୍ତି ଇତ୍ୟାଦି କେତେକ ଚିରନ୍ତନ ସତ୍ୟ ରହିଛି, ଯାହା କି ପ୍ରତ୍ୟେକ ଯୁଗର ମାନବ ସମାଜରେ ଦେଖିବାକୁ ମିଳେ । କିନ୍ତୁ କମ୍ୟୁନିଜମ୍ ଏସବୁ ଚିରନ୍ତନ ସତ୍ୟ, ଏହି ବିଭିନ୍ନ ଧର୍ମ ଓ ନୈତିକତାକୁ ଏକ ନୂତନ ଭିତ୍ତିରେ ପୁନର୍ଗଠିତ କରିବା ପରିବର୍ତ୍ତେ ତାକୁ ଧ୍ୱଂସ କରିଦିଏ ।"

ଅତଏବ, ଆମ ବିରୁଦ୍ଧରେ ଏହି ଯେଉଁ ଅଭିଯୋଗ ହେଉଛି ତା'ର ତାତ୍ପର୍ଯ୍ୟ କ'ଣ ? ଅତୀତର ସକଳ ମାନବ ସମାଜର ଇତିହାସ ହେଉଛି ଶ୍ରେଣୀ ବିରୋଧିତାର କ୍ରମବିକାଶର ଇତିହାସ । ଏହି ବିରୋଧିତା ଭିନ୍ନ ଭିନ୍ନ ଯୁଗରେ ଭିନ୍ନ ଭିନ୍ନ ରୂପ ଧାରଣ କରି ଆସିଛି ।

ଏହି ବିରୋଧିତାର ରୂପ ଯାହା ହେଉନା କାହିଁକି ସବୁ ଅତୀତ ଯୁଗର ଗୋଟାଏ ବିଶିଷ୍ଟ ଲକ୍ଷଣ ଅତି ସ୍ପଷ୍ଟ—ତା ହେଉଛି ସମାଜର ଗୋଟାଏ ଅଂଶ ଉପରେ ଅନ୍ୟ ଏକ ଅଂଶର ଶୋଷଣ । ତେଣୁ ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ ଯେ, ଅତୀତ ଯୁଗର ସାମାଜିକ ଚେତନା ତା'ର ସମସ୍ତ ପ୍ରକାର ବହୁମୁଖୀ ବୈଚିତ୍ର୍ୟ ସତ୍ତ୍ୱେ ଗୋଟାଏ ସାଧାରଣ ଭାବଧାରାକୁ ଆଶ୍ରୟ କରି କିମ୍ବା ଗୋଟାଏ ସାଧାରଣ ଓ ସୁନିର୍ଦ୍ଦିଷ୍ଟ ଆଙ୍ଗିକ ଭିତରେହିଁ ସଂଗ୍ରଥିତ ହୋଇ ଆସିଛି । ଶ୍ରେଣୀ ବିରୋଧିତା ପୁରାପୁରି ଲୋପ ନହେଲା ପର୍ଯ୍ୟନ୍ତ ଏସବୁ ଭାବଧାରା ସଂପୂର୍ଣ୍ଣ ରୂପେ ଦୂରୀଭୂତ ହେବ ନାହିଁ ।

କମ୍ୟୁନିଷ୍ଟ ବିପ୍ଳବ ହେଉଛି ଯୁଗ ଯୁଗର ଚିରାଚରିତ ସମ୍ପତ୍ତିଗତ ସମ୍ପର୍କର ଚରମ ବିଚ୍ଛେଦ । ତେଣୁ କମ୍ୟୁନିଷ୍ଟ ବିପ୍ଳବର ବିକାଶ ସଙ୍ଗେ ସଙ୍ଗେ ଚିରାଚରିତ ଭାବଧାରା ଯେ ଚୂଡ଼ାନ୍ତ ଭାବେ ବିଲୀନ ହୋଇଯିବ ଏଥିରେ ଆଶ୍ଚର୍ଯ୍ୟ ହେବାର କ'ଣ ଅଛି ?

କିନ୍ତୁ କମ୍ୟୁନିଜମ୍ ବିରୁଦ୍ଧରେ ବୁର୍ଜୁଆମାନଙ୍କର ଆପତ୍ତି କଥା ଆଉ ଛୁଟାଯାଉ ।

ଆମେ ଦେଖିଥାଉଁ ଯେ, ଶ୍ରମିକ ଶ୍ରେଣୀର ବିପ୍ଳବର ପ୍ରଥମ ସୋପାନ ହେଉଛି ସର୍ବହରା ଶ୍ରେଣୀକୁ ଶାସକ ଶ୍ରେଣୀ ରୂପେ ପ୍ରତିଷ୍ଠା କରିବା ଏବଂ ଗଣତନ୍ତ୍ରର ସଂଗ୍ରାମକୁ ଜୟଯୁକ୍ତ କରିବା ।

ତା'ପରେ ସର୍ବହରା ଶ୍ରେଣୀ ତା'ର ରାଜନୈତିକ ଆଧିପତ୍ୟକୁ ପ୍ରୟୋଗ କରି କ୍ରମେ କ୍ରମେ ବୁର୍ଜୁଆ ଶ୍ରେଣୀ ହାତରୁ ସମସ୍ତ ପୁଞ୍ଜିକୁ ବାହାରକରି ନେଇଆସିବ, ଉତ୍ପାଦନର ସମସ୍ତ ଉପକରଣକୁ ରାଷ୍ଟ୍ର ହାତରେ ଅର୍ଥାତ୍ ଶାସକ ଶ୍ରେଣୀ ଭାବେ ସଂଗଠିତ ସର୍ବହରା ଶ୍ରେଣୀ ହାତରେ କେନ୍ଦ୍ରୀଭୂତ କରିବ ଏବଂ ଯଥାସମ୍ଭବ ଦ୍ରୁତ ଭାବେ ଉତ୍ପାଦିକା ଶକ୍ତିକୁ ବୃଦ୍ଧି କରିବ ।

ଅବଶ୍ୟ ପ୍ରଥମେ ପ୍ରଥମେ ସମ୍ପତ୍ତିଗତ ଅଧିକାର ଉପରେ ଓ ବୁର୍ଜୁଆ ଉତ୍ପାଦନ ବ୍ୟବସ୍ଥା ଉପରେ ନିର୍ଦ୍ଦୟର ହସ୍ତକ୍ଷେପ ବିନା ଏହା ସମ୍ଭବ ହେବ ନାହିଁ । ଏସବୁ ବ୍ୟବସ୍ଥା ହୁଏତ ଆର୍ଥିକ ଦୃଷ୍ଟିରୁ ଅସଂଗତ ଓ ଅପର୍ଯ୍ୟାପ୍ତ ମନେ ହୋଇପାରେ, କିନ୍ତୁ ବିପ୍ଳବର ଅଗ୍ରଗତି ସଙ୍ଗେ ସଙ୍ଗେ ଏସବୁ ବ୍ୟବସ୍ଥା ନିଜକୁ ଅତିକ୍ରମ କରିଯିବ ଏବଂ ପୁରାତନ ସାମାଜିକ ବ୍ୟବସ୍ଥା ଉପରେ ଅଧିକ ଆକ୍ରମଣର ପ୍ରୟୋଜନ ସୃଷ୍ଟି କରିବ । କାରଣ ଉତ୍ପାଦନ ବ୍ୟବସ୍ଥାରେ ପୂର୍ଣ୍ଣାଙ୍ଗ ବିପ୍ଳବ ସଂଘଟିତ କରିବା ଲାଗି ଏସବୁ ବ୍ୟବସ୍ଥା ଏକାନ୍ତ ଅପରିହାର୍ଯ୍ୟ ।

ଏହା ଭିନ୍ନ ଭିନ୍ନ ଦେଶରେ ଭିନ୍ନ ଭିନ୍ନ ପ୍ରକାରର ହେବ ।

ତଥାପି ଅପେକ୍ଷାକୃତ ଅଧିକା ଉନ୍ନତ ଦେଶଗୁଡ଼ିକରେ ସାଧାରଣତଃ ନିମ୍ନଲିଖିତ ବ୍ୟବସ୍ଥା ପ୍ରୟୋଜନ ହେବ :

୧ । ଜମି ଉପରୁ ସମ୍ପତ୍ତିଗତ ସ୍ୱତ୍ତ୍ୱର ବିଲୋପ ଏବଂ ସର୍ବସାଧାରଣଙ୍କ କଲ୍ୟାଣାର୍ଥେ ଖଜଣାର ବ୍ୟୟ ।

୨ । ଅଧିକ ଓ କ୍ରମବର୍ଦ୍ଧମାନ ଆୟକର ଧାର୍ଯ୍ୟ ।

୩ । ସମ୍ପତ୍ତି ଉପରୁ ଉତ୍ତରାଧିକାରିତ୍ୱର ଲୋପ ।

୪ । ସମସ୍ତ ପଳାତକ ଓ ବିଦ୍ରୋହୀମାନଙ୍କର ସମ୍ପତ୍ତି ବାଜ୍ୟାପ୍ତ ।

୫ । ରାଷ୍ଟ୍ରୀୟ ମୂଳଧନରେ ଗୋଟିଏ ଜାତୀୟ ବ୍ୟାଙ୍କ ସ୍ଥାପନ କରି ଏବଂ ତା'ରି ଉପରେ ଏକଚାଟିଆ କର୍ତ୍ତୃତ୍ୱ ଜାରିକରି ଟଙ୍କା ଋଣ ଦେବାର ସମସ୍ତ ବ୍ୟବସ୍ଥାକୁ ରାଷ୍ଟ୍ର ହାତରେ କେନ୍ଦ୍ରୀଭୂତ କରି ରଖିବା ।

୬ । ଯାତାୟାତ ଓ ବାର୍ତ୍ତା ବିନିମୟର ସମସ୍ତ ବ୍ୟବସ୍ଥାକୁ ରାଷ୍ଟ୍ରାୟତ୍ତ କରିବା ।

୭ । ରାଷ୍ଟ୍ରାୟତ୍ତ ସମସ୍ତ କଳକବ୍‌ଜା ଓ ଉତ୍ପାଦନ ଉପକରଣର ସଂପ୍ରସାରଣ, ଅନାବାଦୀ ଜମିରେ ଆବାଦ ଏବଂ ଏକ ସର୍ବସାଧାରଣ ଯୋଜନା ଅନୁଯାୟୀ ଭୂମିର ଅଭିବୃଦ୍ଧି ସାଧନ ।

୮ । ପରିଶ୍ରମର ଦାୟିତ୍ୱ ସମାନଭାବେ ସମସ୍ତଙ୍କ ଉପରେ ନ୍ୟସ୍ତ କରିବା । ଶିଳ୍ପ ଉତ୍ପାଦନ ପାଇଁ ଏବଂ ବିଶେଷ କରି କୃଷିର ଉନ୍ନତି ଲାଗି ଶ୍ରମବାହିନୀ ଗଠନ କରିବା ।

୯ । କୃଷି ଉତ୍ପାଦନ ସହିତ ଶିଳ୍ପ ଉତ୍ପାଦନର ଘନିଷ୍ଠ ସଂଯୋଗ ସ୍ଥାପନ କରି ଏବଂ ଦେଶସାରା ଜନସଂଖ୍ୟାର ସମବଣ୍ଟନ ଦ୍ୱାରା କ୍ରମେ କ୍ରମେ ସହର ଓ ମଫସଲର ପାର୍ଥକ୍ୟ ଲୋପ କରିବା ।

୧୦ । ସର୍ବସାଧାରଣ ବିଦ୍ୟାଳୟରେ ସବୁ ଶିଶୁଙ୍କ ପାଇଁ ଅବୈତନିକ ଶିକ୍ଷାର ବ୍ୟବସ୍ଥା କରିବା । ବର୍ତ୍ତମାନ ଯେଉଁପରି ଭାବେ ପିଲାମାନେ କଳକାରଖାନାରେ କାମ କରୁଛନ୍ତି ତାହା ବନ୍ଦ କରିବା । ଶିଳ୍ପ ଉତ୍ପାଦନ ସହିତ ଶିକ୍ଷା ବ୍ୟବସ୍ଥାର ସଂଯୋଗ ସ୍ଥାପନ କରିବା ଇତ୍ୟାଦି ।

ତା'ପରେ, ବିକାଶର ଗତିପଥରେ ଯେତେବେଳେ ଶ୍ରେଣୀ ବୈଷମ୍ୟ ଅଦୃଶ୍ୟ ହୋଇଯିବ ଏବଂ ସଂଘବଦ୍ଧ ସମଗ୍ର ଜାତି ହାତରେ ସମସ୍ତ ଉତ୍ପାଦନ ବ୍ୟବସ୍ଥା କେନ୍ଦ୍ରୀଭୂତ ହୋଇ ରହିବ ସେତେବେଳେ ଏହି ରାଷ୍ଟ୍ରୀୟ କ୍ଷମତାର ରାଜନୈତିକ ଚରିତ୍ର ଆଉ ରହିବ ନାହିଁ । ଠିକ୍ ଭାବେ କହିବାକୁ ଗଲେ ଗୋଟାଏ ଶ୍ରେଣୀକୁ ପଦାନତ କରି ରଖିବା ପାଇଁ ଅନ୍ୟ ଶ୍ରେଣୀ ପକ୍ଷରୁ ଯେଉଁ ସଂଗଠିତ ଶକ୍ତି ପ୍ରୟୋଗ କରାଯାଇଥାଏ ତାହାହିଁ ପ୍ରକୃତରେ ରାଜନୈତିକ କ୍ଷମତା । ବୁର୍ଜୁଆ ଶ୍ରେଣୀ ସହିତ ସଂଗ୍ରାମ ଚଳାଇଲାବେଳେ ପରିସ୍ଥିତିଦ୍ୱାରା ବାଧ୍ୟ ହୋଇ ସର୍ବହରା ଶ୍ରେଣୀ ଯଦି ନିଜକୁ ଏକ ଶ୍ରେଣୀ ହିସାବରେ ସଂଗଠିତ କରେ ଏବଂ ସେ ଯଦି ବିପ୍ଳବ ଭିତର ଦେଇ ନିଜକୁ ଶାସକ ଶ୍ରେଣୀ ଭାବେ ପ୍ରତିଷ୍ଠିତ କରେ ଏବଂ ତା'ର ପରିଣାମ ସ୍ୱରୂପ ପୁରାତନ ଉତ୍ପାଦନ ବ୍ୟବସ୍ଥାକୁ ବଳପୂର୍ବକ ମୂଳପୋଛ କରିଦିଏ ତା ହେଲେ ବୁଝିବାକୁ ହେବ ଯେ, ଏସବୁ କାମଦ୍ୱାରା ସେ ଶ୍ରେଣୀ ବିରୋଧିତା ଓ ଶ୍ରେଣୀ ଅସ୍ତିତ୍ୱର ମୂଳ କାରଣକୁ ଦୂର କରି ଦେଇଛି । ଫଳରେ ଶ୍ରେଣୀ ହିସାବରେ ନିଜର ଆଧିପତ୍ୟ ମଧ୍ୟ ତା'ର ଆଉ ରହିବ ନାହିଁ । ତାହାକୁ ସେ ଲୋପ କରି ଦେଇଥିବ ।

ଏହି ଶ୍ରେଣୀ ବିଭକ୍ତ ଓ ଶ୍ରେଣୀ ସଂଘର୍ଷକ୍ଳିଷ୍ଟ ବୁର୍ଜୁଆ ସମାଜ ଆଉ ରହିବ ନାହିଁ । ତା ପରିବର୍ତ୍ତେ ଆସିବ ଆଉ ଏକ ନୂତନ ସଂଘବଦ୍ଧ ସମାଜ ଯେଉଁଠି କି ବ୍ୟଷ୍ଟିର ସ୍ୱାଧୀନ ବିକାଶ ହେବ ସମଷ୍ଟିର ସ୍ୱାଧୀନ ବିକାଶର ମୌଳିକ ଉପାଦାନ ।

### ତୃତୀୟ ପରିଚ୍ଛେଦ

# ସମାଜବାଦୀ ଓ ସାମ୍ୟବାଦୀ ସାହିତ୍ୟ

## ୧. ପ୍ରତିକ୍ରିୟାଶୀଳ ସମାଜବାଦ

### କ. ସାମନ୍ତବାଦୀ ସମାଜବାଦ

ନିଜର ଐତିହାସିକ ପରିବେଶ ଯୋଗୁଁ ବ୍ରିଟେନ ଓ ଫ୍ରାନ୍ସର ଅଭିଜାତ ସଂପ୍ରଦାୟ ପକ୍ଷରେ ସେତେବେଳେ ଆଧୁନିକ ବୁର୍ଜୁଆ ସମାଜ ବିରୁଦ୍ଧରେ ପ୍ରଚୁର ପତ୍ରିକାମାନ ଲେଖିବା ପ୍ରାୟ ଏକ ପ୍ରକାର ପେଶା ହୋଇ ଯାଇଥିଲା । ୧୮୩୦ ଖ୍ରୀଷ୍ଟାବ୍ଦର ଜୁଲାଇ ମାସର ଫରାସୀ ବିପ୍ଳବରେ ଏବଂ ବ୍ରିଟେନ୍‌ର ପାର୍ଲାମେଣ୍ଟାରୀ ସଂସ୍କାର [୩୦] ଆନ୍ଦୋଳନରେ ଏହି ଅଭିଜାତ ସଂପ୍ରଦାୟକୁ ପୁଣି ସେଇ ଘୃଣ୍ୟ ଉଦ୍ଧତ ବୁର୍ଜୁଆ ଶ୍ରେଣୀ ନିକଟରେ ପରାଭୂତ ହେବାକୁ ପଡ଼ିଲା । ତା ପରଠାରୁ ବୁର୍ଜୁଆ ଶ୍ରେଣୀ ସହିତ ଏହି ଅଭିଜାତ ସଂପ୍ରଦାୟର କୌଣସି ପ୍ରକାର ଗୁରୁତର ରାଜନୈତିକ ସଂଘର୍ଷ ଲାଗିବାର ସମ୍ଭାବନା ଆଉ ରହିଲା ନାହିଁ । କେବଳ କାଗଜ କଲମ ଦ୍ୱାରା ସଂଗ୍ରାମ ଚଳାଇବାର ପନ୍ଥା ଉନ୍ମୁକ୍ତ ରହିଲା । କିନ୍ତୁ ଏହି ସାହିତ୍ୟର ରଣାଙ୍ଗନରେ ମଧ୍ୟ ସେହି ପୁରାତନ ରାଜତନ୍ତ୍ରର ପୁନଃପ୍ରତିଷ୍ଠା ଯୁଗର * ଯୁଦ୍ଧ ହୁଙ୍କାର ସବୁ ଅକାମୀ ଓ ଅସମ୍ଭବ ହୋଇପଡ଼ିଲା । ତେଣୁ ନିଜ ପ୍ରତି ଲୋକଙ୍କର ସହାନୁଭୂତି ଆକର୍ଷଣ କରିବା ଉଦ୍ଦେଶ୍ୟରେ ଅଭିଜାତ ସଂପ୍ରଦାୟ ଆପାତତଃ ନିଜର ସ୍ୱାର୍ଥକୁ ଭୁଲି କେବଳ ଶୋଷିତ ଶ୍ରମିକ ଶ୍ରେଣୀର ସ୍ୱାର୍ଥ ରକ୍ଷାର ଛଳନା କରି

---

* ଏଠାରେ ୧୬୬୦ ଠାରୁ ୧୬୮୯ ବ୍ରିଟିଶ ରାଜତନ୍ତ୍ରର ପୁନଃପ୍ରତିଷ୍ଠା କଥା କୁହାଯାଉ ନାହିଁ—ଏଠାରେ ୧୮୧୪ ଠାରୁ ୧୮୩୦ର ଫରାସୀ ରାଜତନ୍ତ୍ରର ପୁନଃପ୍ରତିଷ୍ଠା କଥା କୁହାଯାଉଛି । **(୧୮୮୮ର ଇଂରାଜୀ ସଂସ୍କରଣରେ ଏଙ୍ଗେଲସ୍‌ଙ୍କ ଟିପ୍ପଣୀ)**

ବୁର୍ଜୁଆ ଶ୍ରେଣୀ ବିରୁଦ୍ଧରେ ଅଭିଯୋଗ ବାଢ଼ିବାକୁ ଆରମ୍ଭ କରିଦେଲା । ନିଜର ଏହି ନୂତନ ପ୍ରଭୁକୁ ବିଦ୍ରୂପ ଓ ତିରସ୍କାର କରି ତା କାନେ କାନେ ତା'ର ଆସନ୍ନ ବିପର୍ଯ୍ୟୟର ଭୟାବହ ବାଣୀ ଶୁଣାଇବାକୁ ଲାଗିଲା । ଏହିପରି ଭାବେ ଅଭିଜାତ ସଂପ୍ରଦାୟ ବୁର୍ଜୁଆ ଶ୍ରେଣୀ ବିରୁଦ୍ଧରେ ପ୍ରତିଶୋଧ ନେବାକୁ ଚେଷ୍ଟା କଲା ।

ଏହାହିଁ ସାମନ୍ତବାଦୀ ସମାଜବାଦର ଜନ୍ମବୃତ୍ତାନ୍ତ । ଏହା ହେଉଛି ଅର୍ଦ୍ଧେକ ବିଳାପ ଆଉ ଅର୍ଦ୍ଧେକ ବିଦ୍ରୂପ । ଅର୍ଦ୍ଧେକ ଅତୀତର ପ୍ରତିଧ୍ୱନି ଆଉ ଅର୍ଦ୍ଧେକ ଭବିଷ୍ୟତର ଆତଙ୍କ । ହୁଏତ ବେଳେ ବେଳେ ନିଜର ତିକ୍ତ, ଶ୍ଳେଷାତ୍ମକ ଓ ଶାଣିତ ସମାଲୋଚନା ଦ୍ୱାରା ବୁର୍ଜୁଆ ଶ୍ରେଣୀର ମର୍ମ ଭେଦ କରିବାକୁ ଏହା ସକ୍ଷମ ହେଉଥିଲା । କିନ୍ତୁ ତା'ର ପରିଣାମରେ ତାକୁ ବରାବର ହାସ୍ୟାସ୍ପଦ ହେବାକୁ ପଡ଼ୁଥିଲା । କାରଣ ଆଧୁନିକ ଇତିହାସର ଅଗ୍ରଗତିର ତାତ୍ପର୍ଯ୍ୟ କଳନା କରିବାକୁ ସେ ସଂପୂର୍ଣ୍ଣ ଅକ୍ଷମ ।

ଏହି ଅଭିଜାତ ସଂପ୍ରଦାୟ ସାଧାରଣ ଲୋକଙ୍କ ନିଜ ଦଳକୁ ଟାଣିବା ଲାଗି ସର୍ବହରା ଶ୍ରେଣୀର ଭିକ୍ଷା ଝୁଲିକୁ ନେଇ ନିଜର ନିଶାଣ ରୂପେ ଉଡ଼ାଉଥିଲା । କିନ୍ତୁ ଲୋକେ ତାଙ୍କ ଦଳରେ ଯୋଗ ଦେଇ ଦେଖନ୍ତି ତ ତାଙ୍କର ଏହି ଭେକ ପଛରେ ସେମାନଙ୍କର ପ୍ରକୃତ ସାମନ୍ତବାଦୀ ନିଶାଣ ଓ ସାଜସଜ୍ଜା ଗୋପନ ହୋଇ ରହିଛି । ତେଣୁ ସେମାନେ ଅବଜ୍ଞାଭରା ଅଟ୍ଟହାସ୍ୟ କରି ସାମନ୍ତବାଦୀଙ୍କ ଦଳ ତ୍ୟାଗ କରି ଚାଲି ଆସିଲେ ।

ସାମନ୍ତବାଦୀମାନଙ୍କର ଏହି ପ୍ରହସନ ତତ୍‌କାଳୀନ ଲେଜିଟିମିଷ୍ଟ ବା ରାଜାଧିକାରବାଦୀ ଦଳର ଗୋଟାଏ ଅଂଶ ପକ୍ଷରୁ ଏବଂ "ୟଙ୍ଗ୍ ଇଂଲଣ୍ଡ" [୩୧] ବା "ନବୀନ ଇଂଲଣ୍ଡ" ଦଳ ପକ୍ଷରୁ ବେଶ୍ ସୁନ୍ଦର ଭାବେ ଅଭିନୀତ ହୋଇଥିଲା ।

ବୁର୍ଜୁଆ ଶୋଷଣଠାରୁ ନିଜ ଶୋଷଣ ପଦ୍ଧତିର ପାର୍ଥକ୍ୟ କଥା ଦର୍ଶାଇଲା ବେଳେ ଏହି ଅଭିଜାତ ସଂପ୍ରଦାୟର ଲୋକେ ଭୁଲିଯାନ୍ତି ଯେ, ସଂପୂର୍ଣ୍ଣ ପୃଥକ୍ ପରିସ୍ଥିତି ଓ ପରିବେଶ ଭିତରେ ସେମାନଙ୍କର ଶୋଷଣ ପଦ୍ଧତି ଚାଲୁ ରହିଥିଲା ଏବଂ ସେହି ପରିବେଶ ଓ ପରିସ୍ଥିତି ବର୍ତ୍ତମାନ ଆଉ ନାହିଁ । ତାହା ଅଚଳ ହୋଇ ଯାଇଛି । ସେମାନଙ୍କର ରାଜୁତି ବେଳେ ଆଧୁନିକ ସର୍ବହରା ଶ୍ରେଣୀ ଭଳି କୌଣସି ଶ୍ରେଣୀର ଅସ୍ତିତ୍ୱ ନ ଥିଲା ବୋଲି ସେମାନେ ଯେଉଁ ବଡ଼େଇ କରନ୍ତି ସେତେବେଳେ ସେମାନେ ଭୁଲିଯାନ୍ତି ଯେ, ଏହି ଆଧୁନିକ ବୁର୍ଜୁଆ ଶ୍ରେଣୀ ସେମାନଙ୍କର ନିଜ ସମାଜ ଭିତରୁହିଁ ଜନ୍ମଲାଭ କରିଛି ।

ତା' ଛଡ଼ା ନିଜ ସମାଲୋଚନାର ପ୍ରତିକ୍ରିୟାଶୀଳ ଚରିତ୍ରକୁ ଗୋପନ କରିବାରେ ସେମାନେ ଏତେ ଅକ୍ଷମ ଯେ ଫଳରେ ବୁର୍ଜୁଆ ଶ୍ରେଣୀ ବିରୁଦ୍ଧରେ ସେମାନଙ୍କ ଅଭିଯୋଗର ବିଶେଷ କିଛି ଅର୍ଥ ହୁଏ ନାହିଁ । ମୋଟାମୋଟି ବୁର୍ଜୁଆ ଶ୍ରେଣୀ ବିରୁଦ୍ଧରେ ସେମାନଙ୍କର ପ୍ରଧାନ ଅଭିଯୋଗର ମର୍ମ ହେଉଛି ଯେ, ବୁର୍ଜୁଆ ଶ୍ରେଣୀ ରାଜତ୍ୱରେ ଏପରି ଏକ ଶ୍ରେଣୀର ବିକାଶ ଘଟୁଛି ଯେ କି ସୁନିଶ୍ଚିତ ଭାବେ ପୁରାତନ ସମାଜକୁ ଆମୂଳଚୂଳ ଉତ୍ପାଟିତ କରିଦେବ ।

ଗୋଟାଏ ସର୍ବହରା ଶ୍ରେଣୀ ସୃଷ୍ଟି କରୁଛି ବୋଲି ସେମାନେ ବୁର୍ଜୁଆ ଶ୍ରେଣୀକୁ ଯେତେ ବେଶୀ ନିନ୍ଦା କରନ୍ତି ନାହିଁ ତା'ଠାରୁ ଅଧିକ ନିନ୍ଦା କରନ୍ତି ସେ ଗୋଟାଏ ବିପ୍ଳବୀ ସର୍ବହରା ଶ୍ରେଣୀ ସୃଷ୍ଟି କରୁଛି ବୋଲି ।

ତେଣୁ ବାସ୍ତବ ରାଜନୀତି କ୍ଷେତ୍ରରେ ସେମାନେ ଶ୍ରମିକମାନଙ୍କ ବିରୁଦ୍ଧରେ ନିପୀଡ଼ନର ଯାବତୀୟ ବ୍ୟବସ୍ଥାରେ ଯୋଗ ଦେଇଥାନ୍ତି । ଆଉ ଦୈନନ୍ଦିନ ସାଧାରଣ ଜୀବନରେ ନିଜର ବଡ଼ ବଡ଼ ଆକାଶତୋଳା କଥା ସତ୍ତ୍ୱେ ସେମାନେ ଶିଳ୍ପ ବୃକ୍ଷରୁ ଝଡ଼ି ପଡ଼ୁଥିବା ସୁବର୍ଣ୍ଣ ଫଳକୁ ସଂଗ୍ରହ କରିବା ଲାଗି ସାମାନ୍ୟ ଆପତ୍ତି ସୁଦ୍ଧା କରନ୍ତି ନାହିଁ । ପଶମ, ଚିନି ଓ ମଦ ଇତ୍ୟାଦି ଦ୍ରବ୍ୟର ବିନିମୟରେ ସତ୍ୟ, ସ୍ନେହ ଓ ସମ୍ମାନକୁ ବଳିଦେବାକୁ ମଧ୍ୟ ଦ୍ୱିଧା କରନ୍ତି ନାହିଁ । *

ଧର୍ମଯାଜକ ଓ ପୁରୋହିତ ସଂପ୍ରଦାୟ ଯେପରି ଯୁଗ ଯୁଗ ଧରି ଜମିଦାର ଶ୍ରେଣୀ ସହିତ କ୍ଷୀର ନୀର ସଂପର୍କ ପାତି ଚଳି ଆସିଛି ସେହିପରି

---

* ଏହି ମନ୍ତବ୍ୟ ମୁଖ୍ୟତଃ ଜର୍ମାନୀ ପ୍ରତି ପ୍ରଯୁଜ୍ୟ । ସେଠାର ଅଭିଜାତ ଜମିଦାରମାନେ ନିଜ ଜମିଦାରର ଅଧିକାଂଶ ଜମିକୁ କର୍ମଚାରୀ ରଖି ଚାଷ କରାନ୍ତି ଏବଂ ତା ସଙ୍ଗେ ସଙ୍ଗେ ବଡ଼ ଧରଣର ବିଟ୍‌ରୁଟ୍ ଚିନି ଓ ବିଲାତି ଆଳୁ ମଦ ବ୍ୟବସାୟ ଚଳାନ୍ତି । କିନ୍ତୁ ଅପେକ୍ଷାକୃତ ଭଲ ଅବସ୍ଥାପନ୍ନ ଇଂରାଜୀ ଅଭିଜାତ ସଂପ୍ରଦାୟର ଲୋକେ ଏ ପର୍ଯ୍ୟନ୍ତ ହୁଏତ ଏତେ ତଳକୁ ଖସି ନାହାନ୍ତି । ତଥାପି ସେମାନେ ମଧ୍ୟ ଜମିର ଆୟ କମିଯିବା ବାବଦ୍ ଯେଉଁ କ୍ଷତି ହେଉଛି ତାକୁ ପରିପୂରଣ କରିବା ପାଇଁ ଊଣା ଅଧିକେ କେତେକ ପ୍ରକାର ସନ୍ଦେହଜନକ ବ୍ୟବସାୟ ବେପାର କାର୍ଯ୍ୟରେ ଲିପ୍ତ ରହିଥାନ୍ତି । **(୧୮୮୮ରେ ଇଂରାଜୀ ସଂସ୍କରଣରେ ଏଙ୍ଗେଲସ୍‌ଙ୍କ ଟିପ୍ପଣୀ)**

ଧର୍ମଗତ ସମାଜବାଦ ଓ ସାମନ୍ତବାଦୀ ସମାଜବାଦ ମଧ୍ୟ ହାତ ଛନ୍ଦାଛନ୍ଦି ହୋଇ ଚଳି ଆସିଛନ୍ତି ।

ଖ୍ରୀଷ୍ଟିଆନ୍ ସନ୍ନ୍ୟାସବ୍ରତ ଉପରେ ସମାଜବାଦର ପ୍ରଲେପ ଦେବା ଅପେକ୍ଷା ଆଉ ସହଜ କାମ କିଛି ନାହିଁ । ଏହି ଖ୍ରୀଷ୍ଟିଆନ୍ ଧର୍ମ କ'ଣ ବ୍ୟକ୍ତିଗତ ସମ୍ପତ୍ତି ବିରୁଦ୍ଧରେ, ବିବାହ ପ୍ରଥା ବିରୁଦ୍ଧରେ ଏବଂ ରାଷ୍ଟ୍ର ବିରୁଦ୍ଧରେ ସମାଲୋଚନା କରିନାହିଁ ? ଏ ସବୁ ସଂସ୍ଥା ପରିବର୍ତ୍ତେ ଦାନ ଓ ଦାରିଦ୍ର୍ୟ, ବ୍ରହ୍ମଚର୍ଯ୍ୟ ଓ ସଂଯମ, ସନ୍ନ୍ୟାସ ଦୀକ୍ଷା ଓ ମାତୃସ୍ଥାନୀୟା ଗୀର୍ଜାର ଆଶ୍ରୟ ଗ୍ରହଣ କରିବା କଥା କ'ଣ ସେ ପ୍ରଚାର କରିନାହିଁ ? ତେଣୁ ଖ୍ରୀଷ୍ଟିଆନ୍ ସମାଜବାଦ ହେଉଛି ଅଭିଜାତ ସଂପ୍ରଦାୟର ଆତ୍ମଜ୍ୱାଳା ପ୍ରଶମନ ଲାଗି ପୁରୋହିତର ମନ୍ତ୍ରପୂତ ଜଳ ବ୍ୟତୀତ ଅନ୍ୟ କିଛି ନୁହଁ ।

### ଖ. ପେଟି-ବୁର୍ଜୁଆ ବା ମଧ୍ୟବିତ୍ତ ସମାଜବାଦ

ବୁର୍ଜୁଆ ଶ୍ରେଣୀ ଦ୍ୱାରା କେବଳ ସାମନ୍ତବାଦୀ ଅଭିଜାତ ଶ୍ରେଣୀର ସର୍ବନାଶ ସାଧିତ ହୋଇନାହିଁ । ଆଧୁନିକ ବୁର୍ଜୁଆ ସମାଜର ପରିବେଶ ଭିତରେ କେବଳ ଏହି ଅଭିଜାତ ଶ୍ରେଣୀର ଅସ୍ତିତ୍ୱ ଓ ଅବସ୍ଥା ମ୍ରିୟମାଣ ହୋଇ ମରଣାପନ୍ନ ହୋଇ ପଡ଼ିନାହିଁ । ଏହି ଆଧୁନିକ ବୁର୍ଜୁଆ ଶ୍ରେଣୀର ଆବିର୍ଭାବ ପୂର୍ବରୁ ତା'ର ଅଗ୍ରଦୂତସ୍ୱରୂପ ମଧ୍ୟଯୁଗୀୟ ସମ୍ପତ୍ତି ସମ୍ପନ୍ନ ପୌରଜନ ଓ କ୍ଷୁଦ୍ର ଭୂସ୍ୱାମୀମାନେ ଥିଲେ । ଯେଉଁ ସବୁ ଦେଶ ଶିଳ୍ପ ଓ ବାଣିଜ୍ୟ ବ୍ୟବସାୟ ଦୃଷ୍ଟିରୁ ସମୁନ୍ନତ ହୋଇ ନାହାନ୍ତି ସେ ସବୁ ଦେଶରେ ଏହି ଦୁଇଟି ଶ୍ରେଣୀ ଏପର୍ଯ୍ୟନ୍ତ ସୁଦ୍ଧା ଉକ୍ତ ବୁର୍ଜୁଆ ଶ୍ରେଣୀର ପାଖେ ପାଖେ ନିଷ୍କ୍ରିୟ ଓ ଅଚଳ ହୋଇ ପଡ଼ି ରହିଛନ୍ତି ।

ଯେଉଁ ସବୁ ଦେଶରେ ଆଧୁନିକ ସଭ୍ୟତାର ପରିପୂର୍ଣ୍ଣ ବିକାଶ ସାଧିତ ହୋଇଛି ସେଠାରେ ଏକ ନୂତନ ଶ୍ରେଣୀର ଆବିର୍ଭାବ ଘଟିଛି । ଏହି ଶ୍ରେଣୀ ହେଉଛି ପେଟି-ବୁର୍ଜୁଆ ଶ୍ରେଣୀ ବା ମଧ୍ୟବିତ୍ତ ଶ୍ରେଣୀ । ଏହି ଶ୍ରେଣୀ ସର୍ବହରା ଓ ବୁର୍ଜୁଆ ଶ୍ରେଣୀ ମଧ୍ୟରେ ନିରନ୍ତର ଦୋଦୁଲ୍ୟମାନ ଅବସ୍ଥାରେ ଥାଏ ଏବଂ ବୁର୍ଜୁଆ ସମାଜର ପୁଚ୍ଛ ହିସାବରେ ନିଜକୁ ପରିପୁଷ୍ଟ କରିଥାଏ । କିନ୍ତୁ, ଏହି ଶ୍ରେଣୀ ଅନ୍ତର୍ଗତ ଲୋକେ ପ୍ରତିଯୋଗିତା ଫଳରେ ଏବଂ ଆଧୁନିକ ଶିଳ୍ପର ବିକାଶ ସଙ୍ଗେ ସଙ୍ଗେ କ୍ରମାଗତ ଭାବେ ସର୍ବହରା ଶ୍ରେଣୀର ସ୍ତରକୁ ଖସି ଆସନ୍ତି । ଏପରି କି ଅଦୂର ଭବିଷ୍ୟତରେ ନିଜର ଆସନ୍ନ ସର୍ବନାଶର ସମ୍ଭାବନା ସଂପର୍କରେ ମଧ୍ୟ ସେମାନେ ସଚେତନ ।

ଆଧୁନିକ ସମାଜର ଏକ ସ୍ୱତନ୍ତ୍ର ଅଂଶ ହିସାବରେ ସେମାନଙ୍କ ସତ୍ତା ନିଶ୍ଚିହ୍ନ ହୋଇଯିବାର ମୁହୂର୍ତ୍ତ ଆସନ୍ନ ବୋଲି ସେମାନେ ଉପଲବ୍ଧି କଲେଣି । ଶିଳ୍ପ, କୃଷି ଆଉ ବାଣିଜ୍ୟ କ୍ଷେତ୍ରରେ ସେମାନଙ୍କ ସ୍ଥାନ ଯେ ତତ୍ତ୍ୱାବଧାରକ କର୍ମଚାରୀ, ଗୁମାସ୍ତା ଓ ଦୋକାନଦାର ଦ୍ୱାରା ପୂରଣ ହୋଇଯିବ ସେ କଥା ମଧ୍ୟ ସେମାନେ ଅନୁଭବ କଲେଣି ।

ଫ୍ରାନ୍ସ ପରି ଦେଶରେ ଯେଉଁଠି କି କୃଷକମାନଙ୍କ ସଂଖ୍ୟା ହେଉଛି ଜନସଂଖ୍ୟାର ଅର୍ଦ୍ଧେକରୁ ବେଶୀ ସେଠାରେ ଯେଉଁ ଲେଖକମାନେ ବୁର୍ଜୁଆ ବିରୁଦ୍ଧରେ ସର୍ବହରା ଶ୍ରେଣୀର ପକ୍ଷ ସମର୍ଥନ କରନ୍ତି ସେମାନଙ୍କର ବୁର୍ଜୁଆ ରାଜୁତିର ସମାଲୋଚନା ଯେ କୃଷକ ଓ ପେଟି-ବୁର୍ଜୁଆର ଦୃଷ୍ଟିକୋଣ ଦ୍ୱାରା ଅନୁପ୍ରାଣିତ ଏବଂ ସେମାନେ ଯେ ଏହି ସବୁ ଅନ୍ତର୍ବର୍ତ୍ତୀ ଶ୍ରେଣୀମାନଙ୍କର ଦୃଷ୍ଟିଭଙ୍ଗୀକୁ ଆଶ୍ରୟ କରି ଶ୍ରମିକ ଶ୍ରେଣୀ ସପକ୍ଷରେ ସଂଗ୍ରାମ କରନ୍ତି ସେଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । ତାହା ଅତି ସ୍ୱାଭାବିକ । ଏହିପରି ଭାବେ ମଧ୍ୟବିତ୍ତର ସମାଜବାଦ ଜନ୍ମ ଲାଭ କରିଛି । କେବଳ ଫ୍ରାନ୍ସ ନୁହଁ, ଇଂଲଣ୍ଡରେ ମଧ୍ୟ ଏହି ଦଳର ନେତା ହେଉଛନ୍ତି ସିସ୍‌ମୋଣ୍ଡି [୩୨] ।

ଆଧୁନିକ ଉତ୍ପାଦନ ବ୍ୟବସ୍ଥାରେ ଯେଉଁ ସବୁ ପରସ୍ପର ବିରୋଧୀ ବ୍ୟାପାର ରହିଛି ତାହାକୁ ଏହି ଦଳ ଖୁବ୍ ତୀକ୍ଷ୍ଣ ଭାବେ ବିଶ୍ଳେଷଣ କରି ଦେଖାଇଛନ୍ତି । କେବଳ ସେତିକି ନୁହଁ, ତଥାକଥିତ ଅର୍ଥନୀତିଜ୍ଞମାନଙ୍କର ପ୍ରବଞ୍ଚନାପୂର୍ଣ୍ଣ ଯୁକ୍ତିର କପଟ ଆବରଣକୁ ମଧ୍ୟ ଏମାନେ ଛିନ୍ନ ଭିନ୍ନ କରି ଦେଉଛନ୍ତି । ଯନ୍ତ୍ରପାତି ଓ ଶ୍ରମ ବିଭାଗର ବିଷମୟ ପରିଣାମ, ମୁଷ୍ଟିମେୟ ବ୍ୟକ୍ତିଙ୍କ ହାତରେ ପୁଞ୍ଜି ଓ ଜମିର କେନ୍ଦ୍ରୀକରଣ, ଅତି ଉତ୍ପାଦନ ଓ ତଜ୍ଜନିତ ଆର୍ଥିକ ସଙ୍କଟ, ଏସବୁ ବିଷୟର ସତ୍ୟତା ସେମାନେ ଅକାଟ୍ୟ ଭାବେ ପ୍ରମାଣ କରି ଦେଇ ପାରିଛନ୍ତି । ସେମାନେ ମଧ୍ୟ ଦର୍ଶାଇଛନ୍ତି ଯେ, ମଧ୍ୟବିତ୍ତ ଓ କୃଷକ ଶ୍ରେଣୀର ସର୍ବନାଶ ଅନିବାର୍ଯ୍ୟ । ତା' ଛଡ଼ା ସର୍ବହରା ଶ୍ରେଣୀର ଦୈନ୍ୟ ଓ ଯାତନା, ଉତ୍ପାଦନ ବ୍ୟବସ୍ଥାରେ ଅରାଜକତା, ଧନ ବଣ୍ଟନରେ ଉତ୍କଟ ବୈଷମ୍ୟ, ଶିଳ୍ପ ଜଗତରୁ ପରସ୍ପରକୁ ନିଶ୍ଚିହ୍ନ କରି ଦେବା ପାଇଁ ଜାତି ଜାତି ମଧ୍ୟରେ ଶିଳ୍ପଗତ ସଂଗ୍ରାମ, ସନାତନ ନୈତିକ ପରମ୍ପରା, ପ୍ରାଚୀନ ଜାତିଗୁଡ଼ିକର ବିଲୋପ ଇତ୍ୟାଦି ବିଷୟ ମଧ୍ୟ ସେମାନେ ପ୍ରମାଣ କରିଛନ୍ତି ।

କିନ୍ତୁ, କାର୍ଯ୍ୟତଃ ଏହି ଦଳର ଚରମ ଲକ୍ଷ୍ୟ ହେଉଛି ପୁରାତନ ଉତ୍ପାଦନ ଉପକରଣ ଓ ବିନିମୟ ପ୍ରଥାର ପୁନଃ ପ୍ରବର୍ତ୍ତନ ତଥା ତା ସଙ୍ଗେ ପୁରାତନ

ଆର୍ଥିକ ସମ୍ପର୍କ ଓ ପୁରାତନ ସମାଜର ପୁନଃ ପ୍ରତିଷ୍ଠା । ତା ନ ହେଲେ ସେମାନେ ଚାହାନ୍ତି ଆଧୁନିକ ଉତ୍ପାଦନ ଓ ବିନିମୟ ଉପକରଣକୁ ପୁରାତନ ଆର୍ଥିକ ସମ୍ପର୍କର ଗଣ୍ଡି ଭିତରେ ସୀମାବଦ୍ଧ ଓ ସଂକୁଚିତ କରି ରଖିବାକୁ ଯାହା କି ଅସମ୍ଭବ, କାରଣ, ଏହି ନୂତନ ବ୍ୟବସ୍ଥା ଦ୍ୱାରା ପୁରାତନ ସମ୍ପର୍କ ନିଶ୍ଚୟ ଛିନ୍ନଭିନ୍ନ ହୋଇଯିବ । ସେମାନଙ୍କର ଲକ୍ଷ୍ୟ ଏ ଦୁଇଟି ଭିତରୁ ଯେଉଁଟି ହେଉନା କାହିଁକି ତାହା ପ୍ରତିକ୍ରିୟାଶୀଳ ଓ କଳ୍ପନାପ୍ରବଣ ।

ଏହି ମଧ୍ୟବିତ୍ତ ସମାଜବାଦର ଶେଷ ସିଦ୍ଧାନ୍ତ ହେଉଛି—ବ୍ୟବସାୟୀମାନଙ୍କ ପାଇଁ ସଂଘବଦ୍ଧ ମଧ୍ୟଯୁଗୀୟ "ଗିଲ୍ଡ୍" ବ୍ୟବସ୍ଥାର ପ୍ରତିଷ୍ଠା ଏବଂ କୃଷି ବ୍ୟବସ୍ଥା ପାଇଁ ଗ୍ରାମ୍ୟ-ପ୍ରଧାନ ପ୍ରଥାର ପ୍ରବର୍ତ୍ତନ ।

କିନ୍ତୁ ଅବଶେଷରେ ଯେତେବେଳେ ଇତିହାସର ଅଲଂଘନୀୟ ରୂଢ଼ ବାସ୍ତବତା ଆତ୍ମପ୍ରବଞ୍ଚନାର ସମସ୍ତ ସମ୍ମୋହନକୁ ଛିନ୍ନଭିନ୍ନ କରିଦେଲା ସେତେବେଳେ ଏହି ଧରଣର ସମାଜବାଦ ଅସହାୟ ଅବସାଦରେ ଆଚ୍ଛନ୍ନ ହୋଇ ବିଲୟ ଭଜିଲା ।

### ଗ. ଜର୍ମାନ୍, ବା "ଖାଣ୍ଟି", ସମାଜବାଦ

ଫ୍ରାନ୍ସର ସମାଜବାଦୀ ଓ ସାମ୍ୟବାଦୀ ସାହିତ୍ୟ କ୍ଷମତାସୀନ ବୁର୍ଜୁଆ ଶ୍ରେଣୀର ଯଥେଚ୍ଛାଚାରିତା ଭିତରେ ଜନ୍ମଲାଭ କରିଥିଲା । ସେତେବେଳେ ଏହି ସାହିତ୍ୟ ବୁର୍ଜୁଆ ଶ୍ରେଣୀର କ୍ଷମତା ବିରୁଦ୍ଧରେ ଚାଲିଥିବା ସଂଗ୍ରାମକୁ ରୂପାୟିତ କରୁଥିଲା । କିନ୍ତୁ ଏହି ସାହିତ୍ୟ ଜର୍ମାନୀରେ ଏପରି ଏକ ସମୟରେ ପ୍ରକାଶ ପାଇଲା ଯେତେବେଳେ କି ଜର୍ମାନୀର ବୁର୍ଜୁଆ ଶ୍ରେଣୀ ସାମନ୍ତବାଦୀ ସ୍ୱୈରତନ୍ତ୍ର ବିରୁଦ୍ଧରେ ସଂଗ୍ରାମ କରିବା ଆରମ୍ଭ କରିଛି ମାତ୍ର ।

ତେଣୁ ଜର୍ମାନୀର ଦାର୍ଶନିକଗଣ ତଥା ଭାବୀ ଦାର୍ଶନିକ ଓ ସୌଖୀନ ଶକ୍ତିବିଳାସୀଗଣ ସଙ୍ଗେ ସଙ୍ଗେ ଏହି ସାହିତ୍ୟ ନେଇ ବ୍ୟଗ୍ର ଆକୁଳ ଚର୍ଚ୍ଚା ଆରମ୍ଭ କରିଦେଲେ । କିନ୍ତୁ ସେମାନେ ଭୁଲିଗଲେ ଯେ, ଏହି ସାହିତ୍ୟ ଫ୍ରାନ୍ସରୁ ଆମଦାନି ହୋଇ ଜର୍ମାନୀକୁ ଆସିଲାବେଳେ ତା ସହିତ ଫ୍ରାନ୍ସର ସାମାଜିକ ଅବସ୍ଥା ମଧ୍ୟ ଜର୍ମାନୀ ଭିତରକୁ ଚାଲି ଆସି ନ ଥିଲା । ଏହି ଫରାସୀ ସାହିତ୍ୟ ଯେତେବେଳେ ଜର୍ମାନୀର ତତ୍‌କାଳୀନ ସାମାଜିକ ପରିବେଶର ସଂସ୍ପର୍ଶରେ ଆସିଲା ସେତେବେଳେ ଏହି ସାହିତ୍ୟର ସମସ୍ତ ଆଶୁ ତାତ୍ପର୍ଯ୍ୟ ଓ କାର୍ଯ୍ୟକାରିତା କୁଆଡ଼େ ଉଭେଇଗଲା । କେବଳ

ସାହିତ୍ୟିକ ପ୍ରଭାବ ବ୍ୟତୀତ ତା'ର ଆଉ କିଛି ରହିଲା ନାହିଁ । ତେଣୁ ଅଷ୍ଟାଦଶ ଶତାବ୍ଦୀର ଜର୍ମାନ୍ ଦାର୍ଶନିକଗଣ ପ୍ରଥମ ଫରାସୀ ବିପ୍ଳବର ଆହ୍ୱାନକୁ "ବ୍ୟାବହାରିକ ବିଚାରବୁଦ୍ଧିର" ସାଧାରଣ ଦାବୀ ବ୍ୟତୀତ ଅନ୍ୟ କିଛି ନୁହଁ ବୋଲି ମନେ କଲେ । ସେମାନଙ୍କ ଦୃଷ୍ଟିରେ ତା'ର ଆଉ କୌଣସି ଅର୍ଥ ରହିଲା ନାହିଁ । ସେମାନଙ୍କ ବିବେଚନାରେ ଫ୍ରାନ୍ସର ବିପ୍ଳବୀ ବୁର୍ଜୁଆ ଶ୍ରେଣୀର ବିଘୋଷିତ ସଙ୍କଳ୍ପ ହେଲା ବିଶୁଦ୍ଧ ସଙ୍କଳ୍ପର କେତେକ ନିୟମାବଳୀର ଅଭିବ୍ୟକ୍ତି ମାତ୍ର । ଅର୍ଥାତ୍ ସାଧାରଣ ଭାବେ ମାନବିକ ସଙ୍କଳ୍ପ ଯାହା ହୋଇଥାଏ ତା'ଠାରୁ ଆଉ ବେଶୀ କିଛି ନୁହଁ ।

ଫଳରେ ଏହି ଫରାସୀ ଭାବଧାରାକୁ ନେଇ ନିଜର ସନାତନ ଦାର୍ଶନିକ ଚେତନା ସହିତ ଖାପ ଖୁଆଇବା ହେଲା ଜର୍ମାନ୍ ଦାର୍ଶନିକମାନଙ୍କର ଏକମାତ୍ର କାମ । ସେମାନେ ଚାହିଁଲେ, ଫରାସୀ ଭାବଧାରାକୁ ନିଜର ବୋଲି ଗ୍ରହଣ କରିନେବେ, ଅଥଚ ନିଜର ଦାର୍ଶନିକ ଦୃଷ୍ଟିକୋଣକୁ ତ୍ୟାଗ କରିବେ ନାହିଁ । ଅନୁବାଦ ଜରିଆରେ ଗୋଟାଏ ବିଦେଶୀ ଭାଷାକୁ ଯେଉଁ ପରି ଭାବେ ଆୟତ୍ତ କରାଯାଏ ସେହିପରି ଏହି ଫରାସୀ ଭାବଧାରାକୁ ସେମାନେ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ ।

ପ୍ରାଚୀନ କାଫେର ଜଗତର ପୁରାତନ ପୋଥିଗୁଡ଼ିକ ଉପରେ ଖ୍ରୀଷ୍ଟିଆନ୍ ପାଦ୍ରୀମାନେ କିପରି ସାଧୁ ସନ୍ଥମାନଙ୍କର ହାସ୍ୟାସ୍ପଦ ଜୀବନଚରିତ କଥା ଲେଖୁଥିଲେ ତା ସମସ୍ତେ ଭଲ ଭାବେ ଜାଣନ୍ତି । ଜର୍ମାନୀର ଦାର୍ଶନୀକ ସାହିତ୍ୟିକମାନେ ଧର୍ମବର୍ଜିତ ଫରାସୀ ଭାବଧାରା ସମ୍ପର୍କରେ ଠିକ୍ ଏହି ପ୍ରକ୍ରିୟାର ବିପରୀତ କାର୍ଯ୍ୟ କଲେ । ସେମାନେ ତାଙ୍କର ଦାର୍ଶନିକ ବଚନିକାକୁ ମୂଳ ଫରାସୀ ଲେଖାର ଛାଞ୍ଚରେ ପ୍ରକାଶ କରିବାକୁ ଚେଷ୍ଟା କଲେ । ଦୃଷ୍ଟାନ୍ତସ୍ୱରୂପ, ଟଙ୍କାର ଆର୍ଥିକ କ୍ରିୟାକଳାପ ସମ୍ପର୍କରେ ଯେଉଁ ଫରାସୀ ସମାଲୋଚନା ହୋଇଛି ତାକୁ ସେମାନେ "ମାନବତାର ବିସର୍ଜନ" ବୋଲି ଲେଖିଥିଲେ ଏବଂ ବୁର୍ଜୁଆ ରାଷ୍ଟ୍ର ସମ୍ପର୍କରେ ଫରାସୀ ସାହିତ୍ୟର ସମାଲୋଚନାକୁ "ସୂକ୍ଷ୍ମ ବିଶ୍ୱଶକ୍ତିର ଅସୀମତାର ବିନାଶ" ବୋଲି ଲେଖିଲେ ।

ଫରାସୀ ଐତିହାସିକଙ୍କ ସମାଲୋଚନା ପଛରେ ସେମାନେ ଏହି ଯେଉଁ ଦାର୍ଶନିକ ବାକ୍ୟମାନ ପ୍ରୟୋଗ କଲେ ତାକୁ "କର୍ମଯୋଗର ଦର୍ଶନ", "ଖାଣ୍ଟି ସମାଜବାଦ", "ସମାଜବାଦର ଜର୍ମାନ୍ ବିଜ୍ଞାନ", "ସମାଜବାଦର ଦାର୍ଶନିକ ଭିତ୍ତି" ଇତ୍ୟାଦି ଆଖ୍ୟା ଦେବାକୁ ଲାଗିଲେ ।

ଏହିପରି ଭାବେ ସେମାନେ ଫ୍ରାନ୍‌ସର ସମାଜବାଦୀ ଓ ସାମ୍ୟବାଦୀ ସାହିତ୍ୟକୁ କ୍ଲୀବ କରିଦେଲେ । ଫଳରେ ଜର୍ମାନ୍ ଦାର୍ଶନିକମାନଙ୍କ ହାତରେ ତାହା ଆଉ ଶ୍ରେଣୀ ସଂଗ୍ରାମର ଅଭିବ୍ୟକ୍ତି ହୋଇ ରହିଲା ନାହିଁ । ବରଂ ସେମାନେ ଫରାସୀ ସାହିତ୍ୟର "ଏକ-ଦେଶଦର୍ଶିତାକୁ" ଅତିକ୍ରମ କରି ପାରିଛନ୍ତି ବୋଲି ଆସ୍ଫାଳନ କଲେ ଏବଂ ବାସ୍ତବ ପ୍ରୟୋଜନୀୟତାକୁ ପୂରଣ ନକରି ସତ୍ୟର ଦାବୀକୁ ପୂରଣ କରୁଛନ୍ତି ବୋଲି ନିଜକୁ ଧନ୍ୟ ମନେକଲେ । ସେମାନେ କହିଲେ ଯେ, କେବଳ ସର୍ବହରା ଶ୍ରେଣୀର ସ୍ୱାର୍ଥକୁ ରକ୍ଷା ନକରି ସେମାନେ ମାନବଜାତିର ସ୍ୱଭାବଗତ ସାଧାରଣ ସ୍ୱାର୍ଥକୁ ରକ୍ଷା କରୁଛନ୍ତି । କିନ୍ତୁ ସେମାନଙ୍କର ଏହି ମାନବ କୌଣସି ଶ୍ରେଣୀର ନୁହଁ, ତା'ର କୌଣସି ବାସ୍ତବ ଅସ୍ତିତ୍ୱ ନାହିଁ । ଦାର୍ଶନିକ କଳ୍ପନା ରାଜ୍ୟର କୁହେଳିଘେରା ଅନ୍ଧକାର ଭିତରେହିଁ ତା'ର ଅବସ୍ଥିତି ।

ଏହି ଜର୍ମାନ୍ ସମାଜବାଦ ଖୁବ୍ ଗମ୍ଭୀର ଭାବେ ତା'ର ଛାତ୍ର କର୍ତ୍ତବ୍ୟ ସମ୍ପାଦନରେ ବ୍ରତୀ ହୋଇ ନିଜର ଶସ୍ତା ଦାର୍ଶନିକ ମାଲକୁ ଖୁବ୍ ଶ୍ରେଷ୍ଠ ମାଲ ବୋଲି ଡିଣ୍ଡିମ ପିଟିବାକୁ ଲାଗିଲା ଏବଂ ଏହିପରି ଭାବେ ତା'ର ଦେଉଳିଆପଣର ପରିଚୟ ଦେଲା । କିନ୍ତୁ ଇତିମଧ୍ୟରେ କାଳକ୍ରମେ ତା'ର ପାଣ୍ଡିତ୍ୟର ସରଳ ବିଶ୍ୱାସ ମଧ୍ୟ ଲୋପ ପାଇଗଲା ।

ସାମନ୍ତବାଦୀ ଅଭିଜାତ ସଂପ୍ରଦାୟ ଓ ସ୍ୱେଚ୍ଛାଚାରୀ ରାଜଶକ୍ତି ବିରୁଦ୍ଧରେ ଜର୍ମାନ୍ ବୁର୍ଜୁଆ, ବିଶେଷ କରି ପ୍ରୁସିଆନ୍ ବୁର୍ଜୁଆ ଶ୍ରେଣୀର ସଂଗ୍ରାମ ଅର୍ଥାତ୍ ଉଦାରପନ୍ଥୀ ଆନ୍ଦୋଳନ କ୍ରମଶଃ ଦୃଢ଼ ହୋଇ ଉଠିଲା ।

ଏହାଦ୍ୱାରା ରାଜନୈତିକ ଆନ୍ଦୋଳନରେ ସମାଜବାଦର ଦାବୀ ଉପସ୍ଥାପିତ କରିବା ଲାଗି "ଖାଣ୍ଟି" ସମାଜବାଦ ଦୀର୍ଘକାଳ ଧରି ଯେଉଁ ସୁଯୋଗ ଖୋଜୁଥିଲା ତାହା ସେ ପାଇଲା । ଉଦାର ନୀତି, ପ୍ରତିନିଧିମୂଳକ ଶାସନ, ବୁର୍ଜୁଆ ପ୍ରତିଯୋଗିତା, ବୁର୍ଜୁଆ ସମ୍ବାଦପତ୍ରର ସ୍ୱାଧୀନତା, ବୁର୍ଜୁଆର ଆଇନବିଧାନ, ବୁର୍ଜୁଆର ସାମ୍ୟ ଓ ସ୍ୱାଧୀନତା ଏସବୁ ବିରୁଦ୍ଧରେ ପରମ୍ପରାଗତ ଅଭିସମ୍ପାତ ହାଣିବା ଲାଗି ତାକୁ ସୁଯୋଗ ଦେଲା । ସେ ମଧ୍ୟ ପ୍ରଚାର କରିବାକୁ ସୁବିଧା ପାଇଲା ଯେ, ବୁର୍ଜୁଆ ଶ୍ରେଣୀର ଏହି ଆନ୍ଦୋଳନ ଦ୍ୱାରା ଜନସାଧାରଣଙ୍କର କିଛି ଲାଭ ହେବ ନାହିଁ, ବରଂ ସର୍ବନାଶ ସୁନିଶ୍ଚିତ । କିନ୍ତୁ ଠିକ୍ ସଙ୍ଗୀନ୍ ମୁହୂର୍ତ୍ତବେଳକୁ ଜର୍ମାନ୍ ସମାଜବାଦ ଭୁଲିଗଲା ଯେ, ଯେଉଁ ଫରାସୀ ସମାଲୋଚନା ସାହିତ୍ୟର ସେ ଏକ ହାସ୍ୟାସ୍ପଦ ପ୍ରତିଧ୍ୱନି ମାତ୍ର ସେହି ଫରାସୀ ସମାଲୋଚନା ସାହିତ୍ୟ

ଆଧୁନିକ ବୁର୍ଜୁଆ ସମାଜର ପଟ୍ଟଭୂମିରେହିଁ ଜନ୍ମଲାଭ କରିଛି । ଏହି ସମାଜ ବ୍ୟତିରେକେ ତା'ର ଅସ୍ତିତ୍ୱ ଅସମ୍ଭବ । ଏହି ବୁର୍ଜୁଆ ସମାଜ, ତା'ର ଆନୁସଙ୍ଗିକ ଆର୍ଥିକ ପରିବେଶ, ତା'ର ରାଜନୈତିକ ସମ୍ବିଧାନ, ଅର୍ଥାତ୍ ମୋଟ ଉପରେ ଯେଉଁ ସବୁ କଥା ଜର୍ମାନୀରେ ପ୍ରତିଷ୍ଠା କରିବା ଆସନ୍ନ ସଂଗ୍ରାମର ଲକ୍ଷ୍ୟ ତାହା ଫ୍ରାନ୍ସରେ ରହିଥିବାରୁହିଁ ଫରାସୀ ସମାଜବାଦୀ ସାହିତ୍ୟର ସୃଷ୍ଟି ସମ୍ଭବ ହୋଇଥିଲା । କିନ୍ତୁ ଜର୍ମାନ୍ ସମାଜବାଦ ଏସବୁ କଥା ଭୁଲିଗଲା ।

ଜର୍ମାନୀର ସ୍ୱେଚ୍ଛାଚାରୀ ରାଜତନ୍ତ୍ର, ତା'ର ଅନୁଚର ପାଦ୍ରୀ, ପଣ୍ଡିତ, ଭୂସ୍ୱାମୀ ଓ କର୍ମଚାରୀ ଦଳଙ୍କ ସହ ଏହି ଧରଣର ସମାଜବାଦକୁ ସ୍ୱାଗତ ଜଣାଇଥିଲା । କାରଣ ଆକ୍ରମଣୋଦ୍ୟତ ବୁର୍ଜୁଆ ଶ୍ରେଣୀକୁ ଭୟ ଦେଖାଇବା ପାଇଁ ଏହା ଏକ ସୁବିଧାଜନକ ଉପାୟ ବୋଲି ସେ ଧରିନେଲା ।

ସେତେବେଳେ ଏହି ରାଜଶକ୍ତି ଜର୍ମାନ୍ ଶ୍ରମିକ ଶ୍ରେଣୀର ଅଭ୍ୟୁତ୍ଥାନକୁ ଚାବୁକ ଓ ଗୁଳିଦ୍ୱାରା ଦମନ କରୁଥିଲା । ତେଣୁ ଏହି ତିକ୍ତ ଅଭିଜ୍ଞତା ପରେ ଏହି ଧରଣର ସମାଜବାଦ ମଧୁରେଣ ସମାପୟେତ୍ ତୁଲ୍ୟ ମନେ ହେଲା ।

ସୁତରାଂ, ଏହି "ଖାଣ୍ଟି" ସମାଜବାଦ ଜର୍ମାନ୍ ବୁର୍ଜୁଆ ଶ୍ରେଣୀ ବିରୁଦ୍ଧରେ ଲଢ଼ିବା ଲାଗି ତତ୍କାଳୀନ ସରକାରମାନଙ୍କ ହାତରେ ଏକ ହତିଆର ହୋଇଥିଲେ ମଧ୍ୟ ତାହା ପ୍ରତିକ୍ରିୟାଶୀଳ ସ୍ୱାର୍ଥକୁ ଅର୍ଥାତ୍ ଜର୍ମାନୀର ସୁବିଧାବାଦୀମାନଙ୍କର ସ୍ୱାର୍ଥକୁ ରକ୍ଷା କରୁଥିଲା । ଜର୍ମାନୀର ପେଟି-ବୁର୍ଜୁଆ ଶ୍ରେଣୀ ହେଉଛି ଷୋଡ଼ଶ ଶତାବ୍ଦୀର ଏକ ମ୍ରିୟମାଣ ସ୍ମାରକୀ । ସେହିଦିନଠାରୁ ସେ ଜର୍ମାନ୍ ମାଟିରେ ବିଭିନ୍ନ ରୂପରେ ଆବିର୍ଭୂତ ହେଉଥିଲେ ମଧ୍ୟ ଏହି ପେଟି-ବୁର୍ଜଆ ଶ୍ରେଣୀହିଁ ଉପସ୍ଥିତ ପରିସ୍ଥିତିର ପ୍ରକୃତ ସାମାଜିକ ଭିତ୍ତିଭାବେ କାର୍ଯ୍ୟ କରୁଥିଲା ।

ଅତଏବ ଏହି ଶ୍ରେଣୀକୁ ବଞ୍ଚାଇ ରଖିବା ଅର୍ଥ ଜର୍ମାନୀର ଉପସ୍ଥିତ ଅବସ୍ଥାକୁ ବଞ୍ଚାଇ ରଖିବା । ବୁର୍ଜୁଆ ଶ୍ରେଣୀର ରାଜନୈତିକ ଓ ଶିଳ୍ପଗତ ଆଧିପତ୍ୟ ଦ୍ୱାରା ଏହି ଶ୍ରେଣୀର ଅସ୍ତିତ୍ୱ ଆକ୍ରାନ୍ତ । ଏକ ପକ୍ଷରେ ମୁଷ୍ଟିମେୟ ଲୋକଙ୍କ ହାତରେ ଦେଶର ସମସ୍ତ ପୁଞ୍ଜି କେନ୍ଦ୍ରୀଭୂତ ହେବା ଫଳରେ ଏବଂ ଅପର ପକ୍ଷରେ ବିପ୍ଳବୀ ସର୍ବହରା ଶ୍ରେଣୀର ଅଭ୍ୟୁତ୍ଥାନ ଫଳରେ ଏହି ଶ୍ରେଣୀର ଲଲାଟ ଉପରେ ନିଶ୍ଚିତ ଧ୍ୱଂସର ଖଡ୍ଗ ବରାବର ଝୁଲୁଛି । ତେଣୁ "ଖାଣ୍ଟି" ସମାଜବାଦ ଯେତେବେଳେ ଦେଖାଦେଲା ସେତେବେଳେ ମନେ ହେଲା ଏହି ଦୁଇଟିଯାକ ପକ୍ଷୀକୁ ସେ ଯେମିତି

ଗୋଟିଏ ତୀରରେ ମାରି ଦେବ । ଫଳରେ ସଂକ୍ରାମକ ବ୍ୟାଧି ପରି ଏହି ସମାଜବାଦ ଲୋକଙ୍କ ମଧ୍ୟରେ ସଞ୍ଚାରିତ ହୋଇଗଲା ।

ଭାଷାର ପୁଷ୍ପିଳ ସୂଚୀକାର୍ଯ୍ୟରେ ବିମଣ୍ଡିତ, ବିକୃତ ଭାବପ୍ରବଣତାର ଶୀକରକଣାରେ ସିକ୍ତ, ଊର୍ଣ୍ଣନାଭ ଜାଲ ସମ କଳ୍ପନାଜଳ୍ପନାର ସୂକ୍ଷ୍ମାତିସୂକ୍ଷ୍ମ ରେଶମୀ ପୋଷାକରେ ସୁସଜ୍ଜିତ ଏହି ସ୍ୱର୍ଗୀୟ ଆଚ୍ଛାଦନରେ ଜର୍ମାନ୍ ସୋସାଲିଷ୍ଟମାନେ ନିଜର କଙ୍କାଳସାର ବିକଳ "ଶାଶ୍ୱତ ସତ୍ୟକୁ" ଆବୃତ କରି ଜନସାଧାରଣଙ୍କ ମଧ୍ୟରେ ପ୍ରଚାର କରିବାରୁ ତତ୍‌କାଳୀନ ଲୋକଙ୍କ ମଧ୍ୟରେ ଏହାର ପ୍ରସାର ଆଶ୍ଚର୍ଯ୍ୟ ରକମ ଭାବେ ବଢ଼ିଗଲା ।

ସୁବିଧାବାଦୀ ପେଟି-ବୁର୍ଜୁଆ ଶ୍ରେଣୀର ସ୍ୱାର୍ଥକୁ ଶତ କଣ୍ଠରେ ପ୍ରଚାର କରିବାହିଁ ନିଜର ପେଷା ବୋଲି ଜର୍ମାନ୍ ସମାଜବାଦ କ୍ରମଶଃ ଅଧିକ ସ୍ପଷ୍ଟ ଭାବେ ସ୍ୱୀକାର କଲା ।

ସେ ଘୋଷଣା କଲା ଯେ, ଜର୍ମାନ୍ ଜାତି ହେଉଛି ଆଦର୍ଶ ଜାତି ଆଉ ତା'ର ନୀଚ ସୁବିଧାବାଦୀ ବ୍ୟକ୍ତି ହେଉଛି ଆଦର୍ଶ ମଣିଷ । ଆଉ ଏହି ଆଦର୍ଶ ମଣିଷର ପ୍ରତ୍ୟେକଟି ହୀନ ଜଘନ୍ୟତାକୁ ଏକ ଉନ୍ନତ ଓ ସମାଜବାଦୀ ବ୍ୟାଖ୍ୟା ଦ୍ୱାରା ଗୋପନ କରି ରଖିବାକୁ ସେ ଉଦ୍ୟମ କରୁଥିଲା । ଏହି ପେଟି-ବୁର୍ଜୁଆର ଅସଲ ଓ ପ୍ରକୃତ ଚରିତ୍ର ଯାହା ଠିକ୍ ତା'ର ବିପରୀତ ଚିତ୍ରଣ ଦେବାକୁ ସେ ଚେଷ୍ଟା କରୁଥିଲା । ଏହି ଜର୍ମାନ୍ ସମାଜବାଦର ନୀଚତା ଏତେ ଚରମ ସୀମାରେ ଯାଇ ପହଞ୍ଚିଥିଲା ଯେ, କମ୍ୟୁନିଜମ୍‌ର "ପାଶବିକ ଧ୍ୱଂସକାରୀ ପ୍ରବୃତ୍ତିକୁ" ସେ ପ୍ରତ୍ୟକ୍ଷ ଭାବେ ବିରୋଧ କରୁଛି ବୋଲି କହୁଥିଲା । ତା ସଙ୍ଗେ ସଙ୍ଗେ ସବୁ ପ୍ରକାର ଶ୍ରେଣୀ ସଙ୍ଘର୍ଷକୁ ଅତି ନିରପେକ୍ଷ ଭାବେ ଘୃଣା କରେ ବୋଲି ମଧ୍ୟ ସେ ଘୋଷଣା କରୁଥିଲା । ସେହି ସମୟରେ ଜର୍ମାନୀ ଦେଶରେ ଯେଉଁ ସବୁ ସମାଜବାଦୀ ଓ ସାମ୍ୟବାଦୀ ସାହିତ୍ୟ ପ୍ରଚାରିତ ହେଉଥିଲା ସେଥିରୁ ସାମାନ୍ୟ କେତୋଟିକୁ ବାଦ୍ ଦେଲେ ଅନ୍ୟ ସମସ୍ତେ ଏହି ଦୂଷିତ ଓ ପ୍ରାଣହୀନ ସାହିତ୍ୟର ଅନ୍ତର୍ଗତ । *

---

* ୧୮୪୮ର ବିପ୍ଳବୀ ବତାସ ଏହିସବୁ ପଙ୍କିଳ ପ୍ରବୃତ୍ତିକୁ ମୂଳପୋଛ କରିଦେଲା ଏବଂ ତା'ର ପୃଷ୍ଠପୋଷକମାନଙ୍କୁ ସମାଜବାଦ ନେଇ ଆଲୋଚନା କରିବାରୁ ନିବୃତ୍ତ କରିଦେଲା । ଏହି ଧରଣର ସମାଜବାଦର ପ୍ରଧାନ ପ୍ରତିନିଧି ଓ ଯଥାର୍ଥ ପ୍ରତିଚ୍ଛବି ହେଉଛନ୍ତି କାର୍ଲଗ୍ରୁନ୍ [୩୩] (**୧୮୯୦ର ଜର୍ମାନ୍ ସଂସ୍କରଣରେ ଏଙ୍ଗେଲସ୍‌ଙ୍କ ଟିପ୍‌ପଣୀ**) ।

## ୨. ରକ୍ଷଣଶୀଳ ବା ବୁର୍ଜୁଆ ସମାଜବାଦ

ବୁର୍ଜୁଆ ସମାଜର ଅବିଚ୍ଛିନ୍ନ ଅସ୍ତିତ୍ୱକୁ ବଜାୟ ରଖିବା ଉଦ୍ଦେଶ୍ୟରେ ବୁର୍ଜୁଆ ଶ୍ରେଣୀର ଗୋଟାଏ ଅଂଶ ସାମାଜିକ ଅଭାବ ଅଭିଯୋଗକୁ ଦୂର କରିବାକୁ ଚାହାନ୍ତି ।

ଏହି ଅଂଶ ଭିତରେ ଦେଖିବାକୁ ମିଳନ୍ତି ଅର୍ଥନୀତିଜ୍ଞ, ମାନବହିତୈଷୀ, ମାନବିକତାବାଦୀ, ଶ୍ରମିକ ଶ୍ରେଣୀର ହିତାକାଙ୍କ୍ଷୀ, ଦାନଶୀଳ ସମିତିର ସଭ୍ୟ, ନିଶାନିବାରଣର ପ୍ରଚାରକ ଓ ଖୁଣ୍ଟିନାଣ୍ଟି ହରେକ ରକମର ସଂସ୍କାର କାମନା କରୁଥିବା ଲୋକ । ତା' ଛଡ଼ା ଏହି ପ୍ରକାର ସମାଜବାଦକୁ ରୀତିମତ ଏକ ମତବାଦ ରୂପେ ମଧ୍ୟ ଉପସ୍ଥାପିତ କରାଯାଇଛି ।

ଏହାର ପୂର୍ଣ୍ଣାଙ୍ଗ ରୂପର ଦୃଷ୍ଟାନ୍ତ ହେଉଛି ପ୍ରୋଧାଁଙ୍କର "ଦାରିଦ୍ର୍ୟର ଦର୍ଶନ" ନାମକ ଗ୍ରନ୍ଥ ।

ଏହି ସମାଜବାଦୀ ବୁର୍ଜୁଆ ଶ୍ରେଣୀ ଆଧୁନିକ ସାମାଜିକ ପରିବେଶର ସବୁ ପ୍ରକାର ସୁବିଧାତକ ଭୋଗ କରିବାକୁ ଚାହେଁ, ଅଥଚ ସେଥିଲାଗି ଯେଉଁସବୁ ସଂଗ୍ରାମ ଓ ବିପଦର ସମ୍ମୁଖୀନ ହେବାକୁ ପଡ଼ିବ ସେଥିରେ ସେ ଅଂଶୀଦାର ହେବାକୁ ନାରାଜ । ସେମାନେ ଉପସ୍ଥିତ ସମାଜବ୍ୟବସ୍ଥା ଚାହାନ୍ତି ଅଥଚ ସେଥିରେ ଥିବା ବିପ୍ଳବୀ ଓ କ୍ଷୟିଷ୍ଣୁ ଉପାଦାନକୁ ଚାହାନ୍ତି ନାହିଁ । ସେମାନଙ୍କର କାମ୍ୟ ହେଉଛି ସର୍ବହରା ଶ୍ରେଣୀ-ବର୍ଜିତ ଏକ ବୁର୍ଜୁଆ ସମାଜ । ତେଣୁ ଯେଉଁ ଦୁନିଆରେ ବୁର୍ଜୁଆ ଶ୍ରେଣୀର ଆଧିପତ୍ୟ ପ୍ରତିଷ୍ଠିତ ସେହି ଦୁନିଆକୁହିଁ ସେ ସର୍ବଶ୍ରେଷ୍ଠ ଦୁନିଆ ବୋଲି ମନେ କରେ । ବୁର୍ଜୁଆ ସମାଜବାଦ ଏହି ସବୁ ଆରାମଦାୟକ ଭାବଧାରାକୁ ନେଇ ଉଣା ଅଧିକେ ଏକ ପୂର୍ଣ୍ଣାଙ୍ଗ ମତବାଦ ରୂପେ ଠିଆ କରାଇଛି । ଆଉ ସେ ଚାହେଁ ଯେ ତା'ର ଏହି ମତବାଦକୁ ସର୍ବହରା ଶ୍ରେଣୀ କାର୍ଯ୍ୟକାରୀ କରୁ ଯାହାଦ୍ୱାରା କି ବୁର୍ଜୁଆ ଶ୍ରେଣୀ ଯାଇ ତା'ର ନୂତନ ସମାଜସ୍ୱର୍ଗରେ ସିଧାସଳଖ ପହଞ୍ଚିଯିବ । ତା'ର ଏପରି ଦାବିର ଅସଲ ତାତ୍ପର୍ଯ୍ୟ ହେଉଛି —ସର୍ବହରା ଶ୍ରେଣୀକୁ ଉପସ୍ଥିତ ସମାଜର ପରିବେଶ ଭିତରେ ଆବଦ୍ଧ ହୋଇ ରହିବାକୁ ପଡ଼ିବ, ଅଥଚ ବୁର୍ଜୁଆ ଶ୍ରେଣୀ ସମ୍ପର୍କରେ ତା'ର ଯେଉଁ ଘୃଣା ମନୋଭାବ ରହିଛି ତାହା ତାକୁ ବର୍ଜନ କରିବାକୁ ହେବ । ଏହାହିଁ ସେମାନଙ୍କର ପ୍ରକୃତ କାମ୍ୟ ।

ଏହି ଧରଣର ସମାଜବାଦର ଅପେକ୍ଷାକୃତ ଅଧିକ ବାସ୍ତବ ଅଥଚ କମ୍ ସୁସଂଗତ ଏକ ପ୍ରକାର ମତବାଦ ରହିଛି । ସେହି ମତବାଦର

କାମ ହେଉଛି ଶ୍ରମିକମାନଙ୍କ ନିକଟରେ ସବୁ ପ୍ରକାର ବିପ୍ଳବୀ ଆନ୍ଦୋଳନକୁ ହେୟ ପ୍ରତିପନ୍ନ କରିବା ଏବଂ ତାଙ୍କୁ କହିବା ଯେ, କେବଳ ରାଜନୈତିକ ସଂସ୍କାର ଦ୍ୱାରା ଶ୍ରମିକମାନଙ୍କର କିଛି ସୁବିଧା ହେବ ନାହିଁ, ବରଂ ଜୀବନଧାରଣର ବାସ୍ତବ ପରିବେଶର ପରିବର୍ତ୍ତନ ଓ ତା ସଙ୍ଗେ ସଙ୍ଗେ ଆର୍ଥିକ ସମ୍ପର୍କର ପରିବର୍ତ୍ତନ ଦ୍ୱାରାହିଁ ସେମାନଙ୍କର ଯାହା କିଛି ସୁବିଧା ହୋଇ ପାରିବ। କିନ୍ତୁ ଏହି ଧରଣର ସମାଜବାଦ ଯେତେବେଳେ ଜୀବନଧାରଣର ବାସ୍ତବ ପରିବେଶର ପରିବର୍ତ୍ତନ କଥା କହେ ସେତେବେଳେ ସେ ଆଦୌ ବୁର୍ଜୁଆ ଉତ୍ପାଦନ ବ୍ୟବସ୍ଥାକୁ ଲୋପ କରିଦେବା କଥା କହେ ନାହିଁ। କାରଣ କେବଳ ବିପ୍ଳବ ଦ୍ୱାରାହିଁ ଏହାର ବିଲୋପସାଧନ ସମ୍ଭବ। ତା ପରିବର୍ତ୍ତେ ସେ କେବଳ ଶାସନଗତ ସଂସ୍କାର କଥା କହେ ଓ ଏହି ସବୁ ସମ୍ପର୍କକୁ ଅକ୍ଷୁଣ୍ଣ ରଖିବାକୁ କହେ। ସେ ଏପରି ସଂସ୍କାର କଥା କହେ ଯାହା ଦ୍ୱାରା କି ପୁଞ୍ଜି ଓ ଶ୍ରମର ସମ୍ପର୍କ କୌଣସିମତେ ପରିବର୍ତ୍ତିତ ହୋଇ ପାରିବ ନାହିଁ, ଅତି ବେଶୀ ହେଲେ ତଦ୍ଦ୍ୱାରା ବୁର୍ଜୁଆ ସରକାରର ଟିକିଏ ବ୍ୟୟସଂକୋଚ ହୋଇଯିବ, ନତୁବା ଶାସନଗତ କାର୍ଯ୍ୟ ଟିକିଏ ସରଳ ହୋଇଯିବ।

ଆଲଂକାରିକ ଭାଷାର ଉଚ୍ଛ୍ୱାସହିଁ ବୁର୍ଜୁଆ ସମାଜବାଦର ଏକମାତ୍ର ସାର୍ଥକ ଅଭିବ୍ୟକ୍ତି। ଭାଷାର ଆଡ଼ମ୍ବର ବାହାରେ ତା'ର ଅନ୍ୟ କୌଣସି ଅସ୍ତିତ୍ୱ ନାହିଁ।

ଅବାଧ ବାଣିଜ୍ୟ : ଶ୍ରମିକ ଶ୍ରେଣୀର ଉପକାର ପାଇଁ। ବ୍ୟବସାୟ ସଂରକ୍ଷଣ ଶୁଳ୍କ : ଶ୍ରମିକ ଶ୍ରେଣୀର କଲ୍ୟାଣ ପାଇଁ। କାରାଗାର ସଂସ୍କାର : ଶ୍ରମିକ ଶ୍ରେଣୀର ମଙ୍ଗଳ ପାଇଁ। ଏହାହିଁ ହେଉଛି ବୁର୍ଜୁଆ ସମାଜବାଦର ଚରମ ପରାକାଷ୍ଠା। ଏହାହିଁ ହେଉଛି ବୁର୍ଜୁଆ ସମାଜବାଦର ଏକମାତ୍ର ଆନ୍ତରିକ ବାଣୀ।

ମୋଟ ଉପରେ କହିବାକୁ ଗଲେ ବୁର୍ଜୁଆ ସମାଜବାଦର ସାର କଥା ହେଉଛି—ବୁର୍ଜୁଆ ବୁର୍ଜୁଆ ହୋଇ ରହିଛି ଶ୍ରମିକ ଶ୍ରେଣୀର ହିତସାଧନ ଲାଗି।

## ୩. ସମାଲୋଚନାମୂଳକ କଳ୍ପନାବିଳାସୀ ସମାଜବାଦ ଏବଂ କମ୍ୟୁନିଜମ୍ ବା ସାମ୍ୟବାଦ

ଆଧୁନିକ ଯୁଗର ବଡ଼ ବଡ଼ ବିପ୍ଳବରେ ଯେଉଁ ସବୁ ସାହିତ୍ୟ ସର୍ବହରା ଶ୍ରେଣୀର ଦାବିକୁ ବରାବର ଭାଷା ଦେଇ ଆସିଛି, ଯଥା : ବେବୁଫ୍ [୩୪] ଓ ଅନ୍ୟମାନଙ୍କ ରଚନା, ସେ ସାହିତ୍ୟ କଥା ଆମେ ଏଠାରେ ଉଲ୍ଲେଖ କରୁନାହୁଁ ।

ସାମନ୍ତବାଦୀ ସମାଜକୁ ଧ୍ୱଂସ କରାଯାଉଥିବା ସମୟରେ ଏହି ସର୍ବବ୍ୟାପୀ ଉତ୍ତେଜନା ଭିତରେ ସର୍ବହରା ଶ୍ରେଣୀର ନିଜସ୍ୱ ଲକ୍ଷ୍ୟ ସିଦ୍ଧ ଲାଗି ଯେଉଁ ପ୍ରଥମ ପ୍ରତ୍ୟକ୍ଷ ପ୍ରୟାସ ହୋଇଥିଲା ସେ ପ୍ରୟାସ ଅନିବାର୍ଯ୍ୟ ଭାବେ ବ୍ୟର୍ଥ ହୋଇଥିଲା । କାରଣ ସେତେବେଳେ ସର୍ବହରା ଶ୍ରେଣୀର ବିକାଶ ଆହୁରି ଘଟି ନଥିଲା ଏବଂ ତାର ମୁକ୍ତି ଲାଗି ଅନୁକୂଳ ଆର୍ଥିକ ପରିସ୍ଥିତି ମଧ୍ୟ ସୃଷ୍ଟି ହୋଇ ନଥିଲା । ଏହି ସବୁ ପରିସ୍ଥିତି ଆସନ୍ନ ବୁର୍ଜୁଆ ଯୁଗରେହିଁ ସୃଷ୍ଟି ହେବାର କଥା । ତେଣୁ ସର୍ବହରା ଶ୍ରେଣୀର ଏହି ପ୍ରଥମ ସଂଗ୍ରାମ ସହିତ ଯେଉଁ ବିପ୍ଳବୀ ସାହିତ୍ୟ ଆତ୍ମପ୍ରକାଶ କଲା ତାହାର ଚରିତ୍ର ପ୍ରତିକ୍ରିୟାଶୀଳ ହେବାକୁ ବାଧ୍ୟ । ଏହି ସାହିତ୍ୟ ସାର୍ବଜନୀନ ବୈରାଗ୍ୟର ବାଣୀ ପ୍ରଚାର କରିଥିଲା ଏବଂ ଅତି ସ୍ଥୂଳ ଭାବେ ସମାଜର ସମସ୍ତଙ୍କୁ ସମାନ କରିଦେବା କଥା କହୁଥିଲା ।

ସର୍ବହରା ଶ୍ରେଣୀ ଓ ବୁର୍ଜୁଆ ଶ୍ରେଣୀର ପାରସ୍ପରିକ ସଂଗ୍ରାମର ଯେଉଁ ଅପରିଣତ ପ୍ରଥମ ପର୍ଯ୍ୟାୟ କଥା ଉପରେ ଉଲ୍ଲେଖ କରାଯାଇଛି ସେହି ସମୟରେ ସେଣ୍ଟ-ସାଇମନ, ଫୁରିଅର, ଓଏନ୍ [୩୫] ଓ ଅନ୍ୟମାନଙ୍କର ଯେଉଁ ସାହିତ୍ୟ ଆତ୍ମପ୍ରକାଶ କଲା ତାହାକୁ ଯଥାର୍ଥରେ ସମାଜବାଦୀ ଓ ଓ ସାମ୍ୟବାଦୀ ମତବାଦର ଦୃଷ୍ଟାନ୍ତ ବୋଲି କୁହାଯାଇପାରେ । (ପ୍ରଥମ ପରିଚ୍ଛେଦ, "ସର୍ବହରା ଶ୍ରେଣୀ ଓ ବୁର୍ଜୁଆ ଶ୍ରେଣୀ" ଦ୍ରଷ୍ଟବ୍ୟ) ।

ଏହି ମତବାଦର ପ୍ରତିଷ୍ଠାତାମାନେ ଶ୍ରେଣୀ ସଂଘର୍ଷ ତଥା ଉପସ୍ଥିତ ସାମାଜିକ ବ୍ୟବସ୍ଥାରେ କ୍ଷୟିଷ୍ଣୁ ଓ ପଚମାନ ଶକ୍ତିମାନଙ୍କର ପ୍ରକ୍ରିୟା କଥା ବାସ୍ତବିକ ଲକ୍ଷ୍ୟ କରି ପାରିଥିଲେ । କିନ୍ତୁ, ସେତେବେଳେ ସର୍ବହରା ଶ୍ରେଣୀ ତା'ର ଶୈଶବରେ ଥିବାରୁ ଶ୍ରେଣୀ ହିସାବରେ ତା'ର ଯେ ଏକ ଐତିହାସିକ ଭୂମିକା ରହିଛି ଏବଂ ସ୍ୱତନ୍ତ୍ର ରାଜନୈତିକ ଆନ୍ଦୋଳନ ରହିଛି ତା ସେମାନେ ଦେଖିବାକୁ ଅକ୍ଷମ ହୋଇଥିଲେ ।

'ତା' ଛଡ଼ା, ଶ୍ରେଣୀ ସଂଘର୍ଷର ବିକାଶ ଯେହେତୁ ଶିଳ୍ପବିକାଶ ସହିତ ସମତାଳରେ ଅଗ୍ରସର ହୋଇ ଚାଲେ ସେଇ କାରଣରୁ ତତ୍‌କାଳୀନ ଅର୍ଥନୈତିକ ପରିସ୍ଥିତି ସର୍ବହରା ଶ୍ରେଣୀର ମୁକ୍ତି ଲାଗି ଅନୁକୂଳ ବାସ୍ତବ ପରିବେଶ ସୃଷ୍ଟି କରିବାକୁ ଅକ୍ଷମ । ଏ କଥା ସେମାନେ ଦେଖି ପାରନ୍ତି ନାହିଁ । ଫଳରେ ସେମାନେ ଏକ ନୂତନ ସମାଜବିଜ୍ଞାନ ଓ ନୂତନ ସାମାଜିକ ଆଇନକାନୁନ, ଯାହା କି ଏହି ପରିବେଶ ସୃଷ୍ଟି କରି ପାରିବ ତା'ର ଅନ୍ୱେଷଣରେ ପ୍ରବୃତ୍ତ ହୁଅନ୍ତି ।

ଇତିହାସର ପ୍ରକ୍ରିୟା ପରିବର୍ତ୍ତେ ନିଜର ବ୍ୟକ୍ତିଗତ ମନଗଢ଼ା କର୍ମଯୋଜନା, ଇତିହାସ ସୃଷ୍ଟ ମୁକ୍ତିର ପରିବେଶ ପରିବର୍ତ୍ତେ ଉଦ୍‌ଭଟ୍ଟ କାଳ୍ପନିକ ପରିବେଶ ଏବଂ ସର୍ବହରା ଶ୍ରେଣୀର ସ୍ୱତଃସ୍ଫୂର୍ତ୍ତ ଓ କ୍ରମାନ୍ୱିତ ଶ୍ରେଣୀ ସଂଗଠନ ପରିବର୍ତ୍ତେ ନିଜର ଏକ କୃତ୍ରିମ ସମାଜ ସଂଗଠନକୁ ସେମାନେ ପ୍ରଧାନ କରି ଉପସ୍ଥାପିତ କରିବାକୁ ଚାହାନ୍ତି । ତେଣୁ, ଭବିଷ୍ୟତର ଇତିହାସ ସେମାନଙ୍କ ଆଖିରେ କେବଳ ନିଜର କଳ୍ପନା ପ୍ରସୂତ ସାମାଜିକ ଯୋଜନାକୁ ପ୍ରଚାର କରିବା ଓ ତାକୁ କାର୍ଯ୍ୟକାରୀ କରିବାରେହିଁ ପର୍ଯ୍ୟବସିତ ହୁଏ ।

ନିଜର ଯୋଜନା ପ୍ରସ୍ତୁତ କଲାବେଳେ ସେମାନେ ଭାବନ୍ତି ଯେ, ସବୁଠାରୁ ନିପୀଡ଼ିତ ଶ୍ରେଣୀ ହିସାବରେ ସର୍ବହରା ଶ୍ରେଣୀର ସ୍ୱାର୍ଥରକ୍ଷା ପ୍ରତି ସେମାନେ ବେଶୀ ସଚେତନ । କେବଳ ସର୍ବାଧିକ ନିପୀଡ଼ିତ ଶ୍ରେଣୀ ହିସାବରେହିଁ ସେମାନଙ୍କ ଦୃଷ୍ଟିରେ ସର୍ବହରା ଶ୍ରେଣୀର ଅସ୍ତିତ୍ୱ ରହିଛି ।

ଶ୍ରେଣୀ ସଂଗ୍ରାମର ଅପରିପକ୍ୱତା ଏବଂ ନିଜର ସାମାଜିକ ପରିବେଶ ଯୋଗୁଁ ଏହି ଧରଣର ସମାଜବାଦୀମାନେ ନିଜକୁ ଶ୍ରେଣୀ ସଂଗ୍ରାମର ବହୁ ଊର୍ଦ୍ଧ୍ୱରେ ବୋଲି ମନେ କରନ୍ତି । ସେମାନେ ସମାଜର ସବୁ ସଭ୍ୟଙ୍କର ଅବସ୍ଥା ଉନ୍ନତ କରିବାକୁ ଚାହାନ୍ତି, ଏପରିକି ଯେଉଁମାନଙ୍କର ଅବସ୍ଥା ସବୁଠାରୁ ଭଲ ସେମାନଙ୍କର ମଧ୍ୟ । ତେଣୁ ସେମାନେ ସ୍ୱଭାବତଃ ଶ୍ରେଣୀ ନିର୍ବିଶେଷରେ ସମଗ୍ର ସମାଜକୁ ନିଜର ଆବେଦନ ଜଣାନ୍ତି, ବିଶେଷକରି ଶାସକ ଶ୍ରେଣୀକୁ । ତା ନହେଲେ ଲୋକେ ଥରେ ତାଙ୍କର ସମାଜ ଯୋଜନା କଥା ବୁଝିଗଲେ ତାହା ଯେ ସର୍ବୋତ୍କୃଷ୍ଟ ସମାଜର ସର୍ବୋତ୍କୃଷ୍ଟ ଯୋଜନା ତାହା ବୁଝିବାକୁ ଅସମର୍ଥ ହେବେ କେମିତି ?

ସୁତରାଂ, ସେମାନେ ସବୁ ପ୍ରକାର ରାଜନୈତିକ ଆନ୍ଦୋଳନ, ବିଶେଷ କରି ବିପ୍ଳବୀ ଆନ୍ଦୋଳନକୁ ପ୍ରତ୍ୟାଖ୍ୟାନ କରନ୍ତି । ସେମାନେ ଚାହାନ୍ତି ଶାନ୍ତିପୂର୍ଣ୍ଣ ଉପାୟରେ ସେମାନଙ୍କର ଲକ୍ଷ୍ୟ ହାସଲ କରିବେ । ତେଣୁ

ଛୋଟ ଛୋଟ ପରୀକ୍ଷାମୂଳକ କାର୍ଯ୍ୟଦ୍ୱାରା, ଯାହାକି ବ୍ୟର୍ଥ ହେବାକୁ ବାଧ୍ୟ, ସେମାନେ ତାଙ୍କର ନୂତନ କଳ୍ପନାରାଜ୍ୟର ପ୍ରତିଷ୍ଠା ଲାଗି ପଥ ପରିଷ୍କାର କରିବାକୁ ପ୍ରୟାସ କରନ୍ତି ।

ସେମାନେ ଭବିଷ୍ୟତ ସମାଜର ଏହି ଉଦ୍‌ଭଟ ରୂପରେଖ ଏପରି ଏକ ସମୟରେ ଚିତ୍ରଣ କରିଥିଲେ ଯେତେବେଳେ କି ସର୍ବହରା ଶ୍ରେଣୀର ବିକାଶର ସ୍ତର ଅତି ଅପରିପକ୍ୱ ଅବସ୍ଥାରେ ଥିଲା ଏବଂ ନିଜ ସଂବନ୍ଧରେ ତା'ର କିମ୍ଭୂତକିମାକାର ଧାରଣାମାନ ଥିଲା । ତେଣୁ ସମାଜର ସାଧାରଣ ପୁନର୍ଗଠନ ଲାଗି ସର୍ବହରା ଶ୍ରେଣୀର ପ୍ରାଥମିକ, ପ୍ରାବୃତ୍ତିକ ଆକାଙ୍‌କ୍ଷା ସହିତ ଏହି ଚିତ୍ରଣ ପ୍ରାୟ ଖାପ ଖାଇ ଯାଉଥିଲା ।

ଏହି ସମାଜବାଦୀ ଓ ସାମ୍ୟବାଦୀ ସାହିତ୍ୟରେ, କିନ୍ତୁ, ଏକ ପ୍ରକାର ସମାଲୋଚନାମୂଳକ ଦୃଷ୍ଟିକୋଣ ନିହିତ ଥିଲା । ସେମାନେ ଉପସ୍ଥିତ ସମାଜର ପ୍ରତ୍ୟେକ ନୀତି ଓ ନିୟମକୁ ଆକ୍ରମଣ କରୁଥିଲେ । ତେଣୁ, ସେମାନଙ୍କ ସାହିତ୍ୟରେ ଶ୍ରମିକ ଶ୍ରେଣୀ ପାଇଁ ଜ୍ଞାନଲାଭ କରିବାର ବହୁ ମୂଲ୍ୟବାନ ଉପାଦାନ ଦେଖିବାକୁ ମିଳେ । ସେଥିରେ ଯେଉଁ କେତେକ ବାସ୍ତବ ବ୍ୟବସ୍ଥାର ଉଲ୍ଲେଖ ଥିଲା, ଯଥା—ସହର ଓ ମଫସଲର ପାର୍ଥକ୍ୟ ଦୂରୀକରଣ, ପରିବାର ପ୍ରଥାର ବିଲୋପ, ବ୍ୟକ୍ତିଗତ ଲାଭ ଉଦ୍ଦେଶ୍ୟରେ ବାଣିଜ୍ୟ ବ୍ୟବସାୟ ବ୍ୟବସ୍ଥାର ଅବସାନ, ମଜୁରି ପ୍ରଥାର ଲୋପ ସାଧନ, ସାମାଜିକ ମୈତ୍ରୀଭାବ, ରାଷ୍ଟ୍ରର କର୍ତ୍ତବ୍ୟକୁ କେବଳ ଉତ୍ପାଦନ ତଦାରଖ କାର୍ଯ୍ୟରେ ସୀମିତ କରି ରଖିବା ଇତ୍ୟାଦି ସେତେବେଳେ କେବଳ ଶ୍ରେଣୀ ସଂଘର୍ଷର ଅବସାନର ସୂଚନା ଦିଏ । ଅଥଚ ଏହି 'ଶ୍ରେଣୀ ସଂଘର୍ଷ ସେତେବେଳେ କେବଳ ମୁଣ୍ଡ ଟେକି ଉଠୁଥାଏ ମାତ୍ର, ଆଉ ତାହାର ପ୍ରାଥମିକ, ଅସ୍ପଷ୍ଟ ଓ ଅନିର୍ଦ୍ଦିଷ୍ଟ ରୂପରେଖର ସ୍ୱୀକୃତିହିଁ ଏହି ସାହିତ୍ୟରେ ଦେଖିବାକୁ ମିଳେ । ସୁତରାଂ ସେମାନଙ୍କର ଏସବୁ ପ୍ରସ୍ତାବ କଳ୍ପନାବିଳାସୀ ଅଳୀକ ପ୍ରସ୍ତାବ ବ୍ୟତୀତ ଅନ୍ୟ କିଛି ନୁହଁ ।

ଐତିହାସିକ ଅଗ୍ରଗତି ସଂପର୍କରେ ଏହି ସମାଲୋଚନାମୂଳକ-କଳ୍ପନାବିଳାସୀ ସମାଜବାଦ ଓ ସାମ୍ୟବାଦର ତାତ୍ପର୍ଯ୍ୟ ବିପରୀତ ଧରଣର ଆଧୁନିକ ଶ୍ରେଣୀ ସଂଗ୍ରାମ ଯେତିକି ଯେତିକି ତୀବ୍ରରୁ ତୀବ୍ରତର ହୋଇଉଠେ ଏବଂ ସୁନିର୍ଦ୍ଦିଷ୍ଟ ରୂପ ଧାରଣ କରେ ସେହି ପରିମାଣରେ ଏମାନଙ୍କର ଶ୍ରେଣୀ ସଂଘର୍ଷରୁ ଦୂରେଇ ରହିବାର ଉଦ୍‌ଭଟ ଧାରଣାର ଆଉ ଶ୍ରେଣୀ ସଂଘର୍ଷ ଉପରେ ସେମାନଙ୍କର ଉଦ୍‌ଭଟ ଆକ୍ରମଣର ସମସ୍ତ ବାସ୍ତବ ତାତ୍ପର୍ଯ୍ୟ ଓ ତାତ୍ତ୍ୱିକ ଯଥାର୍ଥତା ଉଭେଇଯାଏ । ଅତଏବ, ଏହି ମତବାଦର

ସ୍ରଷ୍ଟାମାନେ ଯଦିଓ ଅନେକ ଦିଗରୁ ବିପ୍ଲବୀ ଥିଲେ ସେମାନଙ୍କର ଶିଷ୍ୟମାନେ କିନ୍ତୁ ପ୍ରତ୍ୟେକ କ୍ଷେତ୍ରରେ କେବଳ ପ୍ରତିକ୍ରିୟାଶୀଳ ଗୋଷ୍ଠୀରେହିଁ ପରିଣତ ହୋଇଛନ୍ତି । ସର୍ବହରା ଶ୍ରେଣୀର ପ୍ରଗତିଶୀଳ ଐତିହାସିକ ବିକାଶକୁ ବିରୋଧ କରି ସେମାନେ ନିଜ ନିଜ ଗୁରୁମାନଙ୍କର ଆଦି ମତବାଦକୁ ଧରି ବସିଛନ୍ତି । ତେଣୁ ସେମାନେ ଅବିଚଳିତ ଭାବେ ଚେଷ୍ଟା ଚଳାଇଛନ୍ତି ଶ୍ରେଣୀ ସଂଗ୍ରାମକୁ ନିସ୍ତେଜ କରିବା ପାଇଁ ଏବଂ ଶ୍ରେଣୀ ବିରୋଧୀତାର ଆପୋଷ ସମାଧାନ କରିବା ପାଇଁ । ସେମାନେ ଏପର୍ଯ୍ୟନ୍ତ ବି ସେମାନଙ୍କ କଳ୍ପିତ ସ୍ୱର୍ଗରାଜ୍ୟର ପରୀକ୍ଷାମୂଳକ ସାର୍ଥକ ପରିଣତିର ସ୍ୱପ୍ନ ଦେଖନ୍ତି— "ଫାଲାନ୍‌ଷ୍ଟେର" ପରି ଛୋଟ ଛୋଟ ଉପନିବେଶ, "ହୋମ୍ କଲୋନିସ୍" ***Home-Colonies*** ବା ଆଦର୍ଶ ଆଶ୍ରମ ଏବଂ "ଇକେରିଆ" * ପରି ଭୂସ୍ୱର୍ଗ, ଯାହା କି ସେମାନଙ୍କର କଳ୍ପିତ ସ୍ୱର୍ଗରାଜ୍ୟର କ୍ଷୁଦ୍ରାଦପି କ୍ଷୁଦ୍ର ପ୍ରତିଛବି, ତା ସବୁ ପ୍ରତିଷ୍ଠା କରିବାର କଳ୍ପନା ମଧ୍ୟ କରନ୍ତି । ଆଉ ସେମାନଙ୍କର ଏହି ଆକାଶୀ ଦୁର୍ଗ ତୋଳିବା ଲାଗି ସେମାନେ ବୁର୍ଜୁଆ ଶ୍ରେଣୀର ସହାନୁଭୂତି ଓ ଆର୍ଥିକ ସାହାଯ୍ୟ ପ୍ରାର୍ଥନା କରିବା ପାଇଁ ବାଧ୍ୟ ହୁଅନ୍ତି । କାଳକ୍ରମେ ଏମାନେ ରକ୍ଷଣଶୀଳ ଓ ପ୍ରତିକ୍ରିୟାଶୀଳ ସମାଜବାଦୀମାନଙ୍କ ସ୍ତରକୁ ଖସିଯାନ୍ତି । ଏମାନଙ୍କ ଭିତରେ ଏତିକିମାତ୍ର ପାର୍ଥକ୍ୟ ଯେ, ଏହି ଉଲ୍ଲିଖିତ ସମାଜବାଦୀମାନଙ୍କର ପାଣ୍ଡିତ୍ୟ ଅପେକ୍ଷାକୃତ

---

* ଶାର୍ଲ୍‌ସ ଫୁରିଅରଙ୍କ କଳ୍ପନା ଅନୁଯାୟୀ ସମାଜତନ୍ତ୍ରୀ ଜନପଦର ନାମ ହେଉଛି 'ଫାଲାନ୍‌ଷ୍ଟେର' । କ୍ୟାବେଟ୍ ତାଙ୍କର କଳ୍ପିତ ଆଦର୍ଶ ଉପନିବେଶର ନାମ 'ଇକେରିଆ' ଦେଇଥିଲେ ଏବଂ ପରେ ଆମେରିକାରେ ନିଜର ଯେଉଁ ସାମ୍ୟବାଦୀ ଆଶ୍ରମ ସ୍ଥାପନ କରିଥିଲେ ତାହାର ନାମ 'ଇକେରିଆ' ରଖିଥିଲେ । **(୧୮୮୮ର ଇଂରାଜୀ ସଂସ୍କରଣରେ ଏଙ୍ଗେଲସ୍‌ଙ୍କ ଟିପ୍‌ପଣୀ)** ।

ଓଏନ୍ ତାଙ୍କର ଆଦର୍ଶ ସାମ୍ୟବାଦୀ ସମାଜକୁ ***Home-Colonies*** 'ହୋମ୍-କଲୋନିସ୍' ଆଖ୍ୟା ଦେଇଥିଲେ । ଫୁରିଅରଙ୍କର ପରିକଳ୍ପିତ ସର୍ବସାଧାରଣ ପ୍ରାସାଦଗୁଡ଼ିକର ନାମ ହେଉଛି 'ଫାଲାନ୍‌ଷ୍ଟେର' । ଯେଉଁ ମନଗଢ଼ା ସାମ୍ୟବାଦୀ ଭୂସ୍ୱର୍ଗର କଥା କ୍ୟାବେଟ୍ ଉଲ୍ଲେଖ କରିଛନ୍ତି ତା'ର ନାମ ହେଉଛି 'ଇକେରିଆ' । **(୧୮୯୦ର ଜର୍ମାନ୍ ସଂସ୍କରଣରେ ଏଙ୍ଗେଲସ୍‌ଙ୍କ ଟିପ୍‌ପଣୀ)** ।

ସୁସଙ୍ଗତ ଏବଂ ନିଜର ସମାଜବିଜ୍ଞାନର ଅଲୌକିକ କାର୍ଯ୍ୟକାରିତା ସମ୍ପର୍କରେ ସେମାନଙ୍କର ଅନ୍ଧ ବିଶ୍ୱାସ ଅଯୌକ୍ତିକ ।

ତେଣୁ ସେମାନେ ତୀବ୍ର ଭାବେ ଶ୍ରମିକ ଶ୍ରେଣୀର ସମସ୍ତ ରାଜନୈତିକ ଆନ୍ଦୋଳନର ବିରୋଧ କରନ୍ତି । ସେମାନଙ୍କ ମତରେ ଏ ସବୁ ଆନ୍ଦୋଳନ ହେଉଛି ସେମାନଙ୍କର ନୂତନ ବେଦ ପ୍ରତି ଅନ୍ଧ ଅବିଶ୍ୱାସର ଫଳ ମାତ୍ର ।

ଇଂଲଣ୍ଡରେ ଯେପରି ଓଏନ୍‌ପନ୍ଥୀମାନେ ଚାର୍ଟିଷ୍ଟମାନଙ୍କର [୩୬] ବିରୋଧୀତା କରନ୍ତି ଫ୍ରାନ୍‌ସରେ ମଧ୍ୟ ସେହିପରି ଫୁରିଅରପନ୍ଥୀମାନେ "ରିଫରମିଷ୍ଟେ"ମାନଙ୍କର ବିରୋଧୀତା କରନ୍ତି [୩୭] ।

## ଚତୁର୍ଥ ପରିଚ୍ଛେଦ

# ଉପସ୍ଥିତ ଅନ୍ୟାନ୍ୟ ବିରୋଧୀ ଦଳମାନଙ୍କ ସମ୍ପର୍କରେ କମ୍ୟୁନିଷ୍ଟମାନଙ୍କର ନୀତି

ବର୍ତ୍ତମାନ ଯେଉଁସବୁ ଶ୍ରମିକ ଶ୍ରେଣୀଦଳ ରହିଛନ୍ତି ଯଥା ଇଂଲଣ୍ଡର ଚାର୍ଟିଷ୍ଟ ଦଳ ଓ ଆମେରିକାର କୃଷି ସଂସ୍କାରକ ଦଳ, ସେମାନଙ୍କ ସହିତ କମ୍ୟୁନିଷ୍ଟମାନଙ୍କର କି ସମ୍ପର୍କ ତାହା ଦ୍ୱିତୀୟ ପରିଚ୍ଛେଦରେ ପ୍ରାଞ୍ଜଳ ଭାବେ ବର୍ଣ୍ଣିତ ହୋଇଛି ।

କମ୍ୟୁନିଷ୍ଟମାନେ ନିଜର ଆଶୁ ଲକ୍ଷ୍ୟ ସାଧନ ପାଇଁ, ଶ୍ରମିକ ଶ୍ରେଣୀର ସାମୟିକ ସ୍ୱାର୍ଥ ରକ୍ଷା ପାଇଁ ସଂଗ୍ରାମ କରନ୍ତି । କିନ୍ତୁ ଏଇ ଉପସ୍ଥିତ ବର୍ତ୍ତମାନର ଆନ୍ଦୋଳନରେ ମଧ୍ୟ ସେମାନେ ଭବିଷ୍ୟତ ଆନ୍ଦୋଳନର ପ୍ରତିନିଧିତ୍ୱ ସ୍ୱରୂପ ଆନ୍ଦୋଳନର ଭବିଷ୍ୟତର ଯତ୍ନ ନିଅନ୍ତି । ଫ୍ରାନ୍‌ସରେ କମ୍ୟୁନିଷ୍ଟମାନେ ରକ୍ଷଣଶୀଳ ଓ ବୁର୍ଜୁଆ ଚରମପନ୍ଥୀମାନଙ୍କର ବିରୋଧ କରନ୍ତି ଏବଂ ସୋସାଲିଷ୍ଟ-ଡେମୋକ୍ରାଟମାନଙ୍କ ସହିତ ସହଯୋଗ କରନ୍ତି । *

---

* ସେତେବେଳେ ପାର୍ଲିଆମେଣ୍ଟରେ ଏହି ଦଳର ପ୍ରତିନିଧିତ୍ୱ କରୁଥିଲେ ଲେଡ୍ରୁ-ରୋଲିନ୍ । ସାହିତ୍ୟରେ ପ୍ରତିନିଧି ଥିଲେ ଲୁଇ ବ୍ଲାଙ୍କ୍ [୩୮] ଏବଂ ଏମାନଙ୍କର ଦୈନିକ ସମ୍ବାଦପତ୍ରର ନାମ ହେଉଛି ***Réforme*** ('ରିଫର୍ମ') । ଏହି ଦଳର ସ୍ରଷ୍ଟାମାନଙ୍କ ଆଖିରେ ସୋସାଲିଷ୍ଟ-ଡେମୋକ୍ରାସିର ଅର୍ଥ ହେଉଛି ଗୋଟା ଅଧିକେ ସମାଜବାଦ ଦ୍ୱାରା ପ୍ରଭାବିତ ଡେମୋକ୍ରାଟିକ୍ ବା ରିପବ୍ଲିକାନ ଦଳର ଗୋଟାଏ ଅଂଶ । **(୧୮୮୮ର ଇଂରାଜୀ ସଂସ୍କରଣରେ ଏଙ୍ଗେଲସ୍‌ଙ୍କ ଟିପ୍‌ପଣୀ) ।**

କିନ୍ତୁ ଫରାସୀ ବିପ୍ଳବ ଅମଳରୁ ଯେଉଁସବୁ ନୀତିବାକ୍ୟ ଓ ଭ୍ରାନ୍ତ ଧାରଣାମାନ ପରମ୍ପରାଗତ ଭାବେ ପ୍ରଚଳିତ ରହି ଆସିଛି ସେ ସମ୍ପର୍କରେ ନିଜର ସମାଲୋଚନାଧିକାର ସେମାନେ ବଜାୟ ରଖିଛନ୍ତି ।

ସୁଇଜରଲାଣ୍ଡରେ ସେମାନେ ଚରମପନ୍ଥୀମାନଙ୍କୁ ସମର୍ଥନ କରିବା ସଙ୍ଗେ ସଙ୍ଗେ ଏକଥା ମଧ୍ୟ ଭୁଲିଯାନ୍ତି ନାହିଁ ଯେ, ଏହି ଦଳ ମଧ୍ୟରେ ବହୁ ପରସ୍ପରବିରୋଧୀ ଶକ୍ତି ସବୁ ରହିଛନ୍ତି । ସେଥିରୁ ଫରାସୀ ଅର୍ଥରେ ଅର୍ଦ୍ଧେକ ହେଉଛନ୍ତି "ଡେମୋକ୍ରାଟିକ୍ ସୋସାଲିଷ୍ଟ" ଓ ଅର୍ଦ୍ଧେକ ହେଉଛନ୍ତି "ବୁର୍ଜୁଆ ଚରମପନ୍ଥୀ" ।

ପୋଲାଣ୍ଡରେ ଯେଉଁ ଦଳ ଜାତୀୟ ମୁକ୍ତିର ସର୍ବପ୍ରଧାନ ସର୍ତ୍ତ ସ୍ୱରୂପ କୃଷି ବିପ୍ଳବର ଦାବୀକୁ ଉପସ୍ଥାପିତ କରେ, ଯେଉଁ ଦଳ କି ୧୮୪୬ ଖ୍ରୀଷ୍ଟାବ୍ଦରେ [୩୯] କ୍ରାକୋଭ୍‌ଠାରେ ସଶସ୍ତ୍ର ଅଭ୍ୟୁତ୍‌ଥାନର ସୂତ୍ରପାତ କରିଥିଲା ସେହି ଦଳକୁ କମ୍ୟୁନିଷ୍ଟମାନେ ସମର୍ଥନ କରନ୍ତି ।

ଜର୍ମାନୀରେ ସ୍ୱେଚ୍ଛାଚାରୀ ରାଜତନ୍ତ୍ର, ସାମନ୍ତବାଦୀ ଜମିଦାର ଓ ପ୍ରତିକ୍ରିୟାଶୀଳ ପେଟି-ବୁର୍ଜୁଆ ଶ୍ରେଣୀ ବିରୁଦ୍ଧରେ ଯେତେବେଳେ ବିପ୍ଳବୀ ପନ୍ଥାରେ ସଂଗ୍ରାମ କରନ୍ତି ସେତେବେଳେ କମ୍ୟୁନିଷ୍ଟମାନେ ଏହି ବୁର୍ଜୁଆ ଦଳ ସହିତ ସଂଗ୍ରାମରେ ସହଯୋଗ କରନ୍ତି ।

କିନ୍ତୁ ବୁର୍ଜୁଆ ଓ ସର୍ବହରା ଶ୍ରେଣୀ ମଧ୍ୟରେ ଯେ ସଦାସର୍ବଦା ବିରୋଧୀତା ଓ ଶତ୍ରୁତା ରହିଛି ସେ କଥା ଅତି ସ୍ପଷ୍ଟ ଭାବେ ଶ୍ରମିକ ଶ୍ରେଣୀକୁ ହୃଦବୋଧ କରାଇବାରେ କମ୍ୟୁନିଷ୍ଟମାନେ କେବେ ହେଳା କରନ୍ତି ନାହିଁ । ତା'ର ଉଦ୍ଦେଶ୍ୟ ହେଉଛି—ବୁର୍ଜୁଆ ଶ୍ରେଣୀ ନିଜର ଆଧିପତ୍ୟ ପ୍ରତିଷ୍ଠା କରିବା ସଙ୍ଗେ ସଙ୍ଗେ ଯେଉଁସବୁ ସାମାଜିକ ଓ ରାଜନୈତିକ ବ୍ୟବସ୍ଥା ପ୍ରବର୍ତ୍ତନ କରିବ ତାହାକୁ ଜର୍ମାନୀର ଶ୍ରମିକ ଶ୍ରେଣୀ ଯେପରି ବୁର୍ଜୁଆ ଶ୍ରେଣୀ ବିରୁଦ୍ଧରେ ନିଜର ଆୟୁଧ ଭାବେ ବ୍ୟବହାର କରି ପାରିବ ଏବଂ ତା' ଛଡ଼ା ଜର୍ମାନୀର ପ୍ରତିକ୍ରିୟାଶୀଳ ଶକ୍ତିମାନଙ୍କର

---

ସେତେବେଳେ ଫ୍ରାନ୍‌ସରେ ଯେଉଁ ଦଳ ନିଜକୁ ସୋସାଲିଷ୍ଟ-ଡେମୋକ୍ରାଟିକ୍ ବୋଲାଉଥିଲା ରାଜନୈତିକ କ୍ଷେତ୍ରରେ ତା'ର ପ୍ରତିନିଧି ଥିଲେ ଲେଡ୍ରୁ-ରୋଲିନ୍ ଏବଂ ସାହିତ୍ୟ କ୍ଷେତ୍ରରେ ଲୁଇ ବ୍ଲାଙ୍କ୍ । ସୁତରାଂ ଆଜିର ଜର୍ମାନ୍ ସୋସାଲ-ଡେମୋକ୍ରାସିଠାରୁ ତାହା ଢେର ଭିନ୍ନ ଥିଲା ।
**(୧୮୯୦ର ଜର୍ମାନ୍ ସଂସ୍କରଣରେ ଏଙ୍ଗେଲସ୍‌ଙ୍କ ଟିପ୍‌ପଣୀ)।**

ପତନ ସଙ୍ଗେ ସଙ୍ଗେ ଖୋଦ୍ ବୁର୍ଜୁଆ ଶ୍ରେଣୀ ବିରୁଧରେ ସଂଗ୍ରାମ ଯେମିତି ଆରମ୍ଭ ହୋଇଯାଏ ସେଥିଲାଗି ଶ୍ରମିକ ଶ୍ରେଣୀକୁ ପ୍ରସ୍ତୁତ କରି ରଖିବା ଲାଗି ଏହା କରଯାଏ ।

ବର୍ତ୍ତମାନ ଜର୍ମାନୀ ଉପରେହିଁ କମ୍ୟୁନିଷ୍ଟମାନଙ୍କର ସମସ୍ତ ଦୃଷ୍ଟି ନିବଦ୍ଧ । କାରଣ ଜର୍ମାନୀରେ ବର୍ତ୍ତମାନ ବୁର୍ଜୁଆ ବିପ୍ଳବ ଆସନ୍ନ, ଯେଉଁ ବିପ୍ଳବ କି ୟୁରୋପୀୟ ସଭ୍ୟତାର ଅପେକ୍ଷାକୃତ ଉନ୍ନତ ପରିବେଶ ମଧ୍ୟରେ ସଂଘଟିତ ହେବାକୁ ବାଧ୍ୟ । ସପ୍ତଦଶ ଶତାବ୍ଦୀର ଇଂଲଣ୍ଡ ଓ ଅଷ୍ଟାଦଶ ଶତାବ୍ଦୀର ଫ୍ରାନ୍ସ ଅପେକ୍ଷା ବର୍ତ୍ତମାନର ଜର୍ମାନ୍ ଶ୍ରମିକ ଶ୍ରେଣୀ ଅଧିକ ସମୁନ୍ନତ । ତା' ଛଡ଼ା ଏହାର ଆଉ ଏକ କାରଣ ହେଉଛି ଯେ, ଜର୍ମାନୀରେ ବୁର୍ଜୁଆ ବିପ୍ଳବ ପରେ ସଙ୍ଗେ ସଙ୍ଗେ ଏକ ସର୍ବହରା ବିପ୍ଳବର ସମ୍ଭାବନା ମଧ୍ୟ ରହିଛି । ତେଣୁ ଜର୍ମାନୀ ପ୍ରତି ଅଧିକ ଦୃଷ୍ଟି ଦିଆଯାଉଛି ।

କିନ୍ତୁ ମୋଟ ଉପରେ କହିବାକୁ ଗଲେ ବର୍ତ୍ତମାନର ସାମାଜିକ ଓ ରାଜନୈତିକ ବ୍ୟବସ୍ଥା ବିରୁଦ୍ଧରେ ଯେଉଁଠି ଯେଉଁସବୁ ବିପ୍ଳବୀ ଆନ୍ଦୋଳନ ହେଉଛି ସେ ସବୁ ଆନ୍ଦୋଳନକୁ କମ୍ୟୁନିଷ୍ଟମାନେ ସର୍ବତ୍ର ସମର୍ଥନ କରୁଛନ୍ତି ।

ଏହି ସବୁ ଆନ୍ଦୋଳନର ସର୍ବଶ୍ରେଷ୍ଠ ସମସ୍ୟା ହିସାବରେ ସେମାନେ ସର୍ବଦା ସମଷ୍ଟିଗତ ଅଧିକାରର ପ୍ରଶ୍ନକୁ ଉପସ୍ଥାପିତ କରନ୍ତି, ସେ ଅଧିକାରର ବିକାଶର ସ୍ତର ଯାହା ହେଉନା କାହିଁକି ।

ସର୍ବଶେଷରେ, ସବୁ ଦେଶର ଗଣତାନ୍ତ୍ରିକ ଦଳମାନଙ୍କ ମଧ୍ୟରେ ଏକତା ଓ ଆପୋଷ ରାଜିନାମା ପ୍ରତିଷ୍ଠା କରିବା ଲାଗି କମ୍ୟୁନିଷ୍ଟମାନେ ସର୍ବଦା ପ୍ରୟାସୀ ।

ନିଜର ଲକ୍ଷ୍ୟ ଓ ମତାମତକୁ ଗୋପନ କରି ରଖିବା ପାଇଁ କମ୍ୟୁନିଷ୍ଟମାନେ ଘୃଣା କରନ୍ତି । ସେମାନେ ପ୍ରକାଶ୍ୟରେ ଘୋଷଣା କରନ୍ତି ଯେ, ବଳପୂର୍ବକ ସମସ୍ତ ଉପସ୍ଥିତ ସାମାଜିକ ବ୍ୟବସ୍ଥାର ଧ୍ୱଂସସାଧନ ଦ୍ୱାରହିଁ ସେମାନଙ୍କର ଲକ୍ଷ୍ୟ ସିଦ୍ଧି ସମ୍ଭବ । କମ୍ୟୁନିଷ୍ଟ ବିପ୍ଳବର ଆସନ୍ନ ସମ୍ଭାବନାରେ ଥରହର ହୋଇ ଉଠୁ ସମଗ୍ର ଶାସକ ଶ୍ରେଣୀ । ନିଜର ଶୃଙ୍ଖଳ ବ୍ୟତୀତ ସର୍ବହରା ଶ୍ରେଣୀର ହରାଇବାର ଆଉ କିଛି ନାହିଁ । ଜୟ କରିବା ପାଇଁ ସାରା ଦୁନିଆ ଉନ୍ମୁକ୍ତ ହୋଇ ରହିଛି ସେମାନଙ୍କ ସମ୍ମୁଖରେ ।

**ଦୁନିଆର ମଜ୍‌ଦୁର—ଏକ ହୁଅ !**

# ଟୀକା

[୧]—୧୮୪୮ ଖ୍ରୀଷ୍ଟାବ୍ଦରେ ଫ୍ରାନ୍ସରେ ଫେବ୍ରୁଆରୀ ବିପ୍ଳବ ସଂଘଟିତ ହୋଇଥିଲା । ପୃଷ୍ଠା ୯

[୨]—୧୮୪୮ ମସିହାର ଜୁନ୍ ୨୩-୨୬ ତାରିଖରେ ପ୍ୟାରୀସ୍‌ର ସର୍ବହରାମାନଙ୍କର ବିଦ୍ରୋହର କଥା ଏଠାରେ ଉଲ୍ଲେଖ କରାଯାଇଛି । ଏହି ବିଦ୍ରୋହ ଥିଲା ୧୮୪୮ ଏବଂ ୧୮୪୯ରେ ସାରା ୟୁରୋପରେ ହୋଇଥିବା ବିଦ୍ରୋହର ଶେଷ ପର୍ଯ୍ୟାୟ । ପୃଷ୍ଠା ୯

[୩]—**୧୮୭୧ ମସିହାର ପ୍ୟାରୀସ୍ କମ୍ୟୁନ୍**—୧୮୭୧ ମସିହାରେ ପ୍ୟାରୀସ୍ ସର୍ବହରା ବିପ୍ଳବ ଫଳରେ ଶ୍ରମିକ ଶ୍ରେଣୀର ଏକ ବିପ୍ଳବୀ ସରକାର ଗଠନ କରାଯାଇଥିଲା । ଏହା ଥିଲା ସର୍ବହରା ଏକଛତ୍ରବାଦର ବିଶ୍ୱର ପ୍ରଥମ ସରକାର ଏବଂ ଏହା ୭୨ ଦିନ ତିଷ୍ଠି ରହିଥିଲା (ମାର୍ଚ୍ଚ ୧୮ରୁ ମଇ ୨୮ ତାରିଖ ପର୍ଯ୍ୟନ୍ତ) ପୃଷ୍ଠା ୧୦

[୪]—ଏଠାରେ ଯେଉଁ ସଂସ୍କରଣ କଥା ଉଲ୍ଲେଖ କରାଯାଇଛି ତାହା ୧୮୬୯ରେ ପ୍ରକାଶିତ ହୋଇଥିଲା । ୧୮୮୮ରେ ପ୍ରକାଶିତ ଇଂରାଜୀ ସଂସ୍କରଣର ଏଙ୍ଗେଲସ୍‌ଙ୍କ ଲିଖିତ ଭୂମିକାରେ ମଧ୍ୟ "ଇସ୍ତାହାର"ର ରୁଷ୍ ସଂସ୍କରଣର ପ୍ରକାଶନ ତାରିଖ ଭୁଲ ଭାବେ ଦିଆ ହୋଇଛି । ପୃଷ୍ଠା ୧୨

[୫]—**"କୋଲକଲ୍" (ଘଣ୍ଟା)**—୧୮୫୭ରୁ ୧୮୬୭ ମସିହା ମଧ୍ୟରେ ଆଲେକଜାଣ୍ଡର ହେର୍ଜେନ୍ ଏବଂ ନିକୋଲାଇ ଓଗାରିଓଭ୍‌ଙ୍କ ଦ୍ୱାରା ଏହି ନାମରେ ରୁଷ୍ ବିପ୍ଳବୀ ଗଣତାନ୍ତ୍ରିକ ସଂବାଦପତ୍ର ପ୍ରକାଶିତ ହେଉଥିଲା । ଏହା ୧୮୬୫ ମସିହା ପର୍ଯ୍ୟନ୍ତ ଲଣ୍ଡନରୁ ଏବଂ ପରେ ଜେନେଭାଠାରୁ ପ୍ରକାଶିତ ହୋଇଥିଲା । ପୃଷ୍ଠା ୧୨

[୬]—"ନାରୋଦ୍‌ନାୟା ଭୋଲ୍ୟା"ର ସଦସ୍ୟମାନଙ୍କ ଦ୍ୱାରା ୧୮୮୧ ମସିହାର ମାର୍ଚ୍ଚ ପହିଲା ଦିନ ଆଲେକଜାଣ୍ଡର ଦ୍ୱିତୀୟଙ୍କର ହତ୍ୟା ପରେ ରୁଷିଆର ଅବସ୍ଥା ସଂପର୍କରେ ଏଠାରେ ବର୍ଣ୍ଣନା କରାଯାଇଛି (ଆତଙ୍କବାଦୀ ନାରଦୋନିକ୍‌ମାନଙ୍କର ଏକ ଗୋପନ ରାଜନୈତିକ ସଂସ୍ଥା) "ନାରୋଦ୍‌ନାୟା ଭୋଲ୍ୟା" ସଙ୍ଗଠନ ଦ୍ୱାରା ଅଧିକ ଆତଙ୍କମୂଳକ କାର୍ଯ୍ୟ ବୈପ୍ଳବିକ ଗଣ୍ଡଗୋଳର ଭୟରେ ତାଙ୍କର ଉତ୍ତରାଧିକାରୀ ଆଲେକଜାଣ୍ଡର ତୃତୀୟ ଗ୍ୟାଟଚିନା ପ୍ରାସାଦରେ ବାସ କରିବାକୁ ଲାଗିଲେ । ପୃଷ୍ଠା ୧୩

[୭]—**ଡାରୱଇନ୍, ଚାର୍ଲସ-ରବର୍ଟ** (୧୮୦୯-୧୮୮୨)—ବ୍ରିଟିଶ୍ ପ୍ରାଣୀ ଏବଂ ଉଦ୍ଭିଦ ବିଜ୍ଞାନୀ । ପ୍ରାକୃତିକ ଜୀବ ବିଦ୍ୟାର ଉଦ୍‌ଭାବନକାରୀ । ବ୍ୟାପକ ଜୀବତତ୍ତ୍ୱଗତ ତଥ୍ୟ ମାଧ୍ୟମରେ ସେ ଜୀବନ୍ତ ପ୍ରକୃତିର କ୍ରମ ବିକାଶର ତତ୍ତ୍ୱ ଉଦ୍‌ଭାବନ କରିଥିଲେ । ସେ ଦର୍ଶାଇଥିଲେ ଯେ ବିଶ୍ୱର ପ୍ରାଣୀ ଜଗତର କ୍ରମ ବିକାଶ ସହଜରୁ ଜଟିଳତର ହୋଇଛି । ଏହାର କାରଣ ହେଲା ନୂତନର ଜନ୍ମ ଏବଂ ପୁରାତନର ଧ୍ୱଂସ । ଏହାହିଁ ହେଲା ପ୍ରାକୃତିକ ଐତିହାସିକ ବିକାଶର ଫଳାଫଳ ।

ଡାରୱଇନ୍‌ଙ୍କର କ୍ରମ ବିକାଶ ତତ୍ତ୍ୱର ସାରମର୍ମ ହେଲା ପ୍ରାକୃତିକ ଏବଂ କୃତ୍ରିମ ନିର୍ବାଚନ ମାଧ୍ୟମରେ ବିଭିନ୍ନ ଶ୍ରେଣୀର ଉତ୍ପତ୍ତି । ସେ ଦର୍ଶାଇଥିଲେ ଯେ ବିଭିନ୍ନ ଉଦ୍ଭିଦ୍ ଏବଂ ପଶୁମାନଙ୍କର ଜୀବନ ଧାରଣ ପାଇଁ ସଂଗ୍ରାମ ଫଳରେ ପୁରାତନର ମୃତ୍ୟୁ ଘଟେ ଏବଂ ନୂତନ ଜନ୍ମ ଲାଭ କରେ । ଏହାହିଁ ହେଲା ଜୀବନର କ୍ରମ ବିକାଶର ଏକ ମୁଖ୍ୟ ଉପାଦାନ । "ବିଭିନ୍ନ ଶ୍ରେଣୀର ଜନ୍ମ" ନାମକ ଏକ ତତ୍ତ୍ୱ ଡାରୱଇନ୍ ଉଦ୍ଭାବନ କରିଛନ୍ତି । ପୃଷ୍ଠା ୧୫

[୮]—ଟୀକା [୧] ଦ୍ରଷ୍ଟବ୍ୟ । ପୃଷ୍ଠା ୧୭

[୯]—**ପ୍ରୋଧାଁ, ପିଏର୍-ଜୋସେଫ୍**—(୧୮୦୯-୧୮୬୫)—ଫରାସୀ ପ୍ରକାଶକ, ଅର୍ଥନୀତିଜ୍ଞ ଏବଂ ସାମାଜିକ ବିଜ୍ଞାନୀ, ପେଟି-ବୁର୍ଜୁଆ ଆଦର୍ଶବାଦୀ, ଅରାଜକତାବାଦର ସୃଷ୍ଟିକର୍ତ୍ତା । ସେ ସାନ ଘରୋଇ ମାଲିକାନାକୁ ଚିରସ୍ଥାୟୀ କରିବାକୁ ଇଚ୍ଛା କରୁଥିଲେ ଏବଂ ପେଟି-ବୁର୍ଜୁଆ ନୀତି ଦୃଷ୍ଟିରୁ ବଡ଼ ପୁଞ୍ଜିପତିମାନଙ୍କର ସଂପଦ ରଖିବାର ନୀତିକୁ ସମାଲୋଚନା କରୁଥିଲେ । ସେ ଏକ "ଗଣ ବ୍ୟାଙ୍କ" ପ୍ରତିଷ୍ଠାର

ପ୍ରସ୍ତାବ ଦେଇଥିଲେ ଯାହା "ବିନା ସୁଧରେ ଋଣ" ଦାନ କରି ଶ୍ରମିକମାନଙ୍କୁ ସେମାନଙ୍କର ନିଜସ୍ୱ ଉତ୍ପାଦନ କରିବା ଦିଗରେ ଅନୁପ୍ରେରଣା ଯୋଗାଇଦେବ ଯାହା ଫଳରେ ଶ୍ରମିକମାନେ ନିଜେ କାରିଗରରେ ପରିଣତ ହୋଇ ପାରିବେ । ପ୍ରୋଧାଁଙ୍କର ଆଉ ଏକ ପ୍ରତିକ୍ରିୟାଶୀଳ ଏବଂ କଳ୍ପିତ ପ୍ରସ୍ତାବ ହେଲା ଏକ ବିଶେଷ ଧରଣର "ବିନିମୟ ବ୍ୟାଙ୍କ" ପ୍ରତିଷ୍ଠା କରିବା ଯେଉଁଠାରେ ଶ୍ରମିକମାନେ ସେମାନଙ୍କର ସାମଗ୍ରୀଗୁଡ଼ିକୁ "ଉଚିତ" ଭାବରେ ବିକ୍ରି କରି ପାରିବେ ଯାହା ଫଳରେ ସେମାନେ ଘରୋଇ ମାଲିକମାନଙ୍କର ଉତ୍ପାଦନର ଯନ୍ତ୍ର ଭାବରେ ବ୍ୟବହୃତ ହେବେ ନାହିଁ । ପ୍ରୋଧାଁ ସର୍ବହରାମାନଙ୍କର ଐତିହାସିକ ଭୂମିକାକୁ ହୃଦୟଙ୍ଗମ କରି ପାରି ନ ଥିଲେ, ସେ ଶ୍ରେଣୀ ସଂଗ୍ରାମ, ସର୍ବହରା ବିପ୍ଳବ ଏବଂ ସର୍ବହରା ଏକଛତ୍ରବାଦ ପ୍ରତି ଏକ ନାସ୍ତିସୂଚକ ମନୋଭାବ ପ୍ରକାଶ କରିଥିଲେ । ଜଣେ ଅରାଜକତାବାଦୀ ଭାବରେ ସେ ରାଷ୍ଟ୍ରର ଆବଶ୍ୟକତାକୁ ହୃଦୟଙ୍ଗମ କରି ପାରୁ ନ ଥିଲେ । କାର୍ଲ ମାର୍କ୍ସ ଏବଂ ଫ୍ରେଡେରିକ୍ ଏଙ୍ଗେଲସ୍ ପ୍ରୋଧାଁଙ୍କର ପ୍ରସ୍ତାବକୁ ବରାବର ବିରୋଧ କରି ଆସିଥିଲେ । ପ୍ରଥମ ଆନ୍ତର୍ଜାତିକରେ ସେମାନେ ଏହି ବିରୋଧ ମର୍ମ ଉପସ୍ଥାପିତ କରିଥିଲେ । "ଦର୍ଶନର ଦାରିଦ୍ର୍ୟ"ରେ ମାର୍କ୍ସ ଦୃଢ଼ ଭାବରେ ପ୍ରୋଧାଁବାଦୀମାନଙ୍କୁ ଆକ୍ରମଣ କରିଥିଲେ ।

ପୃଷ୍ଠା ୧୮

[୧୦]—**ଲାସେଲ୍‌ପନ୍ଥୀ**—ଜର୍ମାନ୍ ପେଟି-ବୁର୍ଜୁଆ ସୋସାଲିଷ୍ଟ ଲାସେଲ୍‌ଙ୍କର ଅନୁଗାମୀ ଏବଂ ସମର୍ଥକ । ସେମାନେ ଥିଲେ ଲିପଜିଗ୍ ଠାରେ ଶ୍ରମିକ ସଂଘର ଏକ କଂଗ୍ରେସରେ ୧୮୬୩ ମସିହାରେ ପ୍ରତିଷ୍ଠିତ ଜର୍ମାନ୍ ଶ୍ରମିକମାନଙ୍କର ସାଧାରଣ ସଂଘର ସଦସ୍ୟ । ଏହି ସଂଘର ପ୍ରଥମ ସଭାପତି ଭାବରେ ଲାସେଲ୍ ଏହାର କାର୍ଯ୍ୟକ୍ରମ ପ୍ରସ୍ତୁତ କରିବା ସଙ୍ଗେ ସଙ୍ଗେ ଏହାର କୌଶଳ ମଧ୍ୟ ପ୍ରବର୍ତ୍ତନ କରିଥିଲେ । ଶ୍ରମିକ ଶ୍ରେଣୀର ଏକ ବଡ଼ ରାଜନୈତିକ ପାର୍ଟି ଗଠନ ଦ୍ୱାରା ଜର୍ମାନୀରେ ଶ୍ରମିକ ଶ୍ରେଣୀ ଆନ୍ଦୋଳନର ବିକାଶ ଦିଗରେ ଅନ୍ୟ ଏକ ପାଦ ଅଗ୍ରସର ହେବାଟା ସମ୍ଭବପର ହୋଇଥିଲା । ଲାସେଲ୍ ଏବଂ ତାଙ୍କର ଅନୁଗାମୀମାନେ ଅବଶ୍ୟ ତତ୍ତ୍ୱଗତ ଏବଂ ରାଜନୈତିକ ପ୍ରଶ୍ନ ବିଷୟରେ ଏକ ସୁବିଧାବାଦୀ ନୀତି ଅନୁସରଣ କରିଥିଲେ । ସେମାନେ ଭାବୁଥିଲେ ଯେ ସାମାଜିକ ସମସ୍ୟାଗୁଡ଼ିକୁ ସମାଧାନ କରିବା ଦିଗରେ ପ୍ରୁସିଆନ୍ ରାଷ୍ଟ୍ରକୁ ବ୍ୟବହାର କରାଯାଇ ପାରିବ ଏବଂ ପ୍ରୁସିଆନ୍

ବିସ୍‌ମାର୍କ ସରକାର ସହିତ ଯୋଗାଯୋଗ ସ୍ଥାପନ କରଯାଇ ପାରିବ । କାର୍ଲ ମାର୍କ୍‌ସ ଏବଂ ଫ୍ରେଡେରିକ୍ ଏଙ୍ଗେଲସ୍ ଜର୍ମାନୀର ଶ୍ରମିକ ଶ୍ରେଣୀ ଆନ୍ଦୋଳନରେ ଲାସେଲ୍ ତତ୍ତ୍ୱ, କୌଶଳ ଏବଂ ସାଂଗଠନିକ ଆଦର୍ଶଗୁଡ଼ିକୁ ଏକ ସୁବିଧାବାଦୀ ମନୋଭାବ ବୋଲି କଟୁ ସମାଲୋଚନା କରିଥିଲେ । ପୃଷ୍ଠା ୧୮

[୧୧]—**ଓଏନ୍‌ପନ୍ଥୀ**—ବ୍ରିଟିଶ୍ କଳ୍ପନାବିଳାସୀ ସୋସାଲିଷ୍ଟ ରବର୍ଟ ଓଏନ୍ (୧୭୭୧-୧୮୫୮)ଙ୍କର ସମର୍ଥକ ଏବଂ ଅନୁଗାମୀ ।

ରବର୍ଟ ଓଏନ୍ ପୁଞ୍ଜିବାଦୀ ବ୍ୟବସ୍ଥାର କଟୁ ସମାଲୋଚନା କରିଥିଲେ ମଧ୍ୟ ପୁଞ୍ଜିବାଦୀ ବିରୋଧୀତାର ମୂଳ କାରଣ ସମ୍ପର୍କରେ ନିରବ ରହିଥିଲେ । ସେ କହିଥିଲେ ଯେ ସାମାଜିକ ଅସମାନତାର ମୂଳ କାରଣ ହେଲା ସଚେତନତାର ଅଭାବ । ଏହାର କାରଣ ପୁଞ୍ଜିବାଦୀ ଉତ୍ପାଦନର ବ୍ୟବସ୍ଥା ନୁହଁ । ସେ ଦର୍ଶାଇଥିଲେ ଯେ ଶିକ୍ଷା ଏବଂ ସାମାଜିକ ସଂସ୍କାର ମାଧ୍ୟମରେ ସାମାଜିକ ଅସମାନତାକୁ ଦୂର କରଯାଇ ପାରିବ । ସେ ଏହି ଭଳି ସଂସ୍କାରର ଏକ ବ୍ୟାପକ କାର୍ଯ୍ୟକ୍ରମ ଉପସ୍ଥାପିତ କରିଥିଲେ । ସେ ଭବିଷ୍ୟତର "ଆନୁପାତିକ" ସମାଜକୁ ସାନ ସ୍ୱୟଂଶାସିତ ଗୋଷ୍ଠୀଗୁଡ଼ିକର ଏକ ମୁକ୍ତ ସଂଘ ଭାବରେ ବର୍ଣ୍ଣନା କରିଥିଲେ । କିନ୍ତୁ ଏହାକୁ ବାସ୍ତବରେ ପରିଣତ କରିବା ଦିଗରେ ତାଙ୍କର ସବୁ ଚେଷ୍ଟା ବିଫଳ ହୋଇଥିଲା ।

ପୃଷ୍ଠା ୨୧

[୧୨]—**ଫୁରିଅରପନ୍ଥୀ**—ଫରାସୀ କଳ୍ପନାବିଳାସୀ ସୋସାଲିଷ୍ଟ ଚାର୍ଲସ ଫୁରିଅର (୧୭୭୨-୧୮୩୭)ଙ୍କର ସମର୍ଥକ ଏବଂ ଅନୁଗାମୀ ।

ଫୁରିଅର ବୁର୍ଜୁଆ ସମାଜକୁ କଟୁ ସମାଲୋଚନା କରୁଥିଲେ । ସେ ଭବିଷ୍ୟତରେ ଏକ ବିବାଦଶୂନ୍ୟ ସମାଜ ପ୍ରତିଷ୍ଠାର ସ୍ୱପ୍ନ ଦେଖୁଥିଲେ ଯାହାର ଭିତ୍ତି ହେବ ମାନବିକ ଉତ୍ତେଜନାର ଧାରଣ ଶକ୍ତି । ସେ ହିଂସାତ୍ମକ ବିପ୍ଳବର ବିରୋଧୀ ଥିଲେ ଏବଂ କହୁଥିଲେ ଯେ ନିଜର ଶ୍ରମରୁ ଆନନ୍ଦ ଲାଭ କରୁଥିବା ବ୍ୟକ୍ତିମାନଙ୍କୁ ନେଇ ଏକ ଆଦର୍ଶ ସମାଜ ଗଠନ ଶାନ୍ତିପୂର୍ଣ୍ଣ ଉପାୟରେ ମଧ୍ୟ କରଯାଇ ପାରିବ । ଫୁରିଅର ଅବଶ୍ୟ ବ୍ୟକ୍ତିଗତ ମାଲିକାନାର ଉଚ୍ଛେଦ ସାଧନ ପାଇଁ କିଛି କହି ନ ଥିଲେ ଏବଂ ତାଙ୍କର ଆଦର୍ଶ ସମାଜରେ ଧନୀ ଏବଂ ଗରିବ ଉଭୟର ସ୍ଥାନ ରହିଥିଲା । ପୃଷ୍ଠା ୨୧

[୧୩]—**କାବେଟ୍, ଏଟିଏନ୍** (୧୭୮୮-୧୮୫୬) ଫରାସୀ ପେଟି-ବୁର୍ଜୁଆ ପ୍ରକାଶକ ଏବଂ କଳ୍ପନାବିଳାସୀ ସାମ୍ୟବାଦର ବିଶିଷ୍ଟ ପ୍ରଚାରକ। ସେ ବିଶ୍ୱାସ କରୁଥିଲେ ଯେ ସମାଜର ଶାନ୍ତିପୂର୍ଣ୍ଣ ପୁନର୍ଗଠନ ଫଳରେ ପୁଞ୍ଜିବାଦୀ ବ୍ୟବସ୍ଥାର ଦୋଷତ୍ରୁଟିଗୁଡ଼ିକୁ ଦୂର କରାଯାଇ ପାରିବ। ୧୮୪୦ ମସିହାରେ "ଭୟେଜ୍-ଏନ୍-ଇକେରିଆ"ରେ ସେ ତାଙ୍କର ଏହି ଆଦର୍ଶର ବର୍ଣ୍ଣନା କରିଥିଲେ। ସେ ଆମେରିକାରେ ଏକ ସାମ୍ୟବାଦୀ ସଂପ୍ରଦାୟ ଗଠନ କରି ତାଙ୍କର ଏହି ଆଦର୍ଶକୁ ବାସ୍ତବରେ ପରିଣତ କରିବାକୁ ଚାହୁଁଥିଲେ। କିନ୍ତୁ ତାଙ୍କର ଏହି ପରୀକ୍ଷା ବିଫଳ ହୋଇଥିଲା।

**ଭେଟଲିଙ୍ଗ, ଉଇଲହେଲମ**—(୧୮୦୮-୧୮୭୧)—ଆରମ୍ଭ କାଳରେ ଜର୍ମାନ୍ ଶ୍ରମିକ ଶ୍ରେଣୀ ଆନ୍ଦୋଳନର ବିଶିଷ୍ଟ ନେତା। ଏକ କଳ୍ପନାବିଳାସୀ "ସମତା ସଂପନ୍ନ" ସାମ୍ୟବାଦୀ ସମାଜ ଗଠନ କରିବାର ତତ୍ତ୍ୱ ସେ ଉଦ୍ଭାବନ କରିଥିଲେ। ଏଙ୍ଗେଲସ୍ ଲେଖିଥିଲେ ଯେ ଜର୍ମାନ୍ ସର୍ବହରାମାନଙ୍କର ପ୍ରଥମ ସ୍ୱାଧୀନ ତାତ୍ତ୍ୱିକ ଆନ୍ଦୋଳନରେ ଭେଟଲିଙ୍ଗର ଆଦର୍ଶ ଏକ ବାସ୍ତବ ଭୂମିକା ଗ୍ରହଣ କରିଥିଲା। ପୃଷ୍ଠା ୨୧

[୧୪]—ଟୀକା [୭] ଦେଖନ୍ତୁ। ପୃଷ୍ଠା ୨୨

[୧୫]—ଟୀକା [୩] ଦେଖନ୍ତୁ। ପୃଷ୍ଠା ୨୩

[୧୬]—ଟୀକା [୨] ଦେଖନ୍ତୁ। ପୃଷ୍ଠା ୨୯

[୧୭]—ଏକ ଆନ୍ତର୍ଜାତିକ ସଂଗଠନ କମ୍ୟୁନିଷ୍ଟ ଲୀଗ୍ (୧୮୪୭-୫୨)ର ୧୧ ଜଣ ସଦସ୍ୟଙ୍କର ପ୍ରୁସିଆନ୍ ବିଚାର (୧୮୫୨ ମସିହାର ଅକ୍ଟୋବର ୪—ନଭେମ୍ବର ୧୨) ସମ୍ପର୍କରେ ଏଠାରେ ଉଲ୍ଲେଖ କରାଯାଇଛି। ଦେଶ ଦ୍ରୋହିତାର କପୋଳକଳ୍ପିତ ଦଲୀଲରେ ଏହା ମଧ୍ୟରୁ ସାତ ଜଣଙ୍କୁ ତିନିରୁ ଛଅ ବର୍ଷ ପର୍ଯ୍ୟନ୍ତ କାରାଦଣ୍ଡରେ ଦଣ୍ଡିତ କରାଯାଇଥିଲା। ପୃଷ୍ଠା ୨୯

[୧୮]—କାର୍ଲ ମାର୍କ୍ସଙ୍କର "ଆନ୍ତର୍ଜାତିକ ଶ୍ରମିକ ଜନତାର ସଂଘର ସାଧାରଣ ନିୟମାବଳୀ" ଦେଖନ୍ତୁ। ପୃଷ୍ଠା ୩୦

[୧୯]—ଟୀକା [୧୩] ଦେଖନ୍ତୁ। ପୃଷ୍ଠା ୩୧

[୨୦]—**କଂଗ୍ରେସ ପୋଲାଣ୍ଡ**—ପୋଲାଣ୍ଡର ଏକ ଅଂଶକୁ ସରକାରୀ ଭାବରେ ପୋଲାଣ୍ଡ ରାଜ୍ୟ ବୋଲି କୁହାଯାଉଥିଲା। ଯାହା ୧୮୧୪-୧୫ ଭିଏନା କଂଗ୍ରେସର ନିଷ୍ପତ୍ତି କ୍ରମେ ରୁଷିଆ ସହିତ ସଂଯୁକ୍ତ କରି ଦିଆ ଯାଇଥିଲା। ପୃଷ୍ଠା ୩୪

[୨୧]—**ନେପୋଲିଅନ୍ ତୃତୀୟ (ଲୁଇ ବୋନାପାର୍ଟ—** (୧୮୦୮-୧୮୭୩) ନେପୋଲିଅନ୍ ପ୍ରଥମଙ୍କର ପୁତୁରା ; ଦ୍ଵିତୀୟ ପ୍ରଜାତନ୍ତ୍ରର ରାଷ୍ଟ୍ରପତି (୧୮୪୮-୫୧) ଫରାସୀ ସମ୍ରାଟ (୧୮୫୨-୭୦)। **ବିସ୍‌ମାର୍କ, ଓଟୋ ଏଡୁଆର୍ଡ ଲିଓପୋଲ୍‌ଡ** (୧୮୧୫-୧୮୯୮) ପ୍ରୁସିଆ ଏବଂ ଜର୍ମାନୀର ରାଜନୀତିଜ୍ଞ ଏବଂ କୂଟନୀତିଜ୍ଞ । ତାଙ୍କର ଘରୋଇ ଏବଂ ବୈଦେଶିକ ନୀତି ଜନକର୍ ଏବଂ ଧନୀ ବୁର୍ଜୁଆମାନଙ୍କର ସ୍ଵାର୍ଥସିଦ୍ଧି କରିବାରେ ସାହାଯ୍ୟ କରିଥିଲା । ସେ ୧୮୭୧ ମସିହାରେ ବ୍ୟାପକ ଯୁଦ୍ଧ ଏବଂ କୂଟନୈତିକ କୌଶଳ ସାହାଯ୍ୟରେ ପ୍ରୁସିଆର ଅଧିନାୟକତ୍ଵରେ ଜର୍ମାନୀକୁ ଏକାଠି କରିଥିଲେ । ସେ ୧୮୭୧ରୁ୧୮୯୦ ମସିହା ପର୍ଯ୍ୟନ୍ତ ଜର୍ମାନୀ ସାମ୍ରାଜ୍ୟର ଚାନସେଲର ଥିଲେ ।

୧୮୪୮ର ବିପ୍ଳବ ଏହାର ପୂର୍ବବର୍ତ୍ତୀ ଅନେକ ବିପ୍ଳବ ଭଳି ଅନେକ ଅଜଣା ଅନୁଗାମୀ ସୃଷ୍ଟି କରିଥିଲା । କାର୍ଲ ମାର୍କ୍‌ସ ଲେଖିଥିଲେ ଯେ ଯେଉଁ ଲୋକମାନେ ଏହି ବିପ୍ଳବ ଦମନ କରିଥିଲେ ସେହିମାନେହିଁ ଏହାକୁ ବାସ୍ତବରେ ପରିଣତ କରିଥିଲେ । ଲୁଇ ନେପୋଲିଅନ୍ ଏକ ସ୍ଵାଧୀନ ଏବଂ ଅଖଣ୍ଡ ଇଟାଲୀ ସୃଷ୍ଟି କଲେ । ବିସ୍‌ମାର୍କ ଜର୍ମାନୀରେ ବିପ୍ଳବ ସୃଷ୍ଟି କଲେ ଏବଂ ହଙ୍ଗେରୀର ସ୍ଵାଧୀନତା ଫେରାଇ ଆଣିଲେ (ଫ୍ରେଡେରିକ୍ ଏଙ୍ଗେଲସ୍ "ଇଂଲଣ୍ଡରେ ଶ୍ରମିକ ଶ୍ରେଣୀର ଅବସ୍ଥା" ଶୀର୍ଷକ ପୁସ୍ତକର ଇଂରାଜୀ ସଂସ୍କରଣର ଭୂମିକା) ପୃଷ୍ଠା ୩୫

[୨୨]—ରୁଷ୍ ସାମ୍ରାଜ୍ୟରେ ମିଶାଇ ଦିଆ ଯାଇଥିବା ପୋଲିଷ୍ ଅଞ୍ଚଳରେ ୧୮୬୩ ମସିହାରେ ଆରମ୍ଭ ହୋଇଥିବା ଜାତୀୟ ମୁକ୍ତି ବିଦ୍ରୋହର କଥା ଏଠାରେ ଉଲ୍ଲେଖ କରାଯାଇଛି । ଏହି ବିଦ୍ରୋହକୁ ଜାର୍ ସୈନ୍ୟବାହିନୀ ଦ୍ଵାରା ନିଷ୍ଠୁର ଭାବରେ ଦମନ କରାଯାଇଥିଲା । ଏହି ବିଦ୍ରୋହର କେତେକ ନେତା ପଶ୍ଚିମ ୟୁରୋପୀୟ ସରକାରଗୁଡ଼ିକ ସେମାନଙ୍କୁ ସାହାଯ୍ୟ କରିବେ ବୋଲି ଆଶା ବାନ୍ଧି ବସିଥିଲେ । କିନ୍ତୁ ଏହି ସରକାରଗୁଡ଼ିକ କେବଳ କୂଟନୈତିକ ଦାବୀ ଉପସ୍ଥାପିତ କରିଥିଲେ ମାତ୍ର ଏବଂ ଏହି ରୂପେ ସେମାନେ ବିଦ୍ରୋହୀମାନଙ୍କ ସହିତ ବିଶ୍ଵାସଘାତକତା କରିଥଲେ । ପୃଷ୍ଠା ୩୫

[୨୩]—**ପୋପ ପାୟସ ନବମ**—୧୮୪୬ରେ ନିର୍ବାଚିତ ହୋଇଥିଲେ । ସେ ନିକୋଲାଇ ପ୍ରଥମଙ୍କ ଭଳି ସମାଜବାଦ ପ୍ରତି ବିରୋଧ ମନୋଭାବ

ପୋଷଣ କରୁଥିଲେ । ୧୮୪୮ ମସିହାର ବିପ୍ଲବ ପୂର୍ବରୁ ମଧ୍ୟ **ନିକୋଲାଇ ପ୍ରଥମ** ୟୁରୋପୀୟ ପୁଲିସର ଭୂମିକା ଗ୍ରହଣ କରିଥିଲେ ।

**ମେଟେରନିଚ୍**—ଥିଲେ ଅଷ୍ଟ୍ରିଆ ସାମ୍ରାଜ୍ୟର ଚାନସେଲର ଏବଂ ୟୁରୋପୀୟ ପ୍ରତିକ୍ରିୟାବାଦର ବିଶିଷ୍ଟ ନେତା । ସର୍ବହରାମାନଙ୍କର ଆପୋଷବିହୀନ ଶତ୍ରୁ ଏବଂ ବୃହତ୍ ଅର୍ଥ ତଥା ଶିଳ୍ପ ପୁଞ୍ଜିର ଆଦର୍ଶବାଦୀ ବିଶିଷ୍ଟ ଫରାସୀ ଐତିହାସିକ ଏବଂ ମନ୍ତ୍ରୀ **ଗ୍ୟୁଜୋଙ୍କ** ସହିତ ତାଙ୍କର ବିଶେଷ ଉତ୍ତମ ସମ୍ପର୍କ ଥିଲା । ପ୍ରୁସିଆନ୍ ସରକାରଙ୍କର ଦାବୀ ଫଳରେ ଗ୍ୟୁଜୋ କାର୍ଲ ମାର୍କ୍ସଙ୍କୁ ପ୍ୟାରୀସ୍‌ରୁ ବାହାର କରି ଦେଇଥିଲେ । ଜର୍ମାନ୍ ପୁଲିସ କେବଳ ଜର୍ମାନୀରେ ନୁହେଁ, ଫ୍ରାନ୍ସ, ବେଲ୍‌ଜିଅମ୍ ଏବଂ ସୁଇଜରଲାଣ୍ଡରେ ମଧ୍ୟ କମ୍ୟୁନିଷ୍ଟମାନଙ୍କୁ ଗିରଫ କରି ନେଉଥିଲେ ଏବଂ ସେମାନେ ଯେପରି ସାମ୍ୟବାଦୀ ପ୍ରଚାର କରି ନ ପାରିବେ ସେଥିପ୍ରତି ବିଶେଷ ଦୃଷ୍ଟି ଦେଉଥିଲେ । ପୃଷ୍ଠା ୪୦

[୨୪]—**ହ୍ୟାକ୍‌ସଥାଉସେନ୍, ଅଗଷ୍ଟ** (୧୭୯୨-୧୮୬୬)—ପ୍ରୁସିଆର ବ୍ୟାରନ୍ । ସେ ରୁଷିଆର କୃଷି ବ୍ୟବସ୍ଥା ଏବଂ କୃଷକମାନଙ୍କର ଜୀବନ ଯାପନ ସମ୍ପର୍କରେ ଅନୁଧ୍ୟାନ କରିବା ସକାଶେ ରୁଷିଆକୁ ଆସିବାର ଅନୁମତି ନିକୋଲାଇ ପ୍ରଥମଙ୍କଠାରୁ ପାଇଥିଲେ (୧୮୪୩-୪୪) ।

ସେ ରୁଷିଆରେ କୃଷି ସମ୍ପର୍କ କ୍ଷେତ୍ରରେ ସାଂପ୍ରଦାୟିକ ବ୍ୟବସ୍ଥାର ଚିହ୍ନ ସମ୍ପର୍କରେ ଏକ ପୁସ୍ତକ ରଚନା କରିଥିଲେ । ପୃଷ୍ଠା ୪୧

[୨୫]—**ମୌରେର, ଜର୍ଜ ଲୁଡଭିଗ**—(୧୭୯୦-୧୮୭୨) ଜର୍ମାନ୍ ଐତିହାସିକ, ଜର୍ମାନୀର ପୁରାତନ ଏବଂ ମଧ୍ୟ ଯୁଗର ସାମାଜିକ ବ୍ୟବସ୍ଥାର ଛାତ୍ର ; ମଧ୍ୟ ଯୁଗୀୟ ମାର୍କ ସଂପ୍ରଦାୟର ଇତିହାସର ଅନୁଧ୍ୟାନ ବିଷୟରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ଅଛି ।

ପୃଷ୍ଠା ୪୧

[୨୬]—**ମୋର୍ଗାନ, ଲୁଇସ୍ ହେନେରୀ** (୧୮୧୮-୧୮୮୧) ଆମେରିକାର ଜାତିତତ୍ତ୍ୱବିଦ୍, ପ୍ରତ୍ନତତ୍ତ୍ୱବିଦ୍ ଏବଂ ଐତିହାସିକ । ସେ ଆମେରିକାନ ରେଡ୍-ଇନ୍‌ଡିଆନମାନଙ୍କର ଜୀବନ ଯାପନ ଏବଂ ସାମାଜିକ ବ୍ୟବସ୍ଥା ଅନୁଧ୍ୟାନ ପୂର୍ବକ ବ୍ୟାପକ ଜାତିତତ୍ତ୍ୱମୂଳକ ତଥ୍ୟ ଦ୍ୱାରା ପୁରାତନ ସାଂପ୍ରଦାୟିକ ବ୍ୟବସ୍ଥାର ମୂଳ ଲକ୍ଷ୍ୟ ହେଲା ପରିବାରର ବିକାଶ କରିବା ବୋଲି ଏକ ତତ୍ତ୍ୱ ଆବିଷ୍କାର କରିଥିଲେ ।ସେ ଆଉ

ମଧ୍ୟ ଶ୍ରେଣୀ - ପୂର୍ବବର୍ତ୍ତୀ ସମାଜର ଇତିହାସକୁ ପର୍ଯ୍ୟାୟ କ୍ରମେ ସଜାଡ଼ିବାର ଚେଷ୍ଟା କରିଥିଲେ । କାର୍ଲ ମାର୍କ୍ସ ମୋର୍ଗାନଙ୍କର "ପୁରାତନ ସମାଜ" (୧୮୭୭) ଶୀର୍ଷକ ପୁସ୍ତକର ବିସ୍ତାରିତ ସାରାଂଶ ଲେଖିଥିଲେ ଏବଂ ଫ୍ରେଡେରିକ୍ ଏଙ୍ଗେଲସ୍ ତାଙ୍କର "ପରିବାର, ବ୍ୟକ୍ତିଗତ ସମ୍ପତ୍ତି ଏବଂ ରାଷ୍ଟ୍ରର ଉତ୍ପତ୍ତି" ନାମକ ପୁସ୍ତକରେ ମୋର୍ଗାନ ସଂଗ୍ରହ କରିଥିବା ବିବରଣୀର ଉଲ୍ଲେଖ କରିଥିଲେ । ପୃଷ୍ଠା ୪୨

[୨୭]—**ଧର୍ମଯୁଦ୍ଧ**—ଏକାଦଶରୁ ତ୍ରୟୋଦଶ ଶତାବ୍ଦୀ ପର୍ଯ୍ୟନ୍ତ ଜେରୁଜେଲମ ଏବଂ ଅନ୍ୟାନ୍ୟ "ପବିତ୍ର ସ୍ଥାନ"ରେ ମୁସଲମାନମାନଙ୍କ ହସ୍ତରୁ ଖ୍ରୀଷ୍ଟ ଧର୍ମପୀଠଗୁଡ଼ିକୁ ପୁନରୁଦ୍ଧାର କରିବା ବାହାନାରେ ପଶ୍ଚିମ ୟୁରୋପୀୟ ନାଇଟ୍ ଏବଂ ସାମନ୍ତମାନଙ୍କ ଦ୍ୱାରା ପ୍ରାଚ୍ୟରେ ସାମରିକ ଔପନିବେଶିକ ଅଭିଯାନ । ପୃଷ୍ଠା ୪୭

[୨୮]—ସେମାନଙ୍କର ପରବର୍ତ୍ତୀ ଲେଖାଗୁଡ଼ିକରେ ମାର୍କ୍ସ ଏବଂ ଏଙ୍ଗେଲସ୍ "ଶ୍ରମ ଶକ୍ତିର ମୂଲ୍ୟ" ଏବଂ "ଶ୍ରମ ଶକ୍ତିର ଦାମ୍" ପ୍ରଭୃତି ଶବ୍ଦମାନ ସଂଯୋଗ କରିଥିଲେ । "ଶ୍ରମର ମୂଲ୍ୟ" ଏବଂ "ଶ୍ରମର ଦାମ୍" ବଦଳରେ ଏହି ସବୁ ବାକ୍ୟ ବ୍ୟବହାର କରାଯାଇଥିଲା । ପୃଷ୍ଠା ୫୪

[୨୯]—"**ବିପଜ୍ଜନକ ଶ୍ରେଣୀ**"ର ଏକ ରାଜନୈତିକ ସଂଗ୍ରାମ କରିବାର ଅକ୍ଷମତା, ସେମାନଙ୍କର ନୈତିକ ଅନିଶ୍ଚୟତା, ଦୁଃସାହସିକତାବାଦ ସକାଶେ ସେମାନଙ୍କର ଇଚ୍ଛା—ଏହିସବୁଗୁଡ଼ିକ ସେମାନଙ୍କୁ ନିଜର ସ୍ୱାର୍ଥ ସାଧନ ଦିଗରେ ବ୍ୟବହାର କରିବା ପାଇଁ ବୁର୍ଜୁଆମାନଙ୍କୁ ଉତ୍ସାହିତ କରିଥିଲା । ପୃଷ୍ଠା ୫୯

[୩୦]—ନିର୍ବାଚନ ସଂପର୍କୀୟ ସଂସ୍କାରର ଉଲ୍ଲେଖ ଏଠାରେ କରାଯାଇଛି । ଏ ବିଷୟକ ଏକ ବିଲ୍ ୧୮୩୧ ମସିହାରେ କମନ୍ସ ସଭାରେ ଗୃହୀତ ହୋଇଥିଲା ଏବଂ ୧୮୩୨ ମସିହାର ଜୁନ୍ ମାସରେ ଲର୍ଡ ସଭାରେ ଅନୁମୋଦିତ ହୋଇଥିଲା । ଏହି ସଂସ୍କାର ଜମିଦାର ଏବଂ ଧନୀ ଅଭିଜାତ ଶ୍ରେଣୀର ରାଜନୈତିକ ଏକଚ୍ଛତ୍ରିଆବାଦ ବିରୁଦ୍ଧରେ ଉଦ୍ଦିଷ୍ଟ ଥିଲା । ଏହା ଫଳରେ ପାର୍ଲାମେଣ୍ଟର ଦ୍ୱାର ଶିଳ୍ପ ବୁର୍ଜୁଆମାନଙ୍କ ପାଇଁ ଉନ୍ମୁକ୍ତ ହେଲା । ଏହି ସଂସ୍କାର ପାଇଁ ସଂଗ୍ରାମ ଚଳାଇଥିବା ମୁଖ୍ୟ ଶକ୍ତି ସର୍ବହରା ଏବଂ ପେଟି-ବୁର୍ଜୁଆମାନେ ଉଦାର ବୁର୍ଜୁଆମାନଙ୍କ ଦ୍ୱାରା ପ୍ରତାରିତ ହୋଇଥିଲେ ଏବଂ ସେମାନଙ୍କୁ ନିର୍ବାଚନ ଅଧିକାର ମିଳି ପାରି ନ ଥିଲା । ପୃଷ୍ଠା ୭୭

[୩୧]—**ଫରାସୀ ଲେଜିଟିମିଷ୍ଟ ଦଳ**—୧୮୩୦ ମସିହାରେ ରାଜ୍ୟଚ୍ୟୁତ କରି ଦିଆଯାଇଥିବା ବୁର୍ବନ ରାଜତନ୍ତ୍ରର ସମର୍ଥକ । ଧନୀ ଅଭିଜାତ ଏବଂ ବୃହତ୍ ବୁର୍ଜୁଆମାନଙ୍କ ଉପରେ ନିର୍ଭର କରୁଥିବା ଓରଲିଆନ୍ସ ରାଜବଂଶ ସହିତ ଯୁଦ୍ଧରେ କେତେକ ଲେଜିଟିମିଷ୍ଟ ସାମାଜିକ ପ୍ରଭୁତ୍ୱ ଲାଭ କରିଥିଲେ ଏବଂ ଦାବୀ କରିଥିଲେ ଯେ ସେମାନେ ସର୍ବହରାମାନଙ୍କୁ ବୁର୍ଜୁଆ ଶୋଷଣ ହାତରୁ ରକ୍ଷା କରୁଛନ୍ତି ।

"**ୟଙ୍ଗ ଇଂଲଣ୍ଡ**" : ଏହା ବ୍ରିଟିଶ୍ ରକ୍ଷଣଶୀଳ ଗୋଷ୍ଠୀ—ଅଭିଜାତ ସଂପ୍ରଦାୟ ଏବଂ କେତେକ ସାହିତ୍ୟିକ ଓ ରାଜନୈତିକଙ୍କୁ ନେଇ ୧୮୪୨ରେ ଏହା ଗଠିତ ହୋଇଥିଲା । "ୟଙ୍ଗ ଇଂଲଣ୍ଡ"ର ସଦସ୍ୟମାନେ ଶ୍ରମିକ ଶ୍ରେଣୀକୁ ସେମାନଙ୍କର ଶକ୍ତି ଅଧୀନରେ ରଖିବା ଏବଂ ବୁର୍ଜୁଆ ବିରୁଦ୍ଧରେ ସେମାନଙ୍କର ସଂଗ୍ରାମରେ ଶ୍ରମିକ ଶ୍ରେଣୀକୁ ବ୍ୟବହାର କରିବାର ଚେଷ୍ଟା କରିଥିଲେ । ପୃଷ୍ଠା ୭୮

[୩୨]—**ସିସ୍‌ମୋନ୍ଦି, ଜାନଚାର୍ଲ୍‌ସ୍ ଲିଓନାର୍ଡ ସିମୋଣ୍ଡ** (୧୭୭୩-୧୮୪୨) ସୁଇଜରଲାଣ୍ଡର ଅର୍ଥନୀତିଜ୍ଞ ଏବଂ ଐତିହାସିକ, ପେଟି-ବୁର୍ଜୁଆ ସମାଜବାଦର ପ୍ରଚାରକ ।

ସିସ୍‌ମୋନ୍ଦି ବୃହତ୍ ପୁଞ୍ଜିବାଦୀ ଉତ୍ପାଦନରେ ପ୍ରଗତିଶୀଳ ମନୋଭାବ ଦେଖି ପାରି ନଥିଲେ । ସେ ପୁରାତନ ବ୍ୟବସ୍ଥା, ପରମ୍ପରାର ପକ୍ଷପାତୀ ଥିଲେ : ନୂତନ ଅର୍ଥନୈତିକ ବ୍ୟବସ୍ଥା ସହିତ ଖାପ ଖାଉ ନ ଥିବା ଶିଳ୍ପ ଗିଲ୍‌ଡ ଏବଂ ପିତୃକେନ୍ଦ୍ରିକ କୃଷି ବ୍ୟବସ୍ଥାକୁ ସେ ଆଦର୍ଶ ବୋଲି ମନେ କରୁଥିଲେ । ପୃଷ୍ଠା ୮୧

[୩୩]—**ଗ୍ରୁନ୍ କାର୍ଲ** (୧୮୧୭-୧୮୮୭) ଜର୍ମାନ୍ ପେଟି-ବୁର୍ଜୁଆ ଲେଖକ । ପୃଷ୍ଠା ୮୬

[୩୪]—**ବେବୁଫ୍ ଗ୍ରାକ୍‌ସ** (୧୭୬୦-୧୭୯୭)—ଫରାସୀ ବିପ୍ଲବୀ, ବିଶିଷ୍ଟ କଳ୍ପନାବିଳାସୀ ସାମ୍ୟବାଦର ପ୍ରଚାରକ । ସେ ବିଦ୍ରୋହ ପାଇଁ ଗୋପନ ସଂସଦ ଗଠନ କରିଥିଲେ । ବହୁସଂଖ୍ୟକ ସାଧାରଣ ଜନତାର ସ୍ୱାର୍ଥ ରକ୍ଷା ସକାଶେ ବୈପ୍ଳବିକ ଏକଛତ୍ରବାଦ ପ୍ରତିଷ୍ଠା କରିବାକୁ ସେ ଇଚ୍ଛା କରିଥିଲେ । କିନ୍ତୁ ଏହି ଚକ୍ରାନ୍ତର ପ୍ରକୃତ ମୁଖା ଖୋଲି ଯାଇଥିଲା ଏବଂ ୧୭୯୭ ମସିହାର ମଇ ୨୭ ତାରିଖରେ ବେବୁଫ୍‌ଙ୍କୁ ହତ୍ୟା କରା ଯାଇଥିଲା । ପୃଷ୍ଠା ୮୯

[୩୫]—**ସେଣ୍ଟ-ସାଇମନ, ହେନେରୀ କ୍ଳାଉଡେ** (୧୭୬୦-୧୮୨୫) ଫରାସୀ କଳ୍ପନାବିଳାସୀ ସୋସାଲିଷ୍ଟ । ସେ ପୁଞ୍ଜିବାଦୀ

ବ୍ୟବସ୍ଥାକୁ ଆକ୍ରମଣ କରିଥିଲେ ଗିଲ୍ଡ ଆଦର୍ଶ ଉପରେ ଭିତ୍ତି କରି ଏକ ସମାଜ ପ୍ରତିଷ୍ଠା ନିମନ୍ତେ ଆହ୍ୱାନ ଜଣାଇଥିଲେ । ସେଣ୍ଟ-ସାଇମନଙ୍କ ମତରେ ଏହି ଭବିଷ୍ୟତ ସମାଜରେ ସମସ୍ତେ କାର୍ଯ୍ୟ କରିବେ ଏବଂ ଶ୍ରମ କୃତିତ୍ୱ ଦ୍ୱାରା ସମାଜରେ ପ୍ରତ୍ୟେକ ବ୍ୟକ୍ତିର ସ୍ଥାନ ନିର୍ଦ୍ଧାରଣ କରାଯିବ । ସେ ଉତ୍ପାଦନ କ୍ଷେତ୍ରରେ ଯୋଜନା ଏବଂ କେନ୍ଦ୍ରୀକରଣ ଉପରେ ଗୁରୁତ୍ୱ ଆରୋପ କରିବା ସଙ୍ଗେ ସଙ୍ଗେ ଶିଳ୍ପ ସହିତ ବିଜ୍ଞାନକୁ ସଂଯୁକ୍ତ କରିଥିଲେ । ସେ ଯାହା ହେଉ ସେଣ୍ଟ୍-ସାଇମନ ପୁଞ୍ଜିରୁ ଉଦ୍ଭବ ବ୍ୟକ୍ତିଗତ ମାଲିକାନା ବିରୁଦ୍ଧରେ କୌଣସି ବାକ୍ୟ ଉଚ୍ଚାରଣ କରି ନାହାନ୍ତି । ସେ ବିପ୍ଳବ ଏବଂ ରାଜନୈତିକ ସଂଗ୍ରାମ ପ୍ରତି ନେତିବାଚକ ମନୋଭାବ ପ୍ରଦର୍ଶନ କରିଥିଲେ । ସେ ସର୍ବହରାମାନଙ୍କର ଐତିହାସିକ ଉଦ୍ଦେଶ୍ୟ ପ୍ରତି ଦୃଷ୍ଟିପାତ କରି ନ ଥିଲେ । ସେ ବିଶ୍ୱାସ କରୁଥିଲେ ଯେ ସରକାରୀ ସଂସ୍କାର ଏବଂ ଏକ ନୂତନ ଧର୍ମରେ ଉଦ୍‌ବୁଦ୍ଧ ହୋଇ ସମାଜର ନୈତିକ ତାଲିମ ଦ୍ୱାରା ଶ୍ରେଣୀ ବିରୋଧୀତାକୁ ଲୋପ କରାଯାଇ ପାରିବ । ପୃଷ୍ଠା ୮୯

[୩୬]—**ଚାର୍ଟିଜମ୍**—କଷ୍ଟକର ଅର୍ଥନୈତିକ ପରିସ୍ଥିତି ଏବଂ ଏକଛତ୍ରବାଦୀ ଶାସନରେ ଅତିଷ୍ଠ ବ୍ରିଟିଶ୍ ଶ୍ରମିକମାନଙ୍କର ବୈପ୍ଳବିକ ଆନ୍ଦୋଳନ । ଗଣ ବିକ୍ଷୋଭ ଏବଂ ସଭା ମାଧ୍ୟମରେ ୧୮୩୦ ଦଶନ୍ଧିର ଶେଷ ଭାଗରେ ଏହି ଆନ୍ଦୋଳନ ଆରମ୍ଭ ହୋଇଥିଲା । ଏହା ପଞ୍ଚଦଶ ଦଶନ୍ଧି ପର୍ଯ୍ୟନ୍ତ ମଝିରେ ମଝିରେ ମୁଣ୍ଡ ଟେକି ଦେଖା ଦେଉଥିଲା । ପୃଷ୍ଠା ୯୩

[୩୭]—ସମ୍ବାଦପତ୍ର *La Reforme* ('ଲା ରିଫର୍ମ') ସମର୍ଥକମାନଙ୍କର କଥା ଏଠାରେ ଉଲ୍ଲେଖ କରାଯାଇଛି (ଏହି ସମ୍ବାଦପତ୍ର ପ୍ୟାରିସ୍‌ଠାରୁ ୧୮୪୩ରୁ ୧୮୫୦ ମସିହା ମଧ୍ୟରେ ପ୍ରକାଶିତ ହେଉଥିଲା) । ଏହା ପ୍ରଜାତନ୍ତ୍ର ଏବଂ ସାମାଜିକ ସଂସ୍କାର ବିଷୟରେ ପ୍ରଚାର କରୁଥିଲା । ପୃଷ୍ଠା ୯୩

[୩୮]—**ଲେଡ୍ରୁ-ରୋଲିନ୍, ଆଲେକଜାଣ୍ଡର ଅଗଷ୍ଟ** (୧୮୦୭-୧୮୭୪) ଫରାସୀ ଲେଖକ, ରାଜନୀତିଜ୍ଞ, ପେଟି-ବୁର୍ଜୁଆ ଗଣତନ୍ତ୍ରବାଦୀମାନଙ୍କର ନେତା, *La Reforme* ('ଲା ରିଫର୍ମ') ପତ୍ରିକାର ମୁଖ୍ୟ ସମ୍ପାଦକ । ୧୮୪୮ ମସିହାରେ ଅସ୍ଥାୟୀ ସରକାରଙ୍କର ସଦସ୍ୟ ।

**ବ୍ଲାଙ୍କ୍, ଲୁଇ** (୧୮୧୧-୧୮୮୨) ଫରାସୀ ପେଟି-ବୁର୍ଜୁଆ ସୋସାଲିଷ୍ଟ, ଐତିହାସିକ, ୧୮୪୮-୪୯ର ବିପ୍ଳବର ନେତା । ସେ ବୁର୍ଜୁଆମାନଙ୍କ ସହିତ ଏକ ମିଳାମିଶାର ପକ୍ଷପାତୀ ଥିଲେ ।

ପୃଷ୍ଠା ୯୪

[୩୯]—୧୮୪୬ ମସିହା ଫେବୃଆରୀ ମାସରେ ପୋଲିଷ୍ ବିପ୍ଳବୀ ଗଣତନ୍ତ୍ରବାଦୀମାନେ ବିଦ୍ରୋହ ଆୟୋଜନ କରିଥିଲେ । ଏହି ବିଦ୍ରୋହର ଲକ୍ଷ୍ୟ ହେଲା ପୋଲାଣ୍ଡର ଜାତୀୟ ସ୍ୱାଧୀନତା ।

ପୃଷ୍ଠା ୯୫

# ପାଠକଙ୍କ ପ୍ରତି

ଏହି ପୁସ୍ତକର ଅନୁବାଦ ଏବଂ ଅଙ୍ଗସଜ୍ଜା ବିଷୟରେ ଆପଣମାନଙ୍କର ମତାମତ ଜଣାଇଲେ ପ୍ରଗତି ପ୍ରକାଶନୀ ଭବନ ବାଧିତ ହେବ । ଅନ୍ୟାନ୍ୟ ପରମର୍ଶ ମଧ୍ୟ ଜଣାଇବାକୁ ଅନୁରୋଧ ।

ଆମର ଠିକଣା :

ପ୍ରଗତି ପ୍ରକାଶନୀ ଭବନ,

୨୧, ଜୁବୋଭସ୍କି ବୁଲ୍‌ବାର,

ମସ୍କୋ, ସୋଭିଏତ୍ ୟୁନିଅନ୍ ।

Художественный редактор *В. И. Колганов*
Технический редактор *Т. К. Купцова*

Подписано в печать 11.2.1977 г. Формат 84×108¹/₃₂. Бумага офсетная № 1. Усл. печ. л. 5,67+0,31 печ. л. вклеек. Уч.-изд. л. 4,35. Тираж 5000 экз. Заказ № 794. Цена 13 коп. Изд. № 19602.

Издательство «Прогресс» Государственного комитета Совета Министров СССР по делам издательств, полиграфии и книжной торговли. Москва 119021, Зубовский бульвар, 21.

Тульская типография «Союзполиграфпрома» при Государственном комитете Совета Министров СССР по делам издательств, полиграфии и книжной торговли, г. Тула, проспект им. В. И. Ленина, 109.

**К. МАРКС, Ф. ЭНГЕЛЬС**

МАНИФЕСТ КОММУНИСТИЧЕСКОЙ ПАРТИИ

*На языке ория*